

ବିଶ୍ୱକପ୍-୨୦୨୩
**ଫାଇନାଲ୍‌ରେ ଭାରତ**
କ୍ରୀଡ଼ା ପୃଷ୍ଠାରେ...


RNI REGD NO: 42041/83
www.sakalaepaper.com
/thesakalanews
/TheSakala
www.thesakala.in

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

VOLUME- 41 ◆ISSUE-141 ◆BHUBANESWAR ◆THURSDAY ◆16 NOVEMBER 2023 ◆PAGE-20 ◆₹ 6.00

◆ବର୍ଷ-୪୧ ◆ସଂଖ୍ୟା-୧୪୧ ◆ଭୁବନେଶ୍ୱର ◆ଗୁରୁବାର ◆୧୬ ନଭେମ୍ବର ୨୦୨୩ ◆ପୃଷ୍ଠା-୨୦ ◆ଟ.୬.୦୦





## ବନ୍ଦହେଲା କେଦାରନାଥଙ୍କ ପହଡ଼

ଡେରାଡୁନ, ୧୫।୧୧ (ଏଜେନ୍ସି): ଉତ୍ତରାଖଣ୍ଡ ସ୍ଥିତ ବାବା କେଦାରନାଥଙ୍କ ପହଡ଼ ବୁଧବାରଠାରୁ ବନ୍ଦ



ହୋଇଛି। ସକାଳ ୮ଟା୩୦ରେ ୬ ମାସ ପାଇଁ ଧାମକୁ ବନ୍ଦ କରିଦିଆଯାଇଛି। ଏହି ସମୟରେ ୨୫୦୦ ଶ୍ରଦ୍ଧାଳୁ ଉପସ୍ଥିତ ଥିଲେ। ପହଡ଼ ବନ୍ଦ ହେବା ପରେ ବାବା କେଦାରନାଥଙ୍କୁ ବିମାନରେ ଉଖିମଠର ଓଁମ୍କାରେଶ୍ୱର ମନ୍ଦିରକୁ ନିଆ ଯାଇଥିଲା। ଚଳିତ ବର୍ଷ ପ୍ରାୟ ୧୯.୫ ଲକ୍ଷ ଶ୍ରଦ୍ଧାଳୁ ବାବା କେଦାରଙ୍କ ଦର୍ଶନ କରିଥିଲେ। ଶୀତ ଋତୁରେ ଉଖିମଠରେ ଭଗବାନ କେଦାରଙ୍କ ପୂଜା ହୋଇଥାଏ। ଶୀତ ଋତୁରେ କେଦାରନାଥ, ବଦ୍ରିନାଥ, ଗଙ୍ଗୋତ୍ରୀ ଏବଂ ଯମୁନୋତ୍ରୀରେ ପହଡ଼ ବନ୍ଦ ରହିଥାଏ। ଏହି ସମୟରେ ଚାରିଧାମରେ ପ୍ରବଳ ତୁଷାରପାତ ହୋଇଥାଏ।

## ସେପ୍‌ଟିକ୍ ଟ୍ୟାଙ୍କରେ ଗଲା ୪ ଶ୍ରମିକଙ୍କ ଜୀବନ

ସୁରଟ, ୧୫।୧୧ (ଏଜେନ୍ସି): ଗୁଜରାଟ ସୁରଟର କମଲେଶ୍ୱର ଗ୍ରାମରେ ଅଘଟଣ ଘଟିଛି। ମଙ୍ଗଳବାର ସନ୍ଧ୍ୟାରେ ଏଠାକାର ପଲସାନା-କଟୋଦରା ମାର୍ଗରେ ଥିବା ଏକ ରଙ୍ଗ କାରଖାନାର ସେପ୍‌ଟିକ ଟ୍ୟାଙ୍କ ସଫା କରିବା ସମୟରେ ଶ୍ୱାସରୁଦ୍ଧ ହୋଇ ବିହାରର ୪ ଜଣ ଶ୍ରମିକ ପ୍ରାଣ ହରାଇଛନ୍ତି। ଏହି ଶ୍ରମିକ କାରଖାନାର ଏକ କଲୋନୀରେ ରହୁଥିଲେ। ପୁଲିସ ସୂଚନା ଅନୁଯାୟୀ ପ୍ରଥମେ ସେପ୍‌ଟିକ ଟ୍ୟାଙ୍କକୁ ଯାଇଥିବା ୨ ଶ୍ରମିକ ଚେତା ହରାଇ ପଡ଼ି ଯାଇଥିଲେ। ପରେ ଆଉ ୨ ଜଣ ଉଭୟଙ୍କୁ ଉଦ୍ଧାର କରିବାକୁ ଯାଇଥିଲେ। ସମସ୍ତଙ୍କୁ ଉଦ୍ଧାର କରାଯାଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ଶ୍ରମିକଙ୍କୁ ମୃତ ଘୋଷଣା କରିଥିଲେ।

## ଆମେରିକାରେ ଚୀନ୍ ରାଷ୍ଟ୍ରପତି ଜିନ୍‌ପିଙ୍ଗ

ୱାଶିଂଟନ, ୧୫।୧୧ (ଏଜେନ୍ସି): ଚୀନ୍ ରାଷ୍ଟ୍ରପତି ସି ଜିନପିଙ୍ଗ ଆମେରିକା ଗସ୍ତରେ ପହଞ୍ଚିଛନ୍ତି। ସେ ସାନ ଫ୍ରାନ୍‌ସିସ୍‌କୋରେ ଅନୁଷ୍ଠିତ ଏସିଆ-ପ୍ୟାସିଫିକ ଇକୋନମିକ କୋଅପରେସନ ସମିଟ (ଏପିଇସି) ସମ୍ମିଳନୀରେ ସାମିଲ ହେବେ। ଏଠାରେ ସେ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନଙ୍କୁ ଭେଟିବେ। ରିପୋର୍ଟ ଅନୁଯାୟୀ ଉଭୟ ନେତାଙ୍କ ମଧ୍ୟରେ ୪ ଘଣ୍ଟା ପର୍ଯ୍ୟନ୍ତ ବୈଠକ ହେବ। ଏଥିରେ ଆମେରିକା-ଚୀନ୍ ମଧ୍ୟରେ ଉତ୍ତେଜନା କମ୍ କରିବା ପାଇଁ ଆଲୋଚନା କରାଯିବ। ଇସ୍ରାଏଲ-ହମାସ ଏବଂ ରୁଷ୍-ୟୁକ୍ରେନ ଯୁଦ୍ଧ ବିଷୟରେ ମଧ୍ୟ ଚର୍ଚ୍ଚା ହୋଇପାରେ। ଏହା ବ୍ୟତୀତ ବାଇଡେନ ଏବଂ ଜିନପିଙ୍ଗ ଉତ୍ତର କୋରିଆ ସହ ରୁଷ୍ ସମ୍ବନ୍ଧ, ତାଇୱାନ, ଭାରତ-ପ୍ରଶାନ୍ତ ମହାସାଗରୀୟ କ୍ଷେତ୍ର, ମାନବାଧିକାର ପ୍ରସଙ୍ଗ, ଏଆଇ ସହିତ ବ୍ୟବସାୟ ଏବଂ ଆର୍ଥିକ ସମ୍ବନ୍ଧ ଉପରେ ମଧ୍ୟ ଆଲୋଚନା କରିପାରନ୍ତି। ବାଇଡେନ କହିଛନ୍ତି ଯେ ଆମେରିକା ଚୀନ୍‌ଠାରୁ ଅଲଗା ହେବାକୁ ଚାହୁଁନାହିଁ। କିନ୍ତୁ ଯଦି ଚୀନ୍‌ରେ ନିବେଶ କରିବା ପାଇଁ ସମସ୍ତ ବ୍ୟବସାୟିକ ଗୋପନୀୟତାର ତଥ୍ୟ ଦେବାକୁ ପଡେ ତେବେ ତାହାକୁ ବିରୋଧ କରାଯିବ।

## ଅନୁପ୍ରବେଶ ବିଫଳ; ୨ ଆତଙ୍କବାଦୀ ନିପାତ

ଶ୍ରୀନଗର, ୧୫।୧୧ (ଏଜେନ୍ସି): ଭାରତୀୟ ସୀମାରେ ଅନୁପ୍ରବେଶ ଉଦ୍ୟମକୁ ସେନା ବିଫଳ କରିଦେଇଛି। ସେନା ବୁଧବାର ସକାଳେ ବାରମୂଲା ଜିଲ୍ଲା ଉରି କ୍ଷେତ୍ରର ନିୟନ୍ତ୍ରଣ ରେଖା (ଏଲ୍‌ଓସି) ନିକଟରେ ୨ ଆତଙ୍କବାଦୀଙ୍କୁ ନିପାତ କରିଛି। ଅଧିକାରୀଙ୍କ ସୂଚନା ଅନୁଯାୟୀ କୁହୁଡି ଏବଂ ଖରାପ ପାଣିପାଗର ଲାଭ ଉଠାଇ ଆତଙ୍କବାଦୀ ଭାରତୀୟ ସୀମାରେ ଅନୁପ୍ରବେଶ ଉଦ୍ୟମ କରୁଥିଲେ। ସୈନିକ ଏହା ଦେଖିପାରି ଆତଙ୍କବାଦୀଙ୍କୁ ଚେତାବନୀ ଦେଇଥିଲେ। କିନ୍ତୁ ଆତଙ୍କବାଦୀ ନ ମାନିବାରୁ ଜବାବୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲେ। ପୂର୍ବରୁ ଏହି ଅନୁପ୍ରବେଶ ନେଇ ଗୁଇନ୍ଦା ସୂଚନା ମିଳିଥିଲା। ଏଥିପାଇଁ ସେନା ଏବଂ ପୁଲିସକୁ ସତର୍କ କରି ରଖାଯାଇଥିଲା। ଆତଙ୍କବାଦୀ ନିରୋଧୀ ଶାଖାକୁ ମୁତୟନ କରାଯାଇଥିଲା।

■ ଅସହ୍ୟ ହେଲା ଋଣଭାର

## ୪ ଶିଶୁଙ୍କୁ ବିଷଦେଲା ବାପା

ରୋହତକ, ୧୫।୧୧ (ଏଜେନ୍ସି): ହରିୟାଣା ରୋହତକର କବୁଲପୁର ଗ୍ରାମରେ ଅଭାବନୀୟ ଘଟଣା ଘଟିଛି। ଋଣଭାରରେ ଅତିଷ୍ଠ ହୋଇ ଜଣେ ବାପା ନିଜର ୪ ଶିଶୁଙ୍କୁ ବିଷ ଦେଇଛି। ଏମାନଙ୍କ ମଧ୍ୟରୁ ୨ ଝିଅ ଏବଂ ପୁଅ ଚିକିତ୍ସାଧୀନ ଅବସ୍ଥାରେ ପ୍ରାଣ ହରାଇଛନ୍ତି। ଅନ୍ୟ ଏକ ଝିଅର ସ୍ୱାସ୍ଥ୍ୟାବସ୍ଥା ଗୁରୁତର ରହିଛି। ବାପା ବିଷ ଖୁଆଇ ଦେଇଥିଲେ ବୋଲି ସେ କହିଛନ୍ତି। ଏବେ ଅଭିଯୁକ୍ତ ବାପା ଫେରାର ରହିଛି। ବୁଧବାର ସକାଳେ କବୁଲପୁର ଗ୍ରାମରେ ଏକାସଙ୍ଗେ ତିନି ଶିଶୁଙ୍କ ଚିତା ଜଳିଛି। କାକା ସୁନ୍ଦର ସମସ୍ତଙ୍କୁ ମୁଖାଗ୍ନି ଦେଇଛନ୍ତି। ଅଭିଯୁକ୍ତର ସ୍ତ୍ରୀ ସୁମନ ଥାନାରେ ଏତଲା ଦେଇଛନ୍ତି। ତାଙ୍କ ସ୍ୱାମୀ ଆସବାବ ପତ୍ର କାମ କରୁଥିବା କହିଛନ୍ତି। ସେ ମଙ୍ଗଳବାର ସକାଳେ ପିଲାମାନଙ୍କୁ ବିଷ ଦେଇ ଘରୁ ପଳାଇ ଥିଲେ। ସ୍ୱାସ୍ଥ୍ୟାବସ୍ଥା ଖରାପ ହେବା ପରେ ୪ ସନ୍ତାନଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ପରେ ସେମାନଙ୍କୁ ପିଜିଆଇ ସ୍ଥାନାନ୍ତର କରାଯାଇଥିଲା।

ପୁଣି ଯାତ୍ରୀଙ୍କୁ ରେଳ ଯାତନା

## ଜଳିଗଲା ଦିଲ୍ଲୀ-ଦରଭଙ୍ଗା ଏକ୍ସପ୍ରେସର ୩ ବଗି

ନୂଆଦିଲ୍ଲୀ,୧୫।୧୧(ଏଜେନ୍ସି): ନୂଆଦିଲ୍ଲୀରୁ ଦରଭଙ୍ଗା ଯାଉଥିବା ସମ୍ପର୍କ କ୍ରାନ୍ତି ସୁପରଫାଷ୍ଟ ଏକ୍ସପ୍ରେସରେ ନିଆଁ ଲାଗିଯିବାରୁ ଏହାର ୩ଟି ବଗି ସମ୍ପୂର୍ଣ୍ଣ ଜଳିଯାଇଛି। ତେବେ କୌଣସି ଯାତ୍ରୀ ମୃତାହତ ହୋଇଥିବା ଖବର ମିଳିନାହିଁ। କେବଳ ଜୀବନ ରକ୍ଷା ଲାଗି ଯାତ୍ରୀମାନେ ବାହାରକୁ ଡେଇଁ ପଡିବାରୁ କିଛି ଯାତ୍ରୀ ସାମାନ୍ୟ ଆହତ ହୋଇଥିବା କୁହାଯାଇଛି। ମିଳିଥିବା ସୂଚନା ଅନୁସାରେ ବୁଧବାର ସନ୍ଧ୍ୟାରେ ଏହି ଟ୍ରେନ ଉତ୍ତର ପ୍ରଦେଶର ଇଟାୱା ଷ୍ଟେସନ ଦେଇ ଯାଉଥିବା ବେଳେ ଏହାର ଏକ ସ୍ଲିପର ବଗିରେ କୌଣସି କାରଣରୁ ନିଆଁ ଲାଗି ଯାଇଥିଲା। ଏହାପରେ ନିଆଁ ଅନ୍ୟ ବଗିଗୁଡିକୁ ବ୍ୟାପିଯିବା ସହ ଆଉ ଦୁଇଟି ବଗି ମଧ୍ୟ ଜଳିଯାଇଥିଲା। ଖବର ପାଇଁ ଅଗ୍ନିଶମ ଟିମ୍ ତୁରନ୍ତ ପହଞ୍ଚି ନିଆଁ ଲିଭାଇବା ସହ ଯାତ୍ରୀମାନଙ୍କୁ ଉଦ୍ଧାର କରିଥିଲେ। ପରେ ପରେ ଜଳିଯାଇଥିବା ତିନୋଟି ବଗିକୁ ଅଲଗା କରି ଦିଆଯାଇଥିଲା। ବଗିରେ ନିଆଁ ଲାଗିବାର କାରଣ ଜଣାପଡ଼ି ନଥିଲା ବେଳେ ଟ୍ରେନରେ କିଛି ବିସ୍ଫୋରକ ପଦାର୍ଥ ନିଆଯାଉଥିବାର ସନ୍ଦେହ କରାଯାଇଛି। ତେବେ ରେଳ ସୁରକ୍ଷା ବିଭାଗର ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚି ଯାଞ୍ଚ ଆରମ୍ଭ କରିଛନ୍ତି। ଏହି ଘଟଣା ପରେ ଉକ୍ତ ରୁଟ୍ରେ ୧୬ଟି ଟ୍ରେନକୁ ବାତିଲ କରିଦିଆଯାଇଥିବା କୁହାଯାଇଛି।



ଉତ୍ତରାଖଣ୍ଡ ଟନେଲ୍ ଦୁର୍ଘଟଣା

# ୪ ଦିନ ପରେ ବି ଉଦ୍ଧାର ହୋଇପାରିଲେନି ଶ୍ରମିକ

ଡେରାଡୁନ୍,୧୫।୧୧(ଏଜେନ୍ସି):

ଉତ୍ତରାଖଣ୍ଡର ଉତ୍ତରକାଶୀ ନିକଟରେ ଗତ ରବିବାର ଭୁଶୁଡ଼ି ପଡ଼ିଥିବା ଏକ ନିର୍ମାଣାଧିନ ଟନେଲ ମଧ୍ୟରୁ ଶ୍ରମିକମାନଙ୍କୁ ଉଦ୍ଧାର କରିବା ସମ୍ଭବ ହୋଇପାରି ନାହିଁ। ଏହି ଘଟଣାକୁ ୪ ଦିନ ପୁରିଥିଲେ ହେଁ ସମସ୍ତ ଉଦ୍ୟମ ସତ୍ତ୍ୱେ ଟନେଲ ମଧ୍ୟରେ

### ଘଟଣାସ୍ଥଳରେ ଶ୍ରମିକ ପରିବାରଙ୍କ ବିକ୍ଷୋଭ

ଫସି ରହିଥିବା ୪୦ ଜଣ ଶ୍ରମିକଙ୍କୁ ଉଦ୍ଧାର କରାଯାଇପାରି ନାହିଁ। ଏହାମଧ୍ୟରେ ସଂପୃକ୍ତ ଅଞ୍ଚଳରେ ବୁଧବାର ପୁଣିଥରେ ଭୂସ୍ଖଳନ ହୋଇଥିବାର ସୂଚନା ମିଳିଛି। ଯାହାକୁ ନେଇ ଶ୍ରମିକମାନଙ୍କୁ ଟନେଲ ମଧ୍ୟରୁ ବାହାର କରିବା କଷ୍ଟସାଧ୍ୟ ହୋଇପଡ଼ିଛି ବୋଲି କୁହାଯାଇଛି।



ଜାତୀୟ ରାଜପଥ ଓ ଭିତ୍ତିଭୂମି ବିକାଶ ନିଗମ ଦ୍ୱାରା ନିର୍ମାଣ କରାଯାଉଥିବା ଏହି ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ନବଯୁଗ ଇଞ୍ଜିନିୟରିଂ କମ୍ପାନୀ ଦ୍ୱାରା କରାଯାଉଥିଲା। ତେବେ ଟନେଲ ମଧ୍ୟରେ ଫସି ରହିଥିବା ଶ୍ରମିକମାନଙ୍କ ସ୍ଥିତି କ'ଣ ରହିଛି ସେ ସମ୍ପର୍କରେ ଏହି କମ୍ପାନୀ କିଛି ସ୍ପଷ୍ଟ କରିନାହିଁ। ତେବେଳ ଷ୍ଟିଲ ପାଇପ ସହାୟତାରେ ଶ୍ରମିକମାନଙ୍କୁ ଉଦ୍ଧାର କରିବାକୁ ବୁଧବାର ଉଦ୍ୟମ କରାଯାଇଥିଲା ବେଳେ ଏହାକୁ ବିରୋଧ କରି ଶ୍ରମିକମାନଙ୍କ ପରିବାର ପକ୍ଷରୁ ଘଟଣାସ୍ଥଳରେ ବିକ୍ଷୋଭ କରାଯାଇଛି। ସେମାନଙ୍କ ସ୍ଥିତି ସମ୍ପର୍କରେ କିଛି ସ୍ପଷ୍ଟ କରାଯାଉ ନଥିବାରୁ ମଧ୍ୟ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ବଢିଛି। ଶ୍ରମିକମାନଙ୍କୁ ପାଇପ ଯୋଗେ ଅମ୍ଳଜାନ ଏବଂ ପାଣି ଯୋଗାଇ ଦିଆଯାଉଛି ବୋଲି ଯାହା କୁହାଯାଉଛି ତାହାକୁ ନେଇ ମଧ୍ୟ ଶ୍ରମିକମାନଙ୍କ ପରିବାର ସଦସ୍ୟମାନେ ସନ୍ଦେହ ପ୍ରକଟ କରିଛନ୍ତି।

ଉଲ୍ଲେଖଯୋଗ୍ୟ ଯେ, କେନ୍ଦ୍ର ସରକାରଙ୍କ ଚାରିଧାମ ମହାମାର୍ଗ ପରିଯୋଜନାରେ ଏହି ଟନେଲ ଉତ୍ତରକାଶୀର ସିକାୟାରାକୁ ଗଙ୍ଗୋତ୍ରି-ଯମୁନୋତ୍ରି ସହ ସଂଯୋଗ କରୁଛି। ୪.୫ କିମି ଲମ୍ବ ବିଶିଷ୍ଟ ଏହି ଟନେଲର କାର୍ଯ୍ୟ ଚାଲିଥିଲା ବେଳେ ରବିବାର କୌଣସି କାରଣରୁ ଏହା ଭୁଶୁଡ଼ି ପଡ଼ିଥିଲା। ଟନେଲ ମଧ୍ୟରେ ଫସି ରହିଥିବା ଶ୍ରମିକମାନଙ୍କୁ ଉଦ୍ଧାର କରିବାକୁ ଏବେ 'ଏସ୍କେପ୍ ପ୍ୟାସେଜ୍' ଖୋଳା ଯାଇଥିଲେ ମଧ୍ୟ ଏହା ଫଳପ୍ରସୂ ହୋଇପାରି ନାହିଁ।

ପୁଣି ଗମ୍ଭୀର ସ୍ଥିତିରେ ଦିଲ୍ଲୀ ପ୍ରଦୂଷଣ

## ଦିଲ୍ଲୀବାସୀ ଅଣନିଶ୍ୱାସୀ; ଚାଲିଛି କାଦୁଅଫିଙ୍ଗା

ନୂଆଦିଲ୍ଲୀ,୧୫।୧୧(ଏଜେନ୍ସି): ଦିଲ୍ଲୀ ପ୍ରଦୂଷଣ ସ୍ଥିତି ପୁଣି ଉତ୍କଟ ହେବାକୁ ଯାଉଛି। ଦୀପାବଳିରେ ସାରା ଦିଲ୍ଲୀ ଆକାଶ ପ୍ରଦୂଷିତ ହୋଇପଡ଼ିଥିଲା ବେଳେ ଏହି ସ୍ଥିତିରେ କୌଣସି ପରିବର୍ତ୍ତନ ଘଟି ନାହିଁ। ସହରର ବିଭିନ୍ନ ଅଞ୍ଚଳରେ ବାୟୁସ୍ତର ମାନ ସୂଚକାଙ୍କ(ଏକ୍ୟୁଆଇ) ୪୦୦ ଉପରେ ରହିଥିବାରୁ ବିଭିନ୍ନ ମହଲରେ ଚିନ୍ତା ବଢିଛି। ବୁଧବାର ସୁଦ୍ଧା ରେକର୍ଡ କରାଯାଇଥିବା ତଥ୍ୟ ଅନୁଯାୟୀ ଆନନ୍ଦ ବିହାର ଅଞ୍ଚଳରେ ଏକ୍ୟୁଆଇ ୪୩୦ ରହିଥିଲା ବେଳେ ଆରକେ ପୁରମ୍‌ରେ ୪୧୭, ପଞ୍ଜାବୀ



ବାଗ୍ରେ ୪୨୩ ଏବଂ ଜାହାଙ୍ଗୀରପୁରୀରେ ଏକ୍ୟୁଆଇ ୪୨୮ ରହିଛି। ଅନ୍ୟ କେତେକ ସ୍ଥାନ ସମେତ ଏନସିଆରରେ ମଧ୍ୟ ବାୟୁସ୍ତର ମାନ ବିପଦପୂର୍ଣ୍ଣ ରହିଥିବା କୁହାଯାଇଛି। ପ୍ରଦୂଷଣ ମାତ୍ରା ହ୍ରାସ କରିବାକୁ ସହରର ୧୩ଟି ହଟସ୍ପଟ୍ରେ ଦିଲ୍ଲୀ ଅଗ୍ନିଶମ ବିଭାଗ ପକ୍ଷରୁ ଜଳ ସିଞ୍ଚନ କରାଯାଇଛି। ଏହାସତ୍ତ୍ୱେ ପ୍ରଦୂଷଣକୁ ନେଇ ଦିଲ୍ଲୀବାସୀ ଅଣନିଶ୍ୱାସୀ ହୋଇପଡ଼ିଛନ୍ତି। ଅନ୍ୟପଟେ ପ୍ରଦୂଷଣ ସ୍ଥିତିକୁ ନେଇ ରାଜନୀତିକ କାଦୁଅଫିଙ୍ଗା ଲାଗି ରହିଛି। ଦିଲ୍ଲୀ ସରକାର ହରିୟାଣା ଏବଂ ଉତ୍ତରପ୍ରଦେଶକୁ ନେଇ ବିଜେପି ଉପରେ ଦୋଷ ଲଦୁ ଥିବା ବେଳେ ବିଜେପି ଆପ୍ ସରକାର ଉପରେ ଦୋଷ ଲଦିଛି।

# ବିକଶିତ ଭାରତ ସଙ୍କଳ୍ପ ଯାତ୍ରାର ଶୁଭାରମ୍ଭ କଲେ ମୋଦୀ

### ଝାଡ଼ଖଣ୍ଡରେ ଗଡ଼ିଲା ଆଇଇସି ଭ୍ୟାନ୍

ନୂଆଦିଲ୍ଲୀ,୧୫।୧୧(ଏଜେନ୍ସି): ଜନଜାତି ନେତା ବିର୍ସା ମୁଣ୍ଡାଙ୍କ ଜୟନ୍ତୀ ଅବସରରେ ସାରା ଦେଶରେ ବୁଧବାର ଜନଜାତୀୟ ଗୌରବ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଝାଡ଼ଖଣ୍ଡର ଖୁଣ୍ଟି ଠାରେ ଆୟୋଜିତ କାର୍ଯ୍ୟକ୍ରମକୁ ସମ୍ବୋଧିତ କରିବା ସହିତ 'ବିକଶିତ ଭାରତ ସଂକଳ୍ପ ଯାତ୍ରା'ର ଶୁଭାରମ୍ଭ କରିଛନ୍ତି। ଏହାଛଡ଼ା ସେ ପିଏମ୍ - କିଷାନର ୧୫ତମ କିସ୍ତି ମଧ୍ୟ ପ୍ରଦାନ କରିଛନ୍ତି। ସେହିପରି ଝାଡ଼ଖଣ୍ଡରେ ରେଳ, ସଡ଼କ, ଶିକ୍ଷା, କୋଇଲା, ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ ଭଳି ଏକାଧିକ କ୍ଷେତ୍ର ସହିତ ସମ୍ପର୍କିତ ୭୨୦୦ କୋଟି ଟଙ୍କାର ଏକାଧିକ ଉନ୍ନୟନ ମୂଳକ ପ୍ରକଳ୍ପ ଗୁଡିକର ଶିଳାନ୍ୟାସ କରିଛନ୍ତି। ଏହି ଅବସରରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଏକ ଭିଡିଓ ବାର୍ତ୍ତା ପ୍ରସାରିତ ହୋଇଥିଲା।






ଏହି ଅବସରରେ ପ୍ରଧାନମନ୍ତ୍ରୀ ଜନତାଙ୍କୁ ବିକଶିତ ଭାରତ ସଂକଳ୍ପ ପ୍ରଦାନ କରିଥିଲେ। ପ୍ରଧାନମନ୍ତ୍ରୀ ମୋଦୀ ବିର୍ସା ମୁଣ୍ଡାଙ୍କ ଜନ୍ମସ୍ଥାନ ଉଲିହାଟୁ ଗ୍ରାମ ଏବଂ ରାଞ୍ଚି ଠାରେ ଥିବା ବିର୍ସା ମୁଣ୍ଡା ମେମୋରିଆଲ ପାର୍କ ତଥା ସ୍ୱାଧୀନତା ସଂଗ୍ରାମୀ ସଂଗ୍ରହାଳୟ ସମ୍ପର୍କରେ ମନେ ପକାଇ ତାଙ୍କ ଅଭିଭାଷଣ ଆରମ୍ଭ କରିଥିଲେ। ଆଦିବାସୀ ଗୌରବ ପାଇଁ ଭଗବାନ ବିର୍ସା ମୁଣ୍ଡାଙ୍କ ପ୍ରେରଣାଦାୟୀ ସଂଘର୍ଷ ବିଷୟରେ ଉଲ୍ଲେଖ କରି ପ୍ରଧାନମନ୍ତ୍ରୀ ଅସଂଖ୍ୟ ଆଦିବାସୀ ନାୟକଙ୍କ ସହ ଝାଡ଼ଖଣ୍ଡ ମାଟିର ସମ୍ପର୍କ ବିଷୟରେ ଉଲ୍ଲେଖ କରିଥିଲେ। ଆଦିବାସୀଙ୍କ ଉନ୍ନତି ଏବଂ ବିକାଶ ପାଇଁ ଆରମ୍ଭ ହୋଇଥିବା ବିଭିନ୍ନ ସରକାରୀ କାର୍ଯ୍ୟକ୍ରମର ସଫଳତା ପାଇଁ ଜନଜାତୀୟ ଗୌରବ ଦିବସ ପାଳନ ଅବସରରେ ଝାଡ଼ଖଣ୍ଡର ବିଭିନ୍ନ ଜିଲ୍ଲାରେ ଆଇଇସି (ସୂଚନା, ଶିକ୍ଷା ଏବଂ ଯୋଗାଯୋଗ) ଭ୍ୟାନ ଗଡିବା ମଧ୍ୟ ଆରମ୍ଭ ହୋଇଛି।

ଦିଲ୍ଲୀ ସିଏସ୍‌ଙ୍କୁ ହଟାଇବାକୁ ଏଲ୍‌ଜିଙ୍କୁ କେଜ୍ରିୱାଲଙ୍କ ଚିଠି

## ୮୯୭ କୋଟିର ଦୁର୍ନୀତି ଅଭିଯୋଗ

ନୂଆଦିଲ୍ଲୀ, ୧୫।୧୧ (ଏଜେନ୍ସି): ମୁଖ୍ୟ ସଚିବ (ସିଏସ୍) ନରେଶ କୁମାରଙ୍କ ଉପରେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲ ଗୁରୁତର ଅଭିଯୋଗ ଲଗାଇଛନ୍ତି। ସେ ବୁଧବାର ସିଏସ୍‌ଙ୍କୁ ହଟାଇବା ପାଇଁ ଉପ-ରାଜ୍ୟପାଳ ବିନୟ କୁମାର ସକ୍ସେନାଙ୍କୁ ଚିଠି ଲେଖିଛନ୍ତି। ନରେଶ କୁମାର ୮୯୭ କୋଟି ଟଙ୍କାର ଦୁର୍ନୀତି କରିଥିବା ଅଭିଯୋଗ କରିଛନ୍ତି। କେଜ୍ରିୱାଲ କହିଛନ୍ତି ଯେ ସିଏସ୍‌ଙ୍କ ବିରୋଧରେ ତାଙ୍କୁ ଦୁର୍ନୀତି ଅଭିଯୋଗ ମିଳିଥିଲା। ଗତ ୧୧ ତାରିଖରେ ମାମଲାର ତଦନ୍ତ ନିର୍ଦ୍ଦେଶ ଦିଆଯାଇଥିଲା। ଭିଜିଲାନ୍ସ ମନ୍ତ୍ରୀ ଆତିଶୀ ମର୍ଲେନା ୩ ଦିନ ମଧ୍ୟରେ ମାମଲାର ଯାଞ୍ଚ କରି ମଙ୍ଗଳବାର ତାଙ୍କୁ ରିପୋର୍ଟ ପ୍ରଦାନ କରିଥିଲେ। ସେ ଏଲ୍‌ଜିଙ୍କୁ ଲେଖିଥିବା ଚିଠିରେ ଯାଞ୍ଚ ରିପୋର୍ଟ ମଧ୍ୟ ପ୍ରଦାନ କରିଛନ୍ତି। ଏହି ଯାଞ୍ଚ ରିପୋର୍ଟକୁ ସିବିଆଇ ଏବଂ ଇଡିକୁ ପ୍ରଦାନ କରିବା ପାଇଁ ଆତିଶୀଙ୍କୁ କହିଛନ୍ତି।

### ସିବିଆଇ-ଇଡିକୁ ରିପୋର୍ଟ ପଠାଇବେ

ସୂଚନା ଅନୁଯାୟୀ ଦିଲ୍ଲୀରେ ପ୍ରସ୍ତୁତ ଦ୍ୱାରକା ଏକ୍ସପ୍ରେସ୍-ୱେର ଭୂମି ଅଧିଗ୍ରହଣରେ ଅନିୟମିତତା ହୋଇଥିବା ଅଭିଯୋଗ ଆସିଥିଲା। ପରେ ଆତିଶୀ ଏହି ମାମଲାର ଯାଞ୍ଚ ନିର୍ଦ୍ଦେଶ ଦେଇଥିଲେ। ନରେଶ କୁମାର ନିଜ ପୁଅ ସମ୍ବନ୍ଧିତ କମ୍ପାନୀକୁ ୮୯୭ କୋଟି ଟଙ୍କାର ଲାଭ ଦେଇଛନ୍ତି ବୋଲି ଏହି ଯାଞ୍ଚରୁ ଜଣା ପଡ଼ିଥିଲା। ଏହି ଏକ୍ସପ୍ରେସ-ୱେ ପାଇଁ ବାମନୋଲି ଗ୍ରାମରୁ ଜମି ଅଧିଗ୍ରହଣ ହେବାର ଥିଲା। ଗତ ୫ ବର୍ଷରେ ଏହି ଜମିର ଦାମ ୯ ଗୁଣ ବୃଦ୍ଧି କରାଯାଇଥିଲା। ଏହା ୪୧ କୋଟିରୁ ୩୫୩ କୋଟିରେ ପହଞ୍ଚି ଯାଇଥିଲା। ଏହି ଜମି ବଦଳରେ ଦିଆଯାଇଥିବା କ୍ଷତିପୂରଣ ଦ୍ୱାରା ଜଣେ ବ୍ୟକ୍ତି ଲାଭ ପାଇଥିଲେ। ସେହି ବ୍ୟକ୍ତିଙ୍କ ଜ୍ୱାଇଁଙ୍କ କମ୍ପାନୀରେ ମୁଖ୍ୟ ସଚିବଙ୍କ ପୁଅ କରଣ ଚୌହାନ କାମ କରୁଥିଲେ। ଏହା ସହିତ ସିଏସ୍ ନିଜ ପୁଅ ସମ୍ବନ୍ଧିତ ଅନେକ କମ୍ପାନୀକୁ ସରକାରୀ ଠିକା ପ୍ରଦାନ କରିଥିଲେ। ଏବେ ଏହାର ଯାଞ୍ଚ ହେବ। ଏହି ମାମଲାରେ ୮୯୭ କୋଟି ଟଙ୍କାର ଦୁର୍ନୀତି ହୋଇଛି ବୋଲି ଯାଞ୍ଚ ରିପୋର୍ଟରେ ଦାବି କରାଯାଇଛି। ଆତିଶୀ ଏ ସମ୍ବନ୍ଧିତ ୬୫୦ ପୃଷ୍ଠାର ରିପୋର୍ଟକୁ ମଙ୍ଗଳବାର କେଜ୍ରିୱାଲଙ୍କୁ ପ୍ରଦାନ କରିଥିଲେ।

■ ଓକିଲ ଦେହାଦ୍ରାଇଙ୍କ ଦାବି

## ମହଙ୍ଗା ଉପହାର ନେଇଥିଲେ ମହୁଆ

ନୂଆଦିଲ୍ଲୀ, ୧୫।୧୧ (ଏଜେନ୍ସି): ଟଙ୍କା ନେଇ ସଂସଦରେ ପ୍ରଶ୍ନ ପଚାରିବା ମାମଲାରେ ଫସିଥିବା ଟିଏମ୍‌ସି ସାଂସଦ ମହୁଆ ମୋଇତ୍ରଙ୍କ ବିରୋଧରେ ସୁପ୍ରିମକୋର୍ଟ ଓକିଲ ଜୟ ଅନନ୍ତ ଦେହାଦ୍ରାଇ ନୂଆ ଅଭିଯୋଗ ଲଗାଇଛନ୍ତି। ମହୁଆ ସଂସଦରେ ଯେଉଁ ପ୍ରଶ୍ନ ପଚାରି ଥିଲେ ତାହା ଦୁବାଇରେ ଲେଖା ଯାଇଥିଲା ବୋଲି କହିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ବିରୋଧରେ ଦିଆଯାଇଥିବା ଖରାପ ଭାଷଣକୁ ଦିଲ୍ଲୀର କେନିଂ ଲେନ୍‌ରେ ଲେଖା ଯାଇଥିଲା। ଏହି ପ୍ରଶ୍ନ ପଚାରିବା ପାଇଁ ମହୁଆ ୨ କୋଟି ଟଙ୍କା ସହିତ ମହଙ୍ଗା ରୋଲେକ୍ସ ଘଣ୍ଟା ଏବଂ ଆସବାବପତ୍ର ଉପହାର ନେଇଥିଲେ। ଭୁଲିବା ରୋଗ ଭଲ ହୋଇଗଲେ ଆସବାବପତ୍ର ଏବଂ ରୋଲେକ୍ସ ଘଣ୍ଟା ସହିତ ୨ କୋଟି ଟଙ୍କା ମଧ୍ୟ ମିଳିବ ବୋଲି ଓକିଲ କହିଛନ୍ତି। ସେ ମହୁଆଙ୍କୁ ପାଥୋଲୋଜିକାଲ ଲାୟର (ମିଛ କହୁଥିବା ରୋଗ) କହିଛନ୍ତି। ସଂସଦରେ ପଚରା ଯାଇଥିବା ପ୍ରଶ୍ନ କୋଉଠି ଲେଖାଯାଇଥିଲା ବୋଲି ପଚାରିଛନ୍ତି। ସୂଚନାଯୋଗ୍ୟ ଯେ ମହୁଆ ଅଗଷ୍ଟ ୧୦ରେ ପ୍ରଧାନମନ୍ତ୍ରୀ ମୋଦୀଙ୍କ ବିରୋଧରେ ଭାଷଣ ଦେଇଥିଲେ। ମଣିପୁର ହିଂସାକୁ ନେଇ ପ୍ରଧାନମନ୍ତ୍ରୀ ତାଙ୍କ କଥା ଶୁଣିବେ ନାହିଁ ବୋଲି କହିଥିଲେ। ସେ ଶେଷ ଦିନ ଆସିବେ ଏବଂ ସମସ୍ତଙ୍କ ଉପହାସ ଉଡ଼ାଇ ଚାଲିଯିବେ। ମହୁଆ ଏହି ଭାଷଣ ସମୟରେ କବିତା ପଢ଼ି ଥିଲେ। ପ୍ରଧାନମନ୍ତ୍ରୀ ଦେଶକୁ ଭାଗ ଭାଗ କରୁଥିବା ଅଭିଯୋଗ ଲଗାଇ ଥିଲେ।

କମ୍ବୋଡ଼ିଆରେ ନୌସେନା ଘାଟୀ ବନାଇଲା ଚୀନ୍

# ଭାରତ ଉପକୂଳ ପାଇଁ ବିପଦ

ନୂଆଦିଲ୍ଲୀ, ୧୫।୧୧ (ଏଜେନ୍ସି):

ଭାରତକୁ ଘେରିବା ପାଇଁ ଚୀନ୍ ପ୍ରୟାସ ଜାରୀ ରଖିଛି। ଏହି ବିସ୍ତାରବାଦୀ ରାଷ୍ଟ୍ର ଆଉ ଏକ ଦେଶରେ ସେନା ଘାଟୀ ପ୍ରତିଷ୍ଠା କରିଛି। ଏହା ଭାରତ ଉପକୂଳ ପ୍ରତି ବିପଦ ସୃଷ୍ଟି କରିପାରେ। ଗୁଇନ୍ଦାଗିରିର ଭୟ ମଧ୍ୟ ବୃଦ୍ଧି ପାଇବ। ଚୀନର ଏହି ଘାଟୀ ପୂର୍ବାପେକ୍ଷା ବହୁତ ବଡ଼ ଦେଖାଯାଉଛି। ଉପଗ୍ରହ ଚିତ୍ରରୁ ଏହି ତଥ୍ୟ ସାମ୍ନାକୁ ଆସିଛି। କମ୍ବୋଡିଆରେ ଚୀନ୍ ଏହି ସେନା ଘାଟୀ ନିର୍ମାଣ କରିଛି। ରିମ୍ ନୌସେନା ଘାଟୀକୁ ସମ୍ପୂର୍ଣ୍ଣ ବିକଶିତ କରିଦେଇଛି। ଏଠାରେ ଯୁଦ୍ଧ ଜାହାଜ ରହିବା ପାଇଁ ପୂର୍ବାପେକ୍ଷା ବଡ଼ ହ୍ୟାଙ୍ଗର ରହିଛି। ବୁଡ଼ାଜାହାଜ ପାଇଁ ସୁଡ଼ଙ୍ଗ, ଅସ୍ତ୍ରଶସ୍ତ୍ର ଗୋଦାମ, ନୌସୈନିକ ରହିବା ପାଇଁ ବଡ଼ ବଡ଼ କୋଠା ପ୍ରସ୍ତୁତ କରାଯାଇଛି। ଏଠାରେ ଜାହାଜ ରଖିବା ପାଇଁ ଏକ ବିଶାଳ ଶୁଖିଲା ହ୍ରଦ ମଧ୍ୟ ପ୍ରସ୍ତୁତ କରାଯାଉଛି। ଏହା ମାଧ୍ୟମରେ ଯୁଦ୍ଧ ଜାହାଜକୁ ବାହାରକୁ ଅଣାଯାଇ ମରାମତି କରିହେବ। ରଣନୈତିକ



ଦୃଷ୍ଟିରୁ ଏହାର ଅନେକ ମହତ୍ତ୍ୱ ରହିଛି।

କମ୍ବୋଡିଆର ରିମ୍ ନୌସେନା ଘାଟୀ ପୂର୍ବରୁ ମଧ୍ୟ ଚର୍ଚ୍ଚାରେ ରହିଥିଲା। ଏହା ଚୀନ୍ ନୌସେନାକୁ ଦକ୍ଷିଣ ଚୀନ୍ ସାଗରର ଏକ ପାର୍ଶ୍ୱରେ ଘାଟୀ ପ୍ରଦାନ କରୁଛି। ଏହା ମଲ୍ଲାକା ପ୍ରଣାଳୀର ପୂର୍ବରେ ରହିଛି। ଏହା ଦକ୍ଷିଣ ଚୀନ୍ ସାଗରକୁ ଭାରତ ମହାସାଗରଠାରୁ ଅଲଗା କରୁଛି। ଏଭଳି ସ୍ଥିତିରେ ଏହାର ରଣନୈତିକ ମହତ୍ତ୍ୱ ବୃଦ୍ଧି ପାଉଛି। ଏହା ଚୀନ୍ ରଣନୀତିର ଅଂଶବିଶେଷ। ଚୀନ୍ କମ୍ବୋଡିଆ ବ୍ୟତୀତ ଶ୍ରୀଲଙ୍କା ଏବଂ ପାକିସ୍ତାନରେ ମଧ୍ୟ ନୌସେନା ଘାଟୀ ପ୍ରତିଷ୍ଠା କରିବାକୁ ପ୍ରୟାସ କରୁଛି। ଏହା ବ୍ୟତୀତ ଆଫ୍ରିକାର ୧୨ରୁ ଅଧିକ ଦେଶ ଉପରେ ମଧ୍ୟ ଚୀନ୍‌ର ନଜର ରହିଛି। ତେବେ ଚୀନ୍ ସହାୟତାରେ ନିର୍ମିତ ଏହି ଘାଟୀକୁ ନିଜ ନୌସେନା ପାଇଁ ବ୍ୟବହାର କରିବ ବୋଲି କମ୍ବୋଡିଆ ଦାବି କରିଛି। କିନ୍ତୁ ଆମେରିକା ସମେତ ଅନେକ ରାଷ୍ଟ୍ର ଭିନ୍ନ ମତ ଦେଇଛନ୍ତି। ଏହି ନୌସେନା ଘାଟୀ ଉପରେ ଚୀନ୍‌ର ସମ୍ପୂର୍ଣ୍ଣ ନିୟନ୍ତ୍ରଣ ରହିବ ବୋଲି କହିଛନ୍ତି। ଏହା ମାଧ୍ୟମରେ ଚୀନ୍ ମଲ୍ଲାକା ପ୍ରଣାଳୀ ସହିତ ଦକ୍ଷିଣ ଚୀନ୍ ସାଗର ଏବଂ ଭାରତ ମହାସାଗର ଉପରେ ନଜର ରଖିପାରିବ।

ଏହି ନୌସେନା ଘାଟୀ ଭାରତର ଆଣ୍ଡାମାନ-ନିକୋବର ଦ୍ୱୀପପୁଞ୍ଜଠାରୁ ମାତ୍ର ୧୨୦୦ କିମି ଦୂରରେ ରହିଛି। ଚୀନ୍ ଶକ୍ତିଶାଳୀ ରାଡାର ମାଧ୍ୟମରେ ଭାରତ ଉପରେ ନଜର ରଖିପାରିବ। ଗୁଇନ୍ଦାଗିରି ମଧ୍ୟ କରିପାରେ। ଏହା ବ୍ୟତୀତ ଚୀନ୍ ରିମ୍ ନୌସେନା ଘାଟୀ ଦେଇ ଦ୍ରୁତଗତିରେ ଭାରତ ମହାସାଗରରେ ପ୍ରବେଶ କରିପାରିବ। କମ୍ବୋଡିଆର ଏହି ବନ୍ଦର ନିକଟରେ ଥାଇଲାଣ୍ଡ କ୍ରା କେନାଲ ନିର୍ମାଣ କରିବାକୁ ଯୋଜନା କରୁଛି। ଯଦି ଏହି ପ୍ରକଳ୍ପ ସଫଳ ହୁଏ ତେବେ ଭାରତ ମହାସାଗରରେ ପ୍ରବେଶ ପାଇଁ ଚୀନ୍‌କୁ ଆଉ ଏକ ମାର୍ଗ ମିଳିଯିବ। ଏହା ଦ୍ୱାରା ଭାରତ ମହାସାଗରରେ ଭାରତ ପ୍ରତି ବିପଦ ସୃଷ୍ଟି ହୋଇପାରେ।



▶ପୃଷ୍ଠା ୪ ଦେଖନ୍ତୁ...

- RNI REGD NO: 42041/83
- www.sakalaepaper.com
- /thesakalanews
- /TheSakala
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 41 ♦ISSUE-141 ♦BHUBANESWAR ♦THURSDAY ♦16 NOVEMBER 2023 ♦PAGE-20 ♦₹ 6.00

♦ବର୍ଷ-୪୧ ♦ସଂଖ୍ୟା-୧୪୧ ♦ଭୁବନେଶ୍ୱର ♦ଗୁରୁବାର ♦୧୬ ନଭେମ୍ବର ୨୦୨୩ ♦ପୃଷ୍ଠା-୨୦ ♦ଟ.୬.୦୦




## ସାମିଙ୍କୁ ୭ ୱିକେଟ୍

# ଫାଇନାଲ୍‌ରେ ଭାରତ

■ ମୁମ୍ବଇ, ୧୫।୧୧ (ଏଜେନ୍ସି): ଦୁଇଥରର ବିଶ୍ୱଚାମ୍ପିଅନ ଭାରତ ୭୦ ରନ୍‌ରେ ନ୍ୟୁଜିଲାଣ୍ଡକୁ ପରାସ୍ତ କରି ପ୍ରଥମ ଦଳ ଭାବେ ଦିନିକିଆ ବିଶ୍ୱକପ ଫାଇନାଲରେ ପ୍ରବେଶ କରିଛି। କୋଲକାତାରେ ଗୁରୁବାର ୫ଥରର ଚାମ୍ପିଅନ୍ ଅଷ୍ଟ୍ରେଲିଆ ଓ ପ୍ରଥମଥର ଟାଇଟଲ ଜିତିବାକୁ ଆଶାୟୀ ଥିବା ଦକ୍ଷିଣ ଆଫ୍ରିକା ମଧ୍ୟରେ ଦ୍ୱିତୀୟ ସେମିଫାଇନାଲ ଖେଳାଯିବ। ଏହି ମ୍ୟାଚ୍‌ର ବିଜେତା ସହ ଭାରତ ଅହମ୍ମଦାବାଦ୍‌ରେ ନଭେମ୍ବର ୧୯ ତାରିଖ ରବିବାର ଫାଇନାଲ ମ୍ୟାଚ୍ ଖେଳିବ। ଏହି ମ୍ୟାଚ୍‌ରେ ୫୦ତମ ଶତକ ହାସଲ କରି ବିରାଟ କୋହଲି ବିଶ୍ୱ ରେକର୍ଡ କରିଛନ୍ତି। କିନ୍ତୁ ନ୍ୟୁଜିଲାଣ୍ଡ ପାଳିରେ ୭ଟି ୱିକେଟ ନେଇ ଭାରତର ବିଜୟରେ ମୁଖ୍ୟ ଭୂମିକା ଗ୍ରହଣ କରିଥିବା ଫାଷ୍ଟ ବୋଲର ମହମ୍ମଦ୍ ସାମିଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି।

ମୁମ୍ବଇର ୱାଙ୍ଖେଡେ ଷ୍ଟାଡିୟମ୍‌ରେ ବୁଧବାର ଖେଳାଯାଇଥିବା ଏହି ମ୍ୟାଚ୍‌ରେ ବିରାଟ କୋହଲିଙ୍କ ୫୦ତମ ଦିନିକିଆ ଓ ଶ୍ରେୟସ ଆୟରଙ୍କ କ୍ରମାଗତ ବିଶ୍ୱକପ୍ ଶତକ ବଳରେ ପ୍ରଥମେ ବ୍ୟାଟିଂ କରି ଭାରତ ୪ ୱିକେଟରେ ୩୯୭ ରନ୍ କରିଥିଲା। କୋହଲି ୧୧୭ ରନ୍ କରିବା ସହ ଦିନିକିଆ କ୍ରିକେଟରେ ସର୍ବାଧିକ ୫୦ତମ ▶ପୃଷ୍ଠା-୧୩

### ଅଭିନନ୍ଦନ କୋହଲି: ନବୀନ

ଦିନିକିଆ କ୍ରିକେଟ୍‌ରେ ୫୦ତମ ଶତକ ହାସଲ କରି ବିଶ୍ୱ ରେକର୍ଡ ସୃଷ୍ଟି କରିଥିବା ବିରାଟ କୋହଲିଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୁଭେଚ୍ଛା ଜଣାଇଛନ୍ତି।

ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ନବୀନ ଲେଖିଛନ୍ତି, 'ଆଇସିସି ବିଶ୍ୱକପ୍ ଭଳି ଗୁରୁତ୍ୱପୂର୍ଣ୍ଣ ଟୁର୍ଣ୍ଣାମେଣ୍ଟରେ ୫୦ତମ ଏକଦିବସୀୟ ଶତକ ହାସଲ କରି ଇତିହାସ ରଚିଥିବାରୁ ଅଭିନନ୍ଦନ। ସେ ତାଙ୍କର ଏହି ଉଲ୍ଲେଖନୀୟ ବ୍ୟାଟିଂ ଜାରି ରଖି ଦେଶ ପାଇଁ ଗୌରବ ଆଣନ୍ତୁ। ବହୁତ ବହୁତ ଶୁଭେଚ୍ଛା'।

### ବିରାଟଙ୍କ ବିଶ୍ୱ ରେକର୍ଡ: ଦିନିକିଆରେ ୫୦ତମ ଶତକ



## ଶୃଙ୍ଖଳିତ ବିତ୍ତୀୟ ପରିଚାଳନାରୁ ସୁଫଳ

# ରାଜସ୍ୱ ବଳକାରେ ଓଡ଼ିଶା ଶ୍ରେଷ୍ଠ

■ ଭୁବନେଶ୍ୱର, ୧୫।୧୧(ସମିସ): କ୍ରମାଗତ ଭାବେ ଶୃଙ୍ଖଳିତ ବିତ୍ତୀୟ ପରିଚାଳନା ପାଇଁ ଓଡ଼ିଶାକୁ ଜାତୀୟ ସ୍ତରରେ ମିଳିଛି ଅଭୂତପୂର୍ବ ସଫଳତା। '୫-ଟି' ଉପକ୍ରମର ଅନୁପାଳନ ଏବଂ ଅନୁଶାସନ ଓଡ଼ିଶାକୁ ରାଜସ୍ୱ ବଳକା ରାଜ୍ୟରେ ପରିଣତ କରି ବିତ୍ତୀୟ ପରିଚାଳନା କ୍ଷେତ୍ରରେ ସାରା ଦେଶରେ ଉଦାହରଣ ସୃଷ୍ଟି କରିଛି। ବିଶେଷକରି ରାଜସ୍ୱ ବଳକା ସ୍ଥିତି ଏବଂ ଋଣ ପରିଚାଳନାରେ ଓଡ଼ିଶାର ପ୍ରଦର୍ଶନ ଅନ୍ୟ ରାଜ୍ୟମାନଙ୍କ ତୁଳନାରେ ବେଶ୍ ପୋଷଣୀୟ ରହିଛି। ନିକଟରେ ଦେଶବ୍ୟାପି ସମସ୍ତ ରାଜ୍ୟର ବଜେଟକୁ ନେଇ ପ୍ରସ୍ତୁତ ଏକ ରିପୋର୍ଟ ଅନୁସାରେ, ୨୦୨୧-୨୨ ଆର୍ଥିକ ବର୍ଷରେ ରାଜସ୍ୱ ବଳକା ସ୍ଥିତି କ୍ଷେତ୍ରରେ ଓଡ଼ିଶା ସମଗ୍ର ଦେଶରେ ଶୀର୍ଷ ସ୍ଥାନରେ ରହିଛି। ୨୦୨୧-୨୨ ଆର୍ଥିକ ବର୍ଷରେ ଓଡ଼ିଶାର ରାଜସ୍ୱ

- ୨୦୨୧-୨୨ଆର୍ଥିକ ବର୍ଷରେ ରାଜସ୍ୱ ବଳକା ୪୩, ୪୭୧ କୋଟି
- ମହାରାଷ୍ଟ୍ର, ପଶ୍ଚିମବଙ୍ଗ, ରାଜସ୍ଥାନ, କର୍ଣ୍ଣାଟକରେ ସ୍ଥିତି ନିଅଣ୍ଟିଆ
- '୫-ଟି' ଉପକ୍ରମ ଅନୁପାଳନରେ ରାଜ୍ୟକୁ ମିଳିଛି ବିତ୍ତୀୟ ସଫଳତା
- ରାଜ୍ୟର ଋଣ ଭାର ଅନ୍ୟ ବୃହତ୍ ରାଜ୍ୟ ତୁଳନାରେ ଯଥେଷ୍ଟ କମ୍
- ଋଣ ସ୍ଥିତି ପୋଷଣୀୟ; ଖୋଲା ବଜାରରୁ ଋଣ କରୁନାହିଁ ଓଡ଼ିଶା
- ବିଭିନ୍ନ କ୍ଷେତ୍ରରେ ଶିକ୍ଷିତ ଯୁବପିଢ଼ିଙ୍କୁ ନିଯୁକ୍ତି, ମିଳୁଛି ନିୟମିତ ଦରମା

ବଳକା ୪୩, ୪୭୧ କୋଟି ଟଙ୍କା ରହିଛି। ହାତଗଣତି ରାଜସ୍ୱ ବଳକା ସ୍ଥିତିରେ ଥିବା ରାଜ୍ୟମାନଙ୍କ ମଧ୍ୟରେ ଓଡ଼ିଶା ଚମକପ୍ରଦ ସଫଳତା ହାସଲ କରିଛି। ଦେଶର ବଡ଼ ବଡ଼ ରାଜ୍ୟ ଏ କ୍ଷେତ୍ରରେ କିନ୍ତୁ ନିଅଣ୍ଟିଆ ସ୍ଥିତିରେ ରହିଛନ୍ତି।

ରିପୋର୍ଟ ଅନୁଯାୟୀ, ଓଡ଼ିଶା ପଛକୁ ଉତ୍ତର ପ୍ରଦେଶ ଦ୍ୱିତୀୟ ସର୍ବାଧିକ ରାଜସ୍ୱ ବଳକା ୩୩୪୩୦ କୋଟି ଟଙ୍କା ରହିଛି। ତେବେ ଦେଶର ଅନ୍ୟ ବଡ଼ ରାଜ୍ୟ ଯଥା ମହାରାଷ୍ଟ୍ର, ତେଲଙ୍ଗାନା, ଆନ୍ଧ୍ର ପ୍ରଦେଶ, କର୍ଣ୍ଣାଟକ, କେରଳ, ତାମିଲନାଡୁ, କେରଳ, ରାଜସ୍ଥାନ, ପଞ୍ଜାବ, ହରିୟାଣା, ପଶ୍ଚିମବଙ୍ଗ, ବିହାର ଆସାମ ପରି ରାଜ୍ୟ ଏ କ୍ଷେତ୍ରରେ ନିରାଶାଜନକ ପ୍ରଦର୍ଶନ କରିଛନ୍ତି। ତାମିଲନାଡୁର ▶ପୃଷ୍ଠା-୧୩




# ଓଡ଼ିଶାରେ ଅନ୍ତର୍ଜାତୀୟ ଫୁଟ୍‌ବଲ୍ ଏକାଡେମୀ

## ଖୁସି ଜାହିର କଲେ ମୁଖ୍ୟମନ୍ତ୍ରୀ

■ ଭୁବନେଶ୍ୱର, ୧୫।୧୧ (ସମିସ): ଖୁବ୍‌ଶୀଘ୍ର ଭୁବନେଶ୍ୱରରେ ପ୍ରତିଷ୍ଠା ହେବାକୁ ଯାଉଛି ଏକ ବିଶ୍ୱସ୍ତରୀୟ ଫୁଟବଲ ଏକାଡେମୀ। ଆସନ୍ତା ୨୧ ତାରିଖରେ 'ଏଆଇଏଫ୍‌ଏଫ୍-ଫିଫା' ଏକାଡେମୀ ଭୁବନେଶ୍ୱରରେ ଆରମ୍ଭ ହେବାକୁ ଯାଉଛି। ବିଶ୍ୱ ଫୁଟବଲ ପ୍ରଶାସନର ସର୍ବୋଚ୍ଚ ପ୍ରଶାସନିକ ସଂସ୍ଥା ଫିଫାର ପ୍ରତିଭା ବିକାଶ ଯୋଜନାର ଅଂଶ ସ୍ୱରୂପ ଏହି ବହୁ ପ୍ରତିକ୍ଷୀତ ଏକାଡେମୀ ଏବେ ବାସ୍ତବ ରୂପ ନେବାକୁ ଯାଉଛି। ଫିଫାର ଗ୍ଲୋବାଲ ଫୁଟବଲ ଡେଭଲପମେଣ୍ଟ ବିଭାଗ ମୁଖ୍ୟ ଅର୍ଶନ ୱେଙ୍ଗେର ଏହି ଏକାଡେମୀ ମଙ୍ଗଳବାର ଉଦ୍‌ଘାଟନ କରିବେ। ସର୍ବଭାରତୀୟ ଫୁଟବଲ ମହାସଂଘ ଏଆଇଏଫ୍‌ଏଫ୍ ଦ୍ୱାରା ଏହି ଏକାଡେମୀ ପରିଚାଳିତ ହେବ।

ଭୁବନେଶ୍ୱରରେ ଏହି ଉଚ୍ଚାଭିଳାଷୀ ଫୁଟବଲ ଏକାଡେମୀ ପ୍ରତିଷ୍ଠା ହେବାକୁ ଯାଉଥିବାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଟୁଇଟ୍ କରି ଖୁସି ଜାହିର କରିଛନ୍ତି। ଫୁଟବଲର ଉନ୍ନତି ତଥା ପ୍ରଚାର ଓ ପ୍ରସାର ପାଇଁ ରାଜ୍ୟ ସରକାର ସବୁପ୍ରକାର ସାହାଯ୍ୟ ସହଯୋଗ କରିବାକୁ ବଦ୍ଧ ପରିକର। ଆମ ଫୁଟବଲରଙ୍କୁ ସବୁପ୍ରକାର ତଥା



ଶ୍ରେଷ୍ଠ ଆନୁଷଙ୍ଗିକ ସୁବିଧା ସୁଯୋଗ ଯୋଗାଇ ଦେବାକୁ ଏଆଇଏଫ୍‌ଏଫ୍ ସହିତ ସାଥି ହୋଇ ଆମେ କାର୍ଯ୍ୟ କରୁଛୁ। ଏହି ଏକାଡେମୀ ଫୁଟବଲର ଉନ୍ନତି, ପ୍ରତିଭା ଚିହ୍ନଟ ଓ ତା'ର ବିକାଶରେ ଦୃଷ୍ଟାନ୍ତମୂଳକ ଭୂମିକା ନିର୍ବାହ କରିବ ବୋଲି ମୁଖ୍ୟମନ୍ତ୍ରୀ ଉଲ୍ଲେଖ କରିଛନ୍ତି। ଗତ ମେ ମାସରେ ମୁଖ୍ୟମନ୍ତ୍ରୀ ଭୁବନେଶ୍ୱରରେ ୩ଟି ଉଚ୍ଚକୋଟୀର ଫୁଟବଲ ପ୍ରଶିକ୍ଷଣ କେନ୍ଦ୍ର ଉଦ୍‌ଘାଟନ କରିଥିଲେ। ଏଗୁଡିକ ହେଲା ଓଡ଼ିଶା ଫୁଟବଲ ଏକାଡେମୀ, ଭୁବନେଶ୍ୱର ଫୁଟବଲ ଏକାଡେମୀ ଓ କ୍ୟାପିଟାଲ ଏରିନା ଫୁଟବଲ। ଏହାକୁ ବାଦ୍ ଦେଲେ ରାଜ୍ୟରେ ଏକାଧିକ ଫୁଟବଲ ପ୍ରଶିକ୍ଷଣ କେନ୍ଦ୍ର ରହିଛି। ▶ପୃଷ୍ଠା-୧୩

## ଲୋକକଥା



ଦିଲ୍ଲୀ ପ୍ରଦୂଷଣ କରେ ହଇରାଣ
କଲବଲ ହୁଏ ପ୍ରାଣ,
ଦେଶ ରାଜଧାନୀ ଏଭଳି ହେଲାଣି
ତ୍ରାହି ତ୍ରାହି ଜନଗଣ !
ଅକଳିରେ ନିୟନ୍ତ୍ରଣ,
ପ୍ରଶ୍ୱାସର ଗତି ଅଟକାଇ ଦିଏ
ଧୂଳି-ଧୂଆଁଙ୍କ ମେଳଣ !!

# ବାଲି ମାଫିଆ ମୁଦୁଲିଙ୍କ ଆଉ ୩ ସହଯୋଗୀ ଗିରଫ

■ ବ୍ରହ୍ମପୁର, ୧୫।୧୧ (ସମିସ): କିଛି ଦିନର ବ୍ୟବଧାନ ପରେ ପୁଣି ବାଲି ମାଫିଆ କୃପାସିନ୍ଧୁ ମୁଦୁଲିଙ୍କ ଆଉ ୩ଜଣ ସହଯୋଗୀଙ୍କୁ ଗିରଫ କରିଛି ଗଞ୍ଜାମ ଥାନା ପୁଲିସ। ସେମାନେ ହେଲେ, କାଶୀନଗର ଅଞ୍ଚଳର ନିଶିକାନ୍ତ ନାୟକ, ଡି. ରମେଶ କୁମାର ଓ ବ୍ରହ୍ମପୁରର ଅମରେନ୍ଦ୍ର ପାଣଗ୍ରାହୀ। ନିଶିକାନ୍ତ ଓ ରମେଶ କୁମାର ସାହାଯ୍ୟରେ ଅମରେନ୍ଦ୍ର ପାଣଗ୍ରାହୀଙ୍କଠାରୁ ନକଲି ୱାଇଫର୍ମ ଛପାଇ ଆଣୁଥିଲେ କୃପାସିନ୍ଧୁ। ପୁଲିସ ଏହି ୩ଜଣଙ୍କୁ ଗିରଫ କରିବା ସହ ଅମରେନ୍ଦ୍ର ପାଣଗ୍ରାହୀଙ୍କ କମ୍ପ୍ୟୁଟର ଓ କିଛି ଗୁରୁତ୍ୱପୂର୍ଣ୍ଣ ସାମଗ୍ରୀ ଜବତ କରିଛି। ବୁଧବାର ରାତିରେ ସମସ୍ତ ୩ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ସୂଚନାଯୋଗ୍ୟ, ଗତ ୩୦ ବର୍ଷ ହେଲା ଗଞ୍ଜାମ ଜିଲ୍ଲାରେ ବାଲି ଲୁଟ୍ ଚାଲିଥିଲା। ବାଲି ଚୋରାଚାଲାଣ ରୋକିବାକୁ ରାଜ୍ୟ ସରକାର ବହୁ ପଦକ୍ଷେପ ନେଇଥିଲେ ମଧ୍ୟ ସେଥିରେ ରୋକ୍ ଲାଗି ପାରୁନଥିଲା। କିଛି ମାଫିଆ ବାଲି ଚୋରାଚାଲାଣ କରି କିଛି ବର୍ଷ ଭିତରେ କୋଟିକୋଟି ଟଙ୍କା ଅର୍ଜନ କରିଛନ୍ତି। ଗତ ମାସରେ ଗଞ୍ଜାମ ଜିଲ୍ଲାର ସବୁଠୁ ବଡ଼ ବାଲି ବ୍ୟବସାୟୀ ତଥା ବାଲି ମାଫିଆ କୃପାସିନ୍ଧୁ ମୁଦୁଲିକୁ ପୁଲିସ ଗିରଫ କରିଛି। କୃପାସିନ୍ଧୁ ଙ୍କ ସମେତ ତା'ର ସହଯୋଗୀମାନେ ଏବେ କୋଦଳା ଜେଲ୍‌ରେ ଅଛନ୍ତି।



ଗିରଫ ସଂଖ୍ୟା ୯କୁ ବୃଦ୍ଧି

## ୩୦୦ ଫୁଟ ଗଭୀର ଖାଇକୁ ଖସିଲା ବସ୍

# ୩୯ ମୃତ; ୧୭ ଆହତ



■ ଶ୍ରୀନଗର, ୧୫।୧୧ (ଏଜେନ୍ସି): ଜମ୍ମୁ-କାଶ୍ମୀର ଡୋଡା ଜିଲ୍ଲାର ଅସାର ଅଞ୍ଚଳରେ ବୁଧବାର ସକାଳେ ବଡ଼ ଦୁର୍ଘଟଣା ଘଟିଛି। ବାଟୋଟେ-କିସ୍ତୱାଡ ଜାତୀୟ ରାଜପଥ (ଏନ୍‌ଏଚ୍)ର ତୃଙ୍ଗଲ-ଅସର ନିକଟରେ ଏକ୍ ବସ୍ ନିୟନ୍ତ୍ରଣ ହରାଇ ୩୦୦ ଫୁଟ ଗଭୀର ଖାଇକୁ ଖସି ପଡ଼ିଛି। ଏହି ଦୁର୍ଘଟଣାରେ ୩୯ ଜଣ ଯାତ୍ରୀ ପ୍ରାଣ ହରାଇଛନ୍ତି। ୧୭ ଜଣ ଗୁରୁତର ଆହତ ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ୫ ଜଣଙ୍କ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ରହିଛି। ଡୋଡ଼ା ଏବଂ କିସ୍ତୱାଡର ସରକାରୀ ଡାକ୍ତରଖାନାରେ ଆହତଙ୍କ ଚିକିତ୍ସା ଚାଲିଛି। କିଛି ଆହତଙ୍କୁ ଜମ୍ମୁ ଏୟାରଲିଫ୍ଟ କରାଯାଇଛି।

## ୫୦ଫୁଟ୍ ତଳକୁ ଖସିଲା କାର୍

# ପରିବାରର ୩ ମୃତ

■ ପଟ୍ଟାଙ୍ଗି, ୧୫।୧୧ (ସମିସ): ବିଶାଖାପାଟଣା ବୁଲିବାକୁ ସୁଦୂର ଛତିଶଗଡ଼ର ଜଗଦଲପୁରରୁ ସ୍ୱାମୀ, ୯ ବର୍ଷର ପୁଅ ଓ ଶଶୁରଙ୍କ ସହ ଆସୁଥିଲେ ରଚନା ଠକର। କାର୍‌ରେ ୪୫୦ କିମି ଯାତ୍ରା କରିସାରିଥିଲେ। ଆଉ ମାତ୍ର ୧୭୦ କିମି ପରେ ଗନ୍ତବ୍ୟସ୍ଥଳରେ ପହଞ୍ଚି ଯାଇଥାନ୍ତେ। କିନ୍ତୁ ରାତିର ଅନ୍ଧକାର ସାଙ୍ଗକୁ ଘାଟି ରାସ୍ତାରେ କୁହୁଡ଼ି କାଳ ସାଜିଲା। ୫୦ ଫୁଟ୍ ତଳକୁ ଖସି ପଡ଼ିଲା କାର୍। ଫଳରେ ରଚନାଙ୍କ ଆଖି ଆଗରେ ତାଙ୍କ ପରିବାରର ▶ପୃଷ୍ଠା-୧୩



ଘାଟି ରାସ୍ତାରେ କୁହୁଡ଼ି ସାଜିଲା କାଳ

ମହିଳାଙ୍କ ଆଖି ଆଗରେ ଚାଲିଗଲା ପୁଅ, ସ୍ୱାମୀ ଓ ଶଶୁରଙ୍କ ଜୀବନ

# ଭିତରକନିକାରେ କୁମ୍ଭୀରଙ୍କୁ ଜାଗା ନିଅଣ୍ଟ!

■ ଭୁବନେଶ୍ୱର, ୧୫।୧୧ (ପ୍ରଦୀପ ଭାରତୀ): ଦେଶର ୭୦ ପ୍ରତିଶତ ବଉଳା(ଲୁଣାପାଣି) କୁମ୍ଭୀର ରହୁଥିବା ଜାତୀୟ ଉଦ୍ୟାନ 'ଭିତରକନିକା'ରେ ଏବେ କୁମ୍ଭୀରଙ୍କ ପାଇଁ ଜାଗା ନିଅଣ୍ଟ ପଡ଼ିଲାଣି। ୨୨୦ କିଲୋମିଟର ପରିଧି ମଧ୍ୟରେ ମାତ୍ର ୯୬ଟି କୁମ୍ଭୀରଙ୍କୁ ନେଇ ୧୯୭୫ ମସିହାରେ ଆରମ୍ଭ ହୋଇଥିବା ବଉଳା କୁମ୍ଭୀର ସଂରକ୍ଷଣ ପ୍ରକଳ୍ପରେ ଏବେ କୁମ୍ଭୀରଙ୍କ ସଂଖ୍ୟା ୧୮୦୦ ନିକଟତର ହେଲାଣି। ଏହି ସଂଖ୍ୟା ଓଡ଼ିଶା ସରକାର ଓ ବନ ବିଭାଗ ପାଇଁ ଏକ ବଡ଼ ଉପଲବ୍ଧି ହୋଇଥିଲେ ହେଁ ଏହାକୁ ନେଇ ନୂଆ ନୂଆ ଆହ୍ୱାନ ସୃଷ୍ଟି ହେଲାଣି। ପ୍ରତିବର୍ଷ କୁମ୍ଭୀରଙ୍କ ଅଣ୍ଡାଦାନ ଓ ଏଥିରୁ ଛୁଆ ସୃଷ୍ଟି ହେଉଥିବାରୁ ସୀମିତ ସ୍ଥାନ ମଧ୍ୟରେ ଏତେସଂଖ୍ୟକ ବଉଳା କୁମ୍ଭୀରଙ୍କ ରହଣୀ ଆଗାମୀ ଦିନରେ ବଡ଼ ଆହ୍ୱାନ ସୃଷ୍ଟି କରିବାର ଆଶଙ୍କା ରହିଛି। ସେହିପରି ଏତେସଂଖ୍ୟକ କୁମ୍ଭୀରଙ୍କ ଗତିବିଧି ଉପରେ ଲଗାତାର ନଜର ରଖିବା କଷ୍ଟକର ବ୍ୟାପାର ହୋଇଥିବାରୁ ଏମାନଙ୍କ ମଧ୍ୟରୁ କିଛି ଅଭୟାରଣ୍ୟ ସୀମା ଡେଇଁ କେନ୍ଦ୍ରାପଡ଼ା ଓ ଯାଜପୁର ଜିଲ୍ଲାର ବିଭିନ୍ନ ସ୍ଥାନରେ ଆତଙ୍କ ସୃଷ୍ଟି କରୁଛନ୍ତି। ଫଳରେ କୁମ୍ଭୀର ଆକ୍ରମଣରେ ଗୋରୁଗାଈଙ୍କ ସମେତ ମଣିଷଙ୍କ ଜୀବନ ହାନି ସଂଖ୍ୟା କ୍ରମାଗତ ଭାବେ ବଢ଼ିବାରେ ଲାଗିଛି। ଆଉ ଗୋଟିଏ କଥାକୁ ମଧ୍ୟ ଏଡ଼ାଇ ଦିଆଯାଇନପାରେ ଯେ ପ୍ରତିବର୍ଷ ଭିତରକନିକାକୁ ପର୍ଯ୍ୟଟକଙ୍କ ସଂଖ୍ୟା ବୃଦ୍ଧି ପାଉଥିବାରୁ ଅଧିକ ସଂଖ୍ୟକ ଡଙ୍ଗା ନଦୀ ଭିତରକୁ ପଶୁଛି। ଏହା ଉଭୟ କୁମ୍ଭୀରଙ୍କ ମୁକ୍ତ ବିଚରଣରେ ବାଧା ସୃଷ୍ଟି କରୁଛି।



- ସଂରକ୍ଷଣ ପ୍ରକ୍ରିୟାରେ ସୃଷ୍ଟି ହେଲାଣି ଆହ୍ୱାନ
- ସୀମା ଡେଇଁ ବାହାରକୁ ଚାଲି ଯାଉଛନ୍ତି
- ପର୍ଯ୍ୟଟକଙ୍କ ସଂଖ୍ୟା ବୃଦ୍ଧି ଓ ଡଙ୍ଗା ଚାଳନା ବଡ଼ ଆହ୍ୱାନ
- ଅଧିକ ତଥ୍ୟ ସଂଗ୍ରହ ପାଇଁ ପଦକ୍ଷେପ ନିଆଯିବ: ପିସିସିଏଫ୍

ତଥ୍ୟ ଅନୁଯାୟୀ, ୨୦୧୩ ମସିହାରୁ ଏଯାବତ୍ କୁମ୍ଭୀର ଆକ୍ରମଣରେ ପ୍ରାୟ ୫୦ଜଣଙ୍କ ଜୀବନ ଯାଇଥିବା ବେଳେ ସେଥିମଧ୍ୟରୁ ଚଳିତ ବର୍ଷ କେବଳ ୫ ଜଣ ମରିଛନ୍ତି। ମୁଖ୍ୟତଃ କୁମ୍ଭୀରମାନେ ମିଳନ ସମୟରେ ହିଂସ୍ର ହୋଇଉଠନ୍ତି। ଏହାସହ ଖାଦ୍ୟାଭାବ ମଧ୍ୟ ଏଥିପାଇଁ ଅନେକାଂଶରେ ଦାୟୀ ରହିଥାଏ। ତେଣୁ ଦୁର୍ବଳ ଶିକାର ମିଳିଲେ, ସେମାନେ ଝାମ୍ପ ମାରିଥା'ନ୍ତି। ୧୯୭୫ ମସିହାରେ ଭିତରକନିକାରେ ବଉଳା କୁମ୍ଭୀରଙ୍କ ସଂରକ୍ଷଣ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ସେତେବେଳେ ଏଠାରେ କୁମ୍ଭୀରଙ୍କ ସଂଖ୍ୟା ପାଖାପାଖି ୯୬ଟି ରହିଥିବା ବେଳେ ୧୯୯୫ରେ କୁମ୍ଭୀର ସଂଖ୍ୟା ପ୍ରାୟ ୧୦୦୦ ଅତିକ୍ରମ କରିଥିଲା। ସଂଖ୍ୟାବୃଦ୍ଧିକୁ ଦୃଷ୍ଟିରେ ରଖି ବନ ବିଭାଗ ପକ୍ଷରୁ ଅଣ୍ଡାଦାନ କାର୍ଯ୍ୟକ୍ରମ ବା ଏ ସମ୍ପର୍କିତ ସଂରକ୍ଷଣକୁ ବନ୍ଦ କରାଯାଇଥିଲା। ▶ପୃଷ୍ଠା-୧୩

# ଅବପାତକୁ ନେଇ ବଢୁଛି ଦ୍ୱନ୍ଦ୍ୱ

■ ଭୁବନେଶ୍ୱର, ୧୫।୧୧ (ସମିସ): ଦକ୍ଷିଣ-ପୂର୍ବ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ଘନୀଭୂତ ହୋଇ ଅବପାତରେ ପରିଣତ ହୋଇଛି। ଏହା ଆହୁରି ଘନୀଭୂତ ହୋଇ ଗୁରୁବାର ସୁଦ୍ଧା ଏକ ଗଭୀର ଅବପାତରେ ପରିଣତ ହେବ। ତେବେ ଏହି ଅବପାତର ଭବିଷ୍ୟତକୁ ନେଇ ଦୁଇ ପାଣିପାଗ ସଂସ୍ଥାର ଭିନ୍ନଭିନ୍ନ ଆକଳନ ସାଧାରଣରେ ଦ୍ୱନ୍ଦ୍ୱ ସୃଷ୍ଟି କରିଛି। ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି)ର ଆକଳନ କହୁଛି ଯେ ଓଡ଼ିଶାରେ ଏହାର ବିଶେଷ ପ୍ରଭାବ ପଡ଼ିବ ନାହିଁ। ତେବେ 'ସୋଆ' ପରିଚାଳିତ ପରିବେଶ ଓ ଜଳବାୟୁ କେନ୍ଦ୍ର (ସିଇସି) ପକ୍ଷରୁ କୁହାଯାଇଛି ଯେ ଏହି ଅବପାତ ବାତ୍ୟାର ରୂପ ନେଇ ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରବଳ ବର୍ଷା କରାଇବ। ଅପରପକ୍ଷେ, ଲଘୁଚାପ ପ୍ରଭାବରେ ବୁଧବାରଠାରୁ ରାଜ୍ୟର ବିଭିନ୍ନ ସ୍ଥାନରେ ପାଗରେ ପରିବର୍ତ୍ତନ ଦେଖାଦେଇଛି। ଅନେକ ସ୍ଥାନରେ ପାଗ ମେଘାଚ୍ଛନ୍ନ ରହିଛି।

ଆଇଏମ୍‌ଡିର ସୂଚନାନୁଯାୟୀ, ଅବପାତଟି ପଶ୍ଚିମ କେନ୍ଦ୍ରୀୟ ବଙ୍ଗୋପସାଗର ପାର୍ଶ୍ୱବର୍ତ୍ତୀ ଆନ୍ଧ୍ର ଉପକୂଳରେ ପହଞ୍ଚି ଏହା ଗଭୀର ଅବପାତର ରୂପ ନେବ। ପରେ ଧୀରେଧୀରେ ଏହାର ଗତିପଥ ବଦଳାଇ ଉତ୍ତର-ଉତ୍ତର ପୂର୍ବ ଦିଗରେ ଗତି କରି ଉତ୍ତର ପଶ୍ଚିମ ▶ପୃଷ୍ଠା-୧୩



କମ୍ ପ୍ରଭାବ ରହିବ: ଆଇଏମ୍‌ଡି

ବାତ୍ୟା ରୂପ ନେବ: ସିଇସି




# ଜାତୀୟ ପ୍ରେସ୍ ଦିବସ

ସମାଜର ବିକାଶରେ ଗଣମାଧ୍ୟମର ଭୂମିକା ବେଶ୍ ଗୁରୁତ୍ୱପୂର୍ଣ୍ଣ । ସ୍ୱାଧୀନତା ସଂଗ୍ରାମର ଇତିହାସ ହେଉ କି ଜାମ୍ମୁ କାଶ୍ମୀରରେ ୩୭୦ ଧାରାର ଉଚ୍ଛେଦ, ତୃଣମୂଳ ସ୍ତରରେ ଲୋକଙ୍କର ସ୍ୱର ଉତ୍ଥାପନ ହେଉ କି ରାଜନେତାମାନଙ୍କର ସମାଜ ପ୍ରତି ବାର୍ତ୍ତାକୁ ପହଞ୍ଚାଇବାରେ ଗଣମାଧ୍ୟମ ଏକ ପ୍ରମୁଖ ମାଧ୍ୟମ ପାଲଟିଛି । ଗଣତନ୍ତ୍ର କିଭଳି ସୁସ୍ଥ ଓ ସମୃଦ୍ଧ ହୋଇ ରହିବ ଏବଂ ସରକାର କିଭଳି ଭାବେ ଲୋକଙ୍କ ହିତ ପାଇଁ କାମ କରିବେ, ସେଥିପାଇଁ ଗଣମାଧ୍ୟମ ନିଜର ଦାୟିତ୍ୱ ନିର୍ବାହ କରିଥାଏ । ଗଣମାଧ୍ୟମ ଯେତେ ସ୍ୱାଧୀନ ହେବ, ଗଣତନ୍ତ୍ର ସେତେ ସୁଦୃଢ଼ ହେବ । ପ୍ରତିକୂଳ ବ୍ୟବସ୍ଥା ସତ୍ତ୍ୱେ ସାମ୍ବାଦିକମାନେ ଜନସ୍ୱାର୍ଥ ପାଇଁ ସ୍ୱର ଉତ୍ତୋଳନ କରିଥାନ୍ତି । ମହାମାରୀ କରୋନା ସମୟରେ ଗଣମାଧ୍ୟମ ପ୍ରତିନିଧିମାନେ ନିଜ ଜୀବନକୁ ବାଜି ଲଗାଇ ଆଗଧାଡ଼ିର ଯୋଦ୍ଧା ସାଜି ନିୟମିତ ଲୋକଙ୍କ ପାଖରେ ଖବର ପହଞ୍ଚାଉଥିଲେ । ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ ହେଉଛି ଗଣମାଧ୍ୟମ । ଦେଶର ପ୍ରଥମ ସମ୍ବାଦପତ୍ର 'ବେଙ୍ଗଲ ଗ୍ୟାଜେଟ୍' ୧୭୮୦ ମସିହାରେ ଜେମ୍ସ ଅଗଷ୍ଟସ୍ ହିକିଙ୍କ ଦ୍ୱାରା ପ୍ରକାଶ ପାଇବା ପରଠାରୁ ଜନସାଧାରଣଙ୍କ ସଶକ୍ତୀକରଣ ଲାଗି ସମ୍ବାଦପତ୍ର ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଆସିଛି । ସାମ୍ବାଦିକତାର ମୌଳିକ ନୀତି ହେଉଛି ପାଠକ ତଥା ଦର୍ଶକଙ୍କ ନିକଟରେ ସତ୍ୟ, ବସ୍ତୁନିଷ୍ଠ, ସଠିକ ଓ ନିରପେକ୍ଷ ସୂଚନା ପହଞ୍ଚାଇବା । ତେବେ ଏହି ପରିପ୍ରେକ୍ଷୀରେ ଜାତୀୟ ପ୍ରେସ୍ ଦିବସ ପାଳନ ଅନେକ ଗୁରୁତ୍ୱ ବହନ କରେ । ୧୯୬୬ ମସିହା ଜୁଲାଇ ୪ ତାରିଖରେ ପ୍ରଥମ କରି ଭାରତର ପ୍ରେସ୍ ପରିଷଦ ଗଠିତ ହୋଇଥିଲା । ସେହିବର୍ଷ ନଭେମ୍ବର ମାସ ୧୬ ତାରିଖରୁ ପ୍ରେସ୍ ପରିଷଦ ବିଧିବଦ୍ଧ ଭାବେ କାର୍ଯ୍ୟ କରିବା ଆରମ୍ଭ କରିଥିଲା ଏବଂ ସେହିଦିନକୁ ଜାତୀୟ ପ୍ରେସ୍ ଦିବସ ଭାବେ ପାଳନ କରାଯାଉଛି । ଦେଶର ସାମ୍ବାଦିକମାନେ ଯେପରି କୌଣସି ବାହ୍ୟ ଶକ୍ତି ଦ୍ୱାରା ପ୍ରଭାବିତ ନ ହେବେ, ସେଥିପାଇଁ ପ୍ରେସ୍ କାଉନସିଲ ଅଫ୍ ଇଣ୍ଡିଆ କାମ କରିଆସୁଛି । 'ପ୍ରେସ୍ କାଉନ୍‌ସିଲ୍' ହେଉଛି ସମ୍ବାଦପତ୍ରଗୁଡ଼ିକର ନୈତିକ ପ୍ରହରୀ । ଯଦି କୌଣସି ବ୍ୟକ୍ତିଙ୍କୁ ଖବରକୁ ନେଇ ଆପତ୍ତି ଥାଏ ତେବେ ସେ ପ୍ରେସ୍ କାଉନ୍‌ସିଲ୍ ନିକଟରେ ଅଭିଯୋଗ କରିପାରିବେ । ଅପରପକ୍ଷେ ଯେକୌଣସି ସମ୍ବାଦପତ୍ର ମଧ୍ୟ ସରକାର ବା ଅନ୍ୟ କାହାର ଅବାଞ୍ଛିତ ହସ୍ତକ୍ଷେପ, ବଳପ୍ରୟୋଗ ଓ କଟକଣା ଆଦି ବିରୋଧରେ ଅଭିଯୋଗ କରିପାରିବ । ୧୯୫୬ ମସିହାରେ ସରକାର ପ୍ରଥମ ଥର ପାଇଁ ପ୍ରେସ୍ କମିସନ୍ ବସାଇଥିଲେ ଓ ପ୍ରେସ୍ କାଉନ୍‌ସିଲ୍ କରିବା ପାଇଁ ସୁପାରିଶ୍ କରିଥିଲେ, ଯାହା ଗଠନ ହେବା ପାଇଁ ଏକ ଦଶନ୍ଧି ଲାଗିଥିଲା । ସାମ୍ବାଦିକମାନେ ହେଲେ ସମାଜର ଜାଗ୍ରତ ପ୍ରହରୀ । ଯଦି ଜାଗ୍ରତ ପ୍ରହରୀ ନିଜ କର୍ତ୍ତବ୍ୟରୁ ବିଚ୍ୟୁତ ହୁଏ, ତେବେ ସମାଜ ଆଗକୁ ବଢ଼ିପାରେ ନାହିଁ । ନିରପେକ୍ଷ, ନିର୍ଭୀକ ଓ ଗଠନମୂଳକ ସମ୍ବାଦ ପରିବେଷଣ ସବୁ ସାମ୍ବାଦିକଙ୍କ ଦାୟିତ୍ୱ ହେବା ଉଚିତ ।

## ଆଜି ଆସିଥିଲେ...

# ବିପ୍ଳବୀ ପ୍ରାଣନାଥ ପଟ୍ଟନାୟକ

ଓଡ଼ିଶାରେ କମ୍ୟୁନିଷ୍ଟ ପାର୍ଟିର ଅନ୍ୟତମ ପ୍ରତିଷ୍ଠାତା, ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ, ପୂର୍ବତନ ବିଧାୟକ ତଥା ଶିକ୍ଷାବିତ୍ ବିପ୍ଳବୀ ପ୍ରାଣନାଥ ପଟ୍ଟନାୟକ ସାମ୍ୟବାଦ ନୀତିର ଥିଲେ ପରମ ପୂଜାରୀ । ସେ ଭାରତୀୟ ସ୍ୱାଧୀନତା ସଂଗ୍ରାମ, ଓଡ଼ିଶା କୃଷକ ଆନ୍ଦୋଳନ, ଓଡ଼ିଶାର ସାମ୍ୟବାଦ ଆନ୍ଦୋଳନ, ଗଡ଼ଜାତ ପ୍ରଜା ଆନ୍ଦୋଳନ, ଓଡ଼ିଶା ଭାଗଚାଷୀ ଆନ୍ଦୋଳନ ଓ ଓଡ଼ିଶା ଶିକ୍ଷା ଆନ୍ଦୋଳନରେ ଭାଗ ନେଇ ଶ୍ରେଣୀହୀନ ସମାଜ ଗଠନ ପାଇଁ ଆନ୍ଦୋଳନ କରିଥିଲେ । ବହୁ ଶିକ୍ଷାନୁଷ୍ଠାନ ପ୍ରତିଷ୍ଠା, ସାହିତ୍ୟରେ ରୁଚି ତାଙ୍କ ବ୍ୟକ୍ତିତ୍ୱକୁ ପ୍ରତିଫଳିତ କରିଥିଲା । ତାଙ୍କର ଅନେକ ରଚନା 'ନୂଆ ଦୁନିଆ' ଓ 'ଆସନ୍ତାକାଲି'ରେ ପ୍ରକାଶ ପାଇଥିଲା । ଓଡ଼ିଶାର ବୀରମାଟି ଖୋର୍ଦ୍ଧାକୁ ପ୍ରାଣନାଥ ବାବୁ ଜୀବନଠାରୁ ଅଧିକ ଭଲ ପାଉଥିଲେ । ଖୋର୍ଦ୍ଧା ଥିଲା ତାଙ୍କ ରାଜନୈତିକ ଓ ସାମାଜିକ ସେବାର ପୀଠସ୍ଥଳୀ । 'କର୍ମ ହିଁ ଜୀବନ ଓ ଜୀବନ ହିଁ କର୍ମ'କୁ ସେ ମର୍ମେ ମର୍ମେ ଅନୁଭବ କରିଥିଲେ । ସେ ଚାଲିଚାଲି ଓଡ଼ିଶା ସାରା ବୁଲୁଥିଲେ । ବିପନ୍ନ ଗ୍ରାମବାସୀଙ୍କୁ ଭେଟି ସେମାନଙ୍କର କରୁଣ କାହାଣୀ ଶୁଣି ତା'ର ପ୍ରତିକାର ପାଇଁ ଲାଗି ପଡୁଥିଲେ । ତାଙ୍କ ଅନ୍ୟ ଏକ ସାଧନା ଥିଲା ଶିକ୍ଷାର ପ୍ରସାର । ଏହି ସାଧନାର ସିଦ୍ଧି ହେଉଛି ଖୋର୍ଦ୍ଧାସ୍ଥିତ ପ୍ରାଣନାଥ ମହାବିଦ୍ୟାଳୟ ।

ପ୍ରାଣନାଥ ପଟ୍ଟନାୟକ ୧୯୦୫ ମସିହା ଆଜିର ଦିନରେ ପୁରୀ ଜିଲ୍ଲାର କଣାସ ପଞ୍ଚାୟତ ଅନ୍ତର୍ଗତ ଡିମିରି ଗାଁରେ ଜନ୍ମଗ୍ରହଣ କରିଥିଲେ । ତାଙ୍କ ପିତାଙ୍କ ନାମ ଥିଲା ମଦନ ମୋହନ ପଟ୍ଟନାୟକ ଏବଂ ମାତା ଚିତ୍ରାଦେବୀ । ସେ ନିଜ ଗାଁ ଚାଟଶାଳୀରେ ପ୍ରାଥମିକ ଶିକ୍ଷା ସମାପନ କରିଥିଲେ । ପରେ ସେ କଣାସରେ ଏବଂ ପୁରୀ ଜିଲ୍ଲା ସ୍କୁଲରେ ପାଠ ପଢ଼ିଥିଲେ । ଆଜୀବନ ସଂଗ୍ରାମୀ ପ୍ରାଣନାଥ ପଟ୍ଟନାୟକ ଓଡ଼ିଶାରେ ବୈପ୍ଳବିକ ଚେତନାର ଅଗ୍ରଦୂତ ଥିଲେ । ସ୍ୱାଧୀନତା ସଂଗ୍ରାମରେ ତାଙ୍କର ବଡ଼ ଅବଦାନ ଥିଲା । ମହାତ୍ମା ଗାନ୍ଧୀଙ୍କ ଆହ୍ୱାନରେ ସେ ସ୍ୱାଧୀନତା ସଂଗ୍ରାମରେ ଯୋଗ ଦେଇଥିଲେ । ସ୍ୱାଧୀନତା ସଂଗ୍ରାମ କାଳରେ ସେ ଦଶ ଥର ବନ୍ଦୀ ଜୀବନ କାଟିଥିଲେ । ବନ୍ଦୀଶାଳା ମଧ୍ୟରେ ଥିବା ସମୟରେ ସେ ୪୫ ଦିନ ଅନଶନ ଚଳାଇଥିଲେ । ପ୍ରାଣନାଥ ପଟ୍ଟନାୟକ ଓଡ଼ିଶାରେ କଂଗ୍ରେସ-ସମାଜବାଦୀ ପାର୍ଟିର ପ୍ରଥମ ସଭାପତି ଥିଲେ । ୧୯୬୫-୬୬ ମସିହାରେ ଗ୍ରୀଷ୍ମକାଳରେ ପ୍ରାଣନାଥ କଳାହାଣ୍ଡି ଓ ବଲାଙ୍ଗିରର ଦୁର୍ଭିକ୍ଷ ପ୍ରପୀଡ଼ିତ ଅଞ୍ଚଳରେ ଜନସେବାରେ ମୁଖ୍ୟ ଭୂମିକା ନେଇଥିଲେ । ସମାଜକୁ ଅର୍ଥନୈତିକ ଗୋଲାମୀରୁ ମୁକୁଳାଇବା ପାଇଁ ପ୍ରାଣନାଥ କୃଷକ ସଭା ଗଠନ କରିଥିଲେ । ନବକୃଷ୍ଣ ଚୌଧୁରୀ, ଭଗବତୀ ଚରଣ ପାଣିଗ୍ରାହୀ, ମାଳତୀ ଚୌଧୁରୀ, ଗୁରୁଚରଣ ପଟ୍ଟନାୟକ ଓ ସୁରେନ୍ଦ୍ର ନାଥ ଦ୍ୱିବେଦୀ ପ୍ରମୁଖ ସଂଗ୍ରାମୀମାନଙ୍କ ସହ ମିଶି ଓଡ଼ିଶାରେ କଂଗ୍ରେସ ସାମ୍ୟବାଦୀ ପାର୍ଟି ଗଠନ କରିଥିଲେ । ସେ ଏହାର ପ୍ରଥମ ଅଧିବେଶନରେ ଏହାର ସଭାପତି ଦାୟିତ୍ୱ ତୁଲାଇଥିଲେ । ଭଗବତୀ ଚରଣ ଓ ଗୁରୁଚରଣଙ୍କ ସହିତ ମିଶି ସେ ଓଡ଼ିଶାରେ କମ୍ୟୁନିଷ୍ଟ ପାର୍ଟି ପ୍ରତିଷ୍ଠା କରିଥିଲେ । ୧୯୩୬ ମସିହା ନିର୍ବାଚନରେ ପ୍ରାଣନାଥ ପଟ୍ଟନାୟକ ଖୋର୍ଦ୍ଧାରୁ କଂଗ୍ରେସ ପ୍ରାର୍ଥୀ ରୂପେ ସ୍ୱାଧୀନତା ପୂର୍ବ ପ୍ରଥମ ବିଧାନସଭାକୁ ସଭ୍ୟ ଭାବେ ନିର୍ବାଚିତ ହୋଇଥିଲେ । ୧୯୫୭ ମସିହାରେ ପୁଣିଥରେ ବିଧାନସଭାକୁ ଭାରତୀୟ କମ୍ୟୁନିଷ୍ଟ ପାର୍ଟି ପ୍ରାର୍ଥୀ ଭାବେ ନିର୍ବାଚିତ ହୋଇଥିଲେ । ସେ ଯେ କେବଳ ଜଣେ ବିପ୍ଳବୀ, ସୁସଂଗଠକ ଥିଲେ ତାହା ନୁହେଁ, ପ୍ରଗତିଶୀଳ ସାହିତ୍ୟିକ ଗୋଷ୍ଠୀର ସେ ଥିଲେ ଜଣେ ଦ୍ରଷ୍ଟା ଓ ସ୍ରଷ୍ଟା । ଏହି ସାମ୍ୟବାଦୀ ନେତାଙ୍କର ୧୯୭୦ ମସିହା ଅକ୍ଟୋବର ୫ ତାରିଖରେ ଦେହାନ୍ତ ହୋଇଥିଲା । ଦଳିତ, ନିଷ୍ପେଷିତ, ଗରିବ ଓ ସାଧାରଣ ଲୋକଙ୍କ ଉନ୍ନତି ପାଇଁ ସେ ସାରା ଜୀବନ କାମ କରିଥିଲେ । ମାଟି ମା' ପାଇଁ ସେ ଲଢ଼େଇ କରିଥିଲେ । ତାଙ୍କ କଥାରେ ଯାଦୁକରୀ ସ୍ପର୍ଶ ଥିଲା । କୃଷକଙ୍କ ପାଇଁ ସେ ଲଢୁଥିଲେ । ଦେଶର ମୁକ୍ତି ପାଇଁ ତାଙ୍କ ସଂଘର୍ଷ ଓ ଲଢ଼େଇ ଅବିସ୍ମରଣୀୟ ।





# ଶ୍ରୀଦେବୀଙ୍କ ସହ ଅଭିନୟ ନ କରିବାକୁ କାହିଁକି ନିଷ୍ପତ୍ତି ନେଇଥିଲେ ଅଜୟ

ବଲିଉଡ୍‌ର ଆଗଧାଡ଼ିର ଅଭିନେତା ଭାବେ ପରିଗଣିତ ହୁଅନ୍ତି ଅଜୟ ଦେବଗନ୍ । ଅଜୟ ତାଙ୍କ କ୍ୟାରିୟର୍‌ରେ ଭିନ୍ନ ଭିନ୍ନ ଭୂମିକାରେ ଅଭିନୟ କରିଛନ୍ତି । 'ଫୁଲ୍ ଔର୍ କାଣ୍ଟେ' ଫିଲ୍ମରୁ କ୍ୟାରିୟର୍ ଆରମ୍ଭ କରିଥିବା ଅଜୟ ବଲିଉଡ୍‌ର ଅନେକ ଆଗଧାଡ଼ିର ହିରୋଇନ୍‌ଙ୍କ ସହ କାମ କରିଛନ୍ତି । ତେବେ ଅଜୟ କେବେ ଶ୍ରୀଦେବୀଙ୍କ ସହିତ ଅଭିନୟ କରିନାହାନ୍ତି । ତେବେ ଶ୍ରୀଦେବୀ ହିଁ ଏଥିପାଇଁ ଦାୟୀ ବୋଲି କୁହାଯାଏ । ଏକଦା ବଲିଉଡ୍‌ର ସବୁଠୁ ଅଧିକ ପାରିଶ୍ରମିକ ନେଉଥିବା ଶ୍ରୀଦେବୀ ତାଙ୍କ ପସନ୍ଦର ହିରୋଙ୍କ ସହ ଅଭିନୟ କରନ୍ତି ବୋଲି କୁହାଯାଏ । ଅନେକ ଫିଲ୍ମରେ ସେ ପ୍ରଯୋଜନା ସଂସ୍ଥା ଦ୍ୱାରା ମନୋନୀତ ହିରୋମାନଙ୍କୁ ବାହାର କରି ନିଜ ପସନ୍ଦର ହିରୋ ନେଇଥିବା ଅଭିଯୋଗ ହୋଇଛି । ଶ୍ରୀଦେବୀ ତାଙ୍କ କ୍ୟାରିୟର୍‌ରେ ଅମିତାଭ ବଚ୍ଚନଙ୍କଠାରୁ ଆରମ୍ଭ କରି ଅକ୍ଷୟ କୁମାରଙ୍କ ପର୍ଯ୍ୟନ୍ତ ଅନେକ ବଲିଉଡ୍ ଅଭିନେତାଙ୍କ ସହ କାମ କରିଛନ୍ତି । ୧୯୯୩ରେ 'ଷ୍ଟାର୍‌ଡଷ୍ଟ' ପତ୍ରିକାକୁ ଦେଇଥିବା ଏକ ସାକ୍ଷାତକାରରେ ଅଭିନେତା ଚଙ୍କି ପାଣ୍ଡେ ଶ୍ରୀଦେବୀ ତାଙ୍କୁ ଦୁଇଟି ଫିଲ୍ମରୁ କାଢ଼ି ଦେଇଥିବା କଥା କହିଥିଲେ । 'ଖୁଦା ଗୱାହ' ଫିଲ୍ମ ପାଇଁ ଅଜୟ ଦେବଗନ୍ ସାଇନ୍ କରିଥିଲେ । ପରେ ତାଙ୍କ ଭୂମିକାରେ ଅଭିନେତା ନାଗାର୍ଜୁନ୍ ଦେଖାଯାଇଥିଲେ । ତେବେ ତାଙ୍କୁ ଫିଲ୍ମରୁ ବାଦ୍ ଦେବାରେ ଶ୍ରୀଦେବୀଙ୍କ ହାତଥିବା ଅଜୟ ଭାବି ନେଇଥିଲେ । ସେବେଠାରୁ ଅଜୟ ଶ୍ରୀଦେବୀଙ୍କ ସହ କେବେ ବି ଫିଲ୍ମରେ କାମ ନ କରିବା ପାଇଁ ନିଷ୍ପତ୍ତି ନେଇଥିଲେ । ଅନ୍ୟପକ୍ଷରେ ଶ୍ରୀଦେବୀ ଏକଦା ଗଣମାଧ୍ୟମକୁ ଦେଇଥିବା ଏକ ସାକ୍ଷାତକାରରେ କହିଥିଲେ ଯେ, 'ମୁଁ କାହିଁକି କାହାକୁ ଫିଲ୍ମରୁ ବାହାର କରିବି । କିଏ ଫିଲ୍ମରେ କାମ କରୁଛନ୍ତି, ସେ ଚଙ୍କି, ଅଜୟ ହୁଅନ୍ତୁ କି ନାଗାର୍ଜୁନ୍, ସେଥିରେ ମୋର ଧ୍ୟାନ ନ ଥାଏ । ଫିଲ୍ମରେ କେଉଁ କଳାକାରମାନେ କାମ କରିବେ ତା'ର ଦାୟିତ୍ୱ ପ୍ରଯୋଜନା ସଂସ୍ଥା ହାତରେ ଥାଏ । ମୁଁ 'ଖୁଦା ଗୱାହ' ଫିଲ୍ମରୁ ଅଜୟଙ୍କୁ ବାହାର କରିନାହିଁ । ଏହା ପୂରା ମିଛ କଥା । '

## ଆଜିର ରାଶିଫଳ

**ମେଷ:** ଆର୍ଥିକ ସମସ୍ୟା ଦେଖା ଦେବ । ଚିନ୍ତାରେ ରହିବେ ଏବଂ ପେଟ ଜନିତ ସମସ୍ୟା ଦେଖା ଦେବ । ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଭୁଲ୍ ବୁଝାମଣା ଦେଖାଦେବ । ଛାତ୍ରଛାତ୍ରୀ ପଢ଼ାରେ ମନ ଦେବେ ।

**ବୃଷ:** ପାରିବାରିକ ଜୀବନ ସୁଖମୟ ହେବ । ଭାଇ ଭଉଣୀଙ୍କ ସହଯୋଗ ମିଳିବ । ବ୍ୟବସାୟକୁ ନେଇ ଦୂର ସ୍ଥାନକୁ ଯାତ୍ରା କରିବେ । ସନ୍ଧ୍ୟାରେ ବନ୍ଧୁଙ୍କ ସହ ବୁଲିବାକୁ ଯିବେ । ନିବେଶ କରିବା ପାଇଁ ଉପଯୁକ୍ତ ସମୟ ।

**ମିଥୁନ:** କ୍ୟାରିୟରକୁ ନେଇ ଚିନ୍ତାରେ ରହିବେ । ପରିବାର ପାଇଁ ସମୟ ବାହାର କରିବେ । ପ୍ରେମିକ-ପ୍ରେମିକାଙ୍କ ମଧ୍ୟରେ ମତଭେଦ ସୃଷ୍ଟି ହେବ । ନିବେଶରୁ ଲାଭ ପାଇବେ । ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି ।

**କର୍କଟ:** ଧାର୍ମିକ ସ୍ଥାନକୁ ଯାତ୍ରା ଯୋଗ ଅଛି । ମନ ପ୍ରସନ୍ନ ରହିବ । ମାନସିକ ଚିନ୍ତା ଦୂର ହେବ । ନୂଆ କାମ ଆରମ୍ଭ କରିବା ପୂର୍ବରୁ ଗୁରୁଜନଙ୍କ ପରାମର୍ଶ ନେବେ । ଛତ୍ରଛାତ୍ରୀ ଖେଳକୁଦରେ ସମୟ ଅତିବାହିତ କରିବେ ।

**ସିଂହ:** ବ୍ୟବସାୟ ପାଇଁ ଚିନ୍ତାରେ ରହିବେ । ଅର୍ଥ ନିବେଶରୁ ଦୂରେଇ ରହିବେ । ନୂଆ କାମ ପାଇଁ ଉପଯୁକ୍ତ ସମୟ । କୋର୍ଟ କଚେରୀ ମାମଲାରେ ବିଜୟ ଲାଭ କରିବେ । ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେବ ।

**କନ୍ୟା:** ଦୀର୍ଘଦିନରୁ ଚାଲିଥିବା ପାରିବାରିକ ମତଭେଦ ଦୂର ହେବ । କର୍ମ ଚଞ୍ଚଳ ରହିବେ । ବିଦ୍ୟାର୍ଥୀ ପ୍ରତିଯୋଗିତା ପରୀକ୍ଷାରେ କୃତକାର୍ଯ୍ୟ ହେବେ । ନୂଆ ବ୍ୟବସାୟ ଆରମ୍ଭ କରିବେ ।

**ତୁଳା:** ଦିନଟି ଶୁଭଫଳ ପ୍ରଦାନ କରିବ । ବ୍ୟବହାରରେ ସଂଯମତା ରକ୍ଷା କରିବେ । ମନରୁ ନକାରାତ୍ମକ ଚିନ୍ତାଧାର ଦୂର ହେବ । ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ । ଚକ୍ଷୁ ସମସ୍ୟା ଦେଖା ଦେବ ।

**ବିଛା:** ଦିନଟି ମିଶ୍ରଫଳ ପ୍ରଦାନ କରିବ । ଜମିବାଡ଼ିକୁ ନେଇ ବିବାଦ ଦେଖା ଦେବ । ଅଯଥା ଖର୍ଚ୍ଚରୁ ଦୂରେଇ ରହିବେ । ଉଚ୍ଚଶିକ୍ଷା ପାଇଁ ବିଦେଶ ଯାତ୍ରା ଯୋଗ ଅଛି । ଦାମ୍ପତ୍ୟ ଜୀବନ ସୁଖମୟ ହେବ ।

**ଧନୁ:** ଘର ପାଇଁ ନୂଆ ଜିନିଷ କିଣିବେ । ସନ୍ତାନଙ୍କ ଭବିଷ୍ୟତ ପାଇଁ ନୂଆ ଯୋଜନା କରିବେ । ଅଫିସ୍‌ରେ ବରିଷ୍ଠ ଅଧିକାରୀଙ୍କ ସହଯୋଗ ମିଳିବ । ଜୀବନସାଥୀଙ୍କ ସହ ଦୂର ସ୍ଥାନକୁ ଯାତ୍ରା କରିବେ ।

**ମକର:** ବିବାଦୀୟ କାର୍ଯ୍ୟରୁ ଦୂରେଇ ରହିବେ । ନୂଆ ଗାଡ଼ି କିଣିବେ । ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ । ଭଗବାନ ଶିବଙ୍କୁ ପୂଜା କରିବେ । ପରିବାର ସଦସ୍ୟଙ୍କ ସହ ହସ ଖୁସିରେ ସମୟ ଅତିବାହିତ କରିବେ ।

**କୁମ୍ଭ:** ନୂଆ କାର୍ଯ୍ୟ ଆରମ୍ଭରୁ ଦୂରେଇ ରହିବେ । ଅଫିସ୍‌ରେ କାର୍ଯ୍ୟଭାର ବଢ଼ିବ । ପଡ଼ୋଶୀଙ୍କ ସହ ମତାନ୍ତର ହେବ । ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖା ଦେବ । ବିଦ୍ୟାର୍ଥୀ କଠିନ ପରିଶ୍ରମ କରିବେ ।

**ମୀନ:** ବ୍ୟବସାୟ ପାଇଁ ନୂଆ ଯୋଜନା କରିବେ । ଗୀତ, ନାଚରେ ସମୟ ଅତିବାହିତ କରିବେ । ସ୍ୱାସ୍ଥ୍ୟ ସମସ୍ୟା ଦୂର ହେବ । ଘରେ ଧାର୍ମିକ କାର୍ଯ୍ୟ ଆୟୋଜନ କରିବେ । ସମସ୍ତ ଇଚ୍ଛା ପୂରଣ ହେବ ।

## ଆଜିର ଇତିହାସ

- ୧୮୨୧- ମେକ୍ସିକୋ ସ୍ୱାଧୀନ ହେଲା ।
- ୧୮୪୬- ଉର୍ଦ୍ଦୁର ଚର୍ଚ୍ଚିତ ସାୟର୍ ଆକବର୍ ଇଲ୍ଲାବାଦୀଙ୍କ ଜନ୍ମ ।
- ୧୯୦୮ - ଜେନେରାଲ୍ ମୋଟର୍ସ ନିଗମର ସ୍ଥାପନା ।
- ୧୯୪୫- ସାରା ବିଶ୍ୱରେ ଐତିହାସିକ ତଥା ସାଂସ୍କୃତିକ ସ୍ଥଳଗୁଡ଼ିକର ସଂରକ୍ଷଣ ପାଇଁ ୟୁନେସ୍କୋ ଗଠନ କରାଗଲା ।
- ୨୦୦୬- ବର୍ଷେ ପରେ ଚୀନ୍ ସରକାର ୱିକିପିଡିଆ ୱେବ୍‌ସାଇଟ୍‌କୁ ଅନ୍ ବ୍ଲକ୍ କରିଦେଲେ ।
- ୨୦୧୩- ୱାଶିଙ୍ଗଟନ୍‌ରେ ଜଣେ ଦୁର୍ବୃତ୍ତ ନୌସେନା ଶିବିରରେ ୧୨ ଜଣଙ୍କୁ ଗୁଳିକରି ହତ୍ୟା କଲା ।

# ଶବଗୃହ ପାଖେ ମାଲିକ ଅପେକ୍ଷାରେ କୁକୁର



କୁକୁର ସବୁଠୁ ବିଶ୍ୱସ୍ତ ପ୍ରାଣୀ । ସେଥିପାଇଁ ଅଧିକାଂଶ ଲୋକ ଘରେ କୁକୁର ପାଳିବାକୁ ଭଲପାଆନ୍ତି । କୁକୁର ଓ ମଣିଷଙ୍କ ମଧ୍ୟରେ ନିବିଡ଼ ସମ୍ପର୍କ ଥିବାବେଳେ ଅଧିକାଂଶ ସମୟରେ ମାଲିକର ଜୀବନ ବଞ୍ଚାଇବା ପାଇଁ କୁକୁର ନିଜକୁ ମୃତ୍ୟୁମୁଖକୁ ଠେଲି ଦେଉଥିବାର ଦୃଶ୍ୟ ଦେଖିବାକୁ ମିଳେ । ନିକଟରେ କେରଳର କନ୍ନୁର ଜିଲ୍ଲା ହସ୍‌ପିଟାଲର ମୃତ ମାଲିକଙ୍କୁ ଚାରିମାସ ଧରି ଅପେକ୍ଷା କରିଥିବା ଏକ କୁକୁରର କାହାଣୀ ସମସ୍ତଙ୍କୁ ଭାବବିହ୍ୱଳ କରିଦେଇଛି । ହସ୍‌ପିଟାଲର ଶବଗୃହ ପାଖେ ମୃତ ମାଲିକର ଆସିବା ବାଟକୁ କୁକୁରଟି ଚାହିଁବସିଛି । ତେବେ ମାଲିକ ଜଣକ ସବୁଦିନ ଲାଗି ଆଖି ବୁଜିଥିବାବେଳେ କୁକୁରଟି କିନ୍ତୁ କନ୍ନୁର ଜିଲ୍ଲା ହସ୍‌ପିଟାଲର ଶବଗୃହ ପାଖେ ତାଙ୍କ ଫେରିବା ବାଟକୁ ଚାହିଁ ବସିଛି ।

ଏନେଇ କନ୍ନୁର ଜିଲ୍ଲା ହସ୍‌ପିଟାଲରେ କାର୍ଯ୍ୟରତ ବିକାଶ କୁମାର ନାମକ ଜଣେ କର୍ମଚାରୀଙ୍କ କହିବା ଅନୁସାରେ, ଚାରିମାସ ପୂର୍ବରୁ ହସ୍‌ପିଟାଲକୁ ଜଣେ ରୋଗୀ ଚିକିତ୍ସା ହେବାକୁ ଆସିଥିଲେ, ତାଙ୍କ ସହିତ କୁକୁରଟିଏ ଆସିଥିଲା । ହସ୍‌ପିଟାଲରେ ଉକ୍ତ ବ୍ୟକ୍ତିଙ୍କର ମୃତ୍ୟୁ ଘଟିଥିଲା ଓ ମର ଶରୀରକୁ ଶବଗୃହ ନିକଟକୁ ନିଆଯାଉଥିବା ଘଟଣାକୁ କୁକୁର ଦେଖିଥିଲା । ତେଣୁ ବର୍ତ୍ତମାନ ସୁଦ୍ଧା କୁକୁରଟି ଭାବୁଛି କି ତା'ର ମାଲିକ ଏହି ଶବଗୃହ ଭିତରେ ରହିଛି । ସେଥିପାଇଁ ଏହି ସ୍ଥାନକୁ ଛାଡ଼ି କୁକୁରଟି ଅନ୍ୟ କେଉଁଠିକୁ ଯାଉନାହିଁ । ଚାରିମାସ ହେବ ସେ ଏହି ସ୍ଥାନରେ ମାଲିକଙ୍କ ଆସିବା ବାଟକୁ ଚାହିଁ ବସିଛି । ପ୍ରଥମେ କୁକୁରଟି କିଛି ଖାଉ ନ ଥିଲା । ଏବେ ସେ ଲୋକମାନେ ଦେଉଥିବା ବିସ୍କୁଟ୍ ଓ ଅନ୍ୟ ଖାଦ୍ୟ ଜିନିଷକୁ ଖାଉଛି । ଶବଗୃହ ବାହାରେ କୁକୁରଟି ଦିନରାତି ବସୁଥିବାର ଭିଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ୍ ହୋଇଥିବାବେଳେ ଏହା ଅନେକଙ୍କୁ ଭାବବିହ୍ୱଳ କରିଦେଇଛି । ଏହା ବ୍ୟତୀତ କୁକୁରଟି ସେହି ହସ୍‌ପିଟାଲରେ ଥିବା ଅନ୍ୟ ବୁଲା କୁକୁରମାନଙ୍କ ସହିତ ମିଳାମିଶା କରେ ନାହିଁ ବୋଲି ବିକାଶ କହିଛନ୍ତି ।

# ତମ୍ବା ପାତ୍ରର ଜଳ ହିତକର



**ତମ୍ବା ବାସନରେ ମାଟି ପାତ୍ର ଭଳି ଅନେକ ସ୍ୱାସ୍ଥ୍ୟୋପକାରୀ ଗୁଣ ରହିଛି । ରାତିରେ ଏକ ତମ୍ବା ପାତ୍ରରେ ପାଣି ଭରି ରଖି ସକାଳେ ଏହି ପାଣି ପିଇବା ଦ୍ୱାରା ଏଥିରେ ତମ୍ବାର କିଛି ଗୁଣ ଆସିଯାଇଥାଏ । ଯାହା ସ୍ୱାସ୍ଥ୍ୟ ପାଇଁ ଭଲ ହୋଇଥାଏ । ଏହାବାଦ୍ ତମ୍ବା ପାତ୍ରର ପାଣି ସଂପୂର୍ଣ୍ଣ ଶୁଦ୍ଧ ହୋଇଥାଏ । ତମ୍ବା ପାତ୍ରରେ ପ୍ରତ୍ୟେକ ସମୟରେ ପାଣି ପିଇହେବ । କିନ୍ତୁ ସକାଳ ସମୟରେ ଖାଲି ପେଟରେ ଏହାକୁ ପିଇବା ଅଧିକ ଲାଭଦାୟକ ହୋଇଥାଏ । ରାତିରେ ଶୋଇବାବେଳେ ତମ୍ବା ପାତ୍ରରେ ପାଣି ରଖି ସକାଳେ ଉଠି ଏହାକୁ ପିଇବା ସ୍ୱାସ୍ଥ୍ୟ ପାଇଁ ବେଶ୍ ଭଲ ହୋଇଥାଏ ।**

- ତମ୍ବା ପାତ୍ରରେ ପାଣି ପିଇବା ଦ୍ୱାରା ପେଟ ସମ୍ବନ୍ଧୀୟ ସବୁ ପ୍ରକାର ସମସ୍ୟା ଦୂର ହୋଇଥାଏ । ଗ୍ୟାସ୍, କୋଷ୍ଠକାଠିନ୍ୟ ଓ ଏସିଡିଟିରୁ ମୁକ୍ତି ମିଳିଥାଏ ।
- ତମ୍ବା ପାତ୍ରର ପାଣି ଯକୃତ୍ ଓ ବୃକ୍‌କକୁ ସୁସ୍ଥ ରଖିଥାଏ । ବିଭିନ୍ନ ପ୍ରକାରର ସଂକ୍ରମଣରୁ ଏହା ଶରୀରକୁ ରକ୍ଷା କରିଥାଏ ।
- ତମ୍ବାପାତ୍ରରେ ଥିବା ମିନେରାଲ ଥାଇରଏଡ୍ ରୋଗ ଦୂରେଇ ଦେବାରେ ସାହାଯ୍ୟ କରେ । ତମ୍ବା ପାତ୍ରରେ ଥିବା ଆଣ୍ଟି ଅକ୍ସିଡାଣ୍ଟ ଅକାଳ ବାର୍ଦ୍ଧକ୍ୟକୁ ରୋକିବାରେ ସାହାଯ୍ୟ କରେ ।
- ଏକ ଅଧ୍ୟୟନରୁ ଜଣାପଡ଼ିଛି ଯେ, ତମ୍ବାରେ କର୍କଟ ରୋଗ ନିରୋଧୀ ତତ୍ତ୍ୱ ରହିଛି । ତେଣୁ ତମ୍ବା ପାତ୍ରରେ ପାଣି ପିଇବା ଦ୍ୱାରା କର୍କଟ ରୋଗକୁ ଆରମ୍ଭରୁ ରୋକାଯାଇପାରିବ ।
- ନିୟମିତ ତମ୍ବା ପାତ୍ର ପାଣି ପିଇବା ଦ୍ୱାରା ଶରୀରରେ ପୀଡ଼ା, ଆଣ୍ଠୁଗଣ୍ଠି ବିନ୍ଧା ହୋଇ ନ ଥାଏ ।
- ତମ୍ବା ପାତ୍ରରେ ଅତି କମ୍‌ରେ ୮ ଘଣ୍ଟା ପର୍ଯ୍ୟନ୍ତ ପାଣି ରଖି ସେହି ପାଣିକୁ ପିଇବା ଦ୍ୱାରା ଏନିମିୟା ବା ରକ୍ତହୀନତା ରୋଗକୁ ମୁକ୍ତି ମିଳିଥାଏ ।
- ଶରୀରରେ ରକ୍ତ ଶୁଦ୍ଧ କରିବାର କାମ କରିଥାଏ ତମ୍ବା । ଏହାର ପାଣି ପିଇବା ଦ୍ୱାରା ଚର୍ମଜନିତ ରୋଗ ଦୂର ହୋଇଥାଏ ।

■ ମହଙ୍ଗା ପଡ଼ିଲା ଗଞ୍ଜେଇ ଚାଲାଣ

# ୫ ଜଣଙ୍କୁ ଉଠାଇନେଲା କର୍ଣ୍ଣାଟକ ପୁଲିସ

**ଜୟପୁର,୧୫।୧୧(ସମିସ):** ବେଙ୍ଗାଲୁରୁରେ ଗଂଜେଇ ବିକ୍ରି ମାମଲାରେ ବେଙ୍ଗାଲୁରୁ କମିସନରେଟ୍ ପୁଲିସ ଜୟପୁର ଟାଉନ୍ ଥାନା ପୁଲିସ ସହାୟତାରେ ଏଠାରୁ ୫ ଜଣଙ୍କୁ ଗିରଫ କରିବା ସହ ସାଥୀରେ ନେଇଯାଇଛି। ଗିରଫ ଅଭିଯୁକ୍ତଙ୍କ ମଧ୍ୟରେ ଅନ୍ତା ପଞ୍ଚାୟତର ସମିତିସଭ୍ୟ ତଥା ପୂର୍ବତନ କୋରାପୁଟ ଛାତ୍ର କଂଗ୍ରେସ ସଭାପତି ରାଜା ମଣ୍ଡଳ ରହିଛନ୍ତି। ଅନ୍ୟ ୪ ଜଣଙ୍କ ମଧ୍ୟରୁ ୩ଜଣ ଜୟପୁର ଅଞ୍ଚଳର ହୋଇଥିବା ବେଳେ ଜଣେ ନବରଙ୍ଗପୁର ଅଞ୍ଚଳର ବୋଲି ଜଣାପଡ଼ିଛି। ସେମାନେ ହେଲେ, ଜୟପୁରର ହିମାଂଶୁ ନାୟକ(୨୦), ଶିବଦତ୍ତ (୧୯), କେ. ଅମରନାଥ(୧୯), ନବରଙ୍ଗପୁର ଜିଲ୍ଲା ଉମରକୋଟର ସୋମ୍ (୨୦)। ଅଭିଯୁକ୍ତମାନେ ବାଙ୍ଗାଲୋର୍‌ଠାରେ ଗଞ୍ଜେଇ ବିକ୍ରି କରି ଆସୁଥିଲେ। ସମସ୍ତେ ବିକ୍ରମଦେବ ବିଶ୍ୱବିଦ୍ୟାଳୟର ଛାତ୍ର ବୋଲି ଏସ୍‌ଡିପିଓ ହରୀଶ ବିଶି ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ, କୋରାପୁଟ ଗଞ୍ଜେଇର ଦେଶସାରା ସ୍ୱତନ୍ତ୍ର ଚାହିଦା ରହିଛି। ବେଙ୍ଗାଲୁରୁକୁ ମଧ୍ୟ ଗଞ୍ଜେଇ ଚୋରାଚାଲାଣ ହେଉଛି। କିଛି ଦିନ ତଳେ ସେଠାକାର ପୁଲିସ ଜଣେ ଗଞ୍ଜେଇ ମାଫିଆକୁ ଗିରଫ କରିଥିଲା। ତାକୁ ପଚରାଉଚରା କରିବାରୁ ଯୋଗାଣକାରୀମାନେ ଜୟପୁର ଅଞ୍ଚଳର ବୋଲି ପୁଲିସ ଜାଣିବାକୁ ପାଇଥିଲା। ଅଭିଯୁକ୍ତମାନଙ୍କୁ ଧରିବାକୁ ବେଙ୍ଗାଲୁରୁ କମିସନରେଟ୍ ପୁଲିସ୍ ଓ କର୍ଣ୍ଣାଟକ ନାର୍କୋଟିକ୍ ବ୍ୟୁରୋ ବିଭାଗର ୧୫ ଜଣିଆ ଦଳ ଜୟପୁରକୁ ଆସିଥିଲେ। ସ୍ଥାନୀୟ ଟାଉନ୍ ଥାନା ପୁଲିସ ସହାୟତାରେ ସେମାନେ ଏକ ଭଡ଼ାଘରେ ଚଢ଼ଉ କରି ୫ ଅଭିଯୁକ୍ତଙ୍କୁ ଗିରଫ କରିଥିଲେ।

● ସାଇବର ଠକ ଜାଲରେ ପଡ଼ିଲେ ଯୁବତୀ

# ୧୩୫୦ ଟଙ୍କା ଦେଇ ଲୁଟିନେଲା ୪ ଲକ୍ଷ

**ବ୍ରହ୍ମପୁର,୧୫ ।୧୧(ସମିସ):** ଗଞ୍ଜାମ ଜିଲ୍ଲା ଦିଗପହଣ୍ଡି ଅଞ୍ଚଳର ଜଣେ ଯୁବତୀ ସାଇବର୍ ଠକେଇର ଶିକାର ହୋଇଛନ୍ତି। ଠକ ତାଙ୍କୁ ୧୩୫୦ଟଙ୍କା ଦେଇ ତାଙ୍କଠାରୁ ୪ଲକ୍ଷ ୪୦ ହଜାର ଟଙ୍କା ଲୁଟି ନେଇଛି। ଇନ୍‌ଷ୍ଟାଗ୍ରାମ୍ ପୋଷ୍ଟକୁ ଲାଇକ୍ ଓ ସେୟାର୍ କରିବା ଭଳି ପାର୍ଟଟାଇମ୍ ଚାକିରି ଲୋଭରେ ପଡ଼ି ଯୁବତୀଜଣକ ଏଭଳି ଠକେଇର ଶିକାର ହୋଇଥିବା ଜଣାଯାଇଛି। ଏ ସଂପର୍କରେ ବ୍ରହ୍ମପୁର ସାଇବର ଏବଂ ଅର୍ଥନୈତିକ ଅପରାଧ ଥାନାରେ ଅଭିଯୋଗ ହୋଇଛି। ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।

ଅଭିଯୋଗ ଅନୁଯାୟୀ, ବାସୁଦେବପୁର ଅଞ୍ଚଳର ଏମ୍.ବନିତା (ଛଦ୍ମ ନାମ) ନାମକ ଜଣେ ଯୁବତୀଙ୍କୁ ଅର୍ଥ ପ୍ରଲୋଭନ ଦେଖାଇ ଠକ ତାଙ୍କ ବ୍ୟାଙ୍କର ସମସ୍ତ ବିବରଣୀ ନେଇଯାଇଥିଲା। ପରେ ପର୍ଯ୍ୟାୟକ୍ରମେ ୪ଲକ୍ଷ ୪୦ ହଜାର ଟଙ୍କା ଲୁଟି ନେଇଥିଲା।

ପ୍ରକାଶ ପାଇଲା ବିଜ୍ଞପ୍ତି

# ଡ୍ରିମ୍‌ସକୁ ବିଶ୍ୱବିଦ୍ୟାଳୟ ମାନ୍ୟତା




**ଭୁବନେଶ୍ୱର, ୧୫ ।୧୧(ସମିସ):** ବୈଷୟିକ ଶିକ୍ଷାନୁଷ୍ଠାନ ଡ୍ରିମ୍‌ସକୁ ରାଜ୍ୟ ସରକାର ବିଶ୍ୱବିଦ୍ୟାଳୟ ମାନ୍ୟତା ପ୍ରଦାନ କରିଛନ୍ତି। ଏନେଇ ବୈଷୟିକ ଶିକ୍ଷା ଓ ଦକ୍ଷତା ବିକାଶ ବିଭାଗ ପକ୍ଷରୁ ବୁଧବାର ବିଜ୍ଞପ୍ତି ପ୍ରକାଶ ପାଇଛି। ଏହି ମାନ୍ୟତା ଗୁଣାତ୍ମକ ଶିକ୍ଷାଦାନ, ଗବେଷଣା ଓ ଦକ୍ଷତା ବିକାଶ କ୍ଷେତ୍ରରେ ଅନୁକୂଳ ପରିବେଶ ସୃଷ୍ଟି କରିପାରିବ। ଆବଶ୍ୟକତା ଅନୁଯାୟୀ ନୂତନ ପାଠ୍ୟକ୍ରମ ଖୋଲିବା ସହ ସର୍ବଭାରତୀୟ ପ୍ରବେଶିକା ପରୀକ୍ଷା ଜରିଆରେ ନାମଲେଖା ହୋଇପାରିବ। ଗ୍ରାମାଞ୍ଚଳରେ ଗଢ଼ି ଉଠିଥିବା ଏହି ବିଶ୍ୱବିଦ୍ୟାଳୟକୁ ବିଶ୍ୱବିଦ୍ୟାଳୟ ମାନ୍ୟତା ପ୍ରଦାନ କରିଥିବାରୁ ଛାତ୍ରଛାତ୍ରୀ, ଶିକ୍ଷକ, ଅଭିଭାବକ ଓ ଶିକ୍ଷାବିତ୍‌ମାନେ ସରକାରଙ୍କ ପଦକ୍ଷେପକୁ ସ୍ୱାଗତ କରିଛନ୍ତି। ବିଶ୍ୱବିଦ୍ୟାଳୟ ମାନ୍ୟତା ପ୍ରଦାନ କରି ଶିକ୍ଷା ବିକାଶ କ୍ଷେତ୍ରରେ ଆଉ ଏକ ପଦକ୍ଷେପ ନେଇଥିବାରୁ ଡ୍ରିମ୍‌ସ୍ ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, '୫-ଟି' ଅଧ୍ୟକ୍ଷ, ବୈଷୟିକ ଶିକ୍ଷା ଓ ଦକ୍ଷତା ବିକାଶ ବିଭାଗ କର୍ମକର୍ତ୍ତାଙ୍କୁ କୃତଜ୍ଞତା ଜଣାଇଛନ୍ତି।

# କାର୍ ଧକ୍କାରେ ୨ ସାଇକଲ୍ ଚାଳକ ମୃତ

● ଉତ୍ତ୍ୟକ୍ତ ଲୋକଙ୍କ ମାଡ଼ରେ କାର୍ ଚାଳକ ଗୁରୁତର

● କ୍ଷତିପୂରଣ ଦାବିରେ ୫ ଘଣ୍ଟା ରାସ୍ତାରୋକ

**ସୁନ୍ଦରଗଡ଼,୧୫ ।୧୧(ସମିସ):** ବୁଧବାର ସକାଳେ ୧୦ ନମ୍ବର ରାଜ୍ୟ ରାଜପଥର ବଡ଼ଗାଁ ଥାନା ଜରଙ୍ଗଲୋଇଠାରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ୨ଜଣ ଯୁବକଙ୍କ ଶୋଚନୀୟ ମୃତ୍ୟୁ ଘଟିଛି। ମୃତକଦ୍ୱୟ ହେଲେ, ଜରଙ୍ଗଲୋଇ ଗ୍ରାମର ଗିରିଜାଶଙ୍କର ସାହୁ ଓରଫ୍ ସମ୍ବାରୁ (୪୮) ଓ କ୍ଷୀରୋଦ ପୃଷେଠ (୪୨)। ଉଭୟ ଆଜି ଗାଁ ନାଳରେ ଶୌଚ ହୋଇ ୨ଟି ସାଇକଲରେ ଫେରୁଥିବା ବେଳେ ରାଉରକେଲାରୁ ସୁନ୍ଦରଗଡ଼ ଅଭିମୁଖେ ଯାଉଥିବା ଏକ କାର୍ ତାଙ୍କ ଉପରେ ମାଡ଼ି ଯାଇଥିଲା। ଘଟଣାସ୍ଥଳରେ ହିଁ ଦୁହିଁଙ୍କର ମୃତ୍ୟୁ ଘଟିଥିଲା। ଅପରପକ୍ଷେ ଏହି ଘଟଣାକୁ କେନ୍ଦ୍ର କରି ଘଟଣାସ୍ଥଳରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। ଉତ୍ତ୍ୟକ୍ତ ଗ୍ରାମବାସୀ ସଂପୃକ୍ତ କାର୍ ଚାଳକଙ୍କୁ ନିସ୍ତୁକ ମାଡ଼ ମାରିବା ସହ ମୃତକଦ୍ୱୟଙ୍କ ପରିବାରକୁ କ୍ଷତିପୂରଣ ଦାବିରେ ୫ ଘଣ୍ଟା ରାସ୍ତାରୋକ କରିଥିଲେ। ଆନ୍ଦୋଳନକାରୀଙ୍କୁ ପୁଲିସ ଯେତେ ବୁଝାଶୁଝା କରିଥିଲେ ମଧ୍ୟ ସେମାନେ ନିଜ ଜିଦ୍‌ରେ ଅଟଳ ରହିଥିଲେ। ପରେ ସୁନ୍ଦରଗଡ଼ ସଦର ଏସ୍‌ଡିପିଓ ହିମାଂଶୁ ଭୂଷଣ ବେହେରା ଏକଜିକ୍ୟୁଟିଭ୍ ମାଜିଷ୍ଟ୍ରେଟଙ୍କ ସହ ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରି ପ୍ରତିଶ୍ରୁତି ଦେବା ପରେ ପରିସ୍ଥିତି ସ୍ୱାଭାବିକ ହୋଇଥିଲା। ଅପରାହ୍ଣ ପ୍ରାୟ ସାଢ଼େ ୧ଟାରେ ଗ୍ରାମବାସୀ ରାସ୍ତାରୁ ଉଠିବା ପରେ ଯାତାୟାତ ସ୍ୱାଭାବିକ ହୋଇଥିଲା। ପୁଲିସ ଶବ ଦୁଇଟିକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏ ନେଇ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ମୃତଦ୍ୱୟଙ୍କ ପରିବାରକୁ ଜିଲ୍ଲା ରେଡକ୍ରସ୍ ପାଣ୍ଠିରୁ ୨୦ ହଜାର ଟଙ୍କା ଲେଖାଏଁ ସହାୟତା ପ୍ରଦାନ କରାଯାଇଛି।



ସୂଚନାନୁଯାୟୀ, ଗିରିଜା ଓ କ୍ଷୀରୋଦ ଘରକୁ ଫେରୁଥିବା ବେଳେ ଗାଁ ଛକ ନିକଟରେ ଦ୍ରୁତଗତିରେ ଆସୁଥିବା ଏକ କାର୍ ଭାରସାମ୍ୟ ହରାଇ ତାଙ୍କ ଉପରେ ମାଡ଼ି ଯାଇଥିଲା। ଉତ୍ତ୍ୟକ୍ତ ଲୋକେ କାର୍ ଚାଳକ ଜଗତସିଂହପୁରର ଚୌଧୁରୀ ଜଗନ୍ନାଥ ଜେନାଙ୍କୁ ନିସ୍ତୁକ ମାଡ଼ ମାରିଥିଲେ। ଖବର ପାଇ ବଡ଼ଗାଁ ଏବଂ ସୁନ୍ଦରଗଡ଼ ସଦର ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି କାର୍ ଚାଳକଙ୍କୁ ଉଦ୍ଧାର କରି ଡାକ୍ତରଖାନାରେ ଭର୍ତ୍ତି କରାଇଥିଲା।

■ ଫାଣ୍ଡି ଅଧିକାରୀଙ୍କୁ ହତ୍ୟା ମାମଲା

# ଦୋଷୀକୁ ଆଜୀବନ କାରାଦଣ୍ଡ

**ଶେରଗଡ଼/ଆସିକା,୧୫ ।୧୧(ସମିସ):** ଗଞ୍ଜାମ ଜିଲ୍ଲା ଶେରଗଡ଼ ଥାନାର ପୂର୍ବତନ ଫାଣ୍ଡି ଅଧିକାରୀ ମନୋରଞ୍ଜନ ମିଶ୍ରଙ୍କୁ ଗୁଳି କରି ହତ୍ୟା ମାମଲାର ଚୂଡ଼ାନ୍ତ ରାୟ ବୁଧବାର ପ୍ରକାଶ ପାଇଛି। ଆସିକା ଅତିରିକ୍ତ ଜିଲ୍ଲା ଦୌରାଜଜ୍ ପ୍ରବୀର କୁମାର ଚୌଧୁରୀ ଏହି ମାମଲାର ବିଚାର କରି ଅଭିଯୁକ୍ତ ସୁଶାନ୍ତ ବେହେରାକୁ ଦୋଷୀ ସାବ୍ୟସ୍ତ କରିବା ସହ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ମାମଲାର ବିବରଣୀରୁ ପ୍ରକାଶ, ୨୦୧୦ ମସିହା ନଭେମ୍ବର ୨୬ ତାରିଖ ରାତିରେ ଶେରଗଡ଼ ଫାଣ୍ଡିର ତତ୍କାଳୀନ ଭାରପ୍ରାପ୍ତ ଅଧିକାରୀ ମନୋରଞ୍ଜନ ମିଶ୍ର ଡ୍ୟୁଟି ସାରି ରାତି ପ୍ରାୟ ୧୧ଟାରେ ନିଜ ବାଇକ୍‌ରେ ଘରକୁ ଫେରୁଥିଲେ। ତାକରଡ଼ା ପୋଲ ନିକଟରେ ଥିବା ଏକ ପାନ ଦୋକାନରେ ସୁଶାନ୍ତ ବେହେରା, ସୁନୀଲ ବେହେରା ଓ ସମୀର ପଣ୍ଡାଙ୍କୁ ସଂଦିଗ୍ଧ ଅବସ୍ଥାରେ ଦେଖି ମନୋରଞ୍ଜନ ସେମାନଙ୍କୁ ପ୍ରଶ୍ନ କରିଥିଲେ। ଏହାକୁ ନେଇ ସେମାନଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ଏଥିରେ ଉତ୍‌କ୍ଷିପ୍ତ ହୋଇ ଅଭିଯୁକ୍ତମାନେ ଅତି ନିକଟରୁ ଗୁଳି କରି ମନୋରଞ୍ଜନଙ୍କୁ ହତ୍ୟା କରିଥିଲେ ବୋଲି ଅଭିଯୋଗ ହୋଇଥିଲା। ଦୀର୍ଘ ୧୩ ବର୍ଷ ପରେ ଆଜି ଏହି ମାମଲାର ଚୂଡ଼ାନ୍ତ ଶୁଣାଣି କରି ଏଡିଜେ କୋର୍ଟ ସୁନୀଲ ବେହେରାଙ୍କୁ ନିର୍ଦ୍ଦୋଷରେ ଖଲାସ କରିଥିବା ବେଳେ ସୁଶାନ୍ତକୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଅନ୍ୟ ଅଭିଯୁକ୍ତ ସମୀର ପଣ୍ଡା ଆଜି କୋର୍ଟରେ ଅନୁପସ୍ଥିତ ଥିବାରୁ ତାଙ୍କର ରାୟକୁ ସ୍ଥଗିତ ରଖାଯାଇ ତାଙ୍କ ବିରୋଧରେ ଜାମିନ ବିହୀନ ଗିରଫ ପରୱାନା ଜାରି କରାଯାଇଛି। ପିପି ତ୍ରିଲୋଚନ ପରିଡ଼ା ମାମଲା ପରିଚାଳନା କରୁଥିଲେ।

# ନାବାଳିକା ଦୁଷ୍କର୍ମକାରୀକୁ ୨୦ ବର୍ଷ ଜେଲ୍

**ଫୁଲବାଣୀ,୧୫।୧୧(ସମିସ):** ଫୁଲବାଣୀ ପୋକ୍‌ସୋ କୋର୍ଟ ବିଚାରପତି ସଞ୍ଜିତ ବେହେରା ଏକ ନାବାଳିକା ଦୁଷ୍କର୍ମ ମାମଲାର ଶୁଣାଣି କରି ଦୋଷୀକୁ ୨୦ବର୍ଷ ଜେଲ୍ ଓ ୨୦ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି। ଜରିମାନା ଅନାଦେୟ ହେଲେ ଅଧିକ ୬ ମାସ ଜେଲ୍ ଭୋଗିବାକୁ ପଡ଼ିବ ବୋଲି ଅଦାଲତ ତାଙ୍କ ରାୟରେ ଉଲ୍ଲେଖ କରିଛନ୍ତି। ଦୋଷୀଜଣଙ୍କ ହେଲେ, ବାଲିଗୁଡ଼ା ଥାନା ବାରଖମାର ଅଞ୍ଚଳର ଆଶିଷ କୁମାର ନାୟକ ଓରଫ୍ ଅଶୋକ। ୨୦୨୦ ଡିସେମ୍ବର ୧ ତାରିଖରେ କ.ନୂଆଗାଁ ଥାନା ଅଞ୍ଚଳର ଜଣେ ନାବାଳିକା ବାଲିଗୁଡ଼ା ବଜାରକୁ ଯାଇଥିବା ବେଳେ ଅଶୋକ ତାଙ୍କୁ ଅପହରଣ କରି ଦୁଷ୍କର୍ମ କରିଥିଲା। କ.ନୂଆଗାଁ ପୁଲିସ ଏକ ମାମଲା ରୁଜୁ କରି ଅଶୋକକୁ ଗିରଫ କରିଥିଲା। ସ୍ୱତନ୍ତ୍ର ପିପି ଅସୀମ ପ୍ରହରାଜ ମାମଲା ପରିଚାଳନା କରୁଥିଲେ।

୭୦ତମ ନିଖିଳ ଭାରତ ସମବାୟ ସପ୍ତାହ

# ରାଜ୍ୟରେ ସଶକ୍ତ ହୋଇଛି ସମବାୟ ଆନ୍ଦୋଳନ

**ଭୁବନେଶ୍ୱର,୧୫ ।୧୧(ସମିସ):** ସମବାୟ ଏକ ଆନ୍ଦୋଳନ ଏବଂ ଆମ ରାଜ୍ୟରେ ଏହା ସଶକ୍ତ ହୋଇଛି। '୫-ଟି' ଉପକ୍ରମରେ କୃଷକକୈନ୍ଦ୍ରିକ ଆର୍ଥିକ ସଂସ୍ଥାଗୁଡ଼ିକର କାର୍ଯ୍ୟରେ ସ୍ୱଚ୍ଛତା ଆଣିବା ପାଇଁ ପାକ୍ସ ଓ ଲାମ୍ପସ୍‌ଗଡ଼ିକରେ କମ୍ପ୍ୟୁଟରୀକରଣ ହେବାରେ ଓଡ଼ିଶା ଭାରତର ପ୍ରଥମ ରାଜ୍ୟ। ୭୦ତମ ନିଖିଳ ଭାରତ ସମବାୟ ସପ୍ତାହ ପାଳନ ଅବସରରେ ସାଧାରଣ ଉଦ୍ୟୋଗ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହା କହିଛନ୍ତି। ସମ୍ମାନିତ ଅତିଥି ସମବାୟ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ କହିଲେ ଯେ କୃଷକ, ବୁଣାକାର, କ୍ଷୁଦ୍ର ବ୍ୟବସାୟୀ ଓ ଆର୍ଥିକ ଅନଗ୍ରସର ଶ୍ରେଣୀ ଲୋକଙ୍କ ବିକାଶ ପାଇଁ ରାଜ୍ୟ ସମବାୟ ବିଭାଗ କାର୍ଯ୍ୟ କରୁଛି। ନିଜସ୍ୱ ଜମି ଥିବା ପାକ୍ସ ଓ ଲାମ୍ପସ୍‌ଗୁଡ଼ିକୁ ଭିତ୍ତିଭୂମି ଉନ୍ନତି ପାଇଁ



● ଅର୍ବାନ୍ କୋଅପରେଟିଭ୍ ବ୍ୟାଙ୍କ ବର୍ଗରେ କେନ୍ଦ୍ରାପଡ଼ା ପ୍ରଥମ

୨୫ ଲକ୍ଷ ଟଙ୍କା ଲେଖାଏଁ ଯୋଗାଇ ଦିଆଯାଇଛି। ଓଡ଼ିଶାର ସମବାୟର ସୁବର୍ଣ୍ଣ ଯୁଗ ଆରମ୍ଭ ହୋଇଛି। କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ପ୍ରମୁଖ ଶାସନ ସଚିବ ଡ. ଅରବିନ୍ଦ ପାଢ଼ୀ, ସମବାୟ ବିଭାଗ ସଚିବ ଅରବିନ୍ଦ ଅଗ୍ରୱାଲ, ଓଡ଼ିଶା ରାଜ୍ୟ ସମବାୟ ବ୍ୟାଙ୍କର ସଭାପତି ଟି. ପ୍ରସାଦରାଓ ଦୋରା, ରାଜ୍ୟ ସମବାୟ ୟୁନିୟନ୍‌ର ସଭାପତି ସୁଶ୍ରୀ ପ୍ରବାସିନୀ ଷଡ଼ଙ୍ଗୀ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ଅର୍ବାନ୍ କୋ-ଅପରେଟିଭ୍ ବ୍ୟାଙ୍କ ବର୍ଗରେ ପ୍ରଥମ ସ୍ଥାନ ଅଧିକାର କରିଥିବାରୁ କେନ୍ଦ୍ରାପଡ଼ା ଅର୍ବାନ୍ କୋଅପରେଟିଭ୍ ବ୍ୟାଙ୍କର ସିଇଓ ଭାଗ୍ୟଲକ୍ଷ୍ମୀ ପଣ୍ଡା ପୁରସ୍କାର ଗ୍ରହଣ କରିଥିଲେ।




## ଅଗ୍ନିବିପନ୍ନ ପରିବାରକୁ ସହାୟତାର ସୁଅ



**ରାଜନଗର, ୧୫ ।୧୧(ସମିସ):** ଭୟାବହ ଅଗ୍ନିକାଣ୍ଡରେ ରାଜନଗର ବ୍ଲକ ଈଶ୍ୱରପୁର ପଞ୍ଚାୟତ ଦିଘି ଗାଁର ଦୟାନିଧି ସେଠୀଙ୍କ ୨ ବଖରା ଘର ନଗଦ ଟଙ୍କା, ଧାନ, ଚାଉଳ, ବାଇକ୍ ସମେତ ଘରର ସମସ୍ତ ଆସବାସ ପତ୍ର ପୋଡି ପାଉଁଶ ହୋଇଯାଇଛି । ଅଗ୍ନିବିପନ୍ନ ପରିବାରକୁ ପୂର୍ବତନ ବିଧାୟକ ଅଂଶୁମାନ ମହାନ୍ତି ଭେଟି ସମବେଦନା ଜଣାଇବା ସହ ଆର୍ôଥକ ସହାୟତା ପ୍ରଦାନ କରିଥିଲେ । ସରପଞ୍ଚ ସୁରେଖା ପ୍ରଧାନ, ଅଶୋକ ବଳ, ରଞ୍ଜନ ରାଉତ, ହୃଷିକେଶ ପ୍ରଧାନ, ମାଗୁଣି ଲେଙ୍କା, ଅନନ୍ତ ସେଠୀ ପ୍ରମୁଖ ଭେଟି ସମବେଦନା ଜଣାଇଥିଲେ । ସେହିଭଳି ରାଜନଗର ପଞ୍ଚାୟତ ସମିତି ଅଧକ୍ଷା ପ୍ରତିଭା ପାତ୍ର, ତହସିଲଦାର ଅଜୟ ମହାନ୍ତି ବିପନ୍ନ ପରିବାରକୁ ଭେଟି ସମବେଦନା ଜଣାଇବା ସହ ରେଡକ୍ରସ ପାଣ୍ଠିରୁ ୨୦ହଜାର ଟଙ୍କା ସହାୟତା ପ୍ରଦାନ କରିଛନ୍ତି । ନିରଞ୍ଜନ ରାଉତ, ଘଡିଆମାଳ ସରପଞ୍ଚ ଶୈଳେନ୍ଦ୍ର ମିଶ୍ର, ଶୁଭ୍ରକାନ୍ତ ଭ୍ରମରରାୟ, ରାଜେଶ ନାୟକ ପ୍ରମୁଖ ବିପନ୍ନ ପରିବାରକୁ ଭେଟି ସମବେଦନା ଜଣାଇବା ସହ ଖାଦ୍ୟ ସାମଗ୍ରୀ ଯୋଗାଇ ଦେଇଛନ୍ତି । ସେହିପରି ରାଷ୍ଟ୍ରିୟ ବଜରଙ୍ଗ ଦଳ ରାଜନଗର ପ୍ରଖଣ୍ଡ ପକ୍ଷରୁ ସରୋଜ ଦାସଙ୍କ ନେତୃତ୍ୱରେ ବିପନ୍ନ ପରିବାରକୁ ଖାଦ୍ୟ ସାମଗ୍ରୀ, କମ୍ବଳ, ପାଲ ଯୋଗାଇ ଦିଆଯାଇଛି । ସାଇନ ଫାଉଣ୍ଡେସନ ପକ୍ଷରୁ ପଲିଥିନ, କମ୍ବଳ ସହିତ ରାସନ ସାମଗ୍ରୀ ଯୋଗାଇ ଦିଆଯାଇଛି । ଟ୍ରଷ୍ଟର ନିହାର ରଞ୍ଜନ ବିଶ୍ୱାଳ, ଶୁଭ୍ରକାନ୍ତ ନାୟକ, ତପନ ମହାନ୍ତି, ପ୍ରତାପ ନାୟକ, ସର୍ବେଶ୍ୱର ମଲ୍ଲିକ, ଅମିତାଭ ପରିଡ଼ା, ସୌମ୍ୟ ରଞ୍ଜନ ବଳ, ବିଷ୍ଣୁ ଚରଣ ଦାସ ପ୍ରମୁଖ ପହଞ୍ଚି ବିପନ୍ନ ପରିବାରକୁ ସମବେଦନା ଜଣାଇବା ସହ ସହାୟତା ଯୋଗାଇ ଦେଇଛନ୍ତି ।

## ବିଜେଡିରେ ମିଶିଲେ ୨୭ ପରିବାର

**ଆଳି, ୧୫ ।୧୧(ସମିସ):** ଆଳି ବ୍ଲକ ମାଣିକପାଟଣା ପଞ୍ଚାୟତରେ ବିଜେଡିର ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି । ଆଳି ବ୍ଲକ ବିଜେଡି ସମ୍ପାଦକ ମୀନକେତନ ପାତ୍ର ଓ ଯୁବ ସଂଗଠକ ସଞ୍ଜୟ ପରିଡ଼ାଙ୍କ ନେତୃତ୍ୱରେ ପଞ୍ଚାୟତର ୨୭ ପରିବାର ବିଜେଡିରେ ଯୋଗ ଦେଇଛନ୍ତି । ଏହି ଅବସରରେ ଅଳିହା ଗ୍ରାମର ମା' ଦରିଆଚଣ୍ଡି ମନ୍ଦିର ପ୍ରାଙ୍ଗଣରେ ରାଧେଶ୍ୟାମ ବେହେରାଙ୍କ ଅଧକ୍ଷତାରେ ଆୟୋଜିତ ମିଶ୍ରଣ ପର୍ବରେ ଉମେଶ ବିଶ୍ୱାଳ, ଦିବାକର ସେଠୀ, ଜଗବନ୍ଧୁ ପରିଡ଼ା, ଅଙ୍କୁର ଦାସ, ନିତ୍ୟାନନ୍ଦ ପାତ୍ର, ବ୍ରହ୍ମାନନ୍ଦ ବେହେରା, ରଞ୍ଜନ ଦାସ, ଶ୍ରୀଧର ସେଠୀ ପ୍ରମୁଖଙ୍କ



ସମେତ ୨୭ ପରିବାର କଂଗ୍ରେସ ଛାଡି ବିଜେଡିରେ ସାମିଲ ହୋଇଥିଲେ । ବିଜୁ ଜନତା ଦଳ ପକ୍ଷରୁ ଦଳୀୟ ଉତ୍ତରୀୟ ଦେଇ ସେମାନଙ୍କୁ ଦଳକୁ ସ୍ୱାଗତ କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ସନ୍ତୋଷ ବେହେରା, ସୁରେନ୍ଦ୍ର ଦାସ, ମନୋଜ ପରିଡ଼ା, କପିଳ ବରାଳ ପ୍ରମୁଖ ପରିଚାଳନା କରିଥିଲେ ।

## କର୍କଟ ପୀଡିତଙ୍କୁ ରେଡ୍‌କ୍ରସ୍‌ରୁ ସହାୟତା



**ରାଜନଗର, ୧୫ ।୧୧(ସମିସ):** ରାଜନଗର ବ୍ଲକ ଓସ୍ତିଆ ପଞ୍ଚାୟତ ଭଗବାନପୁର ଗ୍ରାମର ବୀରକିଶୋର ସାହୁ (୫୫) ଏକ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି କର୍କଟ ରୋଗରେ ଆକ୍ରାନ୍ତ ହୋଇ ଚିକିତ୍ସିତ ହେଉଛନ୍ତି । ସେ ବିଜୁ ସ୍ୱାସ୍ଥ୍ୟ କାର୍ଡ ମାଧ୍ୟମରେ ଚିକିତ୍ସା ହେଉଥିଲେ । କାର୍ଡରେ ଅର୍ଥ ସରିଯିବାରୁ ସେ ଏବେ ଘରେ ରୋଗ ଯନ୍ତ୍ରଣା ମଧ୍ୟରେ ଦିନ କାଟୁଛନ୍ତି । ଆର୍ôଥକ ଅବସ୍ଥା ସ୍ୱଚ୍ଛଳ ନ ଥିବାରୁ ଚିକିତ୍ସାରେ ଅର୍ଥ ବାଧକ ସାଜିଛି । ଏ ନେଇ ପରିବାର ଲୋକେ ଆର୍ôଥକ ସହାୟତା ପାଇଁ ରାଜନଗର ବିଧାୟକ ଧ୍ରୁବ ସାହୁଙ୍କୁ ନିବେଦନ କରିଥିଲେ । ବିଧାୟକ ଶ୍ରୀ ସାହୁ ଏ ନେଇ କେନ୍ଦ୍ରାପଡ଼ା ଜିଲ୍ଲାପାଳ ଅମ୍ରିତ ଋତୁରାଜଙ୍କ ସହିତ ଆଲୋଚନା କରିବା ପରେ ରେଡକ୍ରସ ପାଣ୍ଠିରୁ ତାଙ୍କୁ ୨୦ହଜାର ଟଙ୍କାର ଆର୍ôଥକ ସହାୟତା ପ୍ରଦାନ କରାଯାଇଛି । ରାଜନଗର ପଞ୍ଚାୟତ ସମିତି ଅଧକ୍ଷା ପ୍ରତିଭା ପାତ୍ର, ରାଜନଗର ତହସିଲଦାର ଅଜୟ ମହାନ୍ତି, ଡେରା ସରପଞ୍ଚ ନିରଞ୍ଜନ ରାଉତ ପ୍ରମୁଖ ବୀରକିଶୋରଙ୍କ ଘରେ ପହଞ୍ଚି ଏହି ସହାୟତା ରାଶି ପ୍ରଦାନ କରିଛନ୍ତି ।

● ୨୦୨୩-୨୪ ଖରିଫ ବର୍ଷ ନିମନ୍ତେ ଜିଲ୍ଲାସ୍ତରୀୟ ଧାନ ସଂଗ୍ରହ ସମିତି ବୈଠକ

# ସୁରୁଖୁରୁରେ ଧାନ ସଂଗ୍ରହ କରିବାକୁ ପରାମର୍ଶ

କେନ୍ଦ୍ରାପଡ଼ା, ୧୫ ।୧୧(ସମିସ)



କେନ୍ଦ୍ରାପଡ଼ା ଜିଲ୍ଲାସ୍ତରୀୟ ଧାନ ସଂଗ୍ରହ ସମିତି ବୈଠକ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ରାଜେନ୍ଦ୍ର ପଣ୍ଡା ଅଧକ୍ଷତା କରିଥିଲେ । ଉପ-ଜିଲ୍ଲାପାଳ ରବୀନ୍ଦ୍ର ପ୍ରଧାନ ସଭା କାର୍ଯ୍ୟ ପରିଚାଳନା କରିବା ସହ ଗତ ବର୍ଷର ବିବରଣୀ ପାଠ କରିଥିଲେ । ବିଧାୟକ ଶଶୀଭୂଷଣ ବେହେରା ଏହି ସଭାରେ ଯୋଗ ଦେଇ ବିଗତ ବର୍ଷ ପରି ଚଳିତ ବର୍ଷ ସ୍ୱଚ୍ଛ, ବଳିଷ୍ଠ ଓ ବିନା ବାଧାବିଘ୍ନରେ ଚାଷୀଙ୍କଠାରୁ ଧାନ ସଂଗ୍ରହ କରାଯିବା ଉପରେ ଗୁରୁତ୍ୱାରୋପ କରିଥିଲେ ।

ଜିଲ୍ଲା ଯୋଗାଣ ଅଧିକାରୀ ଶ୍ରୀନିବାସ ସାହୁ ଚଳିତ ଖରିଫ୍ ବର୍ଷ ୨୦୨୩-୨୪ ନିମନ୍ତେ ନିଆଯାଇଥିବା ପଦକ୍ଷେପ ବିଷୟରେ ଅବଗତ କରାଇଥିଲେ । ଚଳିତ ବର୍ଷ ସରକାର ସାଧାରଣ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ଟ.୨୧୮୩ଙ୍କା ଏବଂ ଗ୍ରେଡ୍-ଏ ଧାନର ମୂଲ୍ୟ ଟ.୨୨୦୩ଙ୍କା ସ୍ଥିର କରିଛନ୍ତି । ୪୧୭୬୫ ପଞ୍ଜୀକୃତ ଚାଷୀଙ୍କଠାରୁ ୧୧୮ଟି ମଣ୍ଡି ଓ ୩୧ଟି ମିଲ୍ ମାଧ୍ୟମରେ ଉତ୍ପାଦିତ ଧାନ କ୍ରୟ କରିବାର ବ୍ୟବସ୍ଥା କରାଯାଇଛି । ଚାଷୀ ଧାନ ବିକ୍ରି କରିବାର ୨୪ରୁ ୪୮ ଘଣ୍ଟା ମଧ୍ୟରେ ସେମାନଙ୍କ ବ୍ୟାଙ୍କ ଖାତାରେ ବିକ୍ରି ଅର୍ଥ ଜମା ହୋଇଯିବ ବୋଲି ଜଣାଇଥିଲେ ।

ଚଳିତ ବର୍ଷ ଚାଷୀ ଅଗ୍ରୀମ ଟୋକନ୍ ସମ୍ପର୍କରେ ମୋବାଇଲ ଏସ୍ଏମ୍ଏସ୍ ଜରିଆରେ ସୂଚନା ପାଇପାରିବେ ଏବଂ ସମସ୍ତ ସୋସାଇଟି ନିଜ କାର୍ଯ୍ୟାଳୟରେ ଟୋକନ ପାଇଥିବା ଚାଷୀଙ୍କ ତାଲିକା ପ୍ରଦର୍ଶନ କରିବାକୁ ସୂଚନା ଦେଇଥିଲେ । ଅନ୍‌ଲାଇନ ରେଜିଷ୍ଟ୍ରେସନରେ ସ୍ୱଚ୍ଛତା, ଅଭାବୀ ବିକ୍ରି, ସମୟ ଅନୁଯାୟୀ ଧାନର ଉଠାଣ, କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କୁ ଅଗ୍ରାଧିକାର ଓ କେନାଲଗୁଡିକରେ ପାଣି ଆସୁ ନ ଥିବା ଇତ୍ୟାଦି ଚାଷୀ ପ୍ରତିନିଧିଙ୍କ ପ୍ରଶ୍ନର ଉତ୍ତରରେ ଶ୍ରୀ ପଣ୍ଡା ଉପସ୍ଥିତ ସମ୍ପୃକ୍ତ ଅଧିକାରୀଙ୍କୁ ଗୁରୁତର ସହ ବିଚାର କରି ସମସ୍ୟାଗୁଡିକର ସମାଧାନ ପାଇଁ ନିର୍ଦ୍ଦେଶ ଦେଇଥିଲେ । ଧାନ କିଣା ପୂର୍ବରୁ ଆବଶ୍ୟକ ସରଞ୍ଜାମ ଯୋଗାଇ ଦେବା ପାଇଁ ନିୟନ୍ତ୍ରିତ ବଜାର କମିଟି ସମ୍ପାଦକଙ୍କୁ ନିର୍ଦ୍ଦେଶ ଦେଇଥିଲେ । ତେବେ ଧାନ ଉତ୍ପାଦନ ସମୟକୁ ଲକ୍ଷ୍ୟ କରି ଚାଷୀ ପ୍ରତିନିଧି ୨୦୨୪ ଜାନୁଆରୀ ୫ ତାରିଖରୁ ଧାନମଣ୍ଡି ଖୋଲିବା ପାଇଁ ପ୍ରସ୍ତାବ ଦେଇଥିଲେ । ଏହି ପ୍ରସ୍ତାବକୁ ବୈଠକରେ ସର୍ବସମ୍ମତି କ୍ରମେ ଗୃହୀତ କରାଯାଇଛି ।

ଚଳିତ ବର୍ଷ ନିମନ୍ତେ ଜଣେ ଚାଷୀଠାରୁ ଏକକାଳୀନ ସର୍ବାଧିକ ୫୦ କୁଇଣ୍ଟାଲ ଧାନ ସଂଗ୍ରହ କରାଯିବା, ସପ୍ତାହକୁ ୩ ଦିନ ମଣ୍ଡି ପରିଚାଳନା ଓ ସକାଳ ୮ ଘଟିକାରୁ ଅପରାହ୍ନ ୨ ଘଟିକା ମଧ୍ୟରେ ଚାଷୀ ମଣ୍ଡିରେ ଧାନ ପହଞ୍ଚାଇବା ଆଦି ବ୍ୟବସ୍ଥା କରାଯାଇଛି ।

ଅତିରିକ୍ତ ଯୋଗାଣ ଅଧିକାରୀ ପ୍ରଫୁଲ୍ଲ ଦାସ ତାଙ୍କ ଅଭିଭାଷଣରେ ଧାନର ଏଫ୍ଏକ୍ୟୁ ମାନ ବିଷୟରେ ସବିଶେଷ ତଥ୍ୟ ପ୍ରଦାନ କରିଥିଲେ । ଚାଷୀ କିପରି ଏ ବିଷୟରେ ସମ୍ପୂର୍ଣ୍ଣ ଭାବରେ ସଚେତନ ହେବା ସହ ସେମାନଙ୍କ ନିକଟରୁ ଏଫ୍ଏକ୍ୟୁ ମାନର ଧାନ ମଣ୍ଡିକୁ ଆସିପାରିବ ପ୍ରତ୍ୟେକ ସ୍ତରରେ ପ୍ରୟାସ କରିବାର ଆବଶ୍ୟକତା ରହିଛି ବୋଲି କହିଥିଲେ । ଏହି ସଭାରେ ଜଳସେଚନ ନିର୍ବାହୀ ଯନ୍ତ୍ରୀ, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ, ଏଆର୍‌ସିଏସ୍ ସନ୍ତୋଷ ଦାସ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ସତ୍ୟଭାମା ସେଠୀ, ଜିଲ୍ଲା ଯୋଗାଣ ବିଭାଗର ଅତିରିକ୍ତ ଯୋଗାଣ ଅଧିକାରୀ ପ୍ରଦୀପ ମହାପାତ୍ର, ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅଶୋକ ବଳିଆରସିଂହ, ସମ୍ପାଦକ, ନିୟନ୍ତ୍ରିତ ବଜାର କମିଟି, ଚାଷୀ ପ୍ରତିନିଧି ନୃସିଂହ ଚରଣ ସାମଲ, ବାବୁରାମ ନାୟକ, ହେମନ୍ତ କର, ମିଲର ସଂଘର ସଭାପତି ଧ୍ରୁବ ଚରଣ ସାହୁ, ସମ୍ପାଦକ ସୌମ୍ୟରଞ୍ଜନ ସ୍ୱାଇଁ ଏବଂ ସମସ୍ତ ସହକାରୀ ଯୋଗାଣ ଅଧିକାରୀ ଓ ଯୋଗାଣ ନିରୀକ୍ଷକ ପ୍ରମୁଖ ଉପସ୍ଥିତ ଥିଲେ ।

# 'ଆସନ୍ନ ମରୁଡ଼ିର ପ୍ରତିକାର କର'



କେନ୍ଦ୍ରାପଡ଼ା, ୧୫ ।୧୧(ସମିସ)

ସମଗ୍ର କେନ୍ଦ୍ରାପଡ଼ା ଜିଲ୍ଲାକୁ ମରୁଡ଼ି ଘୋଷଣା କର । ଏଭଳି ଦାବି କରିଛି ଓଡ଼ିଶା କୃଷକ ସଭାର କେନ୍ଦ୍ରାପଡ଼ା ଜିଲ୍ଲା କମିଟି । ଏ ନେଇ ଜିଲ୍ଲାପାଳଙ୍କ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ଅତିରିକ୍ତ ଜିଲ୍ଲାପାଳ ନିଲୁ ମହାପାତ୍ରଙ୍କୁ ଏକ ଦାବିପତ୍ର ମଧ୍ୟ ପ୍ରଦାନ କରାଯାଇଛି ।

ସାରା ଜିଲ୍ଲାର ୯ଟି ବ୍ଲକ ଓ ୨ଟି ମୁନିସିପାଲିଟିରେ ଆଜି ସୁଦ୍ଧା ପ୍ରାୟ ୩୦ଭାଗ ଜମିରେ ପାଣି ଅଭାବରୁ ମରୁଡ଼ି ହେଇ ସାରିଲାଣି । ବର୍ଷା ନାହିଁ କି କେନାଲରେ ପାଣି ନାହିଁ । ସମସ୍ତ ୩ଟି ମୁଖ୍ୟ କେନାଲ ପୋତି ହେବା ସହ ଦଳରେ ଭର୍ତ୍ତି ହେଇଯାଇଛି । ମୁଖ୍ୟ କେନାଲରେ ପାଣି ନ ଥିଲେ ଶାଖା କେନାଲରେ କେମିତି ପାଣି ଆସିବ ବୋଲି ଆନ୍ଦୋଳନକାରୀ ପ୍ରଶାସନକୁ ପ୍ରଶ୍ନ ପଚାରିଛନ୍ତି ।

ପ୍ରତିବର୍ଷ କୋଟି କୋଟି ଟଙ୍କା କେନାଲ ସଫେଇ ପାଇଁ ଖର୍ଚ୍ଚ ହେଉଛି; କିନ୍ତୁ ଚାଷୀ ପାଣି ମୁନ୍ଦେ ପାଉନି । ଚାଷୀ ଚାଷ ବଞ୍ଚାଇବା ପାଇଁ ଦିନ ରାତି ଏକାକାର କରି ଦେଇ ଚିନ୍ତାରେ ପଡ଼ିଯାଇଛନ୍ତି । ଅନ୍ୟପକ୍ଷରେ ଜିଲ୍ଲାର ସମସ୍ତ ନଦୀରେ କୁମ୍ଭୀର ଉପଦ୍ରବ ଯୋଗୁଁ ନଦୀ ତଟବର୍ତ୍ତୀ ଜମିରେ ପାଣି ମଡାଇବା ପାଇଁ ଚାଷୀ ସାହସ କରି ପାରୁନାହାନ୍ତି । ଯଦି ଏହି ପ୍ରକ୍ରିୟା ଚାଲୁ ରହେ ଆଉ ୧୫ ଦିନ ମଧ୍ୟରେ ଧାନ ଶୁଖି ଝୋଟ ହେଇଯିବ । ବର୍ଷକର ଦାନା ମାଟିରେ ମିଶିଯିବ । ଜିଲ୍ଲା ପ୍ରଶାସନ, ଜିଲ୍ଲା କୃଷି ବିଭାଗ ଓ ଜିଲ୍ଲା ଜଳ ସମ୍ପଦ ବିଭାଗ ତୁରନ୍ତ ପଦକ୍ଷେପ ନ ନେଲେ ବ୍ୟାପକ ଫସଲ ହାନି ଘଟିବ ବୋଲି କୃଷକ ସଭା କହିଛି । ଏଣୁ ସମଗ୍ର କେନ୍ଦ୍ରାପଡ଼ା ଜିଲ୍ଲାକୁ ମରୁଡ଼ି ଘୋଷଣା କରିବା ସହିତ ଜିଲ୍ଲାର ସମସ୍ତ କେନାଲରେ ପର୍ଯ୍ୟାପ୍ତ ପରିମାଣରେ ଜଳ ଛାଡିବା, କୁମ୍ଭୀର ଉପଦ୍ରୁତ ସମସ୍ତ ନଦୀ ପାଖିଆ ଜମିରେ ଚାଷୀଙ୍କୁ ସୁରକ୍ଷା ଦେବା ସହିତ ଅତ୍ୟାଧୁନିକ ଯନ୍ତ୍ରପାତି ସାହାଯ୍ୟରେ କୁମ୍ଭୀର ଘଉଡାଇବା, ସମସ୍ତ ଚାଷୀଙ୍କୁ ଅଧା ଦାମରେ ପମ୍ପସେଟ୍ ଯୋଗାଇବା ସହ ଜଳକର ଛାଡ଼ କରିବା ଓ ଜିଲ୍ଲାର ସମସ୍ତ ଚାଷୀଙ୍କଠାରୁ କୃଷି ଋଣ ଛାଡ କରିବା ପାଇଁ ଦାବି କରଛନ୍ତି ।

ଏହି ଆନ୍ଦୋଳନରେ ଜିଲ୍ଲା ସଭାପତି ଗୟାଧର ଧଳ, ଜିଲ୍ଲା ସଭାପତି ଗୟାଧର ଧଳ, ସମ୍ପାଦକ ବିଜୟ ଦାସ, ବରିଷ୍ଠ ନେତା ଉମେଶ ଚନ୍ଦ୍ର ସିଂହ, ମାଧବ ଦାସ, କେନ୍ଦ୍ରାପଡ଼ା ବ୍ଲକ ସମ୍ପାଦକ ରମେଶ ଚନ୍ଦ୍ର ପ୍ରଧାନ, ଦାଶରଥି ସାହୁ, ପ୍ରମୋଦ ବେହେରା, ରବୀନ୍ଦ୍ର ସାହୁ, ଚିଦାନନ୍ଦ ରାଉତ, ସନ୍ତୋଷ ବେହେରା ଓ ସୁନାକର ବେହେରା ପ୍ରମୁଖ ନେତୃତ୍ୱ ନେଇଥିଲେ । ଜିଲ୍ଲା ପ୍ରଶାସନ ୭ଦିନ ମଧ୍ୟରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କଲେ ଚାଷୀ ଜିଲ୍ଲାପାଳଙ୍କ ଅଫିସ ସମ୍ମୁଖରେ ପୁଣି ବଡ଼ ଧରଣର ଆନ୍ଦୋଳନ କରିବାକୁ ଚେତାଇ ଦେଇଛନ୍ତି ।

## ଜିଲ୍ଲାସ୍ତରୀୟ ଜାତୀୟ ବିଜ୍ଞାନ କଂଗ୍ରେସ ଉଦ୍‌ଯାପିତ




କେନ୍ଦ୍ରାପଡ଼ା, ୧୫।୧୧(ସମିସ): ଇଚ୍ଛାପୁର ହାଇସ୍କୁଲରେ ଅନୁଷ୍ଠିତ କେନ୍ଦ୍ରାପଡ଼ା ଜିଲ୍ଲାସ୍ତରୀୟ ଜାତୀୟ ଶିଶୁ ବିଜ୍ଞାନ କଂଗ୍ରେସ ଉଦ୍‌ଯାପିତ ହୋଇଯାଇଛି । ପ୍ରାକ୍ତନ ଜିଲ୍ଲା ବିଜ୍ଞାନ ପରିଦର୍ଶକ ପୀତବାସ ପଣ୍ଡାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବରେ ଭାରପ୍ରାପ୍ତ ସହକାରୀ ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀକାନ୍ତ ବେହେରା, ସମ୍ମାନୀତ ଅତିଥି ଭାବେ ଜିଲ୍ଲା ବିଜ୍ଞାନ ପରିଦର୍ଶକ ନିଶିଧ ବାରିକ, ଅନ୍ୟତମ ଜିଲ୍ଲା ବିଜ୍ଞାନ ପରିଦର୍ଶକ ପ୍ରକାଶ ପରିଡ଼ା, ପ୍ରାକ୍ତନ ଜଗତସିଂହପୁର ଜିଲ୍ଲା ପ୍ରାକ୍ତନ ବିଜ୍ଞାନ ପରିଦର୍ଶକ ଉତ୍କଳ ରଞ୍ଜନ ମହାନ୍ତି, ଅବସରପ୍ରାପ୍ତ ଯାଜପୁର ଜିଲ୍ଲା ବିଜ୍ଞାନ ପରିଦର୍ଶକ ଅକ୍ଷୟ ପଣ୍ଡା, କୃଷି ବିଭାଗର ପ୍ରାକ୍ତନ ଡେପୁଟି ଡାଇରେକ୍ଟର ପ୍ରଫୁଲ ମହାରଣା, ବୀରହନୁମାନଜୀଉ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ରସାୟନ ବିଭାଗର ଅଧାପକ ହେମନ୍ତ ଶତପଥି ଏବଂ ପ୍ରାଣୀ ବିଜ୍ଞାନ ଅଧାପକ ହେମନ୍ତ ପରିଡ଼ା ଯୋଗ ଦେଇ ଶିଶୁ ବିଜ୍ଞାନ କଂଗ୍ରେସର ଆଭିମୁଖ୍ୟ ସମ୍ପର୍କରେ ଆଲୋଚନା କରିଥିଲେ । ଏଥିରେ କେନ୍ଦ୍ରାପଡ଼ା ଜିଲ୍ଲା ୯ଟି ବ୍ଲକରୁ ୬୦ଟି ପ୍ରକଳ୍ପ ଭାଗ ନେଇଥିବା ବେଳେ ୫ଟି ପ୍ରକଳ୍ପ ଯୋଗ୍ୟ ବିବେଚିତ ହୋଇ ରାଜ୍ୟସ୍ତରକୁ ମନୋନୀତ ହୋଇଛି । ଅନ୍ୟମାନଙ୍କ ମଧ୍ୟରେ ରଞ୍ଜନ ସ୍ୱାଇଁ, ଇଚ୍ଛାପୁର ହାଇସ୍କୁଲର ପ୍ରଧାନ ଶିକ୍ଷକ ରାଜଶ୍ରୀ ଜେନା, ବିଜ୍ଞାନ ଶିକ୍ଷକ ସନ୍ତୋଷ ନାୟକ, ମନୋଜ ଶତପଥୀ, ଶିବ ନାରାୟଣ ମହାନ୍ତି, ମନୋଜ ମହାନ୍ତି, ଦେବରାଜ ନାୟକ, ପ୍ରଧାନ ଶିକ୍ଷକ ଶୁଭ୍ରାଂଶୁ ଦାସ, ଭାଗୀରଥି ମହାନ୍ତି ଓ ପ୍ରଶାନ୍ତ ଦାସ ଯୋଗଦେଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଏଥିରେ କେନ୍ଦ୍ରାପଡ଼ା ଜିଲ୍ଲା ଜାତୀୟ ଶିଶୁ ବିଜ୍ଞାନ ସଂଯୋଜକ ପୀତବାସ ପଣ୍ଡାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଆଦିକନ୍ଦ ସାହୁ ଆବାହନୀ ସଙ୍ଗୀତ ଗାନ କରିଥିବା ବେଳେ ସଙ୍ଘମିତ୍ରା ସାମନ୍ତ ଧନ୍ୟବାଦ ଜ୍ଞାପନ କରିଥିଲେ ।

## କରଣ ସମାଜର ଚିତ୍ରଗୁପ୍ତ ପୂଜା

**କେନ୍ଦ୍ରାପଡ଼ା, ୧୫ ।୧୧(ସମିସ):** କରଣ ସମାଜର କୁଳଗୁରୁ ତଥା ଆରାଧ୍ୟ ଦେବତା ଭଗବାନ ଚିତ୍ରଗୁପ୍ତଙ୍କ ପୂଜା କେନ୍ଦ୍ରାପଡ଼ା ଜିଲ୍ଲା କରଣ ସମାଜ ପକ୍ଷରୁ ମହା ସମାରୋହରେ ପାଳିତ ହୋଇଯାଇଛି । କରଣ ସମାଜ ସଭାପତି ଡାକ୍ତର ରମାନାଥ ମହାନ୍ତିଙ୍କ ନେତୃତ୍ୱରେ ସ୍ଥାନୀୟ ପାହାଡପୁର ମଠ ପରିସରରେ ଆୟୋଜିତ ପୂଜା ଉତ୍ସବରେ କୈଳାସ ଚନ୍ଦ୍ର ମହାନ୍ତି ସଂକଳ୍ପ କରିବା ସହ ଘଟ ସ୍ଥାପନ ଓ ହୋମ କର୍ମ କରିଥିଲେ । ଏହି ଅବସରରେ ସାଙ୍ଗଠନିକ ଆଲୋଚନା କରାଯାଇ ନୂତନ ବର୍ଷର କାର୍ଯ୍ୟପନ୍ଥା ସ୍ଥିର କରାଯାଇଥିଲା । ଏଥିରେ ଅନ୍ୟମାନଙ୍କ ମଧ୍ୟରେ ସଚିନନ୍ଦନ ଦାସ, ରଜନୀକାନ୍ତ ଦାସ, ବସନ୍ତ ମହାନ୍ତି, ଚିତ୍ତରଞ୍ଜନ ଦାସ, ଶୈଳେନ୍ଦ୍ର ମହାନ୍ତି, ସୁଧାଂଶୁ ଶେଖର ରାୟ, ମନୋଜ ମହାନ୍ତି, ପ୍ରଶାନ୍ତ ଦାସ ପ୍ରମୁଖ ଯୋଗ ଦେଇଥିଲେ । ଶେଷରେ ବିଶ୍ୱ ଶାନ୍ତି ପାଇଁ ସମୂହ ପ୍ରାର୍ଥନା କରାଯାଇଥିଲା

# ରାସ୍ତା ପାର୍ଶ୍ୱରେ ତାଳ ମଞ୍ଜି ରୋପଣ

ରାଜନଗର, ୧୫ ।୧୧(ସମିସ)




ବଜ୍ରପାତ ସମୟରେ ଅଞ୍ଚଳକୁ ସୁରକ୍ଷା ଦେଉଥିବା ଓ ବାତ୍ୟା ସମୟରେ ପବନର ଗତି ରୋକିବାରେ ସକ୍ଷମ ହେଉଥିବା ତାଳଗଛ ଲଗାଇବା ସମ୍ପର୍କରେ ଲୋକଙ୍କୁ ସଚେତନ କରିବା ସହ ବନ ବିଭାଗ ପକ୍ଷରୁ ରାସ୍ତା ପାର୍ଶ୍ୱରେ ତାଳ ମଞ୍ଜି ରୋପଣ କରାଯାଇଛି । କନିକା ରେଞ୍ଜ ପକ୍ଷରୁ ନଳିତାପାଟିଆଠାରୁ ତାଳଚୁଆ ଯାଏଁ ନଦୀବନ୍ଧ ରାସ୍ତାର କଡେ କଡେ ତାଳ ମଞ୍ଜି ରୋପଣ କରାଯାଇଛି । ଏହି କାର୍ଯ୍ୟକ୍ରମକୁ ବନଖଣ୍ଡ ଅଧିକାରୀ ସୁଦର୍ଶନ ଗୋପିନାଥ ଯାଦବ ଉଦ୍‌ଘାଟନ କରିବା ସହ ନଳିତାପାଟିଆ ନିକଟରେ ରାସ୍ତା କଡରେ ତାଳ ମଞ୍ଜି ରୋପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ କନିକା ବନାଞ୍ଚଳ ଅଧିକାରୀ ମାନସ ଦାସ, ଇକୋ କ୍ଲବର ଜିଲ୍ଲା ସଂଯୋଜକ ଗୋପିନାଥ ଦାସ, ମାଷ୍ଟରଟ୍ରେନର ପ୍ରଫୁଲ୍ଲ ମହାପାତ୍ର, ଦ୍ୱାରିକାନାଥ ସେନାପତି, ରବୀନ୍ଦ୍ର ପ୍ରସାଦ ଜେନା, ସୁବାସଚନ୍ଦ୍ର ରାଉତ, ଫରେଷ୍ଟର ପ୍ରଶାନ୍ତ ସିଂ, ନାଗାନାରାୟଣ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମାନସ ମିଶ୍ର, ଶିକ୍ଷକ ଓମ୍‌ପ୍ରକାଶ ବାରିକ ପ୍ରମୁଖ ତାଳ ମଞ୍ଜି ରୋପଣ କରିବା ସହ ଏହାର ଉପକାରିତା ସମ୍ପର୍କରେ ବୁଝାଇଥିଲେ । ବନରକ୍ଷୀ ସୁନିଲ ରଞ୍ଜନ ରାଉତରାୟ, ନିରାକାର ବେହେରା, ଟିଟୁ ନାୟକ, ହିମାଂଶୁ ବେହେରା, ଜୟନ୍ତ ସେଠୀ, ଜଗନ୍ନାଥ ଜେନା ପ୍ରମୁଖ ସହଯୋଗ କରିଥିଲେ ।

# ହତ୍ୟା ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡାଦେଶ

କେନ୍ଦ୍ରାପଡ଼ା, ୧୫।୧୧(ସମିସ)

ସଂଘବଧ ଆକ୍ରମଣ କରି ଜଣକୁ ହତ୍ୟା କରିବା ଘଟଣାର ବିଚାର କରାଯାଇ ଜିଲ୍ଲା ଦୌରାଜଜ କୋର୍ଟରେ ଆଜୀବନ ଜେଲ ଦଣ୍ଡାଦେଶ ଦିଆଯାଇଛି । କେନ୍ଦ୍ରାପଡ଼ା ଜିଲ୍ଲା ଦୌରାଜଜ୍ ବିଶ୍ୱଜିତ ମହାନ୍ତି ଏହି ସଙ୍ଘବଦ୍ଧ ଆକ୍ରମଣ ହତ୍ୟା ମାମଲାର ବିଚାର କରି ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡାଦେଶ ପ୍ରଦାନ କରିବା ସହିତ ୫ହଜାର ଟଙ୍କା ଜୋରିମାନାରେ ଦଣ୍ଡିତ କରିଛନ୍ତି ।

ଘଟଣା ମୁତାବକ, କେନ୍ଦ୍ରାପଡ଼ା ଜିଲ୍ଲାର ରାଜକନିକା ଥାନା ପେଗରପଡ଼ା ଗ୍ରାମର ପାଞ୍ଚାଳି ସେଠୀ ତାଙ୍କ ଘର ସମ୍ମୁଖ ରାସ୍ତାରେ ଧାନ ଶୁଖାଇଥଲେ । ୨୦୧୫ ଜୁନ୍ ୯ତାରିଖ ପୂର୍ବାହ୍ନ ସାଢେ ୧୦ଟା ବେଳେ ସେହି ଗ୍ରାମର ଟୁଲୁ ସେଠୀ ଧାନ ଉପରେ ବୋଲେରୋ ଚଢାଇ ଦେଇଥିଲେ । ପାଞ୍ଚାଳି ପ୍ରତିବାଦ କରିବାରୁ ଟୁଲୁ ସହ ଆଦିକନ୍ଦ ସେଠୀ, ବାବାଜୀ ସେଠୀ ଓ କାଳନ୍ଦୀ ସେଠୀ ପାଞ୍ଚାଳିଙ୍କ ଉପରେ ଆକ୍ରମଣ କରିଥିଲେ । ଏହାଦେଖି ପାଞ୍ଚାଳିଙ୍କ ଶଶୁର ବେଣୁଧର ସେଠୀ ପ୍ରତିବାଦ କରିବାରୁ ସେମାନେ ଏକ ଲୁହା ରଡ୍‌ରେ ବେଣୁଧରଙ୍କ ମୁଣ୍ଡକୁ ପିଟି ଦେଇଥିଲେ । ଗୁରୁତର ଅବସ୍ଥାରେ ବେଣୁଧରଙ୍କୁ ପ୍ରଥମେ ରାଜକନିକା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥଲା । ପରେ ତାଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ କଟକ ବଡ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଥିଲା । ସେଠାରେ ବେଣୁଧରଙ୍କ ଚିକିତ୍ସା ଅବସ୍ଥାରେ ମୃତ୍ୟୁ ଘଟିଥିଲା । ଏ ସମ୍ପର୍କରେ ପାଞ୍ଚାଳିଙ୍କ ଅଭିଯୋଗକୁ ଭିତ୍ତି କରି ରାଜକନିକା ଥାନାରେ ଏକ ହତ୍ୟା ମାମଲା ରୁଜୁ ହୋଇଥିଲା । ପୁଲିସ କୋର୍ଟରେ ଅଭିଯୋଗ ଫର୍ଦ୍ଦ ଦାଖଲ କରିବା ପରେ କେନ୍ଦ୍ରାପଡ଼ା ଜିଲ୍ଲା ଦୌରାଜଜ ସେହି ମାମଲାର ବିଚାର ଆରମ୍ଭ କରିଥିଲେ । ୧୭ଜଣ ସାକ୍ଷୀଙ୍କ ସାକ୍ଷ୍ୟ ଓ ପ୍ରମାଣକୁ ଆଧାର କରି ଜିଲ୍ଲା ଦୌରାଜଜ ବିଶ୍ୱଜିତ ମହାନ୍ତି ଅଭିଯୁକ୍ତ ଆଦି ଓରଫ ଆଦିକନ୍ଦ ସେଠୀକୁ ଆଜୀବନ କାରାଦଣ୍ଡାଦେଶ ପ୍ରଦାନ କରିବା ସହିତ ୫ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି । ଜରିମାନା ଅନାଦେୟ ଅଧିକ ୩ମାସ ସଶ୍ରମ କାରାଦଣ୍ଡାଦେଶ ଭୋଗିବାକୁ ପଡ଼ିବ ବୋଲି କୋର୍ଟ ତାଙ୍କ ରାୟରେ ଉଲ୍ଲେଖ କରିଛନ୍ତି । ଏଥିସହିତ ଅଭିଯୁକ୍ତ ଆଦିକନ୍ଦକୁ ଅନ୍ୟ ଏକ ଦଫାରେ ୩ମାସ କାରାଦଣ୍ଡାଦେଶ ପ୍ରଦାନ ସହ ୫ଶହ ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି । ଜରିମାନା ଅନାଦେୟ ଅଧିକ ୧୫ଦିନ ସଶ୍ରମ କାରାଦଣ୍ଡାଦେଶ ଭୋଗିବାକୁ ପଡ଼ିବ ବୋଲି କୋର୍ଟ ତାଙ୍କ ରାୟରେ ଉଲ୍ଲେଖ କରିଛନ୍ତି । ସରକାରଙ୍କ ପକ୍ଷରୁ କ୍ୟାଡର ପିପି ମାନସରଞ୍ଜନ ବେହେରା କୋର୍ଟରେ ମାମଲାର ପରିଚାଳନା କରୁଥିଲେ । ଅନ୍ୟ ଅଭିଯୁକ୍ତମାନେ ଫେରାର ଥିବାରୁ ସେମାନଙ୍କ କେଶ୍ ବିଚାର ହୋଇପାରିନାହିଁ ।

## ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକଙ୍କ ପରଲୋକ



**ଡେରାବିଶ, ୧୫ ।୧୧(ସମିସ):** କେନ୍ଦ୍ରାପଡ଼ା ଜିଲ୍ଲା ଡେରାବିଶ ବ୍ଲକ ବେଣିପୁର ଗ୍ରାମ ନିବାସୀ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବଂଶୀଧର ସାହୁଙ୍କ ୭୫ ବର୍ଷ ବୟସରେ ପରଲୋକ ଘଟିଛି । ତାଙ୍କ ବିୟୋଗରେ ଅବସରପ୍ରାପ୍ତ ଶିକ୍ଷକ ଉମାକାନ୍ତ ବଳ, ଶିକ୍ଷକ ନଟବର ସାମଲ, ଧରଣୀଧର ପ୍ରଧାନ, ସରପଞ୍ଚ ମୋହିନୀ ସାହୁ, ଶିକ୍ଷକ କୃଷ୍ଣଚନ୍ଦ୍ର ପଣ୍ଡା, ରାମଚନ୍ଦ୍ର ପଣ୍ଡା, ପ୍ରଧାନ ଶିକ୍ଷକ ପ୍ରବୋଧ ସାମଲ, ସମ୍ପାଦକ ବିରୂପାକ୍ଷ ତ୍ରିପାଠୀ, ସତ୍ୟବ୍ରତ ସାମଲ, ଅହଲ୍ୟା ଧଳ, ହିମାଂଶ ଭୂଷଣ ମିଶ୍ର, ଚିତ୍ତରଞ୍ଜନ ତ୍ରିପାଠୀ, ସୁବ୍ରତ ପଡ଼ିଆରୀ, ଅଧାପକ ରଞ୍ଜନ ବେଉରା, ପ୍ରମୋଦିନୀ ସାମଲ, ହିମାଂଶୁ ପ୍ରଧାନ, ଅନନ୍ତ ପ୍ରଧାନ, ରଞ୍ଜନ ସାହୁ, ପ୍ରମୋଦ ସିଂ, ମନୋଜ ସାମଲ, ସୁଦୀପ୍ତା ସାମଲ, ଉମାକାନ୍ତ ମଲ୍ଲିକ ପ୍ରମୁଖ ଗଭୀର ଶୋକବ୍ୟକ୍ତ କରିଛନ୍ତି ।

### ଦୀର୍ଘସ୍ଥାୟୀ ଶ୍ୱାସ ଅବରୋଧୀ ଦିବସ

# ‘ପରିବେଶ ପ୍ରଦୂଷଣ ରୋକିବା ଜରୁରି’



**ଜଗତସିଂହପୁର, ୧୫ ।୧୧(ସମିସ):** ଜଗତସିଂହପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ସଭାଗୃହଠାରେ ଦୀର୍ଘସ୍ଥାୟୀ ଶ୍ୱାସ ଅବରୋଧୀ ଦିବସ ପାଳିତ ହୋଇଛି । ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର କ୍ଷେତ୍ରବାସୀ ଦାଶ ଏଥିରେ ଅଧ୍ୟକ୍ଷତା କରିଥିଲେ । ସଭାରେ ଅତିରିକ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ପ୍ରମୋଦ ବାରିକ ଯୋଗଦେଇ ଅଭିଭାଷଣରେ ଏହା ଏକ ଫୁସଫୁସ ଜନିତ ରୋଗ; ଯେଉଁଥିରେ ଫୁସଫୁସ ମଧ୍ୟରେ ଥିବା ସୂକ୍ଷ୍ମ ଶ୍ୱାସନଳୀଗୁଡିକ କ୍ଷତିଗ୍ରସ୍ତ ହୋଇ ଅକାମୀ ହୋଇପଡନ୍ତି । ଅମ୍ଳଜାନ ପରିବହନ ହ୍ରାସ ପାଏ । ଦୂଷିତ ବାୟୁମଣ୍ଡଳରେ ଦୀର୍ଘଦିନ ଧରି ବାସକଲେ କଳକାରଖାନାରୁ ନିର୍ଗତ ଧୂଆଁଧୂଳି ଆଦି ବ୍ୟାପୁଥିବା ଅଞ୍ଚଳରେ ରହିବା ଦ୍ୱାରା ବ୍ୟାପିଥାଏ । ତେଣୁ ପରିବେଶ ପ୍ରଦୂଷଣକୁ ରୋକିବା ଓ ଧୂଆଁହୀନ ଚୂଲି, ଗ୍ୟାସ ଆଦି ଚୁଲା ବ୍ୟବହାର କରିବାକୁ ଲୋକଙ୍କୁ ପ୍ରବର୍ତ୍ତାଇବାକୁ ସେ ପରାମର୍ଶ ଦେଇଥିଲେ ।

ଅତିରିକ୍ତ ଜିଲ୍ଲା ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ନିମାଇଁ ଚରଣ ନାୟକ ଏହି ରୋଗରେ ଫୁସଫୁସର ସଂକ୍ରମଣର ତୀବ୍ରତା, ଚିକିତ୍ସା ବିଷୟରେ ଅବଗତ କରିବା ସହ ଧୂମପାନ ବର୍ଜନ, ଉତ୍ତମ ବାୟୁ ଚଳାଚଳ ଗୃହରେ ବାସ କରିବା, ଖାଦ୍ୟ, ପାନୀୟ ଓ ବିଶ୍ରାମରେ ସଞ୍ଜମତା ରଖିବା, ଯଦି ଏଭଳି କିଛି ଲକ୍ଷଣ ଯଥା ବହୁଦିନ ଧରି କାଶ ହେବା, କାଶରେ କଫ ପଡ଼ିବା, ନିଶ୍ୱାସ ନେବାରେ କଷ୍ଟ ଅନୁଭବ ହେବା, ଓଜନ କମିବା, ହାଲିଆ ଲାଗିବା, ଭୋକ ନ ହେବା ଆଦି ଥିଲେ ଯଥାଶୀଘ୍ର ଡାକ୍ତରଙ୍କ ପରାମର୍ଶ ନେବାକୁ ଲୋକଙ୍କୁ ସଚେତନ କରିବାକୁ ପରାମର୍ଶ ଦେଇଥିଲେ । ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ରଶ୍ମିରଞ୍ଜନ ପଟ୍ଟନାୟକ ଏହି ଫୁସଫୁସ ଜନିତ ରୋଗର ପ୍ରତିରୋଧ ନିମନ୍ତେ ଧୂଳିଧୂଆଁ ଆଦି ନିୟନ୍ତ୍ରଣ ଓ କଳକାରଖାନା ଯଥା କରତ କଳ, ତୁଳା କାରଖାନା, ପଥର ଚୁନା କରୁଥିବା କାରଖାନା ଇତ୍ୟାଦିରେ କାମ କରୁଥିବା ଲୋକ ସଚେତନ ହେବା ସହ ଯୋଗ ପ୍ରାଣାୟାମ ଆଦି କରିବା ଓ ଲକ୍ଷଣ ଦେଖାଦେଲେ ଡାକ୍ତରଙ୍କ ପରାମର୍ଶ ନେବାକୁ ବକ୍ତବ୍ୟ ରଖିଥିଲେ । ମେଡିକାଲ ଅଫିସର (ଅଣସଂକ୍ରାମକ ରୋଗ ନିୟନ୍ତ୍ରଣ) ଡାକ୍ତର ଆଶିଷ ନାୟକ ଏହି ରୋଗର ପ୍ରତିରୋଧ ଓ ଚିକିତ୍ସା, ଖାଦ୍ୟ ଅଭ୍ୟାସର ପରିବର୍ତ୍ତନ, ବାୟୁ ପ୍ରଦୂଷଣ ଇତ୍ୟାଦି ବିଷୟରେ ଅବଗତ କରାଇଥିଲେ । ଜିଲ୍ଲା ପ୍ରୋଗ୍ରାମ ମ୍ୟାନେଜର ଚକ୍ରଧର ଜେନା ନିଜର ବକ୍ତବ୍ୟ ରଖିଥିଲେ । ବାୟୁ ବିନା ଜୀବନ ଅସମ୍ଭବ । ତେଣୁ ପରିବେଶ ସୁସ୍ଥ ରଖିଲେ ହିଁ ଆମେ ସୁସ୍ଥ ବାୟୁ ଗ୍ରହଣ କରିବା । ଏ ରୋଗର ପ୍ରତିରୋଧ କରିପାରିବା ବୋଲି କହିଥିଲେ ।

ଏହି ଅବସରରେ ମହିମା କଲେଜ ଅଫ ନର୍ସିଂ, ନାରାୟଣୀ ସ୍କୁଲ ଅଫ ନର୍ସିଂ ଛାତ୍ରଛାତ୍ରୀ ଓ ମହିଳା ଆରୋଗ୍ୟ ସମିତିର ସଦସ୍ୟାଙ୍କ ମଧ୍ୟରେ ଏକ କୁଇଜ ପ୍ରତିଯୋଗିତା କରାଯାଇଥିଲା । କୁଇଜ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ୮ ଜଣ ଛାତ୍ରଛାତ୍ରୀ ଓ ୨ ଜଣ ମହିଳାଙ୍କୁ ପୁରସ୍କୃତ କରାଯାଇଥିଲା । ଜିଲ୍ଲା ଜନସ୍ୱାସ୍ଥ୍ୟ ଯୋଗାଯୋଗ ଅଧିକାରିଣୀ ସଚଳା ମହାନ୍ତି ସଭା ପରିଚାଳନା କରିଥିଲେ । ଲୋକଙ୍କୁ ସଚେତନ କରିବାକୁ ଡାକ୍ତର ସ୍ମୃତିରଞ୍ଜନ ପଣ୍ଡା ଆଶାକର୍ମୀଙ୍କୁ ପରାମର୍ଶ ଦେବା ସହ ଧନ୍ୟବାଦ ଅର୍ପଣ କରିଥିଲେ । ଅତିରିକ୍ତ ଜିଲ୍ଲା ଚିକିତ୍ସା ଅଧିକାରୀ ଡାକ୍ତର ପ୍ରମୋଦ ବାରିକ ନିମାଇଁ ଚରଣ ନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

# ନାବାଳିକା ଦୁଷ୍କର୍ମ ମାମଲାରେ ୨୦ବର୍ଷ ଜେଲ୍

**ଜଗତସିଂହପୁର, ୧୫ ।୧୧(ସମିସ):** ଜଗତସିଂହପୁର ଜିଲ୍ଲାର ବାଲିକୁଦା ଥାନା ଅଞ୍ଚଳରେ ୨୦୨୧ରେ ଘଟିଥିବା ଏକ ନାବାଳିକା ଅପହରଣ ଓ ଦୁଷ୍କର୍ମ ମାମଲାର ବୁଧବାର ରାୟ ପ୍ରକାଶ ପାଇଛି । ପୋକ୍ସୋ ଫାଷ୍ଟ ଟ୍ରାକ କୋର୍ଟ ବିଚାରପତି ଅଜୟ କୁମାର ମହାନ୍ତି ଏହି ଘଟଣାର ଅଭିଯୁକ୍ତ ଗଣେଶ୍ୱର ବେହେରା ଓରଫ ଗଣେଶକୁ ୨୦ ବର୍ଷ ସଶ୍ରମ କାରାଦଣ୍ଡ ସହ ୬୫ହଜାର ଟଙ୍କା ଜରିମାନା ଆଦେଶ ଦେଇଛନ୍ତି । ଜରିମାନା ଅନାଦେୟ ଅଧିକ ୧୩ ମାସ ଦଣ୍ଡ ଭୋଗିବାକୁ ଆଦେଶରେ ଉଲ୍ଲେଖ କରାଯାଇଛି । କେନ୍ଦ୍ରାପଡ଼ା ଜିଲ୍ଲା ମାର୍ଶାଘାଇ ଥାନା ଓସ୍ତର ଗ୍ରାମର ଗଣେଶ୍ୱର ବେହେରା ବାଲିକୁଦା ଥାନା ଅଞ୍ଚଳର ଜଣେ ୧୬ ବର୍ଷୀୟା ନାବାଳିକା କଲେଜ ଛାତ୍ରୀଙ୍କୁ ପ୍ରେମ କରୁଥିଲା । ଏକ ସ୍ଥାନୀୟ କଲେଜରେ +୨ ପଢୁଥିବା ଏହି ଛାତ୍ରୀ କୋଚିଂ ସେଣ୍ଟରକୁ ପଢ଼ିବାକୁ ଆସିଥିବା ବେଳେ ଗଣେଶ ତାଙ୍କୁ ବାଟରୁ କାରରେ ଅପହରଣ କରି ନେଇଯାଇଥିଲା । ନାବାଳିକାଙ୍କୁ ତା’ ଭଉଣୀଘର କେନ୍ଦ୍ରାପଡ଼ାରେ ୨ ଦିନ ରଖିଥିଲା । ପରେ ପୁରୀ ବୁଲାଇ ନେଇଥିଲା । ପୁରୀରୁ ଭୁବନେଶ୍ୱର ଆଣି ଏକ ଭଡା ଘରେ ରଖିଥିଲା । ନାବାଳିକାଙ୍କ ଇଚ୍ଛା ବିରୋଧରେ ଦୁଷ୍କର୍ମ କରିଥିଲା । ନାବାଳିକା କଲେଜ ଛାତ୍ରୀଙ୍କ ବାପା ଏ ସମ୍ପର୍କରେ ବାଲିକୁଦା ଥାନାରେ ଅଭିଯୋଗ କରିବା ପରେ ପୁଲିସ ନାବାଳିକାକୁ ଭୁବନେଶ୍ୱରରୁ ଉଦ୍ଧାର କରି ଗଣେଶକୁ ଗିରଫ କରିଥିଲେ ।

- ୬୫ ହଜାର ଟଙ୍କା ଜରିମାନା
- ଜରିମାନା ଅନାଦେୟ ହେଲେ ଅଧିକ ୧୩ ମାସ ଜେଲ ଦଣ୍ଡ

ଏହି ମାମଲା ୨ ବର୍ଷ ଧରି ବିଚାର ଚାଲିଥିଲା । ମୋଟ ୧୬ଜଣ ସାକ୍ଷୀଙ୍କ ବୟାନକୁ ବିଚାର କରି ବୀଚାରପତି ବିଭିନ୍ନ ଦଫାରେ ଅଭିଯୁକ୍ତକୁ ଦଣ୍ଡ ଶୁଣାଇଛନ୍ତି । ସରକାରଙ୍କ ପକ୍ଷରୁ ଆଇନଜୀବୀ ଦୋଳଗୋବିନ୍ଦ ଦାସ ମାମଲା ପରିଚାଳନା କରିଥିଲେ ।

## ଫେରାର ଅଭିଯୁକ୍ତ ଗିରଫ

**ବାଲିକୁଦା, ୧୫ ।୧୧(ସମିସ):** ବାଲିକୁଦା ପୁଲିସ ୧୯ ୯ ୯ରେ ଏକ ଡକାୟତି ଘଟଣାରେ ସମ୍ପୃକ୍ତ ଥିବା ବାହାରଣା ଗ୍ରାମର କ୍ଷୀର ବେହେରାକୁ ଗିରଫ କରିଛି । ଘଟଣା ପରଠାରୁ କ୍ଷୀର ଫେରାର୍ ଥିଲା । ସେ ଗାଁକୁ ଆସିଥିବା ସୂଚନା ପାଇ ପୁଲିସ ରାତିରେ ତା’ ଘର ଉପରେ ଚଢ଼ଉ କରିଥିଲା ବୋଲି ଥାନା ଅଧିକାରୀ ସଲୀଳ କୁମାର ପ୍ରଧାନ ସୂଚନା ଦେଇଛନ୍ତି ।

## ମଦ କାରବାରରେ ଜଣେ ଗିରଫ

**ବାଲିକୁଦା, ୧୫ ।୧୧(ସମିସ):** ବାଲିକୁଦା ପୁଲିସ ବରଗୁଡପଡ଼ା ଛକରେ ଚୋରା ମଦ ବିକ୍ରି କରୁଥିବା ଅଭିଯୋଗରେ ଜଣକୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ହେଉଛି କେଶବ ମଲ୍ଲିକ । ତା’ଠାରୁ ପୁଲିସ ଚୋରା ମଦ ଜବତ କରି ଏକ ମାମଲା ରୁଜୁ କରିଛି ବୋଲି ଥାନା ଅଧିକାରୀ ସଲୀଳ କୁମାର ପ୍ରଧାନ ସୂଚନା ଦେଇଛନ୍ତି ।

## ନିର୍ମାଣାଧୀନ ଜେଟିରେ ବିସ୍ଫୋରଣ

**ରାଜକନିକା, ୧୫ ।୧୧(ସମିସ):** ରାଜକନିକା ଥାନା ଅଧୀନ ବରାଡିଆ ଲଞ୍ଚ୍ ଘାଟରେ ନିର୍ମାଣାଧୀନ ଥିବା ଜେଟିରେ ବୁଧବାର ଭୟାନକ ବିସ୍ଫୋରଣ ହୋଇଛି । ଏହାର କାରଣ କିନ୍ତୁ ଜଣା ପଡ଼ିନି । ଏହି ଘାଟରେ ମାଟି ଧସିବା ଯୋଗୁ ସେଠାରେ ଜେଟି ନିର୍ମାଣ ହେଉଛି । ବହୁ ଶ୍ରମିକ ନିୟୋଜିତ ରହିଥିବା ବେଳେ ବିଜୁଳି ଯୋଗାଇବାକୁ ଡିଜି ମଧ୍ୟ ବ୍ୟବହାର କରାଯାଉଛି । ନିକଟରେ ଶ୍ରମିକମାନେ ରହୁଥିବା ଅସ୍ଥାୟୀ ଗୃହରେ ମଧ୍ୟ ଗ୍ୟାସ ସିଲିଣ୍ଡର ରହିଛି । ତେବେ ସନ୍ଧ୍ୟା ସମୟରେ ଅଧିକାଂଶ ଶ୍ରମିକ ବଜାର ଯାଇଥିବାରୁ ବିଶେଷ କ୍ଷତି ହୋଇ ନାହିଁ । ବିସ୍ଫୋରଣରେ ସାରା ଅଞ୍ଚଳ ଥରି ଉଠିବା ସହ ସ୍ଥାନୀୟ ଲୋକଙ୍କ ମନରେ ଭୂମିକମ୍ପର ଭ୍ରମ ସୃଷ୍ଟି ହୋଇଥିଲା । ସ୍ଥାନୀୟ ଅଞ୍ଚଳରେ ଆତଙ୍କ ଖେଳି ଯାଇଥିଲା । ଠିକାଦାରଙ୍କ ଅସ୍ଥାୟୀ ଟେଣ୍ଟ, ଶ୍ରମିକଙ୍କ ସମସ୍ତ ଆସବାବପତ୍ର, ୧୫୦ ବସ୍ତା ସିମେଣ୍ଟ, ରଡ୍, ସିଲିଣ୍ଡର ଟାଙ୍କି, ଡିଜି ମେସିନ ଆଦି କ୍ଷତି ହୋଇଛି । ବିସ୍ଫୋରଣ ପରେ ନିଆଁ ଲାଗି ଯାଇଥିଲା । ଦମକଳ ବାହିନୀ ପହଞ୍ଚି ନିଆଁ ଲିଭାଇଥିଲେ । ସୂଚନାଯୋଗ୍ୟ, ଜଳ ସମ୍ପଦ ବିଭାଗର ଏହି ୨ କୋଟିରୁ ଅଧିକ ଟଙ୍କାର କାମକୁ ଚାନ୍ଦବାଲି ଅଞ୍ଚଳର ଜଣେ ଠିକାଦାର କାମ କରୁଛନ୍ତି । ୫୦ରୁ ଅଧିକ ଶ୍ରମିକ ଏଥିରେ ନିୟୋଜିତ ରହିଛନ୍ତି ।

## ଚୋରା ଦେଶୀ ମଦ ଭାଟି ଉପରେ ଚଢ଼ଉ

**ପାରାଦୀପ, ୧୫ ।୧୧(ସମିସ):** ପାରାଦୀପ ଅଭୟଚାନ୍ଦପୁର ଥାନା ଅଧୀନ ରଙ୍ଗିଆଗଡ଼ ମଲ୍ଲିକା ସାହି ଅଞ୍ଚଳର ଏକ ବେଆଇନ ଚୋରା ଦେଶୀ ମଦ ଭାଟି ଉପରେ ପୁଲିସ ଚଢଉ କରିଛି । ମୁଖ୍ୟ ଅଭିଯୁକ୍ତ ଲାଲ ମାରାଣ୍ଡି ଗିରଫ ହୋଇଛି । ୨ଟି ୨୦ ଲିଟର ଜାର (ଯେଉଁଥିରେ ୪୦ ଲିଟର ଆଇଡି ଲିକର ବା ଦେଶୀ ମଦ ମହଜୁତ ଥିଲା) ୟୁରିଆ, ହଣ୍ଡା, ବ୍ୟାରେଲ, ଏକ କାର ଜବତ ହୋଇଛି । ଏଏସଆଇ ମାନସ ସାମଲଙ୍କ ନେତୃତ୍ୱରେ ଏକ ଟିମ୍ ରାତିରେ ପାଟ୍ରୋଲିଂ କରୁଥିବା ବେଳେ ଏହି ଭାଟି ଉପରେ ଚଢଉ କରିଥିଲେ । ସୂଚନାଯୋଗ୍ୟ, ଦୁଇ ଦିନ ତଳେ ସେହି ରଙ୍ଗିଆଗଡ଼ ରାମଚଣ୍ଡୀ ପଡ଼ା ବସ୍ତିର ସୁଲୋଚନା ହେମ୍ବ୍ରମ (୩୦)କୁ ଚୋରା ଦେଶୀ ମଦ ବିକ୍ରି କରୁଥିବା ଅଭିଯୋଗରେ ପୁଲିସ ଗିରଫ କରିଥିଲା । ତା’ ନିକଟରୁ ୨୦ ଲିଟରର ଏକ ଦେଶୀ ମଦ ଜାର ଜବତ ହୋଇଥିଲା ।

- ମୁଖ୍ୟ ଅଭିଯୁକ୍ତ ଲାଲ ମାରାଣ୍ଡି ଗିରଫ
- ବିଭିନ୍ନ ସାମଗ୍ରୀ ଓ ଉପକରଣ ଜବତ

## ଜହ୍ନି ପାଇଁ ଦେଉଳରେ ଗ୍ରାମବାସୀଙ୍କ ନିଶାପ

**ପାରାଦୀପ, ୧୫ ।୧୧ (ସମିସ):** କୁଜଙ୍ଗ ଥାନା ଜିଲ୍ଲାନାସୀ ପଞ୍ଚାୟତ ବରିହାଡିଆ ଗ୍ରାମରେ ଜହ୍ନି କିଆରିରୁ ଚୋରି ହୋଇଛି । ଏଥିପାଇଁ ମନ୍ଦିରରେ ପହଞ୍ଚି ଗ୍ରାମବାସୀ ଚୋରି କରି ନ ଥିବା ଠାକୁରଙ୍କ ଆଗରେ ଶପଥ କରିଛନ୍ତି । ପାରାଦୀପ ଗଡ଼ ଲୋକନାଥ ମନ୍ଦିରରେ ଗ୍ରାମର ୧୪୫ ପରିବାରର ପ୍ରତିନିଧି ଏହି ଶପଥ କରିଛନ୍ତି । ଗାଁର ପ୍ରମୋଦ ପରିଡ଼ା ୧୫ ଗୁଣ୍ଠ ଜମିରେ କରିଥିବା ଗୋଟିଏ ବି ଜହ୍ନି ନାହିଁ । ରାତିରେ କେହି ପ୍ରମୋଦଙ୍କ ଜମିରେ ପଶି ସବୁ ଜହ୍ନି ତୋଳି ନେବା ସହ ୧୫ ଗୁଣ୍ଠ ଜମିର ସମସ୍ତ ଗଛ ଉପାଡି ଦେଇଛି । ଏହାକୁ ନେଇ ଗ୍ରାମରେ ନିଶାପ ବସିଥିଲା । ଥାନା ବଦଳରେ ଗାଁ ଲୋକେ ଠାକୁରଙ୍କ ଉପରେ ଭରସା କରିଛନ୍ତି । ବୁଧବାର ଗାଡି କରି ପାରାଦୀପ ଗଡ଼ ଲୋକନାଥ ମନ୍ଦିରରେ ଗାଁ ଲୋକେ ପହଞ୍ଚି ଥିଲେ । ସେଠାରେ ପୂଜାପାଠ ପରେ ଭୋଗ ଥାଳି ଧରି ଜଣକ ପରେ ଜଣେ ତାଙ୍କ ପରିବାରର କେହି ଜହ୍ନି ତୋଳି ନ ଥିବା ଶପଥ କରି ସନ୍ଧ୍ୟାରେ ଘରକୁ ଫେରିଥିଲେ । ତେବେ ଚୋରି ହୋଇଥିବା ଫସଲ ପାଖାପାଖି ଦେଢଲକ୍ଷ ଟଙ୍କାର ବ୍ୟବସାୟ ହୋଇଥାନ୍ତା ବୋଲି ସୂଚନା ମିଳିଛି ।

## ବନ୍ଧୁକ ଲଗାଇ ଲୁଟ୍ ଘଟଣା: ଲୁଟେରା ଗିରଫ

**କେନ୍ଦ୍ରାପଡ଼ା, ୧୫ ।୧୧(ସମିସ):** କୁଦାନଗରୀ ଥାନା ଅଧୀନ ଯମପଡ଼ା ଅଞ୍ଚଳର ଅଜୟ ପରିଡ଼ାଙ୍କଠାରୁ ଲୁଟ୍ ଘଟଣାର ଅଭିଯୁକ୍ତ ଧରାପଡ଼ିଛି । ସେ ହେଉଛି ଆଳି ଥାନା ବାଟିପଡ଼ା ଅଞ୍ଚଳର ଅଭିଯୁକ୍ତ ବାବୁଲି ଓରଫ ପ୍ରଭାତ ମହାକୁଳ । ଅଜୟ ରାସ୍ତାରେ ଯାଉଥିବାବେଳେ ତାଙ୍କୁ ଅଟକାଇ ବାଲୁଲି ମୁଣ୍ଡରେ ବନ୍ଧୁକ ଲଗାଇ ଲୁଟ୍ କରିଥିଲା । ତେବେ ଅଭିଯୁକ୍ତ ପ୍ରଭାତଠାରୁ ପୁଲିସ ୯ ହଜାର ଟଙ୍କା, ଏକ ଏୟାର ଗନ୍ ଏବଂ ଏକ ବାଇକ ଜବତ କରିଛି । ଏହି ଘଟଣାରେ ଆଉ କିଏ କିଏ ତା’ ସହ ସାମିଲ ଅଛନ୍ତି ସେ ନେଇ ପୁଲିସ ତଦନ୍ତ ଆରମ୍ଭ କରିଛି । ଗତ ୮ ତାରିଖ ରାତି ପ୍ରାୟ ୮ଟାରେ କଟକ-ଚାନ୍ଦବାଲି ରାସ୍ତାରେ କଟକରୁ କେନ୍ଦ୍ରାପଡ଼ା ଅଭିମୁଖେ ଅଜୟ ଆସୁଥିଲେ । ଏହି ସମୟରେ ଜଣ୍ଟିଲୋ ଜମଧର ରାସ୍ତାରେ ଅଭିଯୁକ୍ତ ତାଙ୍କୁ ପିଛା କରିଥିଲେ । କିଛି ବାଟ ଗଲା ପରେ ତାଙ୍କୁ ଏକୁଟିଆ ପାଇ ଅଟକାଇଥିଲା । ବନ୍ଧୁକ ଦେଖାଇ ତାଙ୍କ ପକେଟରୁ ୧୪ ହଜାର ଟଙ୍କା ଛଡ଼ାଇ ନେଇ ଫେରାର ହୋଇଯାଇଥିଲା ।

## ମରଣଯନ୍ତା ବାରଙ୍ଗ ସେତୁ

**ଜଗତସିଂହପୁର, ୧୫ ।୧୧(ସମିସ):** ମାଛଗାଁ କେନାଲ ଉପରେ ନିର୍ମିତ ପୁନଙ୍ଗ ପଞ୍ଚାୟତର ପର୍ଯ୍ୟଟନ କ୍ଷେତ୍ର ସିଦ୍ଧ ବାରଙ୍ଗ ଗୋସାଇଁ ପୀଠକୁ ସଂଯୋଗ କରୁଥିବା ଏକ ମାତ୍ର ପୋଲଟି ବିପଦ ସଙ୍କୁଳ ଅବସ୍ଥାରେ ରହିଛି । ଏହି ବାରଙ୍ଗ ପୋଲ ଉପରେ ସ୍ଥାନୀୟ ଲୋକ ଯାତାୟତ ପାଇଁ ନିର୍ଭର କରୁଥିବା ବେଳେ ଏହା ବିପଦପୂର୍ଣ୍ଣ ଅବସ୍ଥାରେ ରହିଛି । ସେତୁ ମଝିରେ ସୃଷ୍ଟି ହୋଇଥିବା ଏକ ବଡ ଗାତ ପାଇଁ ଯେ କୌଣସି ସମୟରେ ଏଠାରେ ଦୁର୍ଘଟଣା ଘଟିବା ଥୟ । ମାଛ ଗାଁ କେନାଲ ଉପରେ ଥିବା ବାରଙ୍ଗ ସେତୁଟି ଚାରିପୋଲିଆ ସହ ଜିଲ୍ଲା ପୁଲିସ ବାରାକ, ବାରଙ୍ଗ କଲେଜ, ବାରଙ୍ଗ ଜଗନ୍ନାଥ ମନ୍ଦିର, ଅନେକ ସରକାରୀ କାର୍ଯ୍ୟାଳୟ ଏବଂ ପୁନଙ୍ଗ ପଞ୍ଚାୟତର ଅନେକ ଗ୍ରାମକୁ ସଂଯୋଗ କରୁଛି । ପ୍ରତିଦିନ ଏହି ପୋଲ ଉପରେ ଯାତାୟତ ପାଇଁ ହଜାର ହଜାର ଲୋକ ନିର୍ଭର କରୁଛନ୍ତି; ମାତ୍ର ଦୀର୍ଘ ବର୍ଷ ତଳେ ତିଆରି ହୋଇଥିବା ଏହି ପୋଲ ଜରାଜୀର୍ଣ୍ଣ ଅବସ୍ଥାକୁ ଆସିଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ଏହା ଉପରେ ପ୍ରଶାସନର ଦୃଷ୍ଟି ପଡ଼ିନାହିଁ । ଏହି ପୋଲକୁ ବିପଦ ସଂକୁଳ ବୋଲି ଘୋଷଣା କରାଯାଉ ନାହିଁ କିମ୍ବା ନୂତନ ସେତୁର ନିର୍ମାଣ କରାଯାଉନାହିଁ । ଆଗକୁ ବାରଙ୍ଗ ପୀଠରେ ପ୍ରସିଦ୍ଧ ବାରଙ୍ଗ ମେଳା ଓ ଭୋଜିଥିବାରୁ ହଜାର ହଜାର ଭକ୍ତଙ୍କ ସମାଗମ ଦେଖିବାକୁ ମିଳିବ । ଏହି ପୋଲଦେଇ ହଜାର ହଜାର ଶ୍ରଦ୍ଧାଳୁ ବାରଙ୍ଗ ପୀଠକୁ ଆସିବେ । ତେବେ ପୋଲ ମଝିରେ ସୃଷ୍ଟି ବଡ଼ଗାତ ଲୋକଙ୍କ ପାଇଁ ସମସ୍ୟା ସୃଷ୍ଟି କରିବା ସହ ବିପଦର ଆଶଙ୍କା ବଢ଼ାଉଛି । ତୁରନ୍ତ ପୋଲ ମରାମତି ଓ ନୂତନ ସେତୁ ନିର୍ମାଣ ପାଇଁ ଆଶୀର୍ବାଦ ସେବା ସଂଗଠନର ସଭାପତି ଜଗନ୍ନାଥ ବେହେରା, ସ୍ଥାନୀୟ ଲୋକମାନେ ଦାବି କରିଛନ୍ତି ।



## ଅବସରପ୍ରାପ୍ତ ପୋଲିସ ଡିଏସ୍ପିଙ୍କ ପରଲୋକ



**ବାଲିକୁଦା, ୧୫ ।୧୧(ସମିସ):** ବାଲିକୁଦା ବ୍ଲକ ତରାସାହି ପଞ୍ଚାୟତ ନିବାସୀ ଅବସରପ୍ରାପ୍ତ ଡିଏସ୍ପି କୈଳାସଚନ୍ଦ୍ର ମହାନ୍ତିଙ୍କ ପରଲୋକ ଘଟିଛି । ମୃତ୍ୟୁ ବେଳକୁ ତାଙ୍କୁ ୮୮ ବର୍ଷ ହୋଇଥିଲା । ସୌମ୍ୟରଞ୍ଜନ ବିଶ୍ୱାଳ, ଶିକ୍ଷକ ରମେଶଚନ୍ଦ୍ର ପଣ୍ଡା, ଦେବୀଦତ୍ତ ବେହୁରା, ଉଲ୍ଲାସ ଦାସ, ଫକିରା ବେହେରା, ସୁବାସ ମହାରଣା, ପ୍ରଦୀପ୍ତ ବିଶ୍ୱାଳ, ସତ୍ୟରଞ୍ଜନ ବେହୁରା ପ୍ରମୁଖ ତାଙ୍କ ପରଲୋକରେ ଶୋକ ପ୍ରକାଶ କରିଛନ୍ତି । ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କ ଅନ୍ତିମ ସଂସ୍କାର କରାଯାଇଛି । ବଡ଼ପୁଅ ମନୋଜ ମହାନ୍ତି ମୁଖାଗ୍ନି ଦେଇଥିଲେ ।

# ରାସ୍ତାକାମକୁ ନେଇ ଉତ୍ତେଜନା

**ନାଉଗାଁ, ୧୫।୧୧(ସମିସ):**



ନାଉଗାଁ ବ୍ଲକ ଗଳଧାରୀ ପଞ୍ଚାୟତର ଏରଡାଠାରୁ ପହଗାଁ ପର୍ଯ୍ୟନ୍ତ ନିର୍ମାଣ କରାଯାଉଛି । ଅଧାରେ କିନ୍ତୁ ବନ୍ଦ କରାଯାଇ ରାସ୍ତା ପାଇଁ ମଞ୍ଜୁର ହୋଇଥିବା ଅର୍ଥରେ ଅନ୍ୟତ୍ର କାମ କରାଯିବା ପାଇଁ ଠିକାଦାର ଓ ବିଭାଗୀୟ ଅଧିକାରୀଙ୍କ ମଧ୍ୟରେ ମସୁଧା ଚାଲିଛି । ଏହାକୁ ଗ୍ରାମବାସୀ ବିରୋଧ କରିଛନ୍ତି । ଗ୍ରାମବାସୀଙ୍କ ଅଭିଯୋଗ କ୍ରମେ ପଞ୍ଚାୟତର ଏରଡା, ଗଳଧାରୀ, ଜୁଆଙ୍ଗ, ସୁନ୍ଦରଦା ଆଦି ଗ୍ରାମର ପ୍ରାୟ ୮ହଜାରରୁ ଅଧିକ ଲୋକଙ୍କ ଯାତାୟତ ସମସ୍ୟାକୁ ଦୃଷ୍ଟିରେ ରଖି ପହଗାଁଠାରୁ ଏରଡା ପର୍ଯ୍ୟନ୍ତ ଜଳସମ୍ପଦ ବିଭାଗର ପ୍ରାଚୀ ଡିଭିଜନ ଭୁବନେଶ୍ୱର ଅଧୀନରେ ରହିଥିବା ମାଇନର କେନାଲ ବନ୍ଧର ୬ କିଲୋମିଟର ରାସ୍ତାକୁ ୨୦୨୨ରେ ନବୀକରଣ କରାଯିବା ଉଦ୍ଦେଶ୍ୟରେ ୫କୋଟି ୧୨ଲକ୍ଷ ଟଙ୍କା ବ୍ୟୟ ବରାଦରେ ଟେଣ୍ଡର କରାଯାଇଥିଲା । ଏହି କାର୍ଯ୍ୟ କରିବା ପାଇଁ କାର୍ଯ୍ୟାଦେଶ ପାଇଥିବା ଠିକାଦାର ମଧ୍ୟ ରାସ୍ତାକୁ ପୂର୍ବରୁ ଏଠାରେ ପଞ୍ଚାୟତ ଅର୍ଥରାଶିରେ ନିର୍ମାଣ କରାଯାଇଥିବା ୨ କିଲୋମିଟର କଂକ୍ରିଟ୍ ରାସ୍ତାକୁ ତାଡି ଏଠାରେ ନୂତନ ମାଟିରାସ୍ତା ନିର୍ମାଣ କରିସାରିଛନ୍ତି । କେବଳ ମେଟାଲ ମୋରମ ପକାଯାଇ ପିଚୁ ପାଇଁ ବାକି ରହିଥିବା ବେଳେ ରାସ୍ତା କାମକୁ ଠିକାଦାର ବନ୍ଦ କରି ଏଠାରେ ଗଚ୍ଛିତ ରଖାଯାଇଥିବା ମେଟାଲ ଓ ମୋରମକୁ ଅନ୍ୟ ଏକ ରାସ୍ତା କାମ ଲାଗି ସ୍ଥାନାନ୍ତର କରୁଥିବା ଦେଖି ଗ୍ରାମବାସୀ ବିରୋଧ କରିଛନ୍ତି । ଏମିତିକି ଏହି ଘଟଣାରେ ଗ୍ରାମର ଯୁବନେତା ପ୍ରଦୀପ୍ତ ସ୍ୱାଇଁଙ୍କ ନେତୃତ୍ୱରେ ଗଳଧାରୀ ପଞ୍ଚାୟତର ସରପଞ୍ଚ ଦିଲୀପ ନାୟକ, ପ୍ରଭାତ ସ୍ୱାଇଁ, ଲକ୍ଷ୍ମୀଧର ବସ୍ତିଆ, ସୁବାସ ସ୍ୱାଇଁ, ଦିଗମ୍ବର ବିଶ୍ୱାଳ, ବିଭୂତି ନାୟକ, ସନ୍ତୋଷ ରାଉତ, ସରୋଜ ନାୟକ, ପ୍ରମୋଦ ସ୍ୱାଇଁଙ୍କ ସମେତ ଗ୍ରାମବାସୀମାନେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କ ସମେତ ଜଳସମ୍ପଦ ମନ୍ତ୍ରୀ ଟୁକୁନୀ ସାହୁଙ୍କୁ ଭେଟି ଅଭିଯୋଗ କରିବା ସହ ରାସ୍ତାକୁ ବିଭାଗ ପକ୍ଷରୁ ତୁରନ୍ତ ସମ୍ପୂର୍ଣ୍ଣ ଭାବେ ନିର୍ମାଣ କରିବାକୁ ନିର୍ଦ୍ଦେଶ ଦେବାପାଇଁ ଦାବି କରିଛନ୍ତି । ଅନ୍ୟପଟେ ନାଉଗାଁ ବ୍ଲକରୁ ନିଆଳି ବ୍ଲକକୁ ସଂଯୋଗ କରୁଥିବା ଦେବୀନଦୀର ମୁଖ୍ୟ ବନ୍ଧରାସ୍ତା ଭାରିଯାନ ତଥା ବାଲିବୋଝେଇ ହାଇୱା ଚାଲିବା ଫଳରେ ଦେବୀଦୋଳ ସେତୁଠାରୁ ସୁନ୍ଦରଦା ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ଭାବରେ ଫଟି ନଷ୍ଟ ହୋଇ ମରଣଯନ୍ତା ପାଲଟିଛି । ଉକ୍ତ ବନ୍ଧରାସ୍ତା ଉପରେ ଜଗତସିଂହପୁର ଜିଲ୍ଲାରୁ ଭାୟା ପହଙ୍ଗା ଓ ନିଆଳି ଦେଇ ପ୍ରତ୍ୟହ କଟକ, ଖୋର୍ଦ୍ଧା ଓ ଭୁବନେଶ୍ୱରକୁ ଶତାଧିକ ଯାତ୍ରୀବାହୀ ଯାନବାହନ ଚଳାଚଳ କରୁଥିବା ବେଳେ ଉକ୍ତ ରାସ୍ତାର ଅବସ୍ଥା ଏପରି ହୋଇଥିବାରୁ ଶତାଧିକ ଲୋକ ଏଠାରେ ନୂତନ ଭାବେ ନିର୍ମାଣ କରାଯାଉଥିବା ଏହି ରାସ୍ତାଟି ଉପରେ ସମ୍ପୂର୍ଣ୍ଣ ଭାବେ ନିର୍ଭର କରୁଥିବାରୁ ରାସ୍ତାଟିର ଗୁରୁତ୍ୱ ରହିଛି । ଏଣୁ ବିଭାଗ ପକ୍ଷରୁ ତୁରନ୍ତ ଏହି ରାସ୍ତାଟିକୁ ସମ୍ପୂର୍ଣ୍ଣ କରାନ ଗଲେ ପଞ୍ଚାୟତବାସୀ ରାସ୍ତାକୁ ଓହ୍ଲାଇବେ ବୋଲି ଏକ ପ୍ରେସ ବିଜ୍ଞପ୍ତି ଜରିଆରେ ଚେତାବନୀ ଦେଇଛନ୍ତି ।

# ‘ଛାତ୍ର ଅବସ୍ଥାରୁ ହିଁ ପିଲାଙ୍କ ଅନ୍ତର୍ନିହିତ ପ୍ରତିଭାର ବିକାଶ ଘଟିଥାଏ’




**ରଘୁନାଥପୁର, ୧୫ ।୧୧(ସମିସ):** ରଘୁନାଥପୁର ବ୍ଲକ ଜଇପୁରସ୍ଥିତ ଜିଲ୍ଲା ବାଲ୍ ଭବନ ପରିସରରେ ଶିଶୁ ଦିବସ ଉପଲକ୍ଷେ ଏକ ଶିଶୁ ମହୋତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି । ସାହିତ୍ୟିକ ଅଲେଖ ଚନ୍ଦ୍ର ବେହେରା ସଭାପତିତ୍ୱ କରିଥିଲେ । ବାଲ୍ ଭବନର ପ୍ରଧାନ ଆଚାର୍ଯ୍ୟା ସୁମିତ୍ରା ଜେନାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ବାଲିଘର ଫାଉଣ୍ଡେସନ୍‌ର ଅଧ୍ୟକ୍ଷ କୈଳାସ ଚନ୍ଦ୍ର ସ୍ୱାଇଁ ଯୋଗ ଦେଇଥିଲେ । ତୁଳସୀ ଦୁଇ ପତ୍ରରୁ ବାସିଲା ପରି କୋମଳମତି ପିଲାଙ୍କ ଛାତ୍ର ଅବସ୍ଥାରୁ ହିଁ ତାଙ୍କର ଅନ୍ତର୍ନିହିତ ପ୍ରତିଭାର ବିକାଶ ଘଟିଥାଏ ବୋଲି ସେ ମତବ୍ୟକ୍ତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ନାନପୁର ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ଅଧ୍ୟକ୍ଷା ମିତାଞ୍ଜଳି ନାୟକ, ଗଡ଼ମା ମା ସରସ୍ୱତୀ ଶିଶୁ ମନ୍ଦିରର ସହ ଶିକ୍ଷୟିତ୍ରୀ ଭାରତୀ ଶୁଭ୍ରଜ୍ୟୋତି ଦାସ, ଜଇପୁର ବିବେକାନନ୍ଦ ଶିକ୍ଷା କେନ୍ଦ୍ରର ସହ ଶିକ୍ଷୟିତ୍ରୀ ସୁଜାତା ନାୟକ ଓ ବର୍ଷାରାଣୀ ବେହେରା, ଶ୍ରୀ ଗଣେଶ ଟ୍ୟୁଟୋରିଆଲ୍‌ର ଅଧ୍ୟକ୍ଷ ସାରଦା ପ୍ରସନ୍ନ ସ୍ୱାଇଁ ଓ ବାଲ୍ ଭବନର ସମ୍ପାଦକ ରମେଶ ଚନ୍ଦ୍ର ଖୁଣ୍ଟିଆ ପ୍ରମୁଖ ଯୋଗ ଦେଇଥିଲେ । ଛାତ୍ରଛାତ୍ରୀଙ୍କ ଚରିତ୍ର ଗଠନ ଓ ବୌଦ୍ଧିକ ବିକାଶ ଦିଗରେ ଶିକ୍ଷକ ଶିକ୍ଷୟିତ୍ରୀ ଓ ବିଶେଷ କରି ଅଭିଭାବକଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ମତ ପ୍ରକାଶ ପାଇଥିଲା । ଏହି ଅବସରରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ସଙ୍ଗୀତ, ନୃତ୍ୟ, ଚିତ୍ରାଙ୍କନ ଓ ବକ୍ତୃତା ପ୍ରଭୃତି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଏଥିରେ କୃତିତ୍ୱ ଅର୍ଜନ କରିଥିବା ପ୍ରତିଭାମାନଙ୍କୁ ମାନପତ୍ର ସହ ପୁରସ୍କୃତ କରାଯାଇଥିଲା । ତ୍ରୈଲୋକ୍ୟ ନାରାୟଣ ସାଂସ୍କୃତିକ କାର୍ଯ୍ୟକର୍ମ ପରିଚାଳନା କରିଥିଲେ । ପରିଶେଷରେ ସମ୍ପାଦକ ରମେଶଚନ୍ଦ୍ର ଖୁଣ୍ଟିଆ କାର୍ଯ୍ୟକ୍ରମର ସଫଳତା ପାଇଁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।





ସକାଳ THE SAKALA

## କଟକ-ଭୁବନେଶ୍ୱର ମେଟ୍ରୋ ରେଳ ପ୍ରକଳ୍ପକୁ କ୍ୟାବିନେଟ ଅନୁମୋଦନ

# ଆଧୁନିକ ଯାତ୍ରୀ ପରିବହନ ବ୍ୟବସ୍ଥାକୁ ସ୍ୱାଗତ

ଭୁବନେଶ୍ୱର-କଟକ ମେଟ୍ରୋ ରେଳ ପ୍ରକଳ୍ପର ପ୍ରଥମ ପର୍ଯ୍ୟାୟକୁ ରାଜ୍ୟ କ୍ୟାବିନେଟ୍‌ର ଅନୁମୋଦନ ମିଳିବା ନିଶ୍ଚିତ ସ୍ୱାଗତଯୋଗ୍ୟ ବିଷୟ। ଏଥିସହିତ ପ୍ରଥମ କରି ରାଜଧାନୀ ଭୁବନେଶ୍ୱର ଓ ପୁରୁଣା ରାଜଧାନୀ କଟକ ମଧ୍ୟରେ ମେଟ୍ରୋ ରେଳ ପଥ ନିର୍ମାଣ ଆରମ୍ଭ ପାଇଁ ବିଧିବଦ୍ଧ ପଦକ୍ଷେପ ଆରମ୍ଭ ହୋଇଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ଅନୁଷ୍ଠିତ କ୍ୟାବିନେଟ୍ ବୈଠକରେ ଅନୁମୋଦନ କରାଯାଇଥିବା ପ୍ରସ୍ତାବ ଅନୁସାରେ ରାଜଧାନୀର ବିଜୁ ପଟ୍ଟନାୟକ ବିମାନ ବନ୍ଦରଠାରୁ କଟକର ତ୍ରିଶୁଳିଆ ଯାଏଁ (କାଠଯୋଡ଼ି ଦକ୍ଷିଣ କୂଳ) ଏହି ମେଟ୍ରୋ ଟ୍ରେନ୍ ଚାଲିବ। ଏହି ପ୍ରଥମ ପର୍ଯ୍ୟାୟ ମେଟ୍ରୋ ରେଳପଥର ନିର୍ମାଣ କାମ ଭୁବନେଶ୍ୱର ମେଟ୍ରୋ ରେଳ ନିଗମ (ବିଏମ୍‌ଆରସିଏଲ୍) କରିବ। ଦିଲ୍ଲୀ ମେଟ୍ରୋ ରେଳ ନିଗମର ତତ୍ତ୍ୱାବଧାନରେ ଏହି ନିର୍ମାଣ କାମ କରାଯିବ। ଏଥିପାଇଁ ମୋଟ୍ ୫୯୨୯.୩୮ କୋଟି ଟଙ୍କା ଖର୍ଚ୍ଚ ଅଟକଳ ରଖାଯାଇଛି। ଏହି ଖର୍ଚ୍ଚରେ ଦିଲ୍ଲୀ ମେଟ୍ରୋ ରେଳ ନିଗମକୁ "ଟର୍ଣ୍ଣ କି କନ୍‌ସଲଟାନ୍ସି" ଫି ଓ ଟିକସ ବାବଦରେ ୩୨୬.୫୬ କୋଟି ଟଙ୍କା ଦେୟ ମଧ୍ୟ ଅନ୍ତର୍ଭୁକ୍ତ। ଏହି ମେଟ୍ରୋ ରେଳପଥର ଲମ୍ବ ୨୬ କି.ମି ହେବ ଏବଂ ଚାରିବର୍ଷ ମଧ୍ୟରେ ନିର୍ମାଣ ସମାପ୍ତ ହେବ। ମୁଖ୍ୟତଃ ଭୂମି ଉପରେ ଉଚ୍ଚ ଖମ୍ବ ଉପରେ ଭାୟାଡକ୍ଟ ମାଧ୍ୟମରେ ଏହି ମେଟ୍ରୋ ରେଳପଥ ନିର୍ମାଣ କରାଯିବାକୁ ଥିବାରୁ ଭୂମି ତଳେ ଖନନ କରି ଟନେଲ୍ କରିବାର ଆବଶ୍ୟକତା ବହୁତ କମ। ଏହି ୨୬ କିମି ରେଳପଥରେ ୨୦ଟି ଷ୍ଟେସନ ରହିବ। ସେଥିମଧ୍ୟରେ କ୍ୟାପିଟାଲ୍ ହସ୍ପିଟାଲ୍, ରାଜମହଲ ଛକ, ବାଣୀବିହାର ଛକ, ଜୟଦେବ ବିହାର ଛକ, ପଟିଆ ଭଳି ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ମେଟ୍ରୋ ଷ୍ଟେସନ ନିର୍ମିତ ହେବ।

ଆମେ ପୂର୍ବରୁ ଏହି ସ୍ତମ୍ଭରେ କଟକ, ଭୁବନେଶ୍ୱର, ଖୋର୍ଦ୍ଧା ଓ ପୁରୀ ଆଦି ସହର ମଧ୍ୟରେ ମେଟ୍ରୋ ରେଳ ଚଳାଚଳର ଆବଶ୍ୟକତା ଓ ଯଥାର୍ଥତା କଥା ସମୀକ୍ଷା କରିଥିଲୁ। କ୍ରମବର୍ଦ୍ଧିଷ୍ଣୁ ସହର ଓ ବର୍ଦ୍ଧିତ ଜନସଂଖ୍ୟା ଦୃଷ୍ଟିରୁ ମେଟ୍ରୋ ଟ୍ରେନ୍ ଚଳାଚଳର ଆବଶ୍ୟକତା ଅତ୍ୟନ୍ତ ଅଧିକ। ଭବିଷ୍ୟତର ଆବଶ୍ୟକତା ଏବଂ ଗଣପରିବହନର ଅପରିହାର୍ଯ୍ୟତା ଦୃଷ୍ଟିରୁ ମେଟ୍ରୋ ଭଳି ମଲ୍ଟିମୋଡାଲ୍ ପରିବହନ ବ୍ୟବସ୍ଥା କଟକ-ଭୁବନେଶ୍ୱର-ପୁରୀ ଓ ଖୋର୍ଦ୍ଧା ମଧ୍ୟରେ ଜରୁରୀ। ସରକାର ମଧ୍ୟ ଏହି ଆବଶ୍ୟକତା ଉପଲବ୍ଧି କରି ଯାତ୍ରୀଙ୍କୁ ନିରାପଦ ଓ ଆରାମଦାୟକ ମେଟ୍ରୋ ପରିବହନ ବ୍ୟବସ୍ଥା ଯୋଗାଇ ଦେବାକୁ ପ୍ରୟାସ ଆରମ୍ଭ କରିଛନ୍ତି। ମେଟ୍ରୋ ଟ୍ରେନ୍ ଆଉ ବିଳାସ ହୋଇ ରହିନାହିଁ; ଏହା ସାଂପ୍ରତିକ ସମୟର ଚରମ ଆବଶ୍ୟକତା ପାଲଟିଛି। କେନ୍ଦ୍ର ସରକାରଙ୍କ ଅହେତୁକ କୁଣ୍ଠା ସତ୍ତ୍ୱେ ଆମ ରାଜ୍ୟ ସରକାର ନିଜସ୍ୱ ଖର୍ଚ୍ଚରେ ଏହି ମେଟ୍ରୋ ରେଳ ପ୍ରକଳ୍ପକୁ କାର୍ଯ୍ୟକାରୀ କରିବାକୁ ଯେଉଁ ଦୂରଦୃଷ୍ଟି ସମ୍ପନ୍ନ ପଦକ୍ଷେପ ନେଇଛନ୍ତି, ତାହା ବାସ୍ତବିକ ପ୍ରଶଂସନୀୟ।

ଏହି ମେଟ୍ରୋ ରେଳ ପ୍ରକଳ୍ପର ବିସ୍ତୃତ ପ୍ରକଳ୍ପ ରିପୋର୍ଟକୁ ମୁଖ୍ୟମନ୍ତ୍ରୀ ଗତ ଅକ୍ଟୋବର ୭ରେ ଅନୁମୋଦନ କରିବା ସହିତ ଏହାକୁ '୫-ଟି' ପ୍ରୟାସର ଅନ୍ତର୍ଭୁକ୍ତ ମଧ୍ୟ କରିଛନ୍ତି। ଦିଲ୍ଲୀ ମେଟ୍ରୋ ଏହାର ଡିପିଆର୍ ପ୍ରସ୍ତୁତ କରିଛି। କଟକ-ପୁରୀ-ଭୁବନେଶ୍ୱର-ଖୋର୍ଦ୍ଧାକୁ ନେଇ ଯେଉଁ ବୃହତ୍ ରାଜଧାନୀ କ୍ଷେତ୍ର ମହାନଗରୀ ପରିକଳ୍ପନା କରାଯାଇଛି, ସେଥିରେ ଖୁବ୍ ଶୀଘ୍ର ୫୦ ଲକ୍ଷରୁ ଅଧିକ ଲୋକ ବସବାସ କରିବେ। ତେଣୁ ସେହି ସଂଖ୍ୟାରେ ଲୋକଙ୍କ ଆତଯାତ ପାଇଁ ମେଟ୍ରୋ ଟ୍ରେନ୍ ଭଳି ଆଧୁନିକ ନଗର ପରିବହନ ଭିତ୍ତିଭୂମି ନିର୍ମାଣ ଅପରିହାର୍ଯ୍ୟ। ଆସନ୍ତା ଜାନୁଆରୀ ପହିଲାରେ ଏହି ପ୍ରଥମ ପର୍ଯ୍ୟାୟ ମେଟ୍ରୋ ପ୍ରକଳ୍ପ ନିର୍ମାଣର ଶୁଭ ମୁଖ୍ୟମନ୍ତ୍ରୀ ଦେବେ ବୋଲି ଆପାତତଃ ସ୍ଥିର ହୋଇଛି। ତେଣୁ ନିର୍ମାଣ କାର୍ଯ୍ୟ ଖୁବ୍ ଶୀଘ୍ର ଆରମ୍ଭ ହେବା ପ୍ରାୟ ନିଶ୍ଚିତ।

ଆଜିକାଲି କୌଣସି ପ୍ରକଳ୍ପର କାର୍ଯ୍ୟକାରିତାରେ ଭୂମି ଆହରଣ ବଡ଼ ସମସ୍ୟା ପାଲଟୁଛି। ତେବେ ଏହି ମେଟ୍ରୋ ପ୍ରକଳ୍ପ ଦୁଇ ସହର ମଧ୍ୟରେ ଉପଲବ୍ଧ ପ୍ରମୁଖ ରାସ୍ତାର ମଧ୍ୟ ଭାଗରେ ଉଚ୍ଚ ଖମ୍ବ ଉପରେ ନିର୍ମିତ ହେବାକୁ ଥିବାରୁ ଜମି ଅଧିଗ୍ରହଣ ଜନିତ ବିଶେଷ ସମସ୍ୟା ନାହିଁ। ଏହା ଫଳରେ କଟକ ଓ ଭୁବନେଶ୍ୱର ମଧ୍ୟରେ ଯାତ୍ରୀ ପରିବହନ ବ୍ୟବସ୍ଥା ସୁଗମ ଏବଂ ଅତି ତ୍ୱରିତ ହୋଇପାରିବ। କଟକର ନୂଆ ଅତ୍ୟାଧୁନିକ ନେତାଜୀ ସୁଭାଷ ବୋଷ ବସଷ୍ଟାଣ୍ଡ ଏବେ ନିକଟରେ ଖାନ୍‌ନଗର କାଠଯୋଡ଼ି ନଦୀ କୂଳରେ କାର୍ଯ୍ୟକ୍ଷମ ହୋଇଛି। ଏହାର ଅପରପାର୍ଶ୍ୱରେ ତ୍ରିଶୁଳିଆ ଛକରେ ମେଟ୍ରୋ ଷ୍ଟେସନ ହେବ। ପୂର୍ବ ଯୋଜନା ଅନୁସାରେ ତ୍ରିଶୁଳିଆ-କଟକ ମଧ୍ୟରେ କାଠଯୋଡ଼ି ଉପରେ ଆଉ ଏକ ପ୍ରଶସ୍ତ ସେତୁ ମଧ୍ୟ ନିର୍ମିତ ହେବ। ତେଣୁ ଏହାଦ୍ୱାରା କଟକ ଲୋକେ ସହଜରେ ମେଟ୍ରୋ ଷ୍ଟେସନକୁ ଯା'ଆସ କରିପାରିବେ।

ଦ୍ରୁତ ସହରାୟନ ଓ ଜନସଂଖ୍ୟା ବୃଦ୍ଧି ଅଧିକ ମୌଳିକ ଭିତ୍ତିଭୂମି ଲୋଡ଼େ। ପରିବହନ, ବିଜୁଳି, ପାନୀୟଜଳ, ସଡ଼କ, ସେତୁ, ଅଳିଆ ପରିଚାଳନା, ସ୍ୱାସ୍ଥ୍ୟସେବା ସେଥିମଧ୍ୟରୁ ଅନ୍ୟତମ। ଏକ କାମିକା ସରକାର ହିଁ ଏ କ୍ଷେତ୍ରରେ ତତ୍ପରତା ଦେଖାଇ କାମ କରେ। ଏକ ଲୋକାଭିମୁଖୀ ଓ ପ୍ରଗତିଶୀଳ ସରକାର ହିଁ ଏହି ଦିଗରେ ରାଜନୈତିକ ଇଚ୍ଛାଶକ୍ତି ଏବଂ ସ୍ୱତନ୍ତ୍ର ଆଗ୍ରହ ଦେଖାଇଥାଏ। ନବୀନ ବାବୁଙ୍କ ସରକାର ତାହାର ଏକ ପ୍ରଶଂସନୀୟ ଉଦାହରଣ। କେନ୍ଦ୍ରର ଅସହଯୋଗ ସତ୍ତ୍ୱେ ମେଟ୍ରୋ ରେଳ ପ୍ରକଳ୍ପ ନିର୍ମାଣରେ ନବୀନ ସରକାର ଯେଉଁ ରାଜନୈତିକ ଇଚ୍ଛାଶକ୍ତି ଓ ଆଗ୍ରହ ପ୍ରଦର୍ଶନ କରିଛନ୍ତି, ସେଥିରୁ ତାଙ୍କ ଲୋକାଭିମୁଖୀ କାର୍ଯ୍ୟକ୍ରମ ଏବଂ ପ୍ରଶାସନିକ ନିଷ୍ଠାର ପ୍ରମାଣ ମିଳେ।

# ଗରିବ ଦେଶ ପାଇଁ ଯୁଦ୍ଧ ଓ ଗୃହଯୁଦ୍ଧ



**ଲଳିତେନ୍ଦୁ ପଲାଉରୀ**
ପୁରୀ, ମୋ: ୯୭୭୮୬୯୭୦୩୬

କରୋନା ମହାମାରୀ ପରେ ବିଭିନ୍ନ ଦେଶରେ ଅର୍ଥନୈତିକ ମାନ୍ଦାବସ୍ଥା ଜାରି ରହିଛି। ଏଥିସହ ଗୃହଯୁଦ୍ଧ, ଆଭ୍ୟନ୍ତରୀଣ କନ୍ଦଳ ଭଳି ସମସ୍ୟାକୁ ନେଇ ଚିନ୍ତାରେ ବିଶ୍ୱର ପାଖାପାଖି ୪୦ଟି ଗରିବ ଦେଶ। ବିଶେଷକରି, ଏସିଆ, ଆଫ୍ରିକା ଓ ୟୁରୋପର ଅନେକ ଦେଶର ନାଗରିକ ବହୁବିଧ ଅନିଶ୍ଚିତତା ଓ ଅର୍ଥନୈତିକ ଅସ୍ଥିରତା ଦେଇ ଗତି କରୁଛନ୍ତି। କରୋନା ପରେ ବିଶ୍ୱକୁ ଅଧିକ ପ୍ରଭାବିତ କରିଛି ବର୍ତ୍ତମାନ ଜାରି ରହିଥିବା ଦୁଇଟି ଯୁଦ୍ଧ। ଦୀର୍ଘ ଦେଢ଼ ବର୍ଷ ଧରି ପତିଆରା ଓ ସମ୍ମାନ ପାଇଁ ରୁଷ-ୟୁକ୍ରେନ୍ ମଧ୍ୟରେ ଯୁଦ୍ଧ ଚାଲିଥିବା ବେଳେ ଏଥିରେ ବର୍ତ୍ତମାନ ଯୋଡ଼ି ହୋଇଛି ଇସ୍ରାଏଲ ଓ ପାଲେଷ୍ଟାଇନର ହମାସ ଆତଙ୍କବାଦୀ। ନିଜର ଅସ୍ତିତ୍ୱ ଓ ସ୍ୱତନ୍ତ୍ରତା ପାଇଁ ଏମାନେ ଲଢ଼େଇ କରୁଛନ୍ତି।

ଏଭଳି ଯୁଦ୍ଧ ସ୍ଥିତିରେ ବିଶ୍ୱ କ୍ଷମତା କେନ୍ଦ୍ରର ମୁଣ୍ଡିଆଳ ହେବାକୁ ଛକାପଞ୍ଝା ସହ ପରୋକ୍ଷରେ ବା ପ୍ରତ୍ୟକ୍ଷରେ ଯୁଦ୍ଧକୁ ସମର୍ଥନ ଜାରି ରଖିଛନ୍ତି କିଛି ବିକଶିତ ଓ ଧନୀ ରାଷ୍ଟ୍ର। ଫଳରେ ଅନେକ ଦେଶର ଜଟିଳ ଆଭ୍ୟନ୍ତରୀଣ କନ୍ଦଳ ଓ ଗୃହଯୁଦ୍ଧ ସାଧାରଣ ନାଗରିକଙ୍କ ଜୀବନକୁ ଅଧିକ ପ୍ରଭାବିତ କରିଛି। ଜାତିସଂଘର ତଥ୍ୟ ଆଧାରରେ ରୁଷ-ୟୁକ୍ରେନ୍ ଯୁଦ୍ଧ ପରେ ୮ ନିୟୁତ୍ ୟୁକ୍ରେନ୍‌ବାସୀ ବାଧ୍ୟବାଧକତାରେ ନିଜ ଭିଟାମାଟି ଛାଡ଼ିଛନ୍ତି। ସେମାନେ ନିଜ ପରିବାର ଓ ସମ୍ପର୍କୀୟଙ୍କୁ ବଞ୍ଚାଇବାକୁ ସଂଘର୍ଷ କରୁଛନ୍ତି। ଅନେକ ପଡ଼ୋଶୀ ୟୁରୋପୀୟ ଦେଶରେ ଶରଣାର୍ଥୀ ଭାବେ ଜୀବନ କଟାଉଛନ୍ତି। ସେହିପରି ଆଫ୍ରିକୀୟ ଦେଶ ସୁଦାନରେ ପାରା ମିଲିଟାରୀ ଓ ସୁଦାନ ସେନା ମଧ୍ୟରେ ଯୁଦ୍ଧ କାରଣରୁ ୩.୪ନିୟୁତ ସୁଦାନ ବାସୀ ଇଜିପ୍ଟ, ଲିବିୟା, କେନ୍ଦ୍ର ଆଫ୍ରିକା, ଇଥିଓପିଆ ଭଳି ଦେଶରେ ଶରଣାର୍ଥୀ ଭାବେ ଆଶ୍ରୟ ନେଇଛନ୍ତି।

୨୦୨୩ ଅକ୍ଟୋବର ୭ରେ ପାଲେଷ୍ଟାଇନର ହମାସ ଆତଙ୍କବାଦୀମାନେ ଇସ୍ରାଏଲ ଉପରେ ଘନଘନ ଆକ୍ରମଣ କରିବା ପରେ ହମାସକୁ ମୂଳପୋଛ କରିବାକୁ ଗାଜା ଉପରେ ପ୍ରତିଶୋଧ ନେଉଛି ଇସ୍ରାଏଲ। ହସ୍ପିଟାଲଠାରୁ ଆରମ୍ଭ କରି ଶରଣାର୍ଥୀ ଶିବିର ଉପରେ ଦିନରାତି ବୋମା ଓ ରକେଟ ମାଡ଼ କରୁଛି ଇସ୍ରାଏଲ ପ୍ରତିରକ୍ଷା ବାହିନୀ। ଗାଜାରେ ପାଣି, ବିଦ୍ୟୁତ, ଇନ୍ଧନ, ଔଷଧ ଓ ଅତ୍ୟାବଶ୍ୟକୀୟ ଖାଦ୍ୟ ସାମଗ୍ରୀର ଉତ୍କଟ ଅଭାବ ଦେଇ ଲୋକେ ଜୀବନ ମରଣ ସଂଘର୍ଷ କରୁଛନ୍ତି।

୨୦୨୦ପୂର୍ବରୁ ଭାରତର ଜାତୀୟ ଅଭିବୃଦ୍ଧି ହାରଠାରୁ ଢେର ଅଧିକ ସମୃଦ୍ଧ ଥିବା ପଡ଼ୋଶୀ ରାଷ୍ଟ୍ର ଶ୍ରୀଲଙ୍କା କରୋନା ପରବର୍ତ୍ତି ସ୍ଥିତି ଓ ଆଭ୍ୟନ୍ତରୀଣ କନ୍ଦଳ ଯୋଗୁଁ ଦୟନୀୟ ସ୍ଥିତିରେ ପହଞ୍ଚିଛି। ପର୍ଯ୍ୟଟନ ଶିଳ୍ପ ଉପରେ ନିର୍ଭରଶୀଳ ଶ୍ରୀଲଙ୍କାର ସ୍ଥିତି କରୋନା ପରେ ଅଧିକ ବିଗିଡ଼ି ଯାଇଛି। ଦେଶରେ ଜୈବିକ ପଦ୍ଧତି ଚାଷ ବିଫଳ ହୋଇଥିବା ବେଳେ କୃଷି ଅର୍ଥନୀତି ଅଧିକ ନୈରାଶ୍ୟଜନକ ସ୍ଥିତିକୁ ଚାଲିଯାଇଛି। ସେ ଦେଶରେ କ୍ଷମତା ହାସଲ ପାଇଁ ଆଭ୍ୟନ୍ତରୀଣ କନ୍ଦଳ, ଜାତୀୟ ପାଣ୍ଠିର ଦୁରୁପଯୋଗ ସହ ଚୀନର ରଣଯନ୍ତାରେ ଫସି ଛଟପଟ ହେଉଛି ଶ୍ରୀଲଙ୍କା। ଏହାସହ ଗୃହଯୁଦ୍ଧ ସ୍ଥିତି ଏହି ଉପଦ୍ୱୀପ ଦେଶର ଅର୍ଥନୈତିକ ମେରୁଦଣ୍ଡ ଭାଙ୍ଗି ଦେଇଛି।

ସେହିପରି ଗୋଟିଏ ପଟେ ବିସ୍ତାରବାଦ ଚୀନ ପଡ଼ୋଶୀ ରାଷ୍ଟ୍ରର ଭୂଖଣ୍ଡକୁ ବଳପୂର୍ବକ ଅଧିକାର ପାଇଁ ମସୁଧା ଚଳାଉଥିବା ବେଳେ ପାକିସ୍ତାନରେ ମଧ୍ୟ ସ୍ଥିତି ସଙ୍ଗିନ ରହିଛି। ବେଲ୍ଟ ଆଣ୍ଡ ରୋଡ ଇନିସିଏଟିଭ ପରିଯୋଜନାରେ ପାକିସ୍ତାନ ଚୀନର ବ୍ଲାକମେଲର ଶିକାର ହୋଇଛି। ପାକିସ୍ତାନରେ ରାଜନୈତିକ ଅସ୍ଥିରତା ଜାରି ରହିଥିବା ବେଳେ ଆତଙ୍କବାଦୀ ନେତାମାନଙ୍କୁ ଅଭୟ ପ୍ରଦାନ ଜାରି ରଖିଛି ପାକିସ୍ତାନ। ଭାରତ ସହ ଏକ ସମୟରେ ସ୍ୱାଧୀନ ହୋଇଥିବା ପାକିସ୍ତାନରେ କେତେବେଳେ ସେନା ମୁଖ୍ୟ ନିଜକୁ ସର୍ବମୟକର୍ତ୍ତା ଘୋଷଣା କରୁଛନ୍ତି ତ ଆଉ କେତେବେଳେ ଦେଶାନ୍ତର ହୋଇଥିବା ରାଜନେତା ହଠାତ ଦେଶକୁ ଫେରି ପ୍ରଧାନମନ୍ତ୍ରୀ ହେବାକୁ ଉଦ୍ୟମ ଜାରି ରଖିଛନ୍ତି। ପାକିସ୍ତାନରେ ସାଧାରଣ ନାଗରିକଟିଏ ନିଜ ପାଇଁ ଅତ୍ୟାବଶ୍ୟକ ସାମଗ୍ରୀ ଯୋଗାଡ଼ କରିବାକୁ ରାତିଦିନ ସଂଘର୍ଷ କରୁଛି। ରାସନ୍ ଟ୍ରକ ପଛରେ ପ୍ରତିଯୋଗିତାରେ ଧାଇଁବା ଭଳି ଧାଇଁ ଧାଇଁ ଶେଷରେ ନିରାଶ ହୋଇ ଫେରୁଛି। ପାକିସ୍ତାନରେ କ୍ଷୀର ଲିଟର ପିଛା ୨୦୦ଟଙ୍କା, ଅଟା କିଲୋ ୧୮୦ଟଙ୍କାରେ ବିକ୍ରି ହେଉଛି। ପାକିସ୍ତାନର ଶାସନ ଡୋରି ଧରିବାକୁ ନେତାଙ୍କ ମଧ୍ୟରେ ପ୍ରତିଯୋଗିତା ଚାଲୁଥିବା ବେଳେ ସାଧାରଣ ଜନତା ରାଜନୀତି ପଶାପାଲିରେ ମୋହର ହେବା ସାର ହୋଇଛି। ସେପଟେ ପାକିସ୍ତାନଠାରୁ କୌଣସି ସୁବିଧା ସୁଯୋଗ ପାଉନଥିବାରୁ ବାଲୁଚିସ୍ତାନର ଲୋକେ ଭାରତ ସହ ମିଶିବାକୁ ଇଚ୍ଛା ପ୍ରକାଶ କରିବା ସହ ପାକିସ୍ତାନ ବିରୋଧରେ ବିକ୍ଷୋଭ କରୁଛନ୍ତି।

ପଡ଼ୋଶୀ ଆଫଗାନିସ୍ତାନର ସ୍ଥିତି ମଧ୍ୟ ନ କହିଲେ ଭଲ। ତାଲିବାନୀଙ୍କୁ ମୂଳପୋଛ କରି ଗଣତନ୍ତ୍ର ପ୍ରତିଷ୍ଠା ପାଇଁ ଯୋଜନା କରିଥିବା ଆମେରିକା ଶେଷରେ ସେହି ତାଲିବାନୀଙ୍କ ହାତରେ ଆଫଗାନିସ୍ତାନର ଚାବିକାଠି ଧରାଇ ନିଜ ସୈନ୍ୟଙ୍କୁ ଅପସାରଣ କରି ଛୁ ମାରିଛି। ବର୍ତ୍ତମାନ ଆଫଗାନିସ୍ତାନ ତାଲିବାନୀଙ୍କ ଦ୍ୱାରା ଶାସିତ ହେଉଥିବା ବେଳେ ଏହାକୁ ଅନ୍ତର୍ଜାତୀୟ ସ୍ୱିକୃତୀ ମିଳିନି। ଆପଗାନିସ୍ତାନରେ ଶିକ୍ଷା, ସାମାଜିକ ଜୀବନ, ଅର୍ଥନୀତି, ଆଇନକାନୁନ୍ ବୋଲି କିଛି ନାହିଁ। ମହିଳାମାନଙ୍କୁ ବଳପୂର୍ବକ ଘରୁ ଟାଣି ନେଇ ଗଣଦୁଷ୍କର୍ମ କରୁଛି ବର୍ବର ତାଲିବାନୀ। ମସଜିଦ ଭିତରେ ନମାଜ ପାଠ ବେଳେ ଫୁଟୁଛି ବୋମା। ନାରୀ ଶିକ୍ଷା ଉପରେ ଫତୱା ଜାରି ହୋଇଛି। ତେଣୁ ଆଫଗାନିସ୍ତାନରେ ମାନବବାଦର ସତେଯେମିତି ସମ୍ପୂର୍ଣ୍ଣ ମୃତ୍ୟୁ ହୋଇଯାଇଛି।



ସେହିଭଳି ଅଧିକାଂଶ ଆଫ୍ରିକୀୟ ଦେଶରେ ମଧ୍ୟ ଗୃହଯୁଦ୍ଧ ସହ ଅଶାନ୍ତ ସ୍ଥିତି ଜାରି ରହିଛି। ବୁରୁଣ୍ଡି, ନାଇଜେରିଆ, ସିରିଆ, ୟେମେନ, ସୁଦାନ ଭଳି ଦେଶରେ ଖାଦ୍ୟାଭାବ, କୁପୋଷଣ ଯୋଗୁଁ ଶହଶହ ଲୋକଙ୍କ ମୃତ୍ୟୁ ହେଉଛି। ଏହି ଅଞ୍ଚଳରୁ ପ୍ରାଚୁର୍ଯ୍ୟ ଚାଲାଣ ହେଉଛି। କିନ୍ତୁ ଏଠି ଗରିବ ହଟୁନି କି ବିକାଶର ନାଁ ଗନ୍ଧ ନାହିଁ। ନାଇଜେରିଆ ଭଳି ଦେଶରେ ବୋକୋହାରାମ ଭଳି ଦୁର୍ଦ୍ଦାନ୍ତ ଆତଙ୍କୀ ସଂଗଠନ ପୁଲିସ, ଯବାନ ଓ ସାଧାରଣ ଲୋକଙ୍କୁ ହତ୍ୟା କରୁଛନ୍ତି। ବୋକୋହାରାମ ଆତଙ୍କୀ ସଂଗଠନ ୩ଲକ୍ଷ ଶିଶୁଙ୍କୁ ହତ୍ୟା କରିଥିବା ବେଳେ ୨.୩ ନିୟୁତ ଲୋକଙ୍କୁ ବାସହରା କରାଇଛି। ସେପଟେ ବାଂଲାଦେଶ, ଭାରତ, ମ୍ୟାଁମାର ପାଇଁ ମୁଣ୍ଡବିନ୍ଧାର କାରଣ ପାଲଟିଛନ୍ତି ରୋହିଙ୍ଗିଆ ଶରଣାର୍ଥୀ। ମ୍ୟାଁମାର ମୂଳ ଅଧିବାସୀ ରୋହିଙ୍ଗିୟାଙ୍କୁ ସେଠାରୁ ତଡ଼ି ଦିଆଯାଉଛି। ସେମାନେ ଆମ ଦେଶକୁ ମଧ୍ୟ ପଶ୍ଚିମବଙ୍ଗ ସୀମା ଦେଇ ବାଂଲାଦେଶୀ ଶରଣାର୍ଥୀଙ୍କ ସହ ଅବାଧ ପ୍ରବେଶ କରୁଛନ୍ତି। ଏମାନେ ଆମ ଦେଶ ଓ ରାଜ୍ୟର ସୁରକ୍ଷା ପାଇଁ ମଧ୍ୟ ବଡ଼ ଆହ୍ୱାନ ସୃଷ୍ଟି କରିଛନ୍ତି।

ତେଣୁ ବିଭିନ୍ନ ଦେଶରେ ଗୃହଯୁଦ୍ଧର ପ୍ରମୁଖ କାରଣ ତର୍ଜମା କଲାବେଳେ କେଉଁଠି କ୍ଷମତା ପାଇଁ ଗୃହଯୁଦ୍ଧ ତ ଆଉ କେଉଁଠି ନିଜର ସ୍ଥିତି ବଜାୟ ରଖିବାକୁ ସଂଘର୍ଷ ଶେଷରେ ଯୁଦ୍ଧର ରୂପ ନେଉଛି। ଅନେକ ସ୍ଥାନରେ ଶାସନ ମୁଖ୍ୟଙ୍କ ପ୍ରତି ଅସହିଷ୍ଣୁତା, ଦେଶବାସୀଙ୍କ ସୁରକ୍ଷାରେ ଅସମର୍ଥ ନେତା ଓ ଆତ୍ମକେନ୍ଦ୍ରିକ ବିଚାରଧାରାକୁ ବିରୋଧାଭାସ କରି ଗଣଆନ୍ଦୋଳନ ବିସ୍ଫୋରକ ସ୍ଥିତିରେ ପହଞ୍ଚୁଛି। ଦେଶବାସୀଙ୍କ ଜୀବନ ଓ ସମସ୍ୟା ସମାଧାନ ବଦଳରେ କୁମ୍ଭୀର କାନ୍ଦଣା ଓ ରାଜନୈତିକ କାଦୁଅ ଫିଙ୍ଗା ଜାରି ରଖିଛନ୍ତି ନେତାମାନେ। ବିଶ୍ୱରେ ଶରଣାର୍ଥୀଙ୍କ ସଂଖ୍ୟା ମଧ୍ୟରେ ୧୧୦ ନିୟୁତ ଲୋକ ବଳପୂର୍ବକ ନିଜ ଭିଟାମାଟିରୁ ସ୍ଥାନାନ୍ତର ହୋଇଥିବା ବେଳେ ଶରଣାର୍ଥୀଙ୍କ ସଂଖ୍ୟା ବିଶ୍ୱରେ ୩୭.୬ ନିୟୁତରେ ପହଞ୍ଚି ସାରିଛି। ବିଶ୍ୱରେ ଏଭଳି ଗୋଳମାଳିଆ ସ୍ଥିତିରେ ଜାତିସଂଘ ସମାଧନ ସୂତ୍ର ବାହାର କରିବା ପରିବର୍ତ୍ତେ ନିଜର ଅସହାୟତା ମଧ୍ୟ ପ୍ରକାଶ କରିଛି।

# ଆଧୁନିକ ଚିତାକୁଟା 'ଟାଟୁ'

**ଅଲେଖ ଚନ୍ଦ୍ର ମିଶ୍ର**
ଭୁବନେଶ୍ୱର, ମୋ: ୯୪୩୮୬୭୩୮୯୮

ଏବକାର ଯୁବପିଢ଼ି ପାଇଁ ଟାଟୁ ବା ଚିତା କୁଟେଇବା ଏକ ଫାସନ ବା ଷ୍ଟାଇଲ ହୋଇ ଗଲାଣି। ସେମାନଙ୍କର ପସନ୍ଦ ଅନୁସାରେ ଟାଟୁର ରୂପ ବି ବଦଳିବାରେ ଲାଗିଛି। ବିଭିନ୍ନ ପ୍ରକାରର ଟାଟୁ ମଧ୍ୟରେ ସାଧାରଣତଃ ଚାହିଦାରେ ରହୁଥିବା ଟାଟୁଗୁଡ଼ିକ ହେଲା ଭୂକର୍ମ(ପିଲାମାନଙ୍କର ହାତରେ ଅଙ୍କା ଯାଉଥିବା ପିତାମାତାଙ୍କ ଚିତ୍ର), ଅର୍ଡର୍ ଏକ୍(ନାରୀ ଓ ପୁରୁଷଙ୍କ ପାଇଁ ଈଶ୍ୱରଙ୍କ ଚିତ୍ର ସମ୍ବଳିତ ଓଁ), ଆକ୍ୟୁଟ୍ ହେନ୍ନା (ଛୋଟ ପିଲା, ଝିଅ ଓ ମହିଳାଙ୍କ ପାଇଁ ମେହେନ୍ଦି ଭଳି), କାନ୍‌ଭାସ୍ ଆର୍ଟ(ନାରୀ ଓ ପୁରୁଷମାନଙ୍କର ହାତ, ବେକ ଓ ମଣିବନ୍ଧରେ କଳାତ୍ମକ ଚିତ୍ର), ଓଁ ସହିତ ତ୍ରିଶୂଳ (ନାରୀ ଓ ପୁରୁଷ ପାଇଁ), ବେନର୍ଲି ଥ୍ରି ଡି(ସମସ୍ତଙ୍କ ପାଇଁ) ଇତ୍ୟାଦି।

ତେବେ ଯୁବବର୍ଗର ବିଶେଷ ପସନ୍ଦ ଡ୍ରାଗନ୍ ଟାଟୁ। ଏହାଛଡ଼ା ଅନ୍ୟମାନଙ୍କର ଦୃଷ୍ଟି ଆକର୍ଷଣ କରିବା ପାଇଁ ଅନ୍ତର୍ଜାତୀୟସ୍ତରର ଖେଳାଳି, ମଲ୍ଲ ଯୋଦ୍ଧା, ଭାରୋତ୍ତୋଳନକାରୀ ଏବଂ ସିନେମା ଜଗତର ତାରକାମାନେ ନିଜ ନିଜର ଦେହରେ କରୁଥିବା ଟାଟୁର ଆକୃତି ସ୍ୱତନ୍ତ୍ର। ସେହିପରି ଅସାମାଜିକ ଓ ଗୁଣ୍ଡା ଶ୍ରେଣୀୟ ଲୋକମାନେ ହାତରେ ଛାତିରେ କିମ୍ବା ବେକରେ ସିଂହ, ବାଘ, ସାପ ଆଦି ହିଂସ୍ର ଜୀବଜନ୍ତୁଙ୍କର ଚିତ୍ର ଆଙ୍କିବା ପାଇଁ ଭଲ ପାଆନ୍ତି। ଜାଣିଲେ ଆଶ୍ଚର୍ଯ୍ୟ ହେବେ ଯେ ସମ୍ପ୍ରତି ଆମେରିକାବାସୀ ଡିନ୍ ମେହେବ୍ ନାମକ ଜଣେ ବ୍ୟକ୍ତି ନିଜ ହାତରେ ନିଜର କ୍ୟୁଆର୍ କୋଡ୍‌କୁ ଟାଟୁ କରିଛନ୍ତି ଏବଂ ଦୋକାନରେ ଜିନିଷପତ୍ର କିଣିଲା ବେଳେ କ୍ୟୁଆର୍ କୋଡ୍ ବଦଳରେ ନିଜର ହାତକୁ ଦେଖେଇ ସ୍କାନ୍ କରି ପଇସା ଦେଉଛନ୍ତି। ଏହାକୁ ଅନ୍ୟମାନେ ବି ଅନୁକରଣ କଲେଣି। ଟାଟୁ ପ୍ରତି ଥିବା ଏଭଳି ଦୁର୍ବଳତା ଯୋଗୁଁ ବହୁ ଦିନରୁ ଏକ କଳା ଭାବରେ ଟାଟୁ ବା ଚିତା କୁଟେଇବା ଖୁବ୍ ଆଦୃତି ଲାଭ କରି ଆସିଛି।

ଦିଲ୍ଲୀସ୍ଥିତ ସାମାଜିକ ଗବେଷଣା କେନ୍ଦ୍ର (ସେଣ୍ଟର୍ ଫର୍ ସୋସିଆଲ ରିସର୍ଚ୍ଚ)ର ଏକ ତଥ୍ୟ ଅନୁସାରେ୧୬.୩% ଲୋକ ପଶୁପକ୍ଷୀଙ୍କ ଚିତ୍ର ଥିବା ଟାଟୁକୁ ପସନ୍ଦ କରୁଥିବା ବେଳେ ଲିପି(ସ୍କ୍ରିପ୍ଟ) ଟାଟୁକୁ ୧୩.୬% ଏବଂ ବିଭିନ୍ନ ପ୍ରକାର ଫୁଲର ଟାଟୁକୁ ୧୨.୫% ଲୋକ ପସନ୍ଦ କରନ୍ତି। ଏପରିକି ଚୀନ୍ ଦେଶରେ ବି ଭାରତୀୟ ଟାଟୁର ବିଶେଷ ଆଦର ରହିଛି।



ଟାଟୁ (ଚିତା କୁଟେଇବା) ନୂଆକଥା ନୁହେଁ। ଆଗେ ବଣ ଜଙ୍ଗଲରେ ରହୁଥିବା ଅଧିବାସୀମାନେ, ବିଶେଷକରି, ମହିଳାମାନେ ହିଂସ୍ର ଜନ୍ତୁଙ୍କର ଦୃଷ୍ଟି ଏଡ଼ାଇବା ପାଇଁ ଚିତା କୁଟେଇ ନିଜର ମୁହଁକୁ ବିବର୍ଣ୍ଣ କରି ଦେଉଥିଲେ। ଅନ୍ୟ ଅଞ୍ଚଳରେ କେଳୁଣୀମାନେ ଗାଁ ଗାଁ ବୁଲି ଚିତା କୁଟେଇବା ଧନ୍ଦା କରୁଥିଲେ। ନାରୀ ଓ ପୁରୁଷ ଉଭୟେ ନିଜ ନିଜର ହାତରେ ରାଧାକୃଷ୍ଣ, ସୀତାରାମ, ହରପାର୍ବତୀ ଇତ୍ୟାଦି ଦେବଦେବୀଙ୍କର ଚିତ୍ର କିମ୍ବା କପାଳରେ ରାମାନନ୍ଦୀ ଚିତା ଅଙ୍କାଉଥିଲେ। କାରଣ ବିଶ୍ୱାସ ଥିଲା ଯେ ମୃତ୍ୟୁ ସମୟରେ ଦେହରେ ଥିବା ସେଭଳି ଚିତ୍ରକୁ ଦେଖିଲେ ଯମ ଦୂତମାନେ ପାଖ ମାଡ଼ିବେ ନାହିଁ। ତା' ଛଡ଼ା ମୃତ୍ୟୁ ପରେ ସଂସାରରୁ କେବଳ ସେତିକି ଜିନିଷ ହିଁ ସାଙ୍ଗରେ ନେଇ ହେବ। ଆଗେ ମହିଳାମାନେ ନିଜ ସ୍ୱାମୀଙ୍କର ନାମ ଧରୁ ନଥିବାରୁ ହାତରେ ନିଜ ସ୍ୱାମୀଙ୍କର ନାମ ଲେଖାଉଥିଲେ, ଯଦ୍ଦ୍ୱାରା ସ୍ୱାମୀଙ୍କର ନାମ ଉଚ୍ଚାରଣ କରିବା ଦରକାର ପଡ଼ିଲେ ନାମ ଲେଖାଥିବା ହାତଟିକୁ ଦେଖାଇ ଦେଉଥିଲେ। ଚିତା କୁଟେଇବାର ଅନ୍ୟ ଏକ ଉଦ୍ଦେଶ୍ୟ ଥିଲା ପିଲାଟିଏ ହଜିଗଲେ ତା' ଦେହରେ ଥିବା ଚିତାଚିହ୍ନ ତା'କୁ ଖୋଜି ପାଇବାରେ ସହାୟକ ହୁଏ।

ଟାଟୁର ସୃଷ୍ଟି କେବେ ହୋଇଥିଲା ସଠିକ୍ ଜଣା ନଥିଲେ ବି ବିଭିନ୍ନ ସଂଗ୍ରହାଳୟରେ ସଂରକ୍ଷିତ ମନୁଷ୍ୟର ଚର୍ମ, ପୁରାତନ କଳା ଭାସ୍କର୍ଯ୍ୟ ଓ ପ୍ରତ୍ନତାତ୍ତ୍ୱିକ ନଥିପତ୍ରରୁ ଜଣାପଡ଼େ ପ୍ରସ୍ତରଯୁଗର ମାନବ ନିଜ ଦେହରେ ଟାଟୁ କରୁଥିଲା। ଖ୍ରୀଷ୍ଟୀୟ ପଞ୍ଚମ ଶତାବ୍ଦୀରେ ଗ୍ରୀକ୍‌ମାନେ ଗୁପ୍ତ ତଥ୍ୟ ପ୍ରେରଣ ପାଇଁ ଟାଟୁ ବ୍ୟବହାର କରୁଥିଲେ। ପରବର୍ତ୍ତୀ କାଳରେ ରୋମାନମାନେ ଅପରାଧୀ ଓ କ୍ରୀତଦାସମାନଙ୍କୁ ଚିହ୍ନଟ କରିବା ପାଇଁ ସେମାନଙ୍କ ଦେହରେ ଟାଟୁ ଚିହ୍ନ ରଖୁଥିଲେ।

ଆଗେ ଟାଟୁ କରିବା ଖୁବ୍ କଷ୍ଟଦାୟକ ଥିଲା। ଛୁଞ୍ଚି ଭଳି ତୀକ୍ଷ୍ଣ ମୁନରେ ଚର୍ମକୁ ଫୋଡ଼ି ତା' ଭିତରକୁ ସ୍ୟାହି, ରଙ୍ଗ, ପିଗ୍‌ମେଣ୍ଟ (ପ୍ରାକୃତିକ ରଙ୍ଗ) ପୂରେଇ ଅଲିଭା ଚିତ୍ର ଅଙ୍କନ କରା ଯାଉଥିଲା, ଯାହା ଥରେ ହୋଇଗଲେ ସାରା ଜୀବନ ଅକ୍ଷୁଣ୍ଣ ରହି ଯାଉଥିଲା। ଏବେ ଏହି ପ୍ରକ୍ରିୟାରେ ଅନେକ ପରିବର୍ତ୍ତନ ଘଟିଛି। ଅପେକ୍ଷାକୃତ କମ୍ କଷ୍ଟରେ ସ୍ଥାୟୀ ଓ ଅସ୍ଥାୟୀ ଉଭୟ ପ୍ରକାରର ଟାଟୁ କରି ହେଉଛି। ସେହିପରି ଟାଟୁକୁ ଲିଭେଇବା ବି ସମ୍ଭବ ହେଉଛି। ଲେଜର ସର୍ଜରୀ, ସର୍ଜିକାଲ୍ ରିମୁଭାଲ୍ ଏବଂ ଡର୍ମା ବ୍ରାଜନ୍ ପଦ୍ଧତିରେ ମେଡିକାଲ୍ ଗ୍ରାଇଣ୍ଡିଂ ଟୁଲ୍ ମାଧ୍ୟମରେ ସ୍ଥାୟୀ ଟାଟୁକୁ ବି ସମ୍ପୂର୍ଣ୍ଣ ଭାବରେ ଲିଭେଇ ନିଶ୍ଚିହ୍ନ କରି ଦିଆଯାଇ ପାରୁଛି। ଏପରିକି ପୂର୍ବରୁ ଥିବା ଟାଟୁକୁ ନ ଲିଭେଇ ତା' ସ୍ଥାନରେ ନୂତନ ପ୍ରକାରର ଟାଟୁ କରି ହେଉଛି। ତେବେ ଟାଟୁ କରିବାର ଏକ ନକାରାତ୍ମକ ବିଭାବ ବି ରହିଛି। ଏଥିରେ ବ୍ୟବହୃତ କାଳିରେ ପାଇରିନ୍ ତତ୍ତ୍ୱ ମିଶ୍ରିତ ଥିବାରୁ ଏହା କ୍ୟାନ୍‌ସର ରୋଗ ସୃଷ୍ଟିର କାରଣ ହୋଇପାରେ ବୋଲି ନେଦରଲାଣ୍ଡର ଛଅ ସଦସ୍ୟ ବିଶିଷ୍ଟ ଗବେଷକ ଗୋଷ୍ଠୀ ଏବଂ ଅନ୍ତର୍ଜାତୀୟ କର୍କଟ ଅନୁସନ୍ଧାନ କେନ୍ଦ୍ରର କର୍ମକର୍ତ୍ତାମାନେ ସମ୍ପ୍ରତି ମତ ଦେଇଛନ୍ତି। ନିକଟରେ(୨୦୨୩ ଅଗଷ୍ଟ ମାସରେ) ଟୋକିଓଠାରେ ଅନୁଷ୍ଠିତ ବିଶିଷ୍ଟ ଗବେଷକମାନେ ଅନ୍ୟୂନ ତିରିଶ ହଜାର ଟାଟୁ କରିଥିବା ଲୋକଙ୍କ ଉପରେ ଅନୁଧ୍ୟାନ କରିବା ପରେ ଏକ ସମ୍ମିଳନୀରେ ମତ ପ୍ରକାଶ କରିଛନ୍ତି ଯେ ଟାଟୁ ମାଧ୍ୟମରେ ଦେହରେ ହେପାଟାଇଟିସ ବି ଓ ସିର ଭୂତାଣୁ ପ୍ରବେଶ କରି ଜଣ୍ଡିସ ରୋଗ ସୃଷ୍ଟି କରେ।

## ଘୋଷଣା

ଦୈନିକ **'ସକାଳ'** ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

ସକାଳ THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342

ଲେଖା ଓ ଲୋକମତ ପାଇଁ: sakalaeditorial@gmail.com

ଖୋଲିଲା ରହସ୍ୟ

## ଶଙ୍କରପଲା ଟ୍ରିପଲ୍ ମର୍ଡର

# ବାପା ହୋଇପାରିଲେନି ବୋଲି...

**ଦୀର୍ଘଦିନ ଧରି ଦାରିଦ୍ର୍ୟର ବୋଝ ବୋହି ଆସୁଥିବା କଳାହାଣ୍ଡି ଜିଲ୍ଲା କ୍ରମେ ଏଭଳି କଳଙ୍କରୁ ମୁକ୍ତ ହୋଇଛି । ଏପରିସ୍ଥଳେ ଏବେ କିନ୍ତୁ ଗୁଣିଗାରେଡ଼ିର ଫାଶରୁ ମୁକୁଳିପାରିନି ଜିଲ୍ଲା । ଏକବିଂଶ ଶତାବ୍ଦୀରେ ଆମେ ପହଞ୍ଚିଥିଲେ ବି ଅନ୍ଧବିଶ୍ୱାସ ଓ ଗୁଣିଗାରେଡ଼ିରେ ପଡ଼ି ଜିଲ୍ଲାର ଅନେକଙ୍କ ଜୀବନ ଯାଉଛି । କିଭଳି ଏଭଳି ଏକ ସମ୍ବେଦନଶୀଳ ହତ୍ୟାକାଣ୍ଡର ମୁଖ୍ୟ ଅଭିଯୁକ୍ତ ନିକଟରେ ପୁଲିସ ପହଞ୍ଚିପାରିଲା ସେ ସମ୍ପର୍କରେ ସ୍ୱତନ୍ତ୍ର ଉପସ୍ଥାପନା ।**

ଭବାନୀପାଟଣାରୁ ସ୍ୱାଧୀନ ପାତ୍ରଙ୍କ ରିପୋର୍ଟ

୨୦୨୩ ଅକ୍ଟୋବର ମାସ ୧ ତାରିଖ ସନ୍ଧ୍ୟା । ଜୁନାଗଡ଼ ଥାନାବାବୁ ନିଜ ଚାମ୍ବରରେ କୌଣସି ଏକ ମାମଲାରେ ବ୍ୟସ୍ତଥାଆନ୍ତି ହଠାତ ମୋବାଇଲ ରିଂ ହେଲା । କଲ୍ କରିଥିବା ବ୍ୟକ୍ତି ଜଣକ ଚିହ୍ନା ଜଣା ହୋଇଥିବାରୁ ଜୁନାଗଡ଼ ଥାନା ଅଧିକାରୀ କଥାହୋଇ ପ୍ରଥମେ ଟେବୁଲରେ ଥିବା ପାଣି ଗ୍ଲାସରୁ କିଛି ପିଇ ସିଧା ବାହାରିଗଲେ । ମୋବାଇଲକୁ ଫୋନ କାଳରେ କେବଳ ସୂଚନାଥିଲା ଯେ ବୁଢ଼ୀପଦର ପଞ୍ଚାୟତର ଶଙ୍କରପଲା ଗାଁ ରାସ୍ତାରେ କିଏ ୩ଜଣଙ୍କୁ ହତ୍ୟାକରିଛି । ରାସ୍ତା ଉପରେ ଶବ ତିନୋଟି ପଡ଼ିଥିବାରୁ ସ୍ଥାନୀୟ ଲୋକ ଭୟଭୀତ ଅବସ୍ଥାରେ ଅଛନ୍ତି । ତତ୍କ୍ଷଣାତ ଜୁନାଗଡ଼ ଥାନା ଅଧିକାରୀ ଶେଷଦେବ ବେହେରା ପୁଲିସ କର୍ମଚାରୀଙ୍କ ସମେତ ଘଟଣାସ୍ଥଳକୁ ବାହାରି ପଡ଼ିଥିଲେ ଏବଂ ଦେଖିବାକୁ ପାଇଥିଲେ ତିନିଜଣଙ୍କୁ ହତ୍ୟା କରାଯାଇଛି । ପୁଲିସ ପ୍ରଥମେ କ'ଣ କରିବ କିଛି ସ୍ଥିର କରି ପାରି ନ ଥିଲା । କଳାହାଣ୍ଡି ଏସ୍ପିଙ୍କୁ ଖବର ଦେବା ସଙ୍ଗେ ସଙ୍ଗେ ଧର୍ମଗଡ଼ ଏସ୍ଡିପିଓଙ୍କୁ ଜଣାଇ ଦେଇଥିଲେ ଥାନା ଅଧିକାରୀ । ରାତିର ଅନ୍ଧାର କ୍ରମେ ବହଳ ହେବାରେ ଲାଗିଛି ।

ଚାରିଆଡ଼େ ଖାଲି ଅନ୍ଧାର । ପୁଲିସର ଚେଷ୍ଟା ସତ୍ତ୍ୱେ ହତ୍ୟାକାଣ୍ଡ ସମ୍ପର୍କରେ କେହି ପଦେ କହିବାକୁ ସାହାସ କରୁନାହାନ୍ତି । ଜଣେ ମହିଳା ଆଉ ଜଣେ ଶିଶୁ ଏବଂ ବୟସ୍କ ବ୍ୟକ୍ତିଙ୍କ ଶବ ପଡ଼ି ରହିଥିଲା । ରକ୍ତରେ ଭିଜିଛି ପିନ୍ଧା ଲୁଗାପଟା । ପୁଲିସ କାହାକୁ ସନ୍ଦେହ ସନ୍ଦେହ କରିବ? ଟ୍ରିପଲ ମର୍ଡର ମଧ୍ୟରେ ଦୁଇ ବର୍ଷର ନିଷ୍ପାପ ଶିଶୁଟିଏ ଅଛି । ଶିଶୁଟି କି ଦୋଷ କରିଥିଲା ସେ କ'ଣ କାହାର ଶତ୍ରୁ ହୋଇପାରେ କି ବୋଲି ପୁଲିସ ଅନୁସନ୍ଧାନକୁ ନିଜେ କୌଣସି ସିଦ୍ଧାନ୍ତରେ ପହଞ୍ଚି ପାରି ନ ଥିଲା । ରାତିରେ ସାଇଣ୍ଟିକଫିକ୍ ଟିମ ଆସିଲେ କିନ୍ତୁ କିଛି ସୁଫଳ ମିଳି ନ ଥିଲା । ସକାଳେ ସନ୍ଧାନୀ କୁକୁର ଆସି ଯେତେବେଳେ ମହେନ୍ଦ୍ର ଘରପଟକୁ ବାରମ୍ବାର ଯାଇଥିଲା ପୁଲିସର ସନ୍ଦେହ ଧୀରେ ଧୀରେ ଦୃଢ଼ ହେବାରେ ଲାଗିଲା । ବୁଦ୍ଧିମତ୍ତାର ସହ ପୁଲିସ ତଦନ୍ତ ପ୍ରକ୍ରିୟାକୁ ଜୋର୍ଦାର କରି ଶେଷରେ ଅଭିଯୁକ୍ତ ନିକଟରେ ପହଞ୍ଚି ପାରିଥିଲା ।

ଏହି ଟ୍ରିପଲ ମର୍ଡର ଘଟଣା ଘଟିଥିଲା ଗତ ୧ ତାରିଖ ସନ୍ଧ୍ୟା ସମୟରେ ଜୁନାଗଡ଼ ଥାନା ଅନ୍ତର୍ଗତ ବୁଢ଼ୀପଦର ପଞ୍ଚାୟତ ଶଙ୍କରପଲା ଗ୍ରାମରେ । ହତ୍ୟାକାରୀ ପ୍ରଥମେ ଦୁଇବର୍ଷର ନିଷ୍ପାପ ଶିଶୁକୁ ହତ୍ୟା କରିବା ସହ ମାଆକୁ ଛୁରି ଦ୍ୱାରା ମାରିଦେଇଥିଲା । କେବଳ ସେତିକି ନୁହେଁ ଅଳ୍ପ ଦୂରରେ ଥିବା ଅନ୍ୟଜଣେ ବୟସ୍କ ବ୍ୟକ୍ତିଙ୍କୁ ମଧ୍ୟ ହତ୍ୟା କରିବାକୁ ରକ୍ତମୁଖା ରାକ୍ଷସରୂପୀ ହତ୍ୟାକାରୀର ମନରେ ଦୟା ଆସି ନ ଥିଲା । କିଛିଟା ମୁହୂର୍ତ୍ତରେ ଲୋଟିପଡ଼ିଲା ତିନୋଟି ଶବ । ଅଭିଯୁକ୍ତ ଚତୁରତାର ସହ ଚମ୍ପଟ ମାରିଥିଲା । ଗ୍ରାମବାସୀମାନେ ପୁଲିସକୁ ଖବର ଦେବା ପରେ ସାଇଣ୍ଟିଫିକ ଟିମ୍ ଓ ସନ୍ଧାନୀ କୁକୁର ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ପରେ ମହେନ୍ଦ୍ର ମାଝୀଙ୍କୁ ଗିରଫ କରିଥିଲା । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ଥିଲା ମୃତ୍ୟବରଣ କରିଥିବା ମହିଳା ହେଲେ ମହେନ୍ଦ୍ରର ନିଜ ଖୁଡ଼ୀ ରାଇମତୀ ମାଝୀ । ଶିଶୁ ପୁତ୍ରଟି ରାଇମତୀର ଦୁଇବର୍ଷର ପୁଅ । ଆଉ ବୃଦ୍ଧ ଜଣକ ସେହି ଗ୍ରାମର ପୂଜକ ମହେନ୍ଦ୍ର କୁମାର ବୋଲି ଜଣାପଡ଼ିଥିଲା । ରାଇମତୀର ସ୍ୱାମୀ ବ୍ରଜ ମାଝୀ ୯ ବର୍ଷ ପୂର୍ବରୁ ଏକ ହତ୍ୟାକାଣ୍ଡ ମାମଲାରେ ଭବାନୀପାଟଣା ଜେଲରେ ସଜା କାଟୁଛି । ପାରୋଲରେ ବ୍ରଜ ମାଝୀ ଗାଁକୁ ଆସିଥିଲା । ଏହି ସବୁ ମଧ୍ୟରେ ସେ କୌଣସି ଏକ ସୂତ୍ରରୁ ଜାଣିବାକୁ ପାଇଥିଲା ଯେ, ଖୁଡ଼ୀ ରାଇମତୀ ଗୁଣିଗାରେଡ଼ି କରୁଥିବା କାରଣରୁ ହତ୍ୟାକାରୀ ତା'ର ପତ୍ନୀର ଛୁଆପିଲା ହେଉନାହିଁ । ବାରମ୍ବାର ଗର୍ଭନଷ୍ଟ ବି ହୋଇଯାଉଛି । ବିବାହର ୭ ବର୍ଷ ପରେ ବି ମହେନ୍ଦ୍ର ବାପା ହେବାରୁ ବଞ୍ଚିତ ଥିଲା । ମୃତା ରାଇମତୀର ଶାଶୂଘର ଠାରୁ ବାପଘର ମାତ୍ର ୪୦୦ ମିଟର ଦୂରରେ ଅବସ୍ଥିତ । ଅନେକ ସମୟରେ ରାଇମତୀ ବାପ ଘରକୁ ଯାଇ ଭାଇ ଅନନ୍ତ ମାଝୀକୁ ହତ୍ୟାକାରୀ ମହେନ୍ଦ୍ର ମାଝୀ ଗାଳିଗୁଲଜ କରୁଥିବା ବିଷୟ କହୁଥାଏ । ହତ୍ୟାର ଅଳ୍ପଦିନ ପୂର୍ବରୁ ଅନନ୍ତ କୌଣସି ବାବାଜିକୁ ଡାକି ଘରେ ପୂଜାପାଠ କରିଥିଲେ । ନୂଆଖାଇ ପରଦିନ ଉଭୟ ପରିବାର ମଧ୍ୟରେ ଝଗଡ଼ା ହୋଇଥିଲା । ତେବେ ରାଇମତୀକୁ ଜୀବନରେ ମାରିଦେବା ପାଇଁ ସୁଯୋଗ ଅପେକ୍ଷାରେ ଥିଲା । ଗତ ଅକ୍ଟୋବର ୧ ତାରିଖ ସନ୍ଧ୍ୟାରେ ରାଇମତୀକୁ ତା' ପୁଅ ସହିତ ଗାଁ ଠାରୁ କିଛି ଦୂରରେ ଏକୁଟିଆ ଦେଖି ପୂର୍ବରୁ ଲୁଚାଇଥିବା ଛୁରି ଆଣି ଅତର୍କିତ ଆକ୍ରମଣ କରି ରାଇମତୀ ଓ ଦୁଇବର୍ଷର ପୁଅଙ୍କ ଜୀବନ ନେଇଯାଇଥିଲା । ସେଠାରେ ଅଳ୍ପ ଦୂରରେ ଠିଆ ହୋଇଥିବା ସେହି ଗାଁର ପୂଜକ ମହେନ୍ଦ୍ର କୁମାରକୁ ମଧ୍ୟ ଗଳାକାଟି ହତ୍ୟା କରିଥିଲା । ହତ୍ୟା କରିବା ପରେ ମହେନ୍ଦ୍ର ମାଝୀ ୪ ଦିନ ଧରି ତାରପୁର ପାଖ ଜଙ୍ଗଲରେ ଲୁଚି ରହିଥିଲା । ମହେନ୍ଦ୍ର ମାଝୀର ମୋବାଇଲ ସୁଇଚ ଅଫ୍ ଥିଲା । ଚାରିଦିନ ପରେ ମୋବାଇଲ ଚାଲିବା ପରେ ପୁଲିସ ଚତୁରତାର ସହ ଯାଇ ମହେନ୍ଦ୍ରକୁ କାବୁ କରିଥିଲା । ଏହି ଘଟଣା ସମଗ୍ର କଳାହାଣ୍ଡି ଜିଲ୍ଲାରେ ଚର୍ଚ୍ଚାର କାରଣ ପାଲଟିଥିଲା । ସେ ଯାହାହେଉ ଘଟଣା ଘଟିବାର ସପ୍ତାହେ ଭିତରେ ଜୁନାଗଡ଼ ଆଇଆଇସି ଶେଷଦେବ ବେହେରା ଏବଂ ଧର୍ମଗଡ଼ ଏସ୍ଡିପିଓ ଧୀରଜ କୁମାର ଚୋପଦାର ଟ୍ରିପଲ ମର୍ଡର ଭଳି ଏକ ସଙ୍ଗିନ ମାମଲାର ଅଭିଯୁକ୍ତକୁ ଧରିବାରେ ସଫଳ ହୋଇଥିଲେ । କଳାହାଣ୍ଡି ଜିଲ୍ଲାରେ ଗୁଣିଗାରେଡ଼ିର କାୟା ବିସ୍ତାର କରି ଚାଲିଛି । ସାମାନ୍ୟ ସନ୍ଦେହରେ ବିଶ୍ୱାସ ତୁଚ୍ଛ ପାଲଟି ଯାଉଛି ।







## ତୃଣମୂଳସ୍ତରରେ ସଚେତନତା ଲୋଡ଼ା



ଡାହାଣୀ ଗୁଣିଆ ପରି ଏକ ମଧ୍ୟଯୁଗୀୟ ପ୍ରଥା ଆଜି ବି ଓଡ଼ିଶାରେ ରହିଛି । ଯେଉଁଥିପାଇଁ କି ଡାହାଣୀ ସନ୍ଦେହରେ ବର୍ଷକୁ ହାରାହାରି ୬୦ଜଣଙ୍କୁ ହତ୍ୟା କରାଯାଉଛି । ବହୁ ନିରୀହ ମହିଳାଙ୍କୁ ଡାହାଣୀ ଆରୋପକରି ଅକଥନୀୟ ନିର୍ଯାତନା ଦିଆଯାଉଥିବା ନଜିର୍ ରହିଛି । କେଉଁଠି ଅନେକଙ୍କୁ ସାମାଜିକବାସନ୍ଦ କରାଯାଉଛି ତ କେଉଁଠି ଗାଁରୁ ତଡ଼ି ଦିଆଯାଉଛି । ମୟୂରଭଞ୍ଜ, କେନ୍ଦୁଝର, ସୁନ୍ଦରଗଡ଼, ଗଞ୍ଜାମ ଓ ଅବିଭକ୍ତ କୋରାପୁଟ ଜିଲ୍ଲାରେ ଏହାର ବ୍ୟାପକ ପ୍ରଭାବ ରହିଛି । ଯାହା ସାମାଜିକ ଓ ଅର୍ଥନୈତିକ ପ୍ରଗତିରେ ପ୍ରତିବନ୍ଧକ ସାଜିଛି । 'ଓଡ଼ିଶା ଡାହାଣୀ ଚିହ୍ନଟ-ନିରାକରଣ ଆଇନ-୨୦୧୩' କୁ ସଠିକ ଭାବେ ଲାଗୁକରିବା, ରାଜ୍ୟ ସରକାରଙ୍କ କମ୍ପୋଜିଟ ଆକ୍ସନ ପ୍ଲାନରେ ବିଭିନ୍ନ ବିଭାଗକୁ ଦିଆଯାଇଥିବା ଦାୟିତ୍ୱକୁ ବିଭାଗଗୁଡ଼ିକ ନିଷ୍ଠାରସହ ପାଳନକରିବା ଆବଶ୍ୟକ ରହିଛି । ତୃଣମୂଳ ସ୍ତରରେ ପଞ୍ଚାୟତ ପ୍ରତିନିଧି, ଅଙ୍ଗନବାଡ଼ି କର୍ମୀ, ଆଶାକର୍ମୀ, ମହିଳା ସ୍ୱୟଂସହାୟକ ଗୋଷ୍ଠୀ, ଶିକ୍ଷକ ଏବଂ ସ୍ୱେଚ୍ଛାସେବୀ ସଂଗଠନଗୁଡ଼ିକୁ ଅନ୍ତର୍ଭୁକ୍ତକରି ବ୍ୟାପକ ସଚେତନତା ଅଭିଯାନ କାର୍ଯ୍ୟକ୍ରମ କରାଯିବା ଆବଶ୍ୟକ ।

-ଦେବେନ୍ଦ୍ର ସୁତାର
ଆବାହକ
ଗୁଣିଗାରେଡ଼ି ମୁକ୍ତ ଓଡ଼ିଶା ଅଭିଯାନ



**ମଣିଷ ଜାତି ଶ୍ରେଷ୍ଠ ବୁଦ୍ଧିମାନ ପ୍ରାଣୀ ଭାବରେ ପରିଗଣିତ । ମଣିଷର ଦୈନନ୍ଦିନ ଜୀବନ ଶୈଳୀ କ୍ଷେତ୍ରରେ ବହୁତ ପରିବର୍ତ୍ତନ ଘଟିଛି । ବିଜ୍ଞାନ ଯୁଗର ବିଜ୍ଞ ମଣିଷ ଆଜି ମଧ୍ୟ ସମାଜରେ କେଉଁଠି ନା କେଉଁଠି ଅନ୍ଧବିଶ୍ୱାସରେ ବାନ୍ଧିହୋଇ ରହିଛନ୍ତି । ଦିନକୁ ଦିନ ଡ଼ାହାଣୀ, ଗୁଣିଗାରେଡ଼ି ସନ୍ଦେହରେ ନିରୀହ ଲୋକଙ୍କ ଜୀବନ ଚାଲିଯାଉଛି ।**

# ଅନ୍ଧବିଶ୍ୱାସରୁ ଗଡୁଛି ମୁଣ୍ଡ

ବାରିପଦାରୁ ମନୋଜ କୁମାର ପଣ୍ଡାଙ୍କ ରିପୋର୍ଟ

## ଅନ୍ଧବିଶ୍ୱାସକୁ ବିଶ୍ୱାସ କାହିଁକି

ଧର୍ମ, ସଂସ୍କୃତି ଓ ପରମ୍ପରାର ଦ୍ୱାହି ଦେଇ ଗୁଣିଆମାନେ ସରଳ ଲୋକମାନଙ୍କ ମନରେ ଡାହାଣୀର କୁସଂସ୍କାର ଭରିବା ଦ୍ୱାରା ଆତ୍ମୀୟସ୍ୱଜନକୁ ହରାଇଥିବା ଅବସ୍ଥାରେ ପ୍ରତିଶୋଧ ପରାୟଣ ହୋଇ ଅପରାଧ କରିବାକୁ ଆଗେଇ ଆସୁଛନ୍ତି । ଏହି ଭଳି ଘଟଣା କେବଳ ଅନୁସୂଚିତ ଜନଜାତି ସମ୍ପ୍ରଦାୟ ମଧ୍ୟରେ ପରିଲକ୍ଷିତ ହେଉଥିବାରୁ ଏଥି ନିମନ୍ତେ ସ୍ୱାସ୍ଥ୍ୟ ସଚେତନତାର ଅଭାବକୁ ମୁଖ୍ୟ କାରଣ ବୋଲି କୁହାଯାଇ ପାରିବ । ମୟୂରଭଞ୍ଜ ଜିଲ୍ଲାରେ ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟ ସେବା ମୁଖ୍ୟତଃ ଏଥି ନିମନ୍ତେ ଦାୟୀ । ଆଦିବାସୀମାନେ ଆର୍ଥିକ ସ୍ୱଚ୍ଛଳ ନ ଥିବାରୁ ଘରୋଇ ଡାକ୍ତରଖାନା ନ ଯାଇ ଦୌଡ଼ି ଆସିଥାନ୍ତି ସରକାରୀ ଡାକ୍ତରଖାନା କିମ୍ବା ଗାଁ ଗହଳିରେ ଘୁରି ବୁଲୁଥିବା କ୍ୱାକ୍ମାନଙ୍କ ନିକଟକୁ । ଅନେକ ସମୟରେ ପାରମ୍ପରିକ ଭାବେ ସେମାନେ ସ୍ୱାସ୍ଥ୍ୟ ଚିକିତ୍ସା ଅପେକ୍ଷା ଗୁଣି ଗାରେଡ଼ି ପୂଜା ପାଠ ଉପରେ ଅଧିକ ବିଶ୍ୱାସ କରନ୍ତି । ନିକଟରେ ଏକ ମାତ୍ର ବିକଳ୍ପ ଓ ଶେଷ ଭରସା ହୋଇଥାଏ ଗୁଣିଆ । ଡ଼ାହାଣୀ ସନ୍ଦେହରେ ହତ୍ୟା କରାଯାଉଥିବା ଲୋକଙ୍କ ପରିବାରକୁ ସରକାରଙ୍କ ପକ୍ଷରୁ କୌଣସି ସହାୟତା ବା ଥଇଥାନ ବ୍ୟବସ୍ଥା ନାହିଁ । ଏହି ପ୍ରକାରର ଡାହାଣୀର ଆଖ୍ୟା ପାଇ ଅତି ଅମାନୁଷିକ ଭାବେ ହତ୍ୟା ସହିତ ଆକ୍ରମଣ ଓ ନିର୍ଯାତନାର ଶିକାର ହୋଇ ଆସୁଥିବା ବିଧବା, ବୃଦ୍ଧା ମହିଳାଙ୍କ ସଂଖ୍ୟା ସର୍ବାଧିକ ରହିଆସିଥବା ବେଳେ କୋହ୍ଲ ସମ୍ପ୍ରଦାୟ ମଧ୍ୟରେ ସର୍ବାଧିକ, ଏହାତଳକୁ ସାନ୍ତାଳ ସମ୍ପ୍ରଦାୟ ରହିଥିବାର ଜଣାପଡ଼ିଛି ।

## ଏବେଯାଏଁ ଘଟିଥିବା ଘଟଣା

### ୨୦୧୧ ମାର୍ଚ୍ଚ ୨୭

▶ ମୟୂରଭଞ୍ଜ ଜିଲ୍ଲା ବିଜାତଳା ଥାନା ଅନ୍ତର୍ଗତ ବରାଝିଆଣି ଗାଁର ୨୫ ବର୍ଷର ଯୁବକ ଫକୀର ମୁର୍ମୁ ଡାହାଣୀ ସନ୍ଦେହରେ ୫୫ ବର୍ଷ ବୟସ୍କା ନିଜର ଖୁଡ଼ୀ କାପୁରା ମୁର୍ମୁଙ୍କୁ ଏକ କୁରାଢ଼ିରେ ହାଣି ହତ୍ୟା କରିଥିଲା । ଏହାପରେ ଖୁଡ଼ୀର କଟାମୁଣ୍ଡ ଧରି ଫକୀର ରାଇରଙ୍ଗପୁର ଥାନାରେ ଆତ୍ମସମର୍ପଣ କରିଥିଲା । ସେହିବର୍ଷ ମେ ୧୦ ତାରିଖରେ ମୟୂରଭଞ୍ଜ ଜିଲ୍ଲାର ବିଶୋଇ ଥାନା ଅନ୍ତର୍ଗତ ରେଙ୍ଗାଲବେଢ଼ା ଗାଁରେ ମ୍ୟାଟ୍ରିକ୍ ପରୀକ୍ଷା ଦେଇଥିବା ସ୍କୁଲ ଛାତ୍ରୀ ଗୌରାଙ୍ଗୀ ମୁର୍ମୁ ନିଜ ବଡ଼ ଭଉଣୀର ଶାଶୂ ରତନୀ ମୁର୍ମୁକୁ ଟାଙ୍ଗିଆରେ ହାଣି ହତ୍ୟା କରିବା ପରେ କଟାମୁଣ୍ଡକୁ ଏକ ସିଲଭର ଡେକ୍ଚି ମଧ୍ୟରେ ଭର୍ତ୍ତିକରି ଗାଁଠାରୁ ୩ କିଲୋମିଟର ଦୂରରେ ଥିବା ମଣଦା ଫାଣ୍ଡିରେ ଆସି ଆତ୍ମସମର୍ପଣ କରିଥିଲା । ଗୌରାଙ୍ଗୀର ମନରେ ଏକ ଅନ୍ଧ ବିଶ୍ୱାସ ଜମାଟ ବାନ୍ଧି ରହିଥିଲା ଯେ ରତନୀ ଗୋଟାଏ ଡାହାଣୀ । ତା'ର ଚକ୍ରାନ୍ତ ଯୋଗୁଁ ସେ ଗତବର୍ଷ ମ୍ୟାଟ୍ରିକ ପରୀକ୍ଷାରେ ଫେଲ ହୋଇଥିଲା ଓ ତା'ର ପରିବାରର ଲୋକମାନେ ବାରମ୍ବାର ରୋଗରେ ପଡ଼ୁଛନ୍ତି । ରତନୀ ମୁର୍ମୁ ରେଙ୍ଗଲବେଢ଼ା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ରୋଷେୟା ହୋଇଥିବାରୁ ସ୍କୁଲ ବାରଣ୍ଡାରେ ଶୋଇଥିବା ବେଳେ ତାଙ୍କୁ ହତ୍ୟା କରିଥିଲା ଗୌରାଙ୍ଗୀ । ଅଦାଲତରେ ଗୌରାଙ୍ଗୀର ବିଚାର ଶେଷ ହୋଇଯାଇଛି । ସେ ଏବେ ଜେଲର ଚାରି କାନ୍ଥ ମଧ୍ୟରେ ସଜା କଟାଉଛି । ଗୌରାଙ୍ଗୀ ପାଠପଢ଼ି ମଣିଷ ହେବାର ସ୍ୱପ୍ନ ଏବେ ସବୁ ଦିନ ନିମନ୍ତେ ସ୍ୱପ୍ନରେ ରହିଗଲା ।

▶ ଡାହାଣୀ ସନ୍ଦେହ କରି କୁଳିଅଣା ଥାନା ଅନ୍ତର୍ଗତ କାଠରମା ଗ୍ରାମର ଜଟିଆ ହେମ୍ବ୍ରମ(୩୦) ଦିନ ଦ୍ୱିପ୍ରହରରେ କୁରାଢ଼ି ଓ ପନିକି ଦ୍ୱାରା ନିଜର ଖୁଡ଼ୀ ରାଇମାତୀ ହେମ୍ବ୍ରମ(୪୫)ଙ୍କ ମୁଣ୍ଡରୁ ଗଣ୍ଡିକୁ ଅଲଗା କରି ଏକ ବ୍ୟାଗରେ ପୂରାଇ ଚାଲି ଚାଲି କୁଳିଅଣା ଥାନାରେ ଆତ୍ମସମର୍ପଣ କରିଥିଲା । ପୁଲିସର କହିବାନୁଯାୟୀ ସେମାନଙ୍କ ମଧ୍ୟରେ ଅନ୍ଧବିଶ୍ୱାସ ରହିଥିଲା ଯେ ଡ଼ାହାଣୀର ଦୃଷ୍ଟ ଦୃଷ୍ଟି କାରଣରୁ ସେମାନଙ୍କର ଉନ୍ନତି ହେଇନାହିଁ ଏବଂ ପରିବାର ସଦସ୍ୟମାନେ ବିଭିନ୍ନ ସମୟରେ ରୋଗରେ ପଡ଼ୁଛନ୍ତି ।

### ୨୦୧୧ ମାର୍ଚ୍ଚ ୨୫

▶ କରଞ୍ଜିଆ ଥାନାର ମିରିଗିନେଣ୍ଡି ଗ୍ରାମର ସୁନ୍ଦର କିସ୍କୁ ଓ କୁନା କିସ୍କୁ ଗୁଣିଗାରେଡ଼ି ସନ୍ଦେହରେ ନିଜର ସମ୍ପର୍କୀୟ କକା ସାନବିଦା କିସ୍କୁଙ୍କୁ ବେକରେ ଗାମୁଛା ଭିଡ଼ି ଅତି ଅମାନୁଷିକ ଭାବରେ ହତ୍ୟା କରିଥିବା ପୁଲିସ ଜାଣିବାକୁ ପାଇଥିଲା । ଅଭିଯୋଗ ରହିଥିଲା କୁଆଡ଼େ ଗୁଣିଗାରେଡ଼ି କରି ଗାଁର ବହୁ ଲୋକଙ୍କୁ ସାନବିଦା କିସ୍କୁ ମାରି ପକାଉଥିଲା ।

### ୨୦୧୪ ନଭେମ୍ବର ୮

▶ ବାରିପଦା ସଦର ଥାନା ଅନ୍ତର୍ଗତ ଶାମାଖୁଣ୍ଟା ବ୍ଲକ କେନ୍ଦୁଆ ଗ୍ରାମର ଭାନୁ ମାଝୀ ସେହି ଗ୍ରାମର ବୃଦ୍ଧା ଫୁଲମଣି ମାଝୀଙ୍କୁ ଘରେ ପଶି ପଥରରେ ଛେଞ୍ଚି ହତ୍ୟା କରିଥିବା ଅପରାଧରେ ପୁଲିସ ଦ୍ୱାରା ଗିରଫ ହୋଇଥିଲା । ଅଭିଯୋଗ ଥିଲା ଫୁଲମଣିର ଗୁଣିଗାରେଡ଼ି ଯୋଗୁଁ ଭାନୁ ମାଝୀର ପରିବାର ଲୋକେ ବାରମ୍ବାର ରୋଗରେ ପଡ଼ୁଛନ୍ତି ।

### ୨୦୧୪ ନଭେମ୍ବର ୧୧

▶ ଠାକୁରମୁଣ୍ଡା ଥାନା ଅନ୍ତର୍ଗତ କେନ୍ଦୁଜିଆଣି ପଞ୍ଚାୟତର ପାଢ଼ିଆରସାହିର ଦଶମା ଦଙ୍ଗ(୪୫) ସହିତ ତାଙ୍କର ଝିଅ ଦୁର୍ଗାଇ ଦଙ୍ଗଙ୍କୁ ଗୁଣି ଗାରେଡ଼ି ସନ୍ଦେହରେ ହତ୍ୟା କରାଯାଇଥିଲା । ଅଭିଯୋଗ ଅନୁସାରେ ଅକ୍ଟୋବର ୨୬ ତାରିଖରେ ଉକ୍ତ ଗ୍ରାମର ଲକ୍ଷ୍ମୀନାରାୟଣ ଦଙ୍ଗଙ୍କ ଦୁଇ ବର୍ଷର ଝିଅ ସୁଶୀଳାର ଦେହ ଖରାପ ହୋଇଥିଲା । ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା । ଗୁଣିଆ ଡାକି ଝିଅର ମୃତଦେହକୁ ପୂଜା କରାଯିବା ପରେ ଗୁଣିଆ ମାଣିକରାମ ପ୍ରକାଶ କରିଥିଲା ଯେ, ଦଶମା ଦଙ୍ଗ ଗୁଣିକରି ଝିଅ ସୁଶୀଳାକୁ ମାରି ଦେଇଛି । ତେଣୁ ଗୁଣିଆର କହିବା ଅନୁସାରେ ନିଜ ଝିଅ ମୃତ୍ୟୁର କାରଣ ସାଜିଥିବା ଦଶମା ଦଙ୍ଗଙ୍କୁ ସୁବିଧା ସୁଯୋଗ ଦେଖି ଜୀବନରୁ ମାରି ଦେବା ସହିତ ତାର ଝିଅକୁ ମଧ୍ୟ ଲକ୍ଷ୍ମୀନାରାୟଣ ଅତି ଅମାନୁଷିକ ଭାବେ ଛୁରି ଓ ଦା' (ଧାନ କଟାରେ ବ୍ୟବହୃତ ଧାରୁଆ ଅସ୍ତ୍ର) ସାହାଯ୍ୟରେ ହତ୍ୟା କରିଥିଲା ।



### ୨୦୧୬ ଜୁଲାଇ ୩

▶ ୨୦୧୬ ଜୁଲାଇ ୩ରେ ବିଶୋଇ ଥାନା ବଣପୋଖରୀଆ ଗ୍ରାମର ଜିତରାୟ ସୋରେନଙ୍କ ସ୍ତ୍ରୀ ବାରମ୍ବାର ଅସୁସ୍ଥ ହେଉଥିବାରୁ ଉକ୍ତ ଗ୍ରାମର ନାରାୟଣ କିସ୍କୁ ଗୁଣିଗାରେଡ଼ି କରିଥିବା ଅଭିଯୋଗରେ ଜିତରାୟ ଅନ୍ୟ ଜଣେ ସହଯୋଗୀ ଦୁର୍ଗା ବେଶ୍ରା ସହାୟତାରେ ନାରାୟଣ କିସ୍କୁଙ୍କୁ ହତ୍ୟା କରି ନିକଟସ୍ଥ ଜୁଡ଼ିଆ ନାଳରେ ଫୋପାଡ଼ି ଦେଇ ଆସିଥିଲେ । ଉକ୍ତ ମାମଲାର ବିଚାର କରି ରାଇରଙ୍ଗପୁର ଅତିରିକ୍ତ ଜିଲ୍ଲା ଓ ଦୌରା ଜଜ୍ ଅନୁପ ରଞ୍ଜନ ପଟ୍ଟନାୟକ ଅଭିଯୁକ୍ତ ଜିତରାୟ ଓ ଦୁର୍ଗାଙ୍କୁ ଦୋଷୀ ସାବ୍ୟସ୍ତ କରାଇବା ସାଙ୍ଗକୁ ଆଜୀବନ କାରାଦଣ୍ଡର ରାୟ ଶୁଣାଇଥିଲେ ।





## ମୟୂରଭଞ୍ଜରେ ୬ ବର୍ଷରେ ୧୮୪ ମାମଲା, ୨୮ ଜଣଙ୍କୁ ହତ୍ୟା

ଆଦିବାସୀ ବହୁଳ ମୟୂରଭଞ୍ଜ ଜିଲ୍ଲାରେ ଏହି ଡାହାଣୀ ଓ ଗୁଣି ଗାରେଡ଼ି ସନ୍ଦେହରେ ହତ୍ୟା ଓ ନିର୍ଯାତନା ଦୈନନ୍ଦିନ କେଉଁଠି ନା କେଉଁଠି ଘଟିବାରେ ଲାଗିଥିବା ବେଳେ ଜିଲ୍ଲାର ଥାନା ଗୁଡ଼ିକରେ ମାମଲା ଓ ମୃତ୍ୟୁର ହାର କ୍ରମଶଃ ବୃଦ୍ଧି ପାଇବାରେ ଲାଗିଛି । ପ୍ରାପ୍ତ ସୂଚନା ଆଧାରରେ ବିଗତ ୬ବର୍ଷ ମଧ୍ୟରେ ଜିଲ୍ଲାରେ ବିଭିନ୍ନ ଥାନାଗୁଡ଼ିକରେ ୧୮୪ ମାମଲା ରୁଜୁ ହୋଇଥିବା ବେଳେ ୨୮ଜଣଙ୍କୁ ହତ୍ୟା କରାଯାଇଥିବାର ଜଣାଯାଇଛି । ଏହା ମଧ୍ୟରେ ୨୦୧୭ରେ ୨୬ଟି ମାମଲା ରୁଜୁ ହୋଇଥିବା ବେଳେ ୮ଜଣଙ୍କୁ ଡାହାଣୀ ଓ ଗୁଣିଗାରେଡ଼ି ସନ୍ଦେହରେ ହତ୍ୟା କରାଯାଇଥିଲା । ସେହିପରି ୨୦୧୮ରେ ୧୭ଟି ମାମଲ ରୁଜୁହେବା ସହିତ ୭ଜଣଙ୍କ ଜୀବନ ଯାଇଛି । ୨୦୧୯ରେ ୨୬ଟି ମାମଲା ରୁଜୁ ହୋଇଥିବା ବେଳେ, ଜଣଙ୍କୁ ହତ୍ୟା କରାଯାଇଛି ।୨୦୨୦ରେ ୩୫ଟି ମାମଲା ରୁଜୁ ହୋଇଥିବା ବେଳେ, ୨ଜଣଙ୍କର ଜୀବନ ଯାଇଛି । ସେହିପରି ୨୦୨୧ରେ ୨୮ଟି ଓ ୨୦୨୨ରେ ୪୦ଟି ଓ ୨୦୨୩ରେ ଅକ୍ଟୋବର ୩୧ତାରିଖ ସୁଦ୍ଧା ୨୨ଟି ମାମଲା ରୁଜୁ ହୋଇସାରଲାଣି । ଅତୀତରେ ୨୦୧୧ରେ ୧୦ଟି, ୨୦୧୨ରେ ୮ଟି ଓ ୨୦୧୩ରେ ୫ଟି ହତ୍ୟାକାଣ୍ଡ ଘଟିଥିଲା ।

ଛାୟାଗୀତି

# ତୃତୀୟ ଓଡ଼ିଆ ଚଳଚ୍ଚିତ୍ର ଶ୍ରୀଜଗନ୍ନାଥ



ସୂର୍ଯ୍ୟ ଦେଓ

## ଶବ୍ଦାଳଙ୍କାର ସୂତ୍ର

ଷୋଡ଼ଶ ଶତାବ୍ଦୀରୁ ବିଂଶ ଶତାବ୍ଦୀ ପର୍ଯ୍ୟନ୍ତ ବୈଷ୍ଣବ ଭକ୍ତି ଗୀତିକାର ଏକ ବ୍ୟାପକ ଓ ନିରବଚ୍ଛିନ୍ନ ଧାରା ଓଡ଼ିଆ ସାହିତ୍ୟକୁ ପରିପୁଷ୍ଟ କରି ଆସିଛି । ବୈଷ୍ଣବ ଭକ୍ତି ଗୀତିକାରେ ପ୍ରଭୁ ମହିମା ବର୍ଣ୍ଣିତ ହେବା ସହ ରଚୟିତାଙ୍କ ଦୂରିତ ଅବସାରଣ ପାଇଁ କରୁଣ ନିବେଦନ ମଧ୍ୟ ଅଭିବ୍ୟକ୍ତି ହୋଇଥାଏ । ତୃତୀୟ ଓଡ଼ିଆ ଚଳଚ୍ଚିତ୍ର 'ଶ୍ରୀଜଗନ୍ନାଥ'ର ଆବାହନୀ ଗୀତ ମଧ୍ୟ ଶୁଦ୍ଧ ବୈଷ୍ଣବୀୟ ଭକ୍ତି ଗୀତ ଶୈଳୀକୁ ସୂଚୀତ କରୁଛି ।

'ଶ୍ରୀଜଗନ୍ନାଥ'ରେ ନଅଟି ଗୀତ ଥିଲା। ଗୋଟିଏ ସଂସ୍କୃତ ଗୀତ ସମେତ ଦୁଇଟି ଭକ୍ତିଗୀତ, ଦୁଇଟି ପ୍ରଣୟ ଓ ବିରହ ଗୀତ, ଦୁଇଟି ଉଦ୍‌ବୋଧନୀ ସଙ୍ଗୀତ ଏବଂ ଅନ୍ୟ ତିନିଟି ଶବର ସଂପ୍ରଦାୟର ଜୀବନଧର୍ମୀ ଗୀତ । ଆବାହନୀ ଭକ୍ତିଗୀତ 'ନୀଳ ସିନ୍ଧୁତୀରେ ନଳ ଅଚଳ' ଦ୍ୱାରା ଓଡ଼ିଆ ଚଳଚ୍ଚିତ୍ର ଗୀତରେ କଥିତ ଶୈଳୀର ଗୁଣାତ୍ମକ ପରିବର୍ତ୍ତନକୁ ଆପଣ ଲକ୍ଷ୍ୟ କରିପାରିବେ । ଏହା ମୁଖ୍ୟତଃ ଭାବ ଓ ଚିତ୍ରର ଆଧିକ୍ୟ ଦ୍ୱାରା ପ୍ରଭାବିତ ହୋଇଛି । ଭାବବିହ୍ୱଳ ହୋଇ ଅନେକ ଚିତ୍ରକୁ ଏକା ସହ ଉପସ୍ଥାପିତ କରିବା ଓ ଭାବାବସ୍ଥାକୁ ଆୟତ୍ତ କରିବାକୁ ଯେଉଁ ଶବ୍ଦାଳଙ୍କାର ପ୍ରୟୋଗ ସୂତ୍ର ଗୀତିକାର ନିକୁଞ୍ଜ କିଶୋର ଦାସ ଏହି ଚଳଚ୍ଚିତ୍ର ଗୀତାରେ ବ୍ୟବହାର କଲେ, ତାହା ପରବର୍ତ୍ତୀ ସମୟରେ ଅନ୍ୟ ଚଳଚ୍ଚିତ୍ର ଗୀତ ରଚନା ପାଇଁ ଅନୁକରଣୀୟ ହେଲା । "ନୀଳ ସିନ୍ଧୁ ତୀରେ ନୀଳ ଅଚଳ/ ନୀଳ ବନ ରାଜି ଘେରା ଦେଉଳ/ ନୀଳ ଚକ୍ରେ ରଙ୍ଗ ନେତ ଚଞ୍ଚଳ/ ନୀଳ ନଭ ତଟେ ଘନ ଅତଳ ହେ/ ନୀଳ ମେଘମାଳା ଆଡ଼େ ହେ/ ଅନିଳ ଲହରେ ଧଳା ବକମାଳା/ ଧାଡ଼ି ଧରି ଅବା ଉଡ଼େ ମହାପ୍ରଭୁ ହେ!" ଏହି ଚଳଚ୍ଚିତ୍ର ଭକ୍ତି ଗୀତରେ 'ଅନ୍ତର୍ଯତିର' ବିକାଶ। 'ଅନ୍ତର୍ଯତି' ଅର୍ଥ ପଦ ଶେଷରେ ମେଳ ଖାଉଥିବା ଶବ୍ଦର ପାରମ୍ପରିକତାକୁ ଗ୍ରହଣ କଲାବେଳେ ପଦ ଭିତରେ ଥରକୁ ଥର ଶବ୍ଦର ମେଳ ଘଟାଇ ଅନୁରଣନ ସୃଷ୍ଟି କରାଯାଏ । ଏହା ଆଳଙ୍କାରିକ ପରମ୍ପରାର ଏକ ବିଶେଷ ଦିଗ। 'ଳ' ଶବ୍ଦର ଯେଉଁ ଅନୁରଣନ 'ନୀଳ ସିନ୍ଧୁ ତୀରେ' ଗୀତରେ ସୃଷ୍ଟି କରାଯାଇଛି,ତାହା ଏହି ପରିପ୍ରେକ୍ଷୀରେ ଲକ୍ଷ୍ୟଣୀୟ ।

'ଶ୍ରୀଜଗନ୍ନାଥ'ର ଦ୍ୱିତୀୟ ଭକ୍ତିଗୀତର ରଚୟିତା ଆଠଗଡ଼ ରାଜଦରବାରର କବି ବିନାୟକ ମିଶ୍ର। ଏହି ଭକ୍ତିଗୀତରେ ଭାବ ସଂସ୍ଥାନ ଅପେକ୍ଷା ଅର୍ଥ ସଂସ୍ଥାନ ଅଧିକ ମହତ୍ତ୍ୱ ରଖେ । "ଚକାଡ଼ୋଳା କିପାଁ ଡକା ନ ଶୁଣ// ଡକା ବଜା ପ୍ରଭୁ ଥକା ହୋଇ ବସି/ ବିକଶିଲ ପୁଣି ଏ କେଉଁ ଗୁଣ/ ସଖା ସଙ୍ଗେ ରଙ୍ଗେ ଯମୁନା କୂଳରେ/ ବକା ଚିରି ହେଲ ନକ୍ର ବାରଣ/ ରଖାଇଲ ଗୋପୀ ଗୋପାଳ ସକଳ/ ଗୋବରଧନକୁ କରି ଧାରଣ/ଗୋପ ତାରଣ ଖେଦ ବାରଣ ।"

ଉଲ୍ଲେଖଯୋଗ୍ୟ ଯେ ପ୍ରଥମ ତିନିଟି ଓଡ଼ିଆ ଚଳଚ୍ଚିତ୍ର ଯଥା: 'ସୀତା ବିବାହ', 'ଲଳିତା' ଓ 'ଶ୍ରୀଜଗନ୍ନାଥ'ର ଗୀତର ବିମ୍ବ ପ୍ରୟୋଗ ଓ ଭାବ ବିନ୍ୟାସରେ ତତ୍ତ୍ୱ ସହ ବୋଧର ଯେଉଁ ସମନ୍ୱୟ ରହିଛି, ତାହା ପ୍ରାଚୀନ ଓଡ଼ିଆ କାବ୍ୟ ଭାଷା ଦ୍ୱାରା ପ୍ରଭାବିତ । ଏପରିକି ଓଡ଼ିଆ ଚଳଚ୍ଚିତ୍ରର ପ୍ରଥମ ପ୍ରଣୟ ଯୁଗଳ ଗୀତିକାରେ ମଧ୍ୟ ଏହି ଭାବ ଓ ଭାଷା ସ୍ପଷ୍ଟ । 'ଶ୍ରୀଜଗନ୍ନାଥ'ରୁ ହିଁ ପ୍ରଥମ ଚଳଚ୍ଚିତ୍ର ପ୍ରଣୟ ଯୁଗଳ ଗୀତିକାର ସୂତ୍ରପାତ ହୋଇଥିଲା। 'କଥାଟିଏ କହୁଁ/ ଅଗନାଗ୍ନି ବନସ୍ତରେ ଥିଲା ଫୁଲ ବହୁ' ଏହି ପ୍ରଣୟ ଯୁଗଳ ଗୀତିକାରେ ଓଡ଼ିଆ କାବ୍ୟ ପରମ୍ପରାର ଶୃଙ୍ଗାର ଧାରାକୁ ବ୍ୟବହାର କରାଯାଇଛି। ଚଳଚ୍ଚିତ୍ର ଗୀତରେ ସଂପୂର୍ଣ୍ଣ କାହାଣୀକୁ କହିବାର ଧାରା ମଧ୍ୟ ଏଇଠୁ ଆରମ୍ଭ । ଏହି ଗୀତରେ ପ୍ରାଚୀନ କାବ୍ୟ ପରମ୍ପରାର ତିନିଟି ସୂତ୍ରର ପ୍ରୟୋଗ ଘଟିଛି। ପଦ ଲାଳିତ୍ୟ, କାହାଣୀର ସ୍ୱଷ୍ଟତା ଓ ଛାନ୍ଦ ନିର୍ମାଣର ବୈଚିତ୍ର। 'ଗୁପତ ତା' ମତିଗତି/ କୁଆଁରୀ ମଉନାବତୀ/ ତା'ର ବୁକୁରେ ପରାଗ ଥିଲା/ଆଉ ଥିଲା ମହୁ: ଏହି ଉଦ୍ଧୃତିରେ ବୁକୁରେ ପରାଗ ଥିଲା ଆଉ ମହୁ ବି ଥିଲା । ଏହି ବିମ୍ବ ଓ ବ୍ୟଞ୍ଜନା ସୂକ୍ଷ୍ମ ବି ଆଉ ସହଜ ବି। ପରଦେଶୀ ପରଶରେ/ ତା'ର ଅଧର ଅଧୀରେ ଥରେ/ସଲଜ ଦରୋଟି ଝରେ/ ଉହୁଁ ଉହୁଁ ଉହୁଁ । ଏହି ଶୃଙ୍ଗାର ବର୍ଣ୍ଣନାରେ ସହଜ ପଦ ଗଢ଼ଣର ପ୍ରକ୍ରିୟା ରହିଛି ଏବଂ ତାହା ସହିତ ଛାନ୍ଦ ନିର୍ମାଣର ଯେଉଁ ବୈଚିତ୍ର କହୁଁ, ମହୁ, ଉହୁଁ ହୋଇ ପ୍ରତିଭାତ ହୋଇଛି ତାହା ଚିତ୍ରାଲୋକ ଓ ଭାବାଲୋକର ଏକ ବିଚିତ୍ର ସମନ୍ୱୟକୁ ଦର୍ଶାଏ । ଗୀତରେ କାହାଣୀର ପରିଣତି ଏହିପରି: "ଜଡ଼ିଲା ତା' ତନୁ ଜାଲେ/ ପଡ଼ିଲା ଅତନୁ ପାଲେ/ ଆଉ ଯା' ରହିଲା ବାକି / କାଲିକି ତା' ରହୁ/ କଥାଟିଏ କହୁଁ ।"

ଏହି ଗୀତର ପଂକ୍ତି ସହ ଆମ ଗୀତର ବାକି ଚର୍ଚ୍ଚା ବି ଆରଥରକୁ ରହୁ ।




# ନିକଟତର ହେଉଛନ୍ତି ତାରା ଓ ତରୁଣ

ତରଙ୍ଗ ଚ୍ୟାନେଲର ଲୋକପ୍ରିୟ ଧାରାବାହିକ 'ତୁ ମୋ ଆଖିର ତାରା'। କୁନି ତାରିଣୀ ପାଇଁ ତାରା ଦିନେ ତରୁଣଠାରୁ ଦୂରେଇ ଯାଇଥିଲା। ତେବେ ଏବେ ପୁଣି ଥରେ ତାରା ଆସି ତରୁଣ ଘରେ ରହିବା ଆରମ୍ଭ କରିଛି। ତରୁଣ ମନରେ ତାରା ପ୍ରତି ଥିବା ଭଲପାଇବାକୁ ପୁଣି ଥରେ ଫେରାଇ ଆଣିବା ଦିଗରେ ଚେଷ୍ଟା ମଧ୍ୟ କରୁଛି। ସେପଟେ କୁନି ତାରିଣୀ ମଧ୍ୟ ଏ ଦୁହିଁଙ୍କୁ ଏକାଠି କରିବାକୁ ତା'ର ପ୍ରୟାସ ଚଳାଇଛି। ତେବେ ତରୁଣ ଓ ତାରାଙ୍କ ସମ୍ପର୍କରେ ମିସ୍କି ବାଧା ସୃଷ୍ଟି କରୁଛି। ତାରା ଯେଭଳି ତରୁଣ ଜୀବନରୁ ଦୂରେଇ ଯିବ, ମିସ୍କି ସବୁପ୍ରକାର ଚକ୍ରାନ୍ତ କରୁଛି। ତେବେ ମିସ୍କି ନୂଆ ନୂଆ ଚକ୍ରାନ୍ତ ରଚୁଥିବା ବେଳେ ସେଥିରେ କିନ୍ତୁ ସେ ସଫଳ ହୋଇପାରୁ ନାହିଁ। ଫଳରେ ପୁଣି ଥରେ ତରୁଣ ଓ ତାରା ପରସ୍ପରର ନିକଟତର ହେବାରେ ଲାଗିଛନ୍ତି। ଧାରାବାହିକରେ ଆସିଥିବା ଏହି ନୂଆ ମୋଡ଼କୁ ଦର୍ଶକେ ବେଶ୍ ପସନ୍ଦ କରୁଥିବା ଦେଖାଯାଉଛି। କେବଳ ସେତିକି ନୁହେଁ, ତରୁଣ, ତାରାଙ୍କ ମିଠା ଝଗଡ଼ା ମଧ୍ୟ ଦର୍ଶକଙ୍କୁ ଖୁବ୍ ମନୋରଞ୍ଜନ କରୁଛି। ତେବେ ଦେଖିବାକୁ ବାକି ରହିଲା, ତାରା ପ୍ରତି ଥିବା ତରୁଣ ମନରେ ଭଲପାଇବାକୁ ତାରା ଫେରାଇ ଆଣିବାରେ ସଫଳ ହେଉଛି କି ନାହିଁ।





# ସୁନା ଝିଅର ଭଲ ଦିଦି

ଜି ସାର୍ଥକର ଲୋକପ୍ରିୟ ଧାରାବାହିକ 'ସୁନା ଝିଅ'। ଏଥିରେ ଅଙ୍କିତା ମିଶ୍ର ପ୍ରିୟା ଚରିତ୍ରରେ ଅଭିନୟ କରୁଛନ୍ତି। ସୁନା ଝିଅ ହୋଇ ସେ ସବୁପ୍ରକାର ଦାୟିତ୍ୱ ତୁଲାଇବାରେ ସଫଳ ହୋଇ ଚାଲିଛନ୍ତି।

ତେବେ ଏବେ ସେ କେବଳ ସୁନା ଝିଅ ହୋଇ ନାହାନ୍ତି, ବରଂ ଭଲ ଦିଦି ପାଲଟିଛନ୍ତି। ସୁନା ଝିଅରୁ ସେ ପାଲଟିଛନ୍ତି ତାଙ୍କ ଶାଶୂ ଭବାନୀ (ଛନ୍ଦିତା)ଙ୍କର ଭଲ ଦିଦି। ଭବାନୀଙ୍କ ମାନସିକ ସ୍ଥିତି ଠିକ୍ ନ ଥିବାରୁ ତାଙ୍କର ପୂର୍ବ କଥା କିଛି ମନେ ନାହିଁ। ଫଳରେ ସେ ତାଙ୍କ ବୋହୂ ପ୍ରିୟାକୁ ଏବେ ଭଲ ଦିଦି ଭାବି ବସିଛନ୍ତି। ସେହିପରି ପ୍ରିୟା ମଧ୍ୟ ତାଙ୍କ ଶାଶୂଙ୍କର ଭଲ ଦିଦି ହୋଇ ତାଙ୍କର ଭଲମନ୍ଦ ସବୁ କଥା ଟିକିନିଖି ବୁଝୁଛନ୍ତି। ଅବଶ୍ୟ ଭବାନୀ ବୋହୂ ପ୍ରିୟାକୁ ଭଲପାଉ ନ ଥିବା ବେଳେ ଏବେ ଭଲ ଦିଦି ଭାବେ ପ୍ରିୟାକୁ ଭଲପାଇ ବସିବା ଶୋ'କୁ ଅଧିକ ମନଛୁଆଁ କରିଛି।



ପରଦା ପଛର କାହାଣୀ

## ରାଜକୁମାରଙ୍କ ଜିଦ୍‌କୁ ମାନି ନେଇଥିଲେ ପ୍ରଯୋଜକ

# ନକଲି ନୁହେଁ ଅସଲି ଅଳଙ୍କାର ପିନ୍ଧି କରିଥିଲେ 'ନୀଲ୍ କମଲ' ସୁଟିଂ

'ଜିନ୍‌କେ ଘର ଶୀଶେ କେ ବନେ ହୋତେ ହେଁ ଊ ଦୁସରୋଁ ପର୍ ପଥର୍ ନହିଁ ଫେଙ୍କା କରତେ...' ଏଭଳି ଦମ୍‌ଦାର୍ ସଂଳାପ ପାଇଁ ବଲିଉଡ୍‌ର ଦିବଂଗତ ଅଭିନେତା ରାଜକୁମାର ଜଣାଯାନ୍ତି। ରାଜକୁମାର ତାଙ୍କ ଗୁରୁଗମ୍ଭୀର ସ୍ୱରରେ ତେବେଳେ କୌଣସି ସଂଳାପ କୁହନ୍ତି ସିନେମା ହଲ୍‌ରେ ଦର୍ଶକଙ୍କ ସିଟି ବନ୍ଦ ହୁଏ ନାହିଁ। ପରଦା ଉପରେ ସେ ଯେମିତି ଗୁରୁଗମ୍ଭୀର ଦେଖାଯାନ୍ତି, ସୁଟିଂସେଟ୍‌ରେ ମଧ୍ୟ ସେଭଳି ତାଙ୍କର କଡ଼ା ମିଜାଜ୍। ଫିଲ୍ମ ସୁଟିଂ ସମୟରେ ଯେ ପର୍ଯ୍ୟନ୍ତ ତାଙ୍କ କଥା ନ ମାନି ନିଆଯାଏ, ସେ ସେଯାବତ୍ ଫିଲ୍ମର ସୁଟିଂ ଆରମ୍ଭ କରନ୍ତିନି ବୋଲି କୁହାଯାଏ। ତାଙ୍କ ଜିଦ୍ ଆଗରେ କାହାରି କିଛି ଚଳେ ନାହିଁ। ଅନୁ କପୁର ଏକ ଶୋ'ରେ ରାଜ୍‌କୁମାର ତାଙ୍କ ଜିଦ୍ ଯୋଗୁଁ ଏକ ଫିଲ୍ମର ସୁଟିଂ ପ୍ରଥମ ଦିନ ରୋକି ଦେଇଥିବା କଥା କହିଥିଲେ । ଏହି ଘଟଣା ୧୯୬୬ ମସିହାର। ନିର୍ଦ୍ଦେଶକ ରାମ ମାହେଶ୍ୱରୀ 'ନୀଲ୍ କମଲ' ନାମକ ଏକ ଫିଲ୍ମ ନିର୍ମାଣ କରୁଥିଲେ। ଏହି ଫିଲ୍ମ ୧୯୬୮ ମସିହାରେ ରିଲିଜ୍ ହୋଇଥିଲା। ଏଥିରେ ରାଜ୍‌କୁମାର, ବଲରାଜ ସାହାନୀ, ମନୋଜ କୁମାର, ଓ୍ୱାହିଦା ରେହମାନ୍ ଅଭିନୟ କରୁଥିଲେ। 'ନୀଲ୍ କମଲ' ଏକ ଐତିହାସିକ ପିରିୟଡ୍ ଫିଲ୍ମ ଥିଲା। ଏଥିରେ ଅଭିନେତାମାନଙ୍କୁ ଅଲଗା ଅଲଗା ପୋଷାକ ପିନ୍ଧିବାର ଥିଲା। ସମସ୍ତେ ନିଜ ନିଜ କଷ୍ଟ୍ୟୁମ୍ ପିନ୍ଧି ସେଟ୍‌କୁ ଆସିଥିଲେ। 'ନୀଲ୍ କମଲ୍' ଫିଲ୍ମରେ ରାଜକୁମାର୍ ଜଣେ ସ୍ଥପତି ଭୂମିକାରେ ଅଭିନୟ କରୁଥିଲେ। ରାଜକୁମାର ସୁଟିଂର ପ୍ରଥମ ଦିନରେ ତାଙ୍କ ନକଲି ଆଭୂଷଣ ଦେଖି ଚିଡ଼ି ଯାଇଥିଲେ। ରାଜକୁମାର ଫିଲ୍ମର ପ୍ରଯୋଜକଙ୍କୁ କହିଥିଲେ ପିନ୍ଧିବି ତ ଅସଲି ଅଳଙ୍କାର ପିନ୍ଧିବି; ନ ହେଲେ ନାହିଁ। ଅନେକ ବୁଝାଇବା ସତ୍ତ୍ୱେ ରାଜକୁମାର ନିଜ ଜିଦ୍‌ରୁ ହଟି ନ ଥିଲେ। ରାଜକୁମାରଙ୍କ ଜିଦ୍ ଆଗରେ ଶେଷରେ ପ୍ରଯୋଜକ ଓ ନିର୍ଦ୍ଦେଶକ ନତମସ୍ତକ ହୋଇଗଲେ। ଫିଲ୍ମର ପ୍ରଯୋଜକ ପନ୍ନାଲାଲ୍ ମାହେଶ୍ୱରୀ ରାଜକୁମାରଙ୍କ ପାଇଁ ଅସଲି ଜୁଏଲାରୀର ବ୍ୟବସ୍ଥା କରିଥିଲେ। ତେବେ ଅସଲି ଜୁଏଲାରୀ ତିଆରି ହେବା ପାଇଁ ବହୁତ ସମୟ ଲାଗିଲା। ଏଥିଯୋଗୁଁ ଫିଲ୍ମର ସୁଟିଂ ମଧ୍ୟ ଆରମ୍ଭ ହେଲା ନାହିଁ। ଯେତେବେଳେ ଅସଲି ଗହଣା ଆସିଗଲା, ରାଜକୁମାର ଏହାକୁ ବେଶ୍ ଖୁସିରେ ପିନ୍ଧି ଭଲଭାବେ ସଟ୍ ଦେଇଥିଲେ। ଏହାପରେ ଫିଲ୍ମର ସୁଟିଂ ଆଗକୁ ବଢ଼ିଲା। 'ନୀଲ୍ କମଲ' ଫିଲ୍ମ ୧୯୬୮ର ସବୁଠୁ ସଫଳ ଫିଲ୍ମ ବୋଲି କୁହାଯାଏ। ଏହି ଫିଲ୍ମର ଗୀତ 'ବାବୁଲ୍ କି ଦୁଆଁଏ ଲେତି ଜା' ଆଜି ବି ଝିଅ ବିଦା ହେବାବେଳେ ବାଜିଥାଏ। ଏହି ଗୀତକୁ ରେକର୍ଡ କରିବା ସମୟରେ ମହମ୍ମଦ ରଫି କାନ୍ଦି ପକାଇଥିଲେ। ଏହି ଫିଲ୍ମର ଗୀତ 'ଆଜା ତୁଜୁ କୋ ପୁକାରେ ମେରେ ପ୍ୟାର୍', 'ମେରେ ରୋମ ରୋମ ବସନେ ବାଲେ ରାମ' ଆଜି ବି ସଦାବାହାର ଗୀତ ମଧ୍ୟରେ ଗଣାଯାଏ।



## ସା|କ୍ଷା|ତ|କା|ର

# ‘ଝିଲି’ ମୋ କ୍ୟାରିୟର୍ ପାଇଁ ଟର୍ଣ୍ଣିଂ ପଏଣ୍ଟ ଥିଲା

## -ଅଭିନେତ୍ରୀ ରାମେଶ୍ୱରୀ



ପ୍ରଥମେ ୟୁଟ୍ୟୁବ୍‌ରେ ପାଇଁ ସର୍ଟ ଭିଡିଓ ତିଆରି କରୁଥିଲେ। ପରେ ବିଭିନ୍ନ ରିଆଲିଟି ଶୋ’ରେ ତାଙ୍କୁ ଦେଖିବାକୁ ମିଳିଲା। ରିଆଲିଟି ଶୋ’ ଜରିଆରେ ଜୀ ସାର୍ଥକରେ ‘ମହାଦେବୀ’ ଧାରାବାହିକରେ ସେ ଅଭିନୟ କଲେ। ଏହା ପରେ ସେ ଆଉ ପଛକୁ ଫେରି ଚାହିଁନାହାନ୍ତି। ଚମତ୍କାର ଅଭିନୟ କରି ସେ ଦର୍ଶକଙ୍କ ହୃଦୟ ଜିଣନ୍ତି। ‘ଝିଲି’ ଧାରାବାହିକରେ ବଡ଼ ଭଉଣୀ ସୁନି ଦିଦି ଚରିତ୍ରରେ ସେ ଘରେ ଘରେ ପରିଚିତ। ସୁନି ଦିଦି ଚରିତ୍ର ତାଙ୍କୁ ଲୋକପ୍ରିୟ କଲା ଯେ, ବର୍ତ୍ତମାନ ସେ ‘ରାଜଯୋଗ’ ଧାରାବାହିକରେ ପ୍ରମୁଖ ଚରିତ୍ରରେ ନଜର ଆସିଛନ୍ତି। ଏହି ଚୁଲ୍‌ବୁଲି ନାୟିକା ଜଣକ ହେଉଛନ୍ତି ବାଲେଶ୍ୱର ଜିଲ୍ଲା, ମେଗଦମପୁରର ରାମେଶ୍ୱରୀ ଲେଙ୍କା। ତାଙ୍କ ସହ ଅଳ୍ପ ଆଳାପ।

**ଆପଣଙ୍କ ଅଭିନୟଯାତ୍ରା ସମ୍ପର୍କରେ କ’ଣ କହିବେ?**

● ବାପାଙ୍କ ଇଚ୍ଛା ଥିଲା ଝିଅ ମୋର ପୁଲିସ ହେଉ, ଭାଇ ଚାହିଁଥିଲେ ମୁଁ ଶିକ୍ଷୟିତ୍ରୀ ହୁଏ, କିନ୍ତୁ ପିଲାଟିଦିନରୁ ମୋତେ ଅଭିନୟ କରିବାର ଇଚ୍ଛା ରହିଥିଲା। ତେଣୁ ସବୁବେଳେ ଟିଭିରେ କିପରି ଅଭିନୟ କରିବାର ସୁଯୋଗ ପାଇବି ସେ ରାସ୍ତା ମୁଁ ଖୋଜୁଥିଲି। ସେଥିପାଇଁ ପାଠ ପଢ଼ା ପରେ ୟୁଟ୍ୟୁବ୍‌ରେ ସର୍ଟ ଷ୍ଟୋରୀ କରିଥିଲି। ରିଆଲିଟି ଶୋ’ରେ ଭାଗ ନେଇଛି ମଧ୍ୟ। ଏହା ପରେ ବିଭିନ୍ନ ପ୍ଲାଟ୍‌ଫର୍ମରେ ଅଡିସନ୍ ଦେବା ଆରମ୍ଭ କରିଦେଇଥଲି। ତା’ପରେ ‘ମହାଦେବୀ’ ଧାରାବାହିକରେ ଅଭିନୟରୁ ମୋର ଯାତ୍ରା ଜାରି ରହିଲା।

**‘ଝିଲି’ ଧାରାବାହିକ ପାଇଁ କିଭଳି ସୁଯୋଗ ମିଳିଲା?**

● ‘ମହାଦେବୀ’ ଧାରାବାହିକ କରିବା ସମୟରେ ମୁଁ ବହୁତ ମୋଟା ଥିଲି। ସେଥିପାଇଁ ନାୟିକାର ମା’ ଚରିତ୍ର ମୋତେ ମିଳିଥିଲା। ଯେହେତୁ ମୋତେ ଅଭିନୟ କରିବାର ଥିଲା, ତେଣୁ ମା’ ଚରିତ୍ରକୁ ନେଇ ମୋର କୌଣସି ଦ୍ୱନ୍ଦ୍ୱ ନଥିଲା। ବରଂ ଏହି ଧାରାବାହିକରେ ମୋର ଅଭିନୟକୁ ଦେଖି ମୋତେ ‘ଝିଲି’ ଧାରାବାହିକର ନିର୍ମାତା ମୋତେ ଭଉଣୀ ଚରିତ୍ର ଦେଇଥିଲେ। ଦର୍ଶକଙ୍କ ଭଲପାଇବା ଯୋଗୁଁ ‘ଝିଲି’ରେ ସୁନିଦିଦି ଚରିତ୍ରଟି ମୋ ରିଅଲ୍ ଲାଇଫ୍ ସହିତ ସମାନ ଥିବାରୁ ଅଭିନୟ କରିବାକୁ ସମସ୍ୟା ହୋଇନଥିଲା। ଏହି ଚରିତ୍ରରେ ମୁଁ ଶତ ପ୍ରତିଶତ ନିଖୁଣ ଅଭିନୟ କରିବାକୁ ଚେଷ୍ଟା କରିଥିଲି। ଏହି ଚରିତ୍ର ହିଁ ମୋ କ୍ୟାରିୟର୍ ପାଇଁ ଏକ ଟର୍ଣ୍ଣିଂ ପଏଣ୍ଟ ଥିଲା। ଆଗକୁ ବଢ଼ାଇବାକୁ ସାହାଯ୍ୟ କରିଛି। ଦର୍ଶକଙ୍କ ଭଲପାଇବା ମୋତେ ଆଗକୁ ବଢ଼ିବାକୁ ଉତ୍ସାହ ଦେଇଛି।

**ପ୍ରଥମ ପାରିଶ୍ରମିକକୁ କିଭଳି ଖର୍ଚ୍ଚ କରିଥିଲେ?**

● ମନେ ପଡୁଛି, ପ୍ରଥମ ପାରିଶ୍ରମିକରେ ମୋ’ ପାଇଁ ଫୋନ୍‌ଟିଏ ଓ ମୋ’ କାହ୍ନାଙ୍କ ପାଇଁ ଡ୍ରେସ୍ କିଣିଥିଲି। ଘରକୁ କିଛି ଟଙ୍କା ପଠାଇଥିଲି।

**‘ରାଜଯୋଗ’ର ରିୟା ଚରିତ୍ର ସମ୍ପର୍କରେ କିଛି କୁହନ୍ତୁ?**

● ରିୟା ତା’ର ମା’ର ସ୍ୱପ୍ନ ପୂରା କରିବାକୁ ଯାଇ ଜଣେ ମଡେଲ୍ ଓ ଅଭିନେତ୍ରୀ ହେବାକୁ ଚାହୁଁଛି। ଛୋଟବେଳୁ ସେ ଦୁନିଆ ବିଷୟରେ କିଛି ଜାଣିନଥିବାବେଳେ ତା’ର ଗୋଟିଏ ଲକ୍ଷ୍ୟ ରହିଛି ସେ ହିରୋଇନ୍ ହେବ। ସତକଥା ହେଲା, ରିୟା ଚରିତ୍ର ବହୁତ ଦମ୍‌ଦାର ଥିବାବେଳେ ରିଅଲ୍ ଲାଇଫ୍ ତୁଳନାରେ ଏହି ଚରିତ୍ର ମୋ ପାଇଁ ଚ୍ୟାଲେଞ୍ଜ ସଦୃଶ। ଚରିତ୍ର ପାଇଁ ବହୁତ ପରିଶ୍ରମ କରିବାକୁ ପଡୁଛି। ସେଥିପାଇଁ ସେଟ୍‌ରେ ଯେତିକି ସମୟ ରହୁଛି, କେବଳ ସେହି ଚରିତ୍ର ବିଷୟରେ ଭାବୁଛି। କିପରି ଏହି ଚରିତ୍ର ମାଧ୍ୟମରେ ପୁଣି ଦର୍ଶକଙ୍କ ମନରେ ଭଲପାଇବା ପାଇପାରିବି।

**ଆପଣଙ୍କର ୟୁଟ୍ୟୁବ୍ ଚ୍ୟାନେଲ ଅଛି। ଏଥିପାଇଁ ସମୟ କିଭଳି ବାହାର କରନ୍ତି?**

● ଏମିତି ଖୁସିରେ ୟୁଟ୍ୟୁବ୍ ଚ୍ୟାନେଲ୍ ଖୋଲିଥିଲି। ଏଥିରେ ମୋର ଭଗବାନ କାହ୍ନାଙ୍କ ଫଟୋ ଓ ଭିଡିଓ ସବୁ ସେୟାର୍ କରେ। ଅଧିକାଂଶ ସମୟରେ ସୁଟିଂ ସମୟର ମଜାମସ୍ତି ଭିଡିଓ ବି ଅପଲୋଡ୍ କରେ। ସମୟ ମିଳିଲେ, ନିଜ ବିଷୟରେ କିଛିକିଛି କଥା ସେୟାର୍ କରିଦିଏ। କିନ୍ତୁ ନିକଟରେ ‘ରାଜଯୋଗ’ ଧାରାବାହିକ ଆରମ୍ଭ ହେବା ପରେ ସୁଟିଂ ସେଟ୍‌ର ବ୍ୟସ୍ତତା କାରଣରୁ ପୂର୍ବ ତୁଳନାରେ ଆଉ ବ୍ଲଗ୍ ଆସିପାରୁନାହିଁ। ଆଗକୁ ଦର୍ଶକଙ୍କ ପାଇଁ ୟୁଟ୍ୟୁବ୍ ଚ୍ୟାନେଲରେ ଭିଡିଓ କରିବି।

**ସଫଳତାର ଶ୍ରେୟ କାହାକୁ ଦେବେ?**

● ମୋର ପ୍ରଭୁ କାହ୍ନାଙ୍କୁ।

**ଆପଣ ସବୁ ସମୟରେ ଭଗବାନ ଶ୍ରୀକୃଷ୍ଣଙ୍କୁ ନିଜ ପାଖରେ ରଖିଥାନ୍ତି, ସେ ସମ୍ପର୍କରେ କ’ଣ କହିବେ?**

● ମୁଁ ସବୁବେଳେ ଭାବେ ମୋ’ ପାଖରେ କାହ୍ନା ରହିଛନ୍ତି। ମୋ’ ଜୀବନର ସବୁ ଦୁଃଖସୁଖ ମୁଁ ତାଙ୍କ ସହ ସେୟାର୍ କରେ। ବିନା ସ୍ୱାର୍ଥରେ ଯଦି କେହି ଜଣେ ମୋ’ କଥା ଶୁଣିବ ବା ମୋ’ ପାଖେ ଛିଡ଼ା ହେବ, ସେ ହେଉଛନ୍ତି ମୋ’ କାହ୍ନା।

**ଆପଣ ଫିଟ୍ ରହିବା ପାଇଁ କ’ଣ କରନ୍ତି?**

● ପୂର୍ବରୁ ଜିମ୍ ଯାଉଥିଲି। ସୁଟିଂ ପାଇଁ ଏବେ ସମୟ ହେଉନି। ତେଣୁ ବ୍ୟାୟାମ କରେ, ଡାଏଟ୍ ମେଣ୍ଟେନ୍ କରେ।

**ସୁଟିଂ ନଥିଲେ କ’ଣ କରନ୍ତି?**

● ସୁଟିଂ ନଥିବାବେଳେ ସହ କଳାକାରଙ୍କ ସହ ମଜାମସ୍ତି କରେ, କିଛି କିଛି ଭିଡିଓ ସୁଟ୍ କରେ। ଏମିତିବି ଫାଙ୍କା ସମୟ ପାଇଲେ ମୁଁ ମନ୍ଦିରରେ ସମୟ କାଟିବାକୁ ଭଲପାଏ। ଭଲ ଭଲ ବ୍ୟଞ୍ଜନ ପ୍ରସ୍ତୁତ କରେ। ଫଟୋ ଉଠାଏ।

**ଭବିଷ୍ୟତ ଯୋଜନା କ’ଣ ରହିଛି?**

● ଜଣେ ଭଲ କଳାକାର ହେବାର ଇଚ୍ଛା ଅଛି। ଦର୍ଶକଙ୍କ ପ୍ରିୟଭାଜନ ହେବା ସହିତ ବୃନ୍ଦାବନ, କେଦାରନାଥ, ରାମେଶ୍ୱରମ୍ ଆଦି ସ୍ଥାନ ବୁଲି ସେହି ସ୍ଥାନର ମହିମା ବିଷୟରେ ଜାଣିବାକୁ ମୋର ଯୋଜନା ରହିଛି।







# ଆସୁଛି ‘ନମସ୍ତେ କମଳା ମାଗୋ’

ଆସୁଛି ନୂଆ ଓଡ଼ିଆ ସିନେମା ‘ନମସ୍ତେ କମଳା ମାଗୋ’। ଏହାର ଟେଲିଭିଜନ ପ୍ରିମିୟର ତରଙ୍ଗରେ ହେବ। ସିନେମାର ମୁଖ୍ୟ ଚରିତ୍ରରେ ନଜର ଆସିବେ ଓଲିଉଡ୍‌ର ଲୋକପ୍ରିୟ ନାୟିକା ଅର୍ଚ୍ଚିତା। ଫିଲ୍ମର ନିର୍ଦ୍ଦେଶନା ଦାୟିତ୍ୱରେ ମୃତ୍ୟୁଞ୍ଜୟ ସାହୁ ଥିବାବେଳେ ପ୍ରଯୋଜକ ଅଛନ୍ତି ସଚ୍ଚିକାନ୍ତ ଜେନା। ସେହିପରି ସଞ୍ଜୟ ମହାକୁଡ଼ ଓ ଚନ୍ଦନ କୁମାର ସଂଳାପ ରଚନା କରିଛନ୍ତି। ସିନେମାଟିକୁ ସୁମଧୁର ସଂଗୀତରେ ସଜାଇଛନ୍ତି ଶରତ ନାୟକ। କାହାଣୀ ଓ ଚିତ୍ରନାଟ୍ୟରେ ଅଛନ୍ତି ଦେବୀଦତ୍ତ ମହାନ୍ତି ଏବଂ ବି. ଚନ୍ଦନ କୁମାର। ଅର୍ଚ୍ଚିତାଙ୍କ ବ୍ୟତୀତ ସିନେମାର ଅନ୍ୟାନ୍ୟ ପ୍ରମୁଖ ଭୂମିକାରେ ନଜର ଆସିବେ ମଧୁସ୍ମିତା, ଲିପ୍ସା ଓ ସୁମନ।



# ଟେଲିଭିଜନ ପ୍ରିମିୟର୍

## ସବ୍ ମୋହ ମାୟା ହୈ

## ବାପ-ପୁଅ ସମ୍ପର୍କକୁ ନେଇ ଗତିଶୀଳ କାହାଣୀ

ଆସନ୍ତା ୧୮ ତାରିଖରେ ଅଭିନବ ପାରିକ୍‌ଙ୍କ ନିର୍ଦ୍ଦେଶିତ ହିନ୍ଦୀ ସିନେମା ‘ସବ୍ ମୋହ ମାୟା ହୈ’ ଜି -ଅନ୍‌ମୋଲରେ ଟେଲିଭିଜନ ପ୍ରିମିୟର୍ ହେବ। ପାରିବାରିକ ଘଟଣାକୁ ନେଇ ସିନେମାର କାହାଣୀ ଗତିଶୀଳ। ମୁଖ୍ୟତଃ ବାପ-ପୁଅଙ୍କ ସମ୍ପର୍କକୁ ଏଥିରେ ସୁନ୍ଦର ଭାବେ ଦୃଶ୍ୟାୟିତ କରାଯାଇଛି। ତେବେ ପରିବାର, ସମ୍ପର୍କ, ସ୍ୱପ୍ନ, ମହତାକାଂକ୍ଷା, ଦାୟିତ୍ୱବୋଧ ଓ ପ୍ରିୟଜନଙ୍କ ଦ୍ୱାରା କରାଯାଉଥିବା ବଳିଦାନ ଉପରେ ଆଧାରିତ ଏହି ଫିଲ୍ମର କାହାଣୀ। ଏଥିରେ ଅନୁ କପୁର ରାମନରେଶ ଚରିତ୍ରରେ ଅଭିନୟ କରିଥିବା ବେଳେ ପୀୟୂଷ ମିଶ୍ରାଙ୍କ ଭୂମିକାରେ ଅଭିନୟ କରୁଛନ୍ତି ଶରମନ ଯୋଶୀ। ସେ କହନ୍ତି, ସିନେମାଟି ବାପ ଓ ପୁଅ ମଧ୍ୟରେ ଥିବା ନିର୍ବିବାଦ ପ୍ରେମ ଉପରେ ଆଧାରିତ। ସେହିପରି ଶର୍‌ମନ୍‌ଙ୍କୁ ସିନେମାଟି ବ୍ୟକ୍ତିଗତ ଭାବେ ଖୁବ୍ ପ୍ରଭାବିତ କରିଥିବା ସ୍ୱୀକାର କରିଛନ୍ତି। ପାରିବାରିକ ବନ୍ଧନକୁ ମଜଭୁତ କରିବାରେ ଏହା ହେଉଛି ଏକ ବଳିଷ୍ଠ କାହାଣୀ। ଅନୁ କପୁରଙ୍କ ଭଳି ବରିଷ୍ଠ କଳାକାରଙ୍କ ସହ କାମ କରି ଶରମନ୍ ଭିନ୍ନ ଏକ ଅଭିଜ୍ଞତା ସାଉଁଟିଥିବା କହିଛନ୍ତି।

# ୩୧ ବର୍ଷ ପରେ ଅଜୟ ଓ ଫିରୋଜ ଏକାଠି



‘ମହାଭାରତ’ରେ ଅର୍ଜୁନ ଚରିତ୍ର ପାଇଁ ଲୋକପ୍ରିୟ ଫିରୋଜ ଖାନ୍। ଆଗାମୀ ଦିନରେ ସେ ଏକ ଆକ୍ସନ ଫିଲ୍ମରେ ନଜର ଆସିବେ। ଏହି ସିନେମା ମାଧ୍ୟରେ ସେ ୩୧ ବର୍ଷ ପରେ ଅଜୟ ଦେବଗନଙ୍କ ସହ ଅଭିନୟ କରିବେ। ଏହି କଥା ଖୋଦ୍ ଫିରୋଜ କହିଛନ୍ତି। ଦୀର୍ଘଦିନ ବ୍ୟବଧାନରେ ଅଜୟଙ୍କ ସହ କାମ କରିବା ଖୁସିକୁ ମଧ୍ୟ ସେ ଜାହିର୍ କରିଛନ୍ତି। ତେବେ ଏହାପୂର୍ବରୁ ଅଜୟ ଏବଂ ଫିରୋଜ ଫିଲ୍ମ ‘ଜିଗର୍’ରେ ଏକାଠି କାମ କରିଥିଲେ। ସେ କହିଛନ୍ତି, “ଏକ ଉନ୍ନତରମାନର ଆକ୍ସନ ଫିଲ୍ମରେ ମୁଁ ଅଜୟଙ୍କ ସହ କାମ କରୁଛି। ଫିଲ୍ମର ନାମ ଏବେ ସ୍ଥିର ହୋଇ ନାହିଁ। ମୋତେ ଲାଗୁଛି ଏହାର ନିର୍ଦ୍ଦେଶନା ରୋହିତ ସେଟ୍ଟି କରିପାରନ୍ତି। ସିନେମାଟିର ନିର୍ମାଣ କୁମାର ମଙ୍ଗତ କରୁଛନ୍ତି। ଏଥିରେ ମୁଁ ଖଳନାୟିକା ଚରିତ୍ରରେ ଅଭିନୟ କରିବି। ‘ଜିଗର୍’ ଫିଲ୍ମ ପରେ ଅଜୟଙ୍କ ସହ ଏହା ମୋର ଦ୍ୱିତୀୟ ଫିଲ୍ମ ହେବ।” ଗୋଟେ ପଟେ ଫିରୋଜ ଅଜୟଙ୍କ ସହ କାମ କରିବାକୁ ଖୁସିଥିବା ବେଳେ ସେପଟେ ଅଜୟ ତାଙ୍କ ଆଗାମୀ ସିନେମା ‘ସିଙ୍ଘମ୍ ଏଗେନ୍’ ର ସୁଟିଂ ପାଇଁ ବ୍ୟସ୍ତ ଅଛନ୍ତି।

# ବାହାହେବେ ତମନ୍ନା-ବିଜୟ

ବଲିଉଡ୍ ଅଭିନେତ୍ରୀ ତମନ୍ନା ଭାଟିଆ ଓ ଅଭିନେତା ବିଜୟ ବର୍ମାଙ୍କ ସମ୍ପର୍କ ସବୁବେଳେ ଚର୍ଚ୍ଚାରେ ରହି ଆସିଛି। କିଛିଦିନ ତଳେ ଦୁହେଁ ଦୀପାବଳି ପାର୍ଟିରେ ମଧ୍ୟ ଏକାଠି ନଜର ଆସିଥିଲେ। ଏହାରି ଭିତରେ ଏବେ ସେମାନଙ୍କ ବାହାଘର ଖବର ସାମ୍ନାକୁ ଆସିଛି। ଏଥିନେଇ ସେମାନଙ୍କ ପ୍ରଶଂସକ ଖୁବ୍ ଖୁସି ଅଛନ୍ତି। କୁହାଯାଉଛି, ଦୁହେଁ ଏବେ ବାହାଘର ଆୟୋଜନର ଯୋଜନା କରୁଛନ୍ତି। ତେବେ ବିଜୟ ଓ ତମନ୍ନା ଦୀର୍ଘ ବର୍ଷ ହେବ ପରସ୍ପରକୁ ଡେଟ୍ କରିଆସୁଛନ୍ତି। ଗଣମାଧ୍ୟମ ସାମ୍ନାରେ ଦୁହେଁ ନିଜ ସମ୍ପର୍କକୁ ସ୍ୱୀକାର କରିବା ପରେ ହିଁ ଚର୍ଚ୍ଚାରେ ରହିଛନ୍ତି। କୁହାଯାଉଛି, ଏବେ କୁଆଡ଼େ ତମନ୍ନାଙ୍କ ପରିବାର ତାଙ୍କ ଉପରେ ବାହାଘର ପାଇଁ ଚାପ ପକାଉଛନ୍ତି। ଯେଉଁଥିପାଇଁ ସେ ଏବେ ଫିଲ୍ମ ନ କରି ବାହାଘର ପାଇଁ ଯୋଜନା କରୁଥିବା କୁହାଯାଉଛି। ଅନ୍ୟପଟେ ‘ଲଷ୍ଟ ଷ୍ଟୋରିଜ୍-୨’ରେ ବିଜୟ ଓ ତମନ୍ନା ପ୍ରଥମେ ଏକାଠି କାମ କରିଥିଲେ। ଏହି ସିନେମାର ସୁଟିଂ ହିଁ ସେଟ୍‌ରୁ ଦୁହେଁ ପରସ୍ପରର ପ୍ରେମରେ ପଡ଼ିଥିଲେ।



# ହର୍ଷଙ୍କ ପ୍ରେମରେ ଡାଏନା



ଏବେ ବ୍ୟକ୍ତିଗତ ଜୀବନକୁ ନେଇ ଚର୍ଚ୍ଚାରେ ଅଛନ୍ତି ବଲିଉଡ୍‌ର ଅନ୍ୟତମ ଲୋକପ୍ରିୟ ଅଭିନେତ୍ରୀ ଡାଏନା ପେଣ୍ଟି। ବ୍ୟବସାୟୀ ହର୍ଷ ସାଗରଙ୍କୁ ସେ ଡେଟ୍ କରିବା ନେଇ ସେ ଚର୍ଚ୍ଚାରେ ରହିଛନ୍ତି। ଏପରିକି ଦୁହେଁ ଅନେକ ସମୟରେ ଏକାଠି ନଜର ମଧ୍ୟ ଆସିଛନ୍ତି। ତେବେ ଏବେ ସାଗରଙ୍କ ସହ ସମ୍ପର୍କ ବାବଦରେ ସେ ଏବେ ଖୋଲାଖୋଲି ସ୍ୱୀକାର କରିଛନ୍ତି। ଡାଏନ୍ ସାମାଜିକ ଗଣମାଧ୍ୟମରେ ହର୍ଷଙ୍କ ସହ ନିଜର ଏକ ଫଟୋକୁ ସେୟାର୍ କରିଛନ୍ତି। ଏହି ପୋଷ୍ଟ ମାଧ୍ୟମରେ ହର୍ଷଙ୍କୁ ଜନ୍ମଦିନର ଶୁଭେଚ୍ଛା ମଧ୍ୟ ଜଣାଇଛନ୍ତି। ସେ ଫଟୋର ଶୀର୍ଷକରେ ଲେଖିଛନ୍ତି, ‘ମୋ ସାଥୀ ହର୍ଷଙ୍କୁ ଜନ୍ମଦିନର ଶୁଭେଚ୍ଛା। ମୁଁ ତୁମକୁ ଭଲପାଏ।’ ତେବେ ହର୍ଷଙ୍କୁ ଭଲପାଇବା କଥା କହିବା ପରେ ତାଙ୍କ ସହିତ ଥିବା ସମ୍ପର୍କକୁ ଡାଏନା ସ୍ପଷ୍ଟ କରିଛନ୍ତି।



# ହମାସ୍-ଇସ୍ରାଏଲ ଯୁଦ୍ଧ ପଛରେ

# ସିପେକ୍ ବନାମ ଆଇଏମ୍‌ଇସି !

**ବିଗତ ଦିନରେ ପୃଥିବୀରେ ଯେତେ ସବୁ ଯୁଦ୍ଧ ସଂଘଟିତ ହୋଇଛି ତା' ପଛରେ ଯେଉଁ ଦୁଇଟି ପ୍ରମୁଖ କାରଣ ରହିଛି ତାହା ହେଉଛି ଅର୍ଥ କିମ୍ବା ଭୂ-ରାଜନୀତି । ଅଧୁନା ଇସ୍ରାଏଲ ଏବଂ ହମାସ ମଧ୍ୟରେ ଚାଲିଥିବା ଯୁଦ୍ଧ ୪୦ ଦିନ ଅତିକ୍ରମ କରିସାରିଥିଲା ବେଳେ ରୁଷ-ୟୁକ୍ରେନ ଯୁଦ୍ଧ ୬୩୦ ଦିନରେ ପହଞ୍ଚିଛି । କିନ୍ତୁ ଇସ୍ରାଏଲ-ହମାସ୍ ଲଢେଇ ମଧ୍ୟରେ ୟୁକ୍ରେନ ଯୁଦ୍ଧ ଜନମାନସରୁ ଏକପ୍ରକାର ଉଭେଇ ଯାଇଛି । ତେବେ ଏହି ଦୁଇ ଯୁଦ୍ଧ କଥା ବିଚାରକୁ ନେଲେ ଏହାପଛରେ ଅର୍ଥ କିମ୍ବା ଭୂ-ରାଜନୀତିକ କାରଣ ସହ ବିଶ୍ୱ ମହାଶକ୍ତିଙ୍କ ହାମବଡ଼ା ନୀତି ହିଁ ଜଡ଼ିତ ରହିଥିବା ନିଶ୍ଚିତ ହୋଇଛି । ଇସ୍ରାଏଲ ଏବଂ ହମାସ ଲଢେଇ ପଛରେ ପାଲେଷ୍ଟାଇନବାସୀଙ୍କ ହକ୍ କାରଣ ହୋଇ ରହିଥିବା କୁହାଯାଉଥିଲେ ହେଁ ପ୍ରକୃତ ଭାବେ ସ୍ୱାର୍ଥନ୍ୱେଷୀ ଚୀନ୍‌ର ହାମବଡ଼ା ନୀତି ହିଁ ଏଭଳି ଏକ ସର୍ବନାଶୀ ଯୁଦ୍ଧକୁ ପ୍ରୋତ୍ସାହିତ କରିଛି ବୋଲି ରାଜନୀତିକ ବିଶେଷଜ୍ଞମାନେ ଆକଳନ କରିଛନ୍ତି । ଚୀନର ବହୁ ଚର୍ଚ୍ଚିତ 'ସିପେକ୍' ପ୍ରକଳ୍ପ ଏକପ୍ରକାର ବିଫଳ ହେବାକୁ ଯାଉଥିବାରୁ ଭାରତ ନେତୃତ୍ୱରେ ପ୍ରତିଷ୍ଠା ହେବାକୁ ଯାଉଥିବା ଆଇଏମଇସିକୁ ଭଣ୍ଡୁର କରିବାକୁ ଚକ୍ରାନ୍ତ କରି ଚୀନ୍ ଇରାନକୁ ହାତବାରିସି ଏଭଳି ଯୁଦ୍ଧକୁ ପ୍ରୋତ୍ସାହିତ କରିଛି ବୋଲି କୁହାଯାଉଛି ।**









ଇସ୍ରାଏଲ-ହମାସ୍ ଯୁଦ୍ଧକୁ ଇତିମଧ୍ୟରେ ୪୦ ଦିନ ପୂରିଛି । ହମାସକୁ ନିର୍ମୂଳ ନ କରିବା ଯାଏଁ ଇସ୍ରାଏଲ ସେନା ଆଇଡିଏଫ୍ ନିଶ୍ୱାସ ମାରିବ ନାହିଁ ବୋଲି ପଣ କରିଛି । ଗାଜାରେ ପ୍ରତିଦିନ ଚାଲିଥିବା ଘମାଘୋଟ ଯୁଦ୍ଧ ଏହାର ପ୍ରତିଫଳନ ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ । ବର୍ତ୍ତମାନ ସୁଦ୍ଧା ଉତ୍ତର ଗାଜାରେ ୧୨ ହଜାରରୁ ଅଧିକ ଲୋକଙ୍କ ମୃତ୍ୟୁ ହୋଇସାରିଥବା ବେଳେ ୧୫ ଲକ୍ଷରୁ ଅଧିକ ଗାଜାବାସୀ ବିସ୍ଥାପିତ ହୋଇସାରିଛନ୍ତି । ଏହାଛଡ଼ା ହମାସ୍‌ର ପ୍ରାୟ ସମସ୍ତ କମାଣ୍ଡ ସେଣ୍ଟର ଧ୍ୱସ୍ତବିଧ୍ୱସ୍ତ ହୋଇସାରିଛି । ଇସ୍ରାଏଲର ଘନ ଘନ ଆକ୍ରମଣରେ ଗାଜାରେ ମାନବସଙ୍କଟ ସୃଷ୍ଟି ହୋଇଥିଲେ ହେଁ ଜାତିସଂଘ ଠାରୁ ଆରମ୍ଭ କରି ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ, ଇସଲାମିକ ରାଷ୍ଟ୍ର, ରୁଷ ଏବଂ ଚୀନ ଭଳି ଅନେକ ରାଷ୍ଟ୍ର ଯୁଦ୍ଧ ବନ୍ଦ ପାଇଁ ଇସ୍ରାଏଲ ଉପରେ ଚାପ ପକାଇସାରିଛନ୍ତି । ଜାତିସଂଘ ସୁରକ୍ଷା ପରିଷଦରେ ମଧ୍ୟ ଜରୁରିକାଳୀନ ବୈଠକ ହୋଇଯାଇଛି ଏବଂ ଇସ୍ରାଏଲ ବିରୋଧରେ ମତଦାନ ସରିଛି । ଏହାସତ୍ତ୍ୱେ ଇସ୍ରାଏଲ କାହାରିକୁ ଭ୍ରୂକ୍ଷେପ ନ କରି ଆକ୍ରମଣ ଜାରି ରଖିଛି । ଜାତିସଂଘ ବ୍ୟତୀତ ବହୁ ଇସଲାମିକ ରାଷ୍ଟ୍ର ଏବଂ ମୁଖ୍ୟତଃ ଆରବ ରାଷ୍ଟ୍ରସମୂହ ଯୁଦ୍ଧ ବନ୍ଦ ପାଇଁ ବାରମ୍ବାର ଇସ୍ରାଏଲ ଉପରେ ଚାପ ପକାଇବାକୁ ଉଦ୍ୟମ କରୁଛନ୍ତି । ଆରବ ଦେଶମାନଙ୍କ ମଧ୍ୟରେ ମୁଖ୍ୟତଃ ଇରାନ, ଇରାକ, ସିରିଆ,ଲେବାନନ,ତୁର୍କୀ,ସାଉଦି ଆରବ,କାତାର, ୟେମେନ ଏବଂ ମିଳିତ ଆରବ ଆମିରାତ୍(ୟୁଏଇ) ଆଦି ରାଷ୍ଟ୍ର ରହିଛନ୍ତି । ନିକଟରେ ଆରବ ରାଷ୍ଟ୍ର ସମୂହର ଏକ ଜରୁରୀକାଳୀନ ବୈଠକ ଅନୁଷ୍ଠିତ ହେବା ସହିତ ଯୁଦ୍ଧ ବନ୍ଦ କରିବା ନେଇ ଆଲୋଚନ ହୋଇଛି । କିନ୍ତୁ ଏହି ବୈଠକ ମଧ୍ୟ ନିଷ୍ଫଳ ହୋଇଥିବା ଜଣାପଡ଼ିଛି । ଏହାପଛରେ ଇସଲାମିକ ରାଷ୍ଟ୍ରମାନଙ୍କ ମଧ୍ୟରେ ରହିଥିବା ମତଭେଦ ମୁଖ୍ୟକାରଣ ବୋଲି କୁହାଯାଉଛି । ସବୁଠୁ ବଡ଼ କଥା ହେଲା ପାଲେଷ୍ଟାଇନ ଭଳି ଏକ ଇସଲାମିକ୍ ରାଷ୍ଟ୍ର ସମର୍ଥନରେ ଅନ୍ୟ ସବୁ ଇସଲାମିକ ରାଷ୍ଟ୍ର ଏକାଠି ହେବା ସମ୍ଭବ ହୋଇପାରି ନାହିଁ । ଯେଉଁଠି ଲଣ୍ଡନରେ ଇସଲାମିକ୍ ନେତାଙ୍କ ଆହ୍ୱାନରେ ୩ ଲକ୍ଷରୁ ଅଧିକ ମୁସଲମାନ ପାଲେଷ୍ଟାଇନ ସମର୍ଥନରେ ବିକ୍ଷୋଭ କରି ଇସ୍ରାଏଲ ଉପରେ ଚାପ ପକାଇବାକୁ ଉଦ୍ୟମ କରିଛନ୍ତି ସେଠି ଏହି ପ୍ରସଙ୍ଗକୁ ନେଇ ସାଉଦି ଆରବ, ତୁର୍କୀ,ଇଜିପ୍ଟ, ଇରାନ,ୟୁଏଇ ଭଳି ପ୍ରମୁଖ ରାଷ୍ଟ୍ର ପାଲେଷ୍ଟାଇନ ପାଇଁ ଏକାଠି ନ ହୋଇପାରିବାର କାରଣ କ'ଣ ବୋଲି ଏବେ ଆନ୍ତର୍ଜାତିକ ସ୍ତରରେ ପ୍ରଶ୍ନ ଉଠିଛି । ତେବେ ଏହାପଛରେ ସବୁ ଇସଲାମିକ୍ ରାଷ୍ଟ୍ରମାନଙ୍କ ନିଜ ସ୍ୱାର୍ଥରକ୍ଷା ମୁଖ୍ୟ ବିଷୟ ବୋଲି କୁହାଯାଉଛି । ଏହିକ୍ରମରେ ଯୋଡି ଇସ୍ରାଏଲ-ହମାସ୍ ଯୁଦ୍ଧ ପ୍ରସଙ୍ଗରେ ଯୋଡି ହୋଇଯାଉଛି ଚାଇନା-ପାକିସ୍ତାନ ଇକୋନୋମିକ୍ କରିଡର(ସିପେକ୍) ଏବଂ ସଦ୍ୟ ଘୋଷିତ ଇଣ୍ଡିଆ-ମିଡିଲ ଇଷ୍ଟ-ୟୁରୋପ ଇକୋନୋମିକ୍ କରିଡର(ଆଇଏମଇସି) ।

ଚଳିତ ବର୍ଷ ଭାରତ ଅଧକ୍ଷତାରେ ନୂଆଦିଲ୍ଲୀରେ ଅନୁଷ୍ଠିତ ହୋଇଥିବା ଜି-୨୦ ସମ୍ମିଳନୀରେ ଇଣ୍ଡିଆ-ମିଡିଲ ଇଷ୍ଟ-ୟୁରୋପ ଇକୋନୋମିକ୍ କରିଡର(ଆଇଏମଇସି) ର ଘୋଷଣା କରାଯାଇଥିଲା । ଏହି ମହତ୍ତ୍ୱାକାଂକ୍ଷୀ ପ୍ରକଳ୍ପକୁ ଭାରତ ସମେତ ଆମେରିକା,ଫ୍ରାନ୍ସ,ସାଉଦି ଆରବ,ୟୁଏଇ,ଜର୍ମାନୀ,ଇଟାଲୀ ଏବଂ ୟୁରୋପୀୟ ସଂଘ ମିଳିତ ଭାବେ ସ୍ୱୀକୃତି ଦେଇଥିଲେ । ୨୦୨୩ ସେପ୍ଟେମ୍ବର ୧୦ ତାରିଖରେ ଏହି ରାଜିନାମା ଘୋଷଣା କରାଯାଇଥିଲା ବେଳେ ଏହାର ପ୍ରାୟ ମାସକ ପରେ ୨୦୨୩ ଅକ୍ଟୋବର ୭ ତାରିଖରେ ହମାସ ଇସ୍ରାଏଲ ଉପରେ ଅତର୍କିତ ଆକ୍ରମଣ କରିଥିଲା । ତେବେ ହମାସ୍‌ର ଏହି ଅଚାନକ ଆକ୍ରମଣ ପଛରେ ଇଣ୍ଡିଆ-ମିଡିଲ ଇଷ୍ଟ-ୟୁରୋପ ଇକୋନୋମିକ୍ କରିଡର(ଆଇଏମଇସି) ରାଜନୀତି ହିଁ ମୂଳକାରଣ ହୋଇ ଛିଡା ହୋଇଥିବା ରାଜନୀତିକ ପଣ୍ଡିତମାନେ ଆକଳନ କରିଛନ୍ତି । ଆଉ ନିକଟରେ ଶେଷ ହୋଇଥିବା ଇସଲାମିକ୍ ରାଷ୍ଟ୍ର ସମୂହର ବୈଠକର ନିର୍ଯ୍ୟାସ ହିଁ ଏହାକୁ ସୂଚାଇଛି । ପ୍ରକୃତରେ ଭାରତ ଅଧକ୍ଷତାରେ ଜି-୨୦ ସମ୍ମିଳନୀର ବଡ଼ ସଫଳତାକୁ ଚୀନ ଆଦୌ ସହ୍ୟ କରିପାରି ନଥିଲା । ଏହାଛଡ଼ା ଇଣ୍ଡିଆ-ମିଡିଲ ଇଷ୍ଟ-ୟୁରୋପ ଇକୋନୋମିକ୍ କରିଡର(ଆଇଏମଇସି) କୁ ନେଇ ମଧ୍ୟ ଚୀନ ଆହୁରି ଚିନ୍ତିତ ହୋଇପଡ଼ିଥିଲା । କାରଣ ଚୀନ ନିର୍ମାଣ କରୁଥିବା ସିପେକ୍ ପ୍ରକଳ୍ପର ଭବିଷ୍ୟତ ଏକପ୍ରକାର ଅନ୍ଧକାରମୟ ହୋଇପଡ଼ିଛି । ଏହି ପ୍ରକଳ୍ପ ଚୀନ୍‌ର ପଶ୍ଚିମ ପ୍ରଦେଶ ଜିଙ୍ଗଜିଆଙ୍ଗର କାସଗର ସହରରୁ ବାହାରି ପାକିସ୍ତାନର ବିଭିନ୍ନ ପ୍ରଦେଶ ଦେଇ ଇରାନ ଏବଂ ପାରସ୍ୟ ସାଗର ଉପକୂଳରେ ଗଦ୍ୱାର ବନ୍ଦର ପର୍ଯ୍ୟନ୍ତ ଯାଇଛି । ପ୍ରାୟ ୬୨ ବିଲିୟନ ଡଲାର ବ୍ୟୟରେ ନିର୍ମାଣ ହେବାକୁ ଥିବା ଏହି ପ୍ରକଳ୍ପ ପାଇଁ ଚୀନ ୩୦ ବିଲିୟନ ଡଲାରରୁ ଅଧିକ ଅର୍ଥ ବ୍ୟୟ କରିସାରିଛି । କିନ୍ତୁ ଚୀନ ପାଇଁ ଏବେ ସବୁଠୁ ବିପଦ ହୋଇଛନ୍ତି ପାକିସ୍ତାନ ଏବଂ ଆଫଗାନିସ୍ତାନର ତେହରିକ୍-ଇ-ତାଲିବାନ ଠାରୁ ଆରମ୍ଭ କରି ବେଲୁଚ ବିଦ୍ରୋହୀଙ୍କ ଭଳି ବହୁ ଆତଙ୍କବାଦୀ ସଂଗଠନ । ପ୍ରତ୍ୟେକ ଦିନ ଏହିସବୁ ଆତଙ୍କବାଦୀ ସଂଗଠନଙ୍କ ପକ୍ଷରୁ ଚାଇନା ଅଧିକାରୀଙ୍କ ଉପରେ ମରଣାନ୍ତକ ହମଲା କରାଯାଉଥିଲା ବେଳେ ଗଦ୍ୱାର ବନ୍ଦରକୁ ବେଲୁଚିସ୍ତାନ ପକ୍ଷରୁ ଘୋର ବିରୋଧ କରାଯାଉଛି । ଅନ୍ୟପଟେ ପାକିସ୍ତାନ ଘୋର ଆର୍ଥିକ ସଙ୍କଟ ଦେଇ ଗତି କରୁଥିବା ଏବଂ ଆତଙ୍କବାଦର ଶିକାର ହେବା ଘଟଣା ଏହାର ଆଭ୍ୟନ୍ତରୀଣ ସୁରକ୍ଷା ସ୍ଥିତିକୁ ଦୋହଲାଇ ଦେଇଥିବା ବେଳେ ଚୀନ୍ ଏକପ୍ରକାର ହତୋତ୍ସାହିତ ହୋଇପଡ଼ିଛି । ଏଭଳି ସ୍ଥଳେ ଆଇଏମଇସି ପ୍ରକଳ୍ପକୁ ନେଇ ଭାରତ ଏବଂ ଆମେରିକାରେ ଦବଦବା ବଢିବା ସହିତ ମଧ୍ୟପ୍ରାଚ୍ୟରେ ଚୀନ୍‌ର କର୍ତ୍ତୃତ୍ୱ ହ୍ରାସ ପାଇବାର ସମ୍ଭାବନାକୁ ନେଇ ଚୀନ୍ ଯେଉଁଳି ରାଜନୀତି ଆରମ୍ଭ କରିଦେଇଥିଲା ତାହାର ପରିଣାମ ଆଜି ଇସ୍ରାଏଲ-ହମାସ ଯୁଦ୍ଧରେ ପରିଣତ ହୋଇଛି ବୋଲି କୁହାଯାଉଛି । ଏହିକ୍ରମରେ ପୁଣି ଆସୁଛି ଇରାନ । ଇରାନକୁ ହାତବାରିସ କରି ଚୀନ ମଧ୍ୟପ୍ରାଚ୍ୟରେ ଅଶାନ୍ତ ପରିସ୍ଥିତି ସୃଷ୍ଟି କରିବା ଲକ୍ଷ୍ୟରେ ଆଇଏମଇସି ପ୍ରକଳ୍ପକୁ ଭଣ୍ଡୁର କରିବାକୁ ଉଦ୍ୟମ କରିଛି । ଚୀନକୁ ଏହି ପ୍ରସଙ୍ଗରେ ସମର୍ଥନ କରିବାକୁ ଇରାନ ମଧ୍ୟ ନିଜ ସ୍ୱାର୍ଥକୁ ଜଡ଼ିତ ରଖିଛି । ପ୍ରକୃତରେ ଇସଲାମିକ୍ ରାଷ୍ଟ୍ରର ନେତୃତ୍ୱ ନେବା ଦିଗରେ ଯେଉଁ ୩/୪ଟି ରାଷ୍ଟ୍ର ସବୁବେଳେ ଅଗ୍ରାଧିକାର ଦେଇ ଆସିଛନ୍ତି ସେମାନଙ୍କ ମଧ୍ୟରେ ରହିଛନ୍ତି ସାଉଦି ଆରବ, ଇରାନ,ତୁର୍କୀ ଏବଂ ୟୁଏଇ । କଠୋରପନ୍ଥୀ ଇସଲାମିକ ମତବାଦକୁ ନେଇ ଇରାନ ସବୁବେଳେ ଇସଲାମିକ ରାଷ୍ଟ୍ରମାନଙ୍କୁ ପାଶ୍ଚାତ୍ୟ ରାଷ୍ଟ୍ରମାନଙ୍କ ବିରୋଧରେ ଏକାଠି ହେବାକୁ ଉଦ୍ୟମ କରିଆସିଛି । ତୁର୍କୀ ମଧ୍ୟ ଅଟୋମ୍ୟାନ ସାମ୍ରାଜ୍ୟର ପତନ ପରେ ଇସଲାମିକ ଦୁନିଆରେ ନିଜର ଦବଦବା ରଖିବାକୁ ଉଦ୍ୟମ କରିଆସିଛି । କିନ୍ତୁ ଏହାମଧ୍ୟରେ ଦୁଇ ପ୍ରମୁଖ ମୁଖିଆ ଇସଲାମିକ ରାଷ୍ଟ୍ର ସାଉଦି ଆରବ ଏବଂ ୟୁଏଇର ପାଶ୍ଚାତ୍ୟ ଦୁନିଆ ପ୍ରତି ରହିଥିବା ଆଭିମୁଖ୍ୟରେ ପରବର୍ତ୍ତନ ଏବଂ ବିଶେଷକରି ଆମେରିକା ଏବଂ ୟୁରୋପୀୟ ରାଷ୍ଟ୍ରମାନଙ୍କ ପ୍ରତି ସମର୍ଥନ ଉଭୟ ଇରାନ ଏବଂ ତୁର୍କୀକୁ ଚିନ୍ତିତ କରିଛି । ସାଉଦି ଆରବ ଏବଂ ୟୁଏଇ କେବଳ ତେଲ ଅର୍ଥନୀତିକୁ ଗୁରୁତ୍ୱ ନଦେଇ ଭବିଷ୍ୟତରେ ସେମାନଙ୍କ ଅର୍ଥନୀତିକୁ ଅନ୍ୟ ଦିଗରେ ସଂପ୍ରସାରିତ କରିବାକୁ ବିକଳ୍ପ ଚିନ୍ତା କରୁଛନ୍ତି । ସେଥିପାଇଁ ଏହି ଦୁଇ ରାଷ୍ଟ୍ର ଆମେରିକା ସମେତ ଅନ୍ୟ ୟୁରୋପୀୟ ରାଷ୍ଟ୍ରମାନଙ୍କ ସହ ବିଭିନ୍ନ ପ୍ରକଳ୍ପରେ ବୁଝାମଣା କରିଛନ୍ତି ଏବଂ ବିପୁଳ ପୁଞ୍ଜି ନିବେଶ ପାଇଁ ଅଗ୍ରାଧିକାର ଦେଇଛନ୍ତି । ଏହିକ୍ରମରେ ସାଉଦି ଆରବ ଏବଂ ୟୁଏଇ ଇସ୍ରାଏଲକୁ ମଧ୍ୟ ସମର୍ଥନ କରିବାକୁ ପଛାଇ ନାହାନ୍ତି । ନିକଟରେ ଶେଷ ହୋଇଥିବା ଇସଲାମିକ୍ ରାଷ୍ଟ୍ରମାନଙ୍କ ଜରୁରୀ ବୈଠକରେ ଏହି ଦୁଇ ରାଷ୍ଟ୍ର ଗାଜାରେ ଚାଲିଥିବା ଆକ୍ରମଣ କରିବାକୁ ନିନ୍ଦା କରିଥିଲେ ମଧ୍ୟ ଇସ୍ରାଏଲ ବିରୋଧରେ ସେଭଳି ଠୋସ୍ ପଦକ୍ଷେପ ନେବା ସମ୍ବନ୍ଧରେ କିଛି ବି କହିନାହାନ୍ତି । ଏହାବ୍ୟତୀତ ନିଜ ନିଜର ଅର୍ଥନୀତିକୁ ନୂଆ ରୂପ ଦେବା ଲାଗି ଏହି ଦୁଇ ରାଷ୍ଟ୍ର ଆଇଏମଇସି ପ୍ରକଳ୍ପକୁ ଦୃଢ ସମର୍ଥନ କରିଛନ୍ତି । ଏହି ପ୍ରକଳ୍ପ ଇସ୍ରାଏଲ ଦେଇ ଯାଉଥିବା ବେଳେ ସେମାନେ ଇସ୍ରାଏଲକୁ ବିରୋଧ କରିବା କିମ୍ବା କୂଟନୀତିକ ସମ୍ପର୍କ ନ ରଖିବା ସମ୍ଭବ ନୁହେଁ । ଯାହାକୁ ନେଇ ଏହି ଦୁଇ ରାଷ୍ଟ୍ର ଇସ୍ରାଏଲ ପ୍ରସଙ୍ଗରେ ସମତୁଲତା ରକ୍ଷା କରୁଛନ୍ତି । କିନ୍ତୁ ଇସ୍ରାଏଲକୁ ଆଜି ଯାଏଁ ସ୍ୱୀକୃତି ଦେଇ ନଥିବା ଏବଂ ସବୁବେଳେ ବିରୋଧ କରିଆସିଥିବା ଇରାନ ଏହି ପ୍ରମୁଖ ଦୁଇ ଇସଲାମିକ୍ ରାଷ୍ଟ୍ରଙ୍କ ଆଭିମୁଖ୍ୟକୁ ସହ୍ୟ କରିପାରି ନାହିଁ । ଯାହାକୁ ନେଇ ଇରାନ ଚୀନ୍ ଷଡ଼ଯନ୍ତ୍ର ପଛରେ ହାତ ମିଳାଇଛି । ଇସ୍ରାଏଲ ଉପରେ ହମାସର ଆକ୍ରମଣ ପଛରେ ମୁଖ୍ୟତଃ ଇରାନ ରହିଥିଲା ବେଳେ ଇରାନକୁ ଚୀନ ପରୋକ୍ଷରେ ଉସୁକାଇଛି ବୋଲି କୁହାଯାଉଛି । ଯାହାକୁ ନେଇ ଇସ୍ରାଏଲ ଏବଂ ହମାସ ମଧ୍ୟରେ ଚାଲିଥିବା ଏହି ମହାଯୁଦ୍ଧ ଆଜି ୪୦ ଦିନ ଅତିକ୍ରମ କରିଛି ବୋଲି କୁହାଯାଉଛି ।

---



## ଇସ୍ରାଏଲ-ହମାସ ଯୁଦ୍ଧର ଲାଭ ଉଠାଉଛି ଇରାନ

# ୧୧୪ ଜଣଙ୍କୁ ଦେଲାଣି ଫାଶୀ

**ଚଳିତ ବର୍ଷ ୬୪୯ ଜଣଙ୍କୁ ଦିଆଗଲାଣି ମୃତ୍ୟୁଦଣ୍ଡ**

ଇସ୍ରାଏଲର ଶତ୍ରୁ ରାଷ୍ଟ୍ର ଇରାନ ହମାସ ସହ ଚାଲିଥିବା ଯୁଦ୍ଧର ଲାଭ ଉଠାଇବାରେ ଲାଗିଛି । ହିଜାବ ବିରୋଧୀ ରାଲିକୁ ଦମନ କରିବା ହେଉ ଅବା ମହିଳା ବିରୋଧୀ କଠୋର ଆଇନ କିମ୍ବା ମାନବାଧିକାର ଉଲ୍ଲଙ୍ଘନ ମାମଲା ସବୁଠି ଇରାନ ଚର୍ଚ୍ଚାରେ ରହିଆସିଛି । ହମାସର ଇସ୍ରାଏଲ ଆକ୍ରମଣ ପଛରେ ମଧ୍ୟ ଇରାନର ହାତ ଥିବା କୁହାଯାଉଛି । ଯୁଦ୍ଧକୁ ନେଇ ବାରମ୍ବାର ଇସ୍ରାଏଲକୁ ଧମକ ଦେଇ ଆସୁଥିବା ଇରାନ ଚୁପ୍‌ଚାପ୍ ବିଶ୍ୱର ଦୃଷ୍ଟି ଆଢୁଆଳରେ ରହି ନିଜ ବିରୋଧୀଙ୍କୁ ଫାଶୀ ଦେବାରେ ଲାଗିଛି । ଯୁଦ୍ଧ ଆରମ୍ଭ ହେବା ପରଠାରୁ ଏ ପର୍ଯ୍ୟନ୍ତ ଏହି ରାଷ୍ଟ୍ର ୧୧୪ ଜଣଙ୍କୁ ଫାଶୀ ଦେଲାଣି । ଯୁଦ୍ଧ ଉପରେ ସାରା ବିଶ୍ୱର ନଜର ଥିବାବେଳେ ଇରାନ ନିଜ ଜେଲ୍‌ରେ ବନ୍ଦୀ ଥିବା କଏଦୀଙ୍କୁ ମନଇଚ୍ଛା ଫାଶୀ ଦେବାରେ ଲାଗିଛି । ଅନେକ ମାନବାଧିକାର ସଂଗଠନ ଏହା ଉପରେ ପ୍ରଶ୍ନ ଉଠାଇଛନ୍ତି । ଏକଛତ୍ରନୀତିରେ ଦିଆଯାଉଥିବା ଫାଶୀ ଦଣ୍ଡ ଉପରେ ଚିନ୍ତା ପ୍ରକଟ କରିଛନ୍ତି ।

ଆମ୍‌ନେଷ୍ଟି ଇଣ୍ଟରନ୍ୟାସନାଲର ରିପୋର୍ଟ ଅନୁଯାୟୀ ଚୀନ୍ ପରେ ଇରାନରେ ସର୍ବାଧିକ ଫାଶୀ ଦିଆଯାଉଛି । ଚଳିତ ବର୍ଷ ଏ ପର୍ଯ୍ୟନ୍ତ ୬୪୯ ଜଣଙ୍କୁ ଫାଶୀ ଦିଆଗଲାଣି । ଇସ୍ରାଏଲ-ହମାସ ଯୁଦ୍ଧ ମଧ୍ୟରେ କେବଳ ୧୧୪ ଜଣଙ୍କୁ ଫାଶୀ ଦିଆଯାଇଛି । ରିପୋର୍ଟ ଅନୁଯାୟୀ ଗତ ବୁଧବାର ଘେଜଲ ହେସଲ ଜେଲ୍‌ରେ ୯ ଜଣଙ୍କୁ ଫାଶୀ ଦିଆଯାଇଥିଲା । ଏହା ମଧ୍ୟରୁ ତିନି ଜଣଙ୍କୁ ନିଶାଦ୍ରବ୍ୟ ସମ୍ବନ୍ଧିତ ଅପରାଧରେ, ୫ ଜଣଙ୍କୁ ହତ୍ୟା ଏବଂ ଜଣଙ୍କୁ ସଶସ୍ତ୍ର ଡକାୟତି ମାମଲାରେ ଦୋଷୀ ସାବ୍ୟସ୍ତ କରାଯାଇଥିଲା । ରିପୋର୍ଟ ଅନୁଯାୟୀ ଚଳିତ ବର୍ଷର ପ୍ରଥମ ୧୦ ମାସରେ ୬୦୦ରୁ ଅଧିକ ଲୋକଙ୍କ ଫାଶୀ ଦିଆଗଲାଣି । ଏହା ଗତ ୮ ବର୍ଷର ରେକର୍ଡ ଭାଙ୍ଗି ଦେଇଛି । ଇରାନରେ କାହାକୁ ଡରାଇବା ପାଇଁ ମୃତ୍ୟୁଦଣ୍ଡକୁ ଏକ ଉପକରଣ ଭଳି ବ୍ୟବହାର କରାଯାଉଛି ।

---

## ଭାରତରେ ଚରମପନ୍ଥୀ କାର୍ଯ୍ୟକଳାପ ଜାରି ରଖିଛି ପିଏଫ୍‌ଆଇ

# କ୍ୟୁଆର୍ କୋଡ୍, ମସ୍‌ଜିଦ୍‌ରୁ ଅର୍ଥ ଆଦାୟ କରୁଛି

ପପୁଲାର ଫ୍ରଣ୍ଟ ଅଫ୍ ଇଣ୍ଡିଆ (ପିଏଫ୍‌ଆଇ) ଭାରତରେ ଜିହାଦୀ କାର୍ଯ୍ୟକଳାପ ଜାରି ରଖିଛି । ଏହାର ସଦସ୍ୟ ଦେଶ ବିରୋଧୀ କାର୍ଯ୍ୟକଳାପରେ ସାମିଲ ଅଛନ୍ତି । ବିଭିନ୍ନ ମାମଲାରେ ଏହି ସଂଗଠନର ହାତ ସାମ୍ନାକୁ ଆସିବା ପରେ କେନ୍ଦ୍ର ସରକାର ପିଏଫ୍‌ଆଇକୁ ନିଷିଦ୍ଧ କରିଦେଇଛନ୍ତି । ଏବେ ଫାଇନାନ୍‌ସିଆଲ ଆକ୍ସନ ଟାସ୍କ ଫୋର୍ସ (ଏଫ୍‌ଏଟିଏଫ୍)ର ନୂଆ ରିପୋର୍ଟରେ ନିଷିଦ୍ଧ ସଂଗଠନ ପିଏଫ୍‌ଆଇକୁ ନେଇ ବଡ଼ ଖୁଲାସା ହୋଇଛି । ନିଷିଦ୍ଧ ହେବା ସତ୍ତ୍ୱେ ଏହି ସଂଗଠନ ଚରମପନ୍ଥୀ କାର୍ଯ୍ୟକଳାପରେ ଲିପ୍ତ ରହିଛି । ପିଏଫ୍‌ଆଇର ନାମ ନ ନେଇ ଏଫ୍‌ଏଟିଏଫ୍ ପକ୍ଷରୁ କୁହାଯାଇଛି ଯେ ଭାରତର ଏକ ଚରମପନ୍ଥୀ ସଂଗଠନ କ୍ୟୁଆର କୋଡ ଏବଂ ଆକାଉଣ୍ଟ ବିବରଣୀ ପ୍ରଚାରପ୍ରସାର କରୁଛି । ଅନ୍‌ଲାଇନ ଏବଂ ଅଫ୍‌ଲାଇନ ନେଟୱର୍କ ମାଧ୍ୟମରେ ବିପୁଳ ପାଣ୍ଠି ସଂଗ୍ରହ କରୁଛି । ମସ୍‌ଜିଦ ଏବଂ ସାର୍ବଜନୀନ ସ୍ଥାନରୁ ପିଏଫ୍‌ଆଇ ଅର୍ଥ ସଂଗ୍ରହ କରୁଛି । ଏହି ଅର୍ଥର ଅପବ୍ୟବହାର କରି ବିପୁଳ ଅସ୍ତ୍ରଶସ୍ତ୍ର ଏବଂ ଗୋଳାବାରୁଦ କ୍ରୟ କରୁଛି । ଚରମପନ୍ଥୀ ସଂଗଠନରେ ନୂଆ ସଦସ୍ୟଙ୍କୁ ସାମିଲ କରୁଛି । ଏମାନଙ୍କୁ ପ୍ରଶିକ୍ଷଣ ଦେଉଛି ।

ଏଫ୍‌ଟିଏଫ୍ ନିଜର ନୂଆ ରିପୋର୍ଟ 'କ୍ରାଉଡଫଣ୍ଡିଂ ଫର୍ ଟେରରିଜିମ ଫାଇନାନସିଂ'ରେ ପିଏଫ୍‌ଆଇ ମାମଲାର ଅଧ୍ୟୟନ କରିଥିବା କୁହାଯାଇଛି । ଏଥିରେ ଭାରତୀୟ ଅଧିକାରୀଙ୍କ ଆଧାରରେ କୁହାଯାଇଛି ଯେ ଚରମପନ୍ଥୀ ସଂଗଠନ ପିଏଫ୍‌ଆଇର ନେଟୱର୍କ ସାରା ଦେଶରେ ବ୍ୟାପିଛି । ଏହି ନେଟୱର୍କ ମାଧ୍ୟମରେ ଟଙ୍କା ଆଦାୟ କରିଛି ବୋଲି ଯାଞ୍ଚରୁ ଜଣାପଡ଼ିଛି । ମସ୍‌ଜିଦ୍ ଏବଂ ସାର୍ବଜନୀନ ସ୍ଥାନରେ ଅର୍ଥ ଦାନ କରିବାକୁ ନିବେଦନ କରାଯାଇଥିଲା । ଦାନ ସଂଗ୍ରହ ପାଇଁ ଅନ୍‌ଲାଇନ ଏବଂ ଅଫ୍‌ଲାଇନରେ ବ୍ୟବସ୍ଥା କରାଯାଇଥିଲା । କ୍ୟୁଆର କୋଡ ଏବଂ ବ୍ୟାଙ୍କ ଆକାଉଣ୍ଟ ମାଧ୍ୟମରେ ଦାତାଙ୍କୁ ଟଙ୍କା ପଠାଇବାକୁ କୁହାଯାଇଥିଲା । ଏଥିପାଇଁ ୩ ହଜାରରୁ ଅଧିକ ବ୍ୟାଙ୍କ ଖାତା ଏବଂ ଇନ୍‌ଫର୍ମାଲ ଭାଲ୍ୟୁ ଟ୍ରାନ୍ସଫର ସିଷ୍ଟମ ବ୍ୟବହାର କରାଯାଇଥିଲା । ସୂଚନାଯୋଗ୍ୟ ଯେ ବିଶ୍ୱରେ ଚାଲିଥିବା ମନି ଲଣ୍ଡରିଂ ଏବଂ ଆତଙ୍କବାଦକୁ ପାଣ୍ଠି ଯୋଗାଣ ମାମଲା ଉପରେ ଏଫ୍‌ଏଟିଏଫ୍ ନଜର ରଖୁଛି । ଏହି ସବୁ କାର୍ଯ୍ୟରେ ଲିପ୍ତ ଥିବା ଦେଶ ଉପରେ ମଧ୍ୟ କଟକଣା ଲଗାଉଛି ।

ରିପୋର୍ଟ ଅନୁଯାୟୀ ପିଏଫ୍‌ଆଇକୁ ଦିଆଯାଇଥିବା ଦାନରେ ଘରୋଇ ଏବଂ ବିଦେଶୀ କାରବାର ସାମିଲ ଥିଲା । ଏଥିପାଇଁ ମାମଲାର ଯାଞ୍ଚ କରିବା କାଠିକର ହୋଇ ଯାଇଥିଲା । ଚରମପନ୍ଥୀ କାର୍ଯ୍ୟକଳାପ ପାଇଁ ଏହି ଅର୍ଥ ବ୍ୟବହାର କରାଯାଇଥିଲା । କ୍ରାଉଡଫଣ୍ଡିଂ ମାଧ୍ୟମରେ ସଂଗ୍ରହ ଅର୍ଥରୁ କିଛି ଅଂଶକୁ ବ୍ୟବସାୟ ଏବଂ ରିୟଲ ଇଷ୍ଟେଟ ପ୍ରକଳ୍ପରେ ନିବେଶ କରାଯାଇଥିଲା । ଆତଙ୍କବାଦକୁ ପାଣ୍ଠି ଯୋଗାଣ ମାମଲାରେ ପିଏଫ୍‌ଆଇର ୮ ସଦସ୍ୟଙ୍କୁ ମଧ୍ୟ ଗିରଫ କରାଯାଇଛି । ଏମାନଙ୍କର ୩.୫ କୋଟି ଟଙ୍କାର ସମ୍ପତ୍ତି ଜବତ କରିବାକୁ ଦାବି କରାଯାଉଛି । ଗତ ବର୍ଷ ସେପ୍ଟେମ୍ବରରେ ଭାରତ ସରକାର ପିଏଫ୍‌ଆଇ ସହିତ ଏହାର ସହଯୋଗୀ ସଂଗଠନ ରିହେବ ଇଣ୍ଡିଆ ଫାଉଣ୍ଡେସନ (ଆରଆଇଏଫ୍), କ୍ୟାମ୍ପସ ଫ୍ରଣ୍ଟ ଅଫ୍ ଇଣ୍ଡିଆ (ସିଏଫଆଇ), ଅଲ୍ ଇଣ୍ଡିଆ ଇମାମ କାଉନସିଲ (ଏଆଇଆଇସି), ନ୍ୟାସନାଲ କନଫେଡେରେସନ ଅଫ ହ୍ୟୁମାନ ରାଇଟ୍ସ ଅର୍ଗାନାଇଜେସନ (ଏନ୍‌ସିଏଚ୍‌ଆରଓ), ନ୍ୟାସନାଲ ୱମେନ ଫ୍ରଣ୍ଟସ, ଜୁନିୟର ଫ୍ରଣ୍ଟ, ଏମ୍ପାୱାର ଇଣ୍ଡିଆ ଫାଉଣ୍ଡେସନ ଏବଂ କେରଳର ରିହାବ ଫାଉଣ୍ଡେସନକୁ ବେଆଇନ ଘୋଷଣା କରାଯାଇଥିଲା । ସାରା ଦେଶରେ ପିଏଫଆଇର ଠିକଣାରେ ଏନ୍‌ଆଇଏ ଏବଂ ଇଡିର ଚଢ଼ଉ ପରେ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିଲା ।



- କ୍ରୟ କରୁଛି ବିପୁଳ ଅସ୍ତ୍ରଶସ୍ତ୍ର
- ସୂଚନା ଦେଲା ଏଫ୍‌ଏଟିଏଫ୍

## ତୃତୀୟ ପୃଷ୍ଠାର ଅବଶିଷ୍ଟାଂଶ...

### ଫାଇନାଲ୍‌ରେ ଭାରତ...

ଶତକ ହାସଲ କରି ସଚିନ ତେନ୍ଦୁଲକରଙ୍କ ନାମରେ ଥିବା ୪୯ତମ ବିଶ୍ୱରେକର୍ଡକୁ ଭାଙ୍ଗିଦେଇଥିଲେ। ଆୟର ୭୦ ବଲ୍‌ରେ ୧୦୫ ରନ୍ କରିବା ସହ ଚଳିତ ବିଶ୍ୱକପ୍‌ରେ କ୍ରମାଗତ ଶତକ ହାସଲ କରିଥିଲେ। ଜବାବରେ ଡାରିଲ ମିଚେଲଙ୍କ ବିସ୍ଫୋରକ ଶତକ ବଳରେ ନ୍ୟୁଜିଲାଣ୍ଡ ୪୮.୫ ଓଭରରେ ୩୨୭ ରନ୍ କରିବାକୁ ସମର୍ଥ ହୋଇଥିଲା। ଦଳ ପକ୍ଷରୁ ମିଚେଲ ୧୧୯ ବଲ୍‌ରେ ୯ ଚୌକା ଓ ୭ ଛକା ସହ ୧୩୪ ରନ୍ କରି ଭାରତୀୟ ସମର୍ଥକଙ୍କୁ ଆଶଙ୍କା ମଧ୍ୟରେ ରଖିଥିଲେ। ପଞ୍ଚମ ୱିକେଟ ଭାବେ ତାଙ୍କୁ ଆଉଟ କରି ସାମି ଭାରତର ବିଜୟ ପକ୍କା କରିବା ସହ ଭାରତୀୟ ଶିବିରରେ ଆନନ୍ଦ ଖେଳାଇଦେଇଥିଲେ। ସେ ୫୭ ରନ୍‌ରେ ୭ ୱିକେଟ ନେଇ ଭାରତକୁ ବିଜୟୀ କରାଇଥିଲେ।

### ରାଜସ୍ୱ ବଳକାରେ...

ରାଜସ୍ୱ ନିଅଣ୍ଟିଆ ସ୍ଥିତି ଦେଶରେ ସର୍ବାଧିକ ରହିଥିବା ବେଳେ ଏହା ପ୍ରାୟ ୪୬୫୩୮ କୋଟି ଟଙ୍କା ବୋଲି ତାଲିକାରେ ଦର୍ଶାଯାଇଛି। ସେହିପରି ପଶ୍ଚିମବଙ୍ଗର ରାଜସ୍ୱ ନିଅଣ୍ଟର ପରିମାଣ ୩୨ ହଜାର କୋଟି ରହିଥିବା ବେଳେ କେରଳର ୨୯୫୩୯ କୋଟି, ରାଜସ୍ଥାନର ୨୫୮୬୯ କୋଟି, ପଞ୍ଜାବର ୧୮୪୬୮ କୋଟି, ମହାରାଷ୍ଟ୍ରର ୧୬୩୭୪ କୋଟି, କର୍ଣ୍ଣାଟକର ୧୩୬୬୬ କୋଟି, ଆନ୍ଧ୍ର ପ୍ରଦେଶର ୮୬୧୧ କୋଟି ଓ ବିହାରର ୪୨୨ କୋଟି ଟଙ୍କା ରହିଛି। ଓଡ଼ିଶାର ରାଜସ୍ୱ ବଳକା ସ୍ଥିତି ୨୦୦୬ ମସିହା ପରଠାରୁ ବଜାୟ ରହି ଆସିଥିବା ବେଳେ ବର୍ଷକୁ ବର୍ଷ ଏ କ୍ଷେତ୍ରରେ ରାଜ୍ୟ ବେଶ୍ ଆଖିଦୃଶିଆ ଉନ୍ନତି କରି ଚାଲିଛି। ଜାତୀୟ ସ୍ତରରେ ଓଡ଼ିଶାର ଏହି ସଫଳତା ଶୃଙ୍ଖଳିତ ବିତ୍ତୀୟ ପରିଚାଳନାକୁ ଦର୍ଶାଉଛି ବୋଲି ଅର୍ଥନୈତିକ ବିଶେଷଜ୍ଞମାନେ ମତପ୍ରକାଶ କରିଛନ୍ତି।

କେବଳ ରାଜସ୍ୱ ବଳକା ସ୍ଥିତି ନୁହେଁ; ଅନ୍ୟ କ୍ଷେତ୍ରରେ ମଧ୍ୟ ଓଡ଼ିଶା ପ୍ରଭାବୀ ଢଙ୍ଗରେ ବିତ୍ତୀୟ ପରିଚାଳନା କରିବାରେ ସକ୍ଷମ ହୋଇପାରିଛି। ରାଜ୍ୟ ଅର୍ଥ ବିଭାଗର ତଥ୍ୟ ଅନୁସାରେ, ବିତ୍ତୀୟ ଉତ୍ତରଦାୟିତ୍ୱ ଏବଂ ବଜେଟ୍ ପରିଚାଳନା (ଏଫଆର୍‌ବିଏମ୍) ଅଧିନିୟମ ଅନୁଯାୟୀ ରାଜ୍ୟର ଋଣଭାର ବେଶ୍ ପୋଷଣୀୟ ଥିବାବେଳେ ଅନ୍ୟ ବୃହତ୍ ରାଜ୍ୟମାନଙ୍କ ତୁଳନାରେ ଓଡ଼ିଶାରେ ମୁଣ୍ଡ ପିଛା ଋଣଭାର ସବୁଠାରୁ କମ୍ ଅଟେ। ସୂଚନାଯୋଗ୍ୟ ଯେ ଏଫଆର୍‌ବିଏମ ଅଧିନିୟମ ଅନୁଯାୟୀ ରାଜ୍ୟର ଋଣଭାର ଜିଏସଡିପିର ୨୫ ପ୍ରତିଶତ ଏବଂ ସୁଧ ଦେୟ ଏବଂ ରାଜସ୍ୱ ଆୟର ଅନୁପାତ(ଆଇପି/ଆରଆର)-୧୫ ପ୍ରତିଶତ ମଧ୍ୟରେ ରହିବା ଆବଶ୍ୟକ। ମିଳିଥିବା ତଥ୍ୟ ଅନୁଯାୟୀ ବର୍ତ୍ତମାନ ସୁଦ୍ଧା ସୁଦ୍ଧା ରାଜ୍ୟର ଋଣ ଭାର ମୋଟ ରାଜ୍ୟ ଘରୋଇ ଉତ୍ପାଦର ଅନୁପାତ (ଜିଏସ୍‌ଡିପି)ର ୧୧%ରୁ କମ୍ ଥିବାବେଳେ ସୁଧ ଦେୟ ଓ ରାଜସ୍ୱ ଆୟର ଅନୁପାତ ୨% ତଳେ ରହିଛି; ଯାହାକି ବେଶ୍ ପୋଷଣୀୟ ଅଟେ। ନିଜସ୍ୱ ରାଜସ୍ୱ ସଂଗ୍ରହ, ନିଜସ୍ୱ ଅଣଟିକସ ରାଜସ୍ୱ ସଂଗ୍ରହ, ନିଜସ୍ୱ ଟିକସ ରାଜସ୍ୱ ସଂଗ୍ରହ ମଧ୍ୟ ପୂର୍ବ ବର୍ଷ ତୁଳନାରେ କ୍ରମାଗତ ଭାବେ ବଢ଼ି ବଢ଼ି ଚାଲିଛି। ସେହିପରି ରାଜ୍ୟର ଖଣି ରାଜସ୍ୱ, ଅବକାରୀ ରାଜସ୍ୱରେ ମଧ୍ୟ ଚମକପ୍ରଦ ବୃଦ୍ଧି ଘଟିଥିବା ବେଳେ ଏହାର ଶୃଙ୍ଖଳିତ ପରିଚାଳନା ଆଜି ଓଡ଼ିଶାକୁ ଏକ ନୂଆ ପରିଚୟ ପ୍ରଦାନ କରିପାରିଛି। ସମୃଦ୍ଧ ଆର୍ଥିକ ସ୍ଥିତି କାରଣରୁ ଓଡ଼ିଶା ଏକାଧିକ ଜନମଙ୍ଗଳକାରୀ ଯୋଜନା ପ୍ରଣୟନ କରିପାରିଛି। କେବଳ ସେତିକି ନୁହେଁ; ବିଭିନ୍ନ କ୍ଷେତ୍ରରେ ରାଜ୍ୟ ସରକାର ଶିକ୍ଷିତ ଯୁବକଯୁବତୀଙ୍କୁ ନିଯୁକ୍ତି ପ୍ରଦାନ କରୁଥିବାବେଳେ ନିୟମିତ ଭାବେ ଦରମା ପ୍ରଦାନ କରୁଛନ୍ତି। କ୍ରମାଗତ ୨ ବର୍ଷ ଧରି ଓଡ଼ିଶା ଖୋଲାବଜାରରୁ ଋଣ କରିନାହିଁ। ଓଡ଼ିଶାର ଏପରି ଶୃଙ୍ଖଳିତ ବିତ୍ତୀୟ ପରିଚାଳନା ଅନ୍ୟ ରାଜ୍ୟମାନଙ୍କ ପାଇଁ ନିଶ୍ଚିତ ଭାବେ ଅନୁକରଣୀୟ ଏବଂ ଉଦାହରଣ ବୋଲି ବିଶେଷଜ୍ଞମାନେ ମତପ୍ରକାଶ କରିଛନ୍ତି।

### 'ନବୀନ ଓଡ଼ିଶା'କୁ ସ୍ୱାଗତ କଲେ ସାଂସଦ ମାନସ

ଓଡ଼ିଶାର ଏହି ବିତ୍ତୀୟ ସଫଳତା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦୂରଦୃଷ୍ଟି ତଥା '୫-ଟି' ଓ 'ନବୀନ ଓଡ଼ିଶା' ଅଧ୍ୟକ୍ଷ ଭି କେ ପାଣ୍ଡିଆନଙ୍କ ପ୍ରଭାବଶାଳୀ ଯୋଜନା ଏବଂ ଏହାର ସଫଳ କାର୍ଯ୍ୟାନ୍ୱୟନ ଯୋଗୁଁ ସମ୍ଭବପର ହୋଇପାରିଛି ବୋଲି ରାଜ୍ୟସଭା ସାଂସଦ ମାନସ ରଞ୍ଜନ ମଙ୍ଗରାଜ ଟୁଇଟ୍ କରି କହିଛନ୍ତି। ସେ ତାଙ୍କ ଟୁଇଟ୍ ବାର୍ତ୍ତାରେ 'ନବୀନ ଓଡ଼ିଶା'କୁ ସ୍ୱାଗତ। ଏହା କେବଳ ଏକ ସ୍ୱପ୍ନ ନୁହେଁ; ବରଂ ବାସ୍ତବତା ବୋଲି ଉଲ୍ଲେଖ କରିଛନ୍ତି।

### ଓଡ଼ିଶାରେ ଅନ୍ତର୍ଜାତୀୟ...

ଦେଶର କ୍ରୀଡ଼ା ରାଜଧାନୀର ମାନ୍ୟତା ପାଇଥିବା ଭୁବନେଶ୍ୱରରେ ପୂର୍ବରୁ ଏକାଧିକ ଅନ୍ତର୍ଜାତୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ସଫଳତାର ସହ ଆୟୋଜିତ ହୋଇଛି। ଆସନ୍ତା ୨୧ରୁ ଭୁବନେଶ୍ୱରରେ ୨୦୨୭ ଏଏଫ୍‌ସି ଏସିଆନ କପ୍ ଓ ୨୦୨୬ ଫିଫା ବିଶ୍ୱକପ୍ ଯୋଗ୍ୟତା ପର୍ଯ୍ୟାୟ ମୁକାବିଲା ମଧ୍ୟ ଆୟୋଜନ ହେବ।

### ପରିବାରର ୩...

୩ଜଣଙ୍କ ଜୀବନ ଚାଲିଗଲା। ମୃତକମାନେ ହେଲେ, ଜଗଦଲପୁରର ରାଜନନ୍ଦ ଗ୍ରାମର ଗୌରବ ଠକର, ତାଙ୍କ ୯ ବର୍ଷର ପୁଅ ନମନ୍ ଠକର ଓ ବାପା ନନ୍ଦୁ ଠକର୍। ରଚନାଙ୍କ ଅବସ୍ଥା ଗୁରୁତର ରହିଛି। ମଙ୍ଗଳବାର ବିଳମ୍ବିତ ରାତିରେ ପଟାଙ୍ଗି ଥାନା ଅନ୍ତର୍ଗତ ଯୋଡ଼ିମାଦେଲୀ ଘାଟିରେ ଏହି ଅଘଟଣ ଘଟିଛି।

ସୂଚନା ଅନୁଯାୟୀ, ଓଡ଼ିଶା ସୀମାନ୍ତ ଛତିଶଗଡ଼ ରାଜ୍ୟ ଜଗଦଲପୁରର ରାଜନନ୍ଦ ଗ୍ରାମର ଦୁଇଟି ପରିବାର ଦୁଇଟି କାର୍‌ରେ ବିଶାଖାପାଟଣା ବୁଲିବା ନିମନ୍ତେ ମଙ୍ଗଳବାର ବାହାରିଥିଲେ। ଗୋଟିଏ କାର୍‌ରେ ଗୌରବ, ରଚନା ଠକର, ପୁଅ ନମନ୍ ଓ ନନ୍ଦୁ ଏବଂ ଅନ୍ୟ ଏକ କାର୍‌ରେ ତାଙ୍କ ସାଙ୍ଗଙ୍କ ପରିବାର ଥିଲେ। ଗାଁଠାରୁ ୪୫୦ କିମି ଯାତ୍ରା କରିବା ପରେ ବିଳମ୍ବିତ ରାତିରେ ଗୌରବ ଠକରଙ୍କ କାର୍ ଦେଖାଯାଇନଥିଲା। ଏନେଇ ଅନ୍ୟ ଗାଡ଼ିରେ ରହିଥିବା ପରିବାରବର୍ଗ ଶୁଙ୍କି ଥାନାରେ ସୂଚନା ଦେଇଥିଲେ। ଏହାପରେ ପୁଲିସ ମଧ୍ୟ ଖୋଜାଖୋଜି ଆରମ୍ଭ କରିଥିଲା। କିନ୍ତୁ ପାହାଡ଼ ଜଙ୍ଗଲରେ ରାତି ଅଧରେ ସେମାନଙ୍କର ସୂଚନା ମିଳି ପାରିନଥିଲା। ବୁଧବାର ସକାଳୁ ଯୋଡ଼ିମାଦେଲୀ ଗ୍ରାମବାସୀ ଘାଟିରୁ ୫୦ ଫୁଟ୍ ତଳକୁ ଏକ କାର୍ ଖସିଥିବା ନେଇ ପୁଲିସକୁ ସୂଚନା ଦେଇଥିଲେ। ଏହାପରେ ପଟାଙ୍ଗି ଥାନା ଅଧିକାରୀ ଚତୁର୍ଭୁଜ ନାୟକ ଏବଂ ଅଗ୍ନିଶମ ବିଭାଗର ଅଧିକାରୀ ଅର୍ଚ୍ଚିତ ରଞ୍ଜନ ସେଠୀ ଓ ତାଙ୍କ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚିଥିଲେ। ସେତେବେଳକୁ ଗୌରବଙ୍କ ସମେତ ପୁଅ ନମନ୍ ଏବଂ ବାପା ନନ୍ଦୁଙ୍କର ମୃତ୍ୟୁ ଘଟି ସାରିଥିଲା। ରଚନା ଅଳ୍ପକେ ବର୍ତ୍ତିଯାଇଥିଲେ। ତାଙ୍କୁ ଉଦ୍ଧାର କରି ପଟାଙ୍ଗି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଶବଗୁଡ଼ିକୁ ବ୍ୟବଚ୍ଛେଦ ନିମନ୍ତେ ଉକ୍ତ ଡାକ୍ତରଖାନାକୁ ନିଆଯାଇଥିଲା। ମୃତକଙ୍କ ପରିବାର ପହଞ୍ଚି ମୃତ ଶରୀରଗୁଡ଼ିକୁ ଏବଂ ରଚନାଙ୍କୁ ନିଜ ଗ୍ରାମକୁ ନେବାର ବ୍ୟବସ୍ଥା କରିଛନ୍ତି। ଏନେଇ ପୁଲିସ ନମ୍ବର ୧୩୯/୨୩ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

### ଭିତରକନିକାରେ କୁମ୍ଭୀରଙ୍କୁ...

ମାତ୍ର ଏବେ ବି ବିଭାଗ ପକ୍ଷରୁ ବିଭିନ୍ନ ହ୍ୟାଚେରିରେ ଅଣ୍ଡା ସଂରକ୍ଷଣ କରାଯିବା ସହ ଅଣ୍ଡା ଫୁଟିବା ପରେ କୁମ୍ଭୀର ଛୁଆକୁ ବିଭାଗ ପକ୍ଷରୁ ନଦୀରେ ଛଡ଼ାଯାଉଛି। ଏହା କୁମ୍ଭୀରଙ୍କ ସଂଖ୍ୟାବୃଦ୍ଧିରେ ସହାୟକ ହେଉଛି। ବନ ବିଭାଗର ଗଣନା ଅନୁଯାୟୀ, ୨୦୦୦ ମସିହାରେ ଏଠାରେ କୁମ୍ଭୀରଙ୍କ ସଂଖ୍ୟା ୧, ୧୯୨ ହୋଇଥିବା ବେଳେ ଚଳିତ ବର୍ଷ ସୁଦ୍ଧା ଏହା ବୃଦ୍ଧି ପାଇ ୧୭୯୩ରେ ପହଞ୍ଚିଛି।

ଏ ସଂପର୍କରେ ଅବସରପ୍ରାପ୍ତ ବରିଷ୍ଠ ବନ୍ୟପ୍ରାଣୀ ଗବେଷକ ଲାଲା ଏ.କେ ସିଂହ କହିଛନ୍ତି ଯେ ସେତେବେଳେ ସୀମିତ ଜାଗାକୁ ଲକ୍ଷ୍ୟ କରି ଏହି ପ୍ରକଳ୍ପ ଆରମ୍ଭ କରାଯାଇଥିଲା। ଦେଶରେ ବର୍ତ୍ତମାନ ଭିତରକନିକା, ସୁନ୍ଦରବନ ଓ ଆଣ୍ଡାମାନରେ ହିଁ ଏହି ଲୁଣାପାଣି କୁମ୍ଭୀରଙ୍କ ସଂଖ୍ୟା ସିଂହଭାଗ ରହିଛି। ଏଠାରେ ବହୁ ସୁନ୍ଦର ଭାବେ ପ୍ରକଳ୍ପ କାର୍ଯ୍ୟକ୍ଷମ ହୋଇଥିବାରୁ କୁମ୍ଭୀରଙ୍କ ସଂଖ୍ୟା ବୃଦ୍ଧି ପାଇଛି। ବର୍ତ୍ତମାନ ଭିତରକନିକାରେ ଅନେକ ସଂଖ୍ୟାରେ ବୋଟ୍ ଚାଳନା ଓ ପର୍ଯ୍ୟଟକଙ୍କ ଆଗମନ ଯୋଗୁଁ କୁମ୍ଭୀରଙ୍କ ଗତିବିଧିରେ ସମସ୍ୟା ସୃଷ୍ଟି ହୋଇଛି ଓ ଏଠାରୁ ଗୋଟିଏ ଦୁଇଟି କୁମ୍ଭୀର ବାହାରକୁ ଚାଲିଯାଇ କେନ୍ଦ୍ରାପଡ଼ା ଓ ଯାଜପୁର ଜିଲ୍ଲାରେ ପହଞ୍ଚିଛନ୍ତି। କୁମ୍ଭୀରଙ୍କ ସଂଖ୍ୟା ବଢ଼ିଲେ ଭଲ କଥା। ପ୍ରକଳ୍ପ ଆରମ୍ଭ ବେଳେ କୁମ୍ଭୀର ଚାଷକୁ ନେଇ ଭିନ୍ନ ଲକ୍ଷ୍ୟ ରଖାଯାଇଥିଲା। ସଂଖ୍ୟା ବଢ଼ିଗଲେ କୁମ୍ଭୀର ହତ୍ୟା କରି ତାହାର ଚମଡ଼ା ଓ ଅନ୍ୟ ଅଙ୍ଗପ୍ରତ୍ୟଙ୍ଗକୁ ବ୍ୟବସାୟ କାର୍ଯ୍ୟରେ ଲଗାଯାଇଥା'ନ୍ତା। ବିଶେଷ କରି ବିଦେଶରେ ଏହାର ଚାହିଦା ଅଧିକ ଥିବାରୁ ଏହାକୁ ରପ୍ତାନୀ କରାଯାଇ ଭାରତୀୟ ରାଜକୋଷରେ ବିଦେଶୀ ମୁଦ୍ରା ବୃଦ୍ଧି ପାଇଁ ଉଦ୍ଦେଶ୍ୟ ଥିଲା। କିନ୍ତୁ ସେତେବେଳର ସମୟ ଓ ଏବେକା ସମୟ ମଧ୍ୟରେ ବହୁତ ଫରକ୍। ମୁଖ୍ୟତଃ କୁମ୍ଭୀର ବର୍ତ୍ତମାନ ବନ୍ୟପ୍ରାଣୀ ସିଡ୍ୟୁଲ୍-୧ ଅଧୀନରେ ଆସୁଛି, ଯାହାଦ୍ୱାରା କୁମ୍ଭୀରଙ୍କୁ ଆଇନତଃ ମରାଯାଇପାରିବ ନାହିଁ। ଅପରପକ୍ଷେ ଆମ ଭାରତୀୟ ସଂସ୍କୃତି ସର୍ବଦା 'ଜୀବେଦୟା' ଉପରେ ବିଶ୍ୱାସ କରିଆସିଛି। ତେଣୁ କୁମ୍ଭୀରଙ୍କ ସଂଖ୍ୟାବୃଦ୍ଧି ପ୍ରସଙ୍ଗକୁ ପ୍ରକୃତି ଉପରେ ଛାଡ଼ି ଦିଆଯିବା ଉଚିତ।

ପିସିସିଏଫ୍ (ବନ୍ୟପ୍ରାଣୀ) ସୁଶାନ୍ତ ନନ୍ଦ କହିଛନ୍ତି ଯେ ଏଠାରେ(ଭିତରକନିକା) କେତେ କୁମ୍ଭୀର ରହିପାରିବେ, ତାହା ଜାଣିବା ପାଇଁ ଗବେଷଣାର ଆବଶ୍ୟକତା ରହିଛି। ମାତ୍ର ବର୍ତ୍ତମାନ ହ୍ୟାଚେରିରୁ କୁମ୍ଭୀର ଛାଡ଼ିବା ପ୍ରକ୍ରିୟା ବନ୍ଦ କରିଦିଆଯାଇଛି। ଆଗକୁ ଏକ କିମିଟି ମାଧ୍ୟମରେ ଏ ସମ୍ପର୍କରେ ଅଧିକ ତଥ୍ୟ ସଂଗ୍ରହ କରାଯିବ ଓ ଯଦି କୁମ୍ଭୀରଙ୍କ ସଂଖ୍ୟା ଆବଶ୍ୟକତାଠାରୁ ଅଧିକ ଥାଏ, ତେବେ ଆବଶ୍ୟକ ପଦକ୍ଷେପ ନିଆଯିବ।

### ଅବପାତକୁ ନେଇ...

ବଙ୍ଗୋପସାଗର ମଧ୍ୟରେ ଓଡ଼ିଶା ଉପକୂଳମୁହାଁ ହେବ। ଓଡ଼ିଶା ଉପରେ ଏହାର ପ୍ରଭାବ ବିଶେଷ ରହିବ ନାହିଁ ବୋଲି ଆଇଏମ୍‌ଡି ମହାନିର୍ଦ୍ଦେଶକ ଡ. ମୃତ୍ୟୁଞ୍ଜୟ ମହାପାତ୍ର କହିଛନ୍ତି। ଅନ୍ୟପଟେ 'ସୋଆ' ପରିଚାଳିତ ପରିବେଶ ଓ ଜଳବାୟୁ କେନ୍ଦ୍ର (ସିଇସି) କହିଛି ଯେ ଏହି ଅବପାତ ୧୬ ତାରିଖ ସୁଦ୍ଧା ଗଭୀର ଅବପାତରେ ପରିଣତ ହୋଇ ଗତିପଥ ବଦଳାଇବ। ଏହା ଉତ୍ତର କିମ୍ବା ଉତ୍ତର-ପୂର୍ବ ଦିଗକୁ ଗତି କରି ଓଡ଼ିଶା ଉପକୂଳମୁହାଁ ହେବା ସହ ନଭେମ୍ବର ୧୭ରେ ଏକ ବାତ୍ୟାରେ ପରିଣତ ହେବାର ସମ୍ଭାବନା ରହିଛି। ଏହା ପ୍ରଭାବରେ ସମୁଦ୍ରରେ ପବନର ବେଗ ଘଣ୍ଟା ପ୍ରତି ୮୦ ରୁ ୯୦ କିଲୋମିଟର ପର୍ଯ୍ୟନ୍ତ ହୋଇପାରେ। ପୁରୀ, ଜଗତସିଂହପୁର ଏବଂ ଭଦ୍ରକ ଜିଲ୍ଲା ଉପକୂଳରେ ପବନର ବେଗ ଏହି ସମୟରେ ଘଣ୍ଟା ପ୍ରତି ୫୫ରୁ ୭୦ କିଲୋମିଟର ରହିପାରେ ବୋଲି ସିଇସି କହିଛି।

## ସାର୍‌ନା ଧର୍ମ କୋଡ୍ ଦାବିରେ କେନ୍ଦ୍ରବିରୋଧୀ ଆନ୍ଦୋଳନ

# ଡିସେମ୍ବର ୩୦ରେ ଭାରତ ବନ୍ଦ ଚେତାବନୀ

**ବାରିପଦା, ୧୫।୧୧ (ସମିସ):** ଆଦିବାସୀ ସେଙ୍ଗେଲ ଅଭିଯାନ ପକ୍ଷରୁ ବୀର ସହୀଦ ବିର୍ସା ମୁଣ୍ଡାଙ୍କ ଜୟନ୍ତୀ ଅବସରରେ ସାରନା ଧର୍ମ କୋଡ ଲାଗୁ ପାଇଁ ଆନ୍ଦୋଳନ ଆରମ୍ଭ ହୋଇଛି। ବାରିପଦାର ପୋଡା ଅସ୍ତିଆଠାରେ ବୁଧବାର ବୀର ସହିଦ ବିର୍ସା ମୁଣ୍ଡାଙ୍କ ପ୍ରତିମୂର୍ତ୍ତି ତଳେ ଅନଶନ ବସିଛନ୍ତି ଅଭିଯାନର କର୍ମକର୍ତ୍ତା। ଏଥିସହିତ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦୃଷ୍ଟି ଆକର୍ଷଣ କରିବା ସହ ଦାବି ପୂରଣ ନ ହେଲେ ଆସନ୍ତା ଡିସେମ୍ବର ୩୦ ତାରିଖରେ ଭାରତ ବନ୍ଦ କରିବେ ବୋଲି ଚେତାବନୀ ଦେଇଛନ୍ତି। ସୂଚନା ଅନୁଯାୟୀ, ଆଦିବାସୀ ସେଙ୍ଗେଲ ଅଭିଯାନର ବାରିପଦା ଜୋନାଲ କମିଟିର ସଭାପତି ନାରାନ ମୁର୍ମୁଙ୍କ ନେତୃତ୍ୱରେ ସହିଦ ବିର୍ସା ମୁଣ୍ଡାଙ୍କ ସ୍ୱପ୍ନ ଆବୱା ଦିଶୋମରେ ଆବୱା ରାଜକୁ ସାକାର କରିବା ପାଇଁ ଉକ୍ତ ଏକ ଦିବସୀୟ ଅନଶନ କାର୍ଯ୍ୟକ୍ରମ କରି ଦୁଇଟି ସାମ୍ବିଧାନିକ ମୌଳିକ ଅଧିକାର ଦାବି ପୂରଣ କରିବାକୁ ପ୍ରଧାନମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ପ୍ରଧାନମନ୍ତ୍ରୀ ଝାଡଖଣ୍ଡ ଯାତ୍ରାରେ ସାରନା ଧର୍ମ କୋଡର ମାନ୍ୟତା ଘୋଷଣା କରନ୍ତୁ ଏବଂ ଆଦିବାସୀ ରାଷ୍ଟ୍ର ଭାବେ ସ୍ଥାପିତ କରାଯାଉ। କାରଣ ଭାରତର ହାରାହାରି ୧୫ କୋଟି ଆଦିବାସୀ ସମାଜକୁ ତାଙ୍କର ଧାର୍ମିକ ସ୍ୱାଧନତା ନ ଦେବା ସମ୍ବିଧାନ ଆଇନକୁ ତଣ୍ଟି ଚିପିବା ସଦୃଶ। ଜବରଦସ୍ତ ଆଦିବାସୀଙ୍କୁ ଧର୍ମ ପରିବର୍ତ୍ତନ ପାଇଁ ବାଧ କରାଯାଉଛି। ତତସହିତ ସାରନା ଧର୍ମସ୍ଥଳୀ ଯୁଗ ଜାହେର ଗାଳର ସର୍ବଶ୍ରେଷ୍ଠ ଈଶ୍ୱର ମାରାଂବୁରୁ, ଲୁଗୁବୁରୁ, ଘଣ୍ଟାବାଳେ, ରାଜରାପା, ସୀତାନାଲା, ଅଯୋଧା ବୁରୁ ଆଦିକୁ ଛଡାଇ ତାଙ୍କର ଅସ୍ତିତ୍ୱ, ବାସ୍ତବିକ ପରିଚୟ, ଭାଗୀଦାରିକୁ ସମାପ୍ତ କରାଯାଉଛି। ସ୍ୱାଧୀନତାର ୭୫ ବର୍ଷ ପରେ ମଧ୍ୟ ଆଦିବାସୀଙ୍କ ଉପରେ ଅନ୍ୟାୟ, ଅତ୍ୟାଚାର, ଶୋଷଣ ଜାରି ରହିଥିବା ଅଭିଯୋଗ କରିଛନ୍ତି।


**SALE**

Booking Open 2/3 BHK Flat Bhpl Krishna, Bharatpur, Bhpl Rudra in front of CET. College, Ghatikia, Bhpl SB Homes, Ghatikia, Ready for Possession Aastha Highway South & North, Dhauli Chhak, BBSR. Contact- Bhavishya Homes Pvt Ltd.

**Ph.: 9437015112**

**AFFIDAVIT**

By virtue of an affidavit before the Executive Magistrate Nischintakoilin Cuttack, I Biswanath Satapathi, S/o-Rabindra Nath Satapathy, R/o-Vill-Kantapari, Po-Bhagabanpur, Ps-Nemalo, Dist-Cuttack, Odisha. Declare by this affidavit No.558 dated 29.09.2023 that now onwards, I shall be known as Biswanath Satapathy for all future purpose.

**AFFIDAVIT**

By virtue of an affidavit before the Executive Magistrate Nischintakoilin Cuttack, I Gitanjali Satapathi, W/o-Rabindra Nath Satapathy, R/o-Vill-Kantapari, Po-Bhagabanpur, Ps-Nemalo, Dist-Cuttack, Odisha, declare by this affidavit No.559 dated 29.09.2023 that now onwards, I shall be known as Gitanjali Satapathy for all future purpose.

**AFFIDAVIT**

By virtue of an affidavit before the Executive Magistrate Nischintakoilin Cuttack, I Rabindra Nath Satapathi, S/o-Bauribandhu Satapathy, R/o-Vill-Kantapari, Po-Bhagabanpur, Ps-Nemalo, Dist-Cuttack, Odisha. Declare by this affidavit No.560 dated 29.09.2023 that now onwards, I shall be known as Rabindra Nath Satapathy for all future purpose.

**AFFIDAVIT**

I, Rajat Kumar, S/o-Vijay Kumar Samal, resident of At- House No.032, PO-Hakimpada, Near Old Bambo Office, Near Vijay Food Products, Dist- Angul, Pin- 759143, Odisha declared by this affidavit No. 1869, dated-26/10/2023, that now onwards I shall be known as **RAJAT KUMAR SAMAL** for all future purposes.

**AFFIDAVIT**

I, Sri Gopal Samal, S/o-Vijay Kumar Samal, resident of At- House No.032, PO-Hakimpada, Near Old Bambo Office, Near Vijay Food Products, Dist- Angul, Pin- 759143, Odisha declared by this affidavit No. 1868 dated-26/10/2023, that now onwards I shall be known as **SHREE GOPAL SAMAL** for all future purposes.

**AFFIDAVIT**

I, Bijaya Kumar Samal, S/o- Dibakar Samal, resident of At- House No.032, PO-Hakimpada, Near Old Bambo Office, Near Vijay Food Products, Dist- Angul, Pin- 759143, Odisha declared by this affidavit No. 1870, dated-26/10/2023, that now onwards I shall be known as **VIJAY KUMAR SAMAL** for all future purposes.

C-1842 **OFFICE OF THE ROURKELA MUNICIPAL CORPORATION: ROURKELA**

**INVITATION FOR BID**

No. 13500 Date: 14.11.2023

**Bid Identification No.: MC/RMC/35/2023**

The Municipal Commissioner, Rourkela Municipal Corporation on behalf of Rourkela Municipal Corporation invites bids for works on percentage rate basis in single cover on online Mode. Bid Identification No. MC/RMC/35/2023 for 06 nos. Civil work with value of Rs. 3.49 lakh to Rs. 23.53 lakh.

1. Bid documents will be available in website www.tendersorissa.gov.in from 14.11.2023.
2. Bids must be submitted on 'online' on or before 28.11.2023 by 17.00 Hours.
3. Bids shall be opened at 11.00 hours on 29.11.2023 in the office of the undersigned in the presence of the bidders or their authorized agents.
4. Other details will be available in the website **tendersorissa.gov.in**

OIPR-13131/11/0071/2324 **Sd/- Municipal Commissioner, Rourkela Municipal Corporation**

**OFFICE OF THE NOTIFIED AREA COUNCIL**
**PURUSHOTTAMPUR, (GANJAM) PIN- 761018**
Email Id : eo-nacpurushottampur@gov.in / purushottampurnac@gmail.com
Ph. No. 06811-295222

**Letter No. 8096/NAC** **Dated. 13/11/2023**

**QUOTATION CALL NOTICE**

Sealed Quotations are invited in prescribed proforma from intending authorized firms/companies/manufacturers/ suppliers/ agencies/ authorized dealers having up-to-date dealership/ GST Regd. Certificate, PAN card etc. for **supplying, fitting, and fixing of FRP Odia letter with stand and lighting of "MO SWABHIMAN PURUSHOTTAMPUR"**. The quotationer shall have to quote the price of the item and unit-wise of their respective company. The rate quoted documents should be submitted to the undersigned on or before **23-11-2023** during office hours through Regd. Post/ Speed Post or in person and the same will be opened on **24-11-2023** at **11:00 AM** in the presence of quotationer or their authorized representatives. Beyond the date, no quotation shall be entertained. The quotation paper along with terms and conditions is available in the ULB website of Purushottampur NAC i.e., www.nacpurushottampur.in with effect from **15-11-2023** to **23-11-2023** up to **04:00 PM** on submission of non-refundable cost of quotation paper i.e. Rs. 6,000/- (Rupees Six Thousand) only in shape of Demand Draft in favour of Executive Officer, Purushottampur NAC payable at Purushottampur nationalized banks. Postal delay shall not be taken into consideration. The undersigned reserves the right to reject whole or part of the quotation without assigning any reason thereof.

OIPR-13187/11/0022/2324 C-1817 **Executive Officer NAC, Purushottampur**

**OFFICE OF THE NOTIFIED AREA COUNCIL**
**PURUSHOTTAMPUR, (GANJAM) PIN- 761018**
Email Id : eo-nacpurushottampur@gov.in / purushottampurnac@gmail.com
Ph. No. 06811-295222

**Letter No. 8104/NAC** **Dated. 13/11/2023**

**QUOTATION CALL NOTICE**

Sealed Quotations are invited in prescribed proforma from intending authorized firms/companies/manufacturers/ suppliers/ agencies/ authorized dealers having up-to-date dealership/ GST Regd. Certificate, PAN card etc. for **supplying, fitting, and fixing of VIP Chair units for Conference Hall**. The quotationer shall have to quote the price of the item and unit-wise of their respective company. The rate quoted documents should be submitted to the undersigned on or before **23-11-2023** during office hours through Regd. Post/ Speed Post or in person and the same will be opened on **24-11-2023** at **11:00 AM** in the presence of quotationer or their authorized representatives. Beyond the date, no quotation shall be entertained. The quotation paper along with terms and conditions is available in the ULB website of Purushottampur NAC i.e., www.nacpurushottampur.in with effect from **15-11-2023** to **23-11-2023** up to **04:00 PM** on submission of non-refundable cost of quotation paper i.e. Rs. 6,000/- (Rupees Six Thousand) only in shape of Demand Draft in favour of Executive Officer, Purushottampur NAC payable at Purushottampur nationalized banks. Postal delay shall not be taken into consideration. The undersigned reserves the right to reject whole or part of the quotation without assigning any reason thereof.

OIPR-13187/11/0018/2324 C-1830 **Executive Officer NAC, Purushottampur**

A-839

GOVERNMENT OF ODISHA
DEPARTMENT OF WATER RESOURCES,
OFFICE OF THE SUPERINTENDING ENGINEER,
LOWER INDRA CANAL DIVISION, KHARIAR
Dist:-Nuapada, Odisha, PIN:-766107
e-Procurement Notice No. SELICD- 03/2023-24, Dt.15.11.2023 (online)
E-mail ID: eelicd.kha@gmail.com
******

1. Type/Nature of work: Civil Works
2. Total No. of works: 01 (one) Nos.
3. Approx. value of works: Rs.8.66 Lakh **(Excluding GST)**.
4. Period of completion: 45 days.
5. Classification of bidders: "D" & "C" Class Contractors only.

**Other details as follows:**

| Procurement Officer. | e-Procurement Notice No. | Availability & Submission of bids in online. | | Date & time of opening of tender. |
|---|---|---|---|---|
| | | From | To | |
| 1 | 2 | 3 | 4 | |
| Superintending Engineer, Lower Indra Canal, Division, Khariar, Dist:- Nuapada, Odisha. | SELICD- 03/2023-24, Dt.15.11.2023 for 01(one) No. of work. | 20.11.2023 At 10.00 A.M | 29.11.2023 Up to 5.00PM. | 30.11.2023 At 11.30A.M |

N.B: Further details can be seen from the e-procurement portal https://www.tendersodisha.gov.in Any addendum/ Corrigendum/ Cancellation to the above notice will be published in the Govt. website www.tendersodisha.gov.in

(Er. Soumya Kishore Jaipuria) Superintending Engineer, Lower Indra Canal Division Khariar

OIPR-32206/11/0003/2324

**OFFICE OF THE NIMAPARA NOTIFIED AREA COUNCIL**

e-Mail:-nimapadanac@gmail.com Phone No. /Fax :-( 06758) 250229

No: 3240 Date:10.11.2023 C-1837

**e-Procurement Notice**

**Bid Documents consisting of Work Estimated Cost Cost of Tender Paper EMD time of completion Class of contractors and the set of terms and conditions of contract and other necessary documents can be seen in Govt. website i.e. www.tendersorissa.gov.in**

1. Tender Reference No : NP-NAC-02/2023-24
2. Tender I.D No: : 2023_ORULB_96803
3. Name of the Work : Civil Construction works as mentioned in website.
4. No. of work : 1 No.
5. Estimated Cost : Rs. 8,47,591.00
6. Period of Completion : 90 days
7. Date &Time of Bidding : 14.11. 2023 to 23.11.2023 up to 5 PM
8. Last date & time for receipt Of bids in the portal : 23 .11.2023 up to 5 PM
9. Bids received online shall be opened on dt. : 24.11.2023 at 11 AM
10. Name and address of the Officer inviting Bid : Executive Officer Nimapara N.A.C.

Further details can be seen from the procurement portal i.e. www.tendersorissa.gov.in

OIPR-13112/11/0007/2324 Executive Officer Nimapara N.A.C.

**INTEGRATED TRIBAL DEVELOPMENT AGENCY: JEYPORE**
[E-Mail ID – itdajpr@ori.nic.in & itdajeypore@rediffmail.com]

**No. 2955/2023** **Dated: 13.11.2023**

**QUOTATION CALL NOTICE**

Sealed Quotation papers are invited from the intending firms / Agencies with his own Letter Pad having valid PAN and GSTIN for supply of **Vegetable Freezer to the Hostels managed by ST & SC Development, Minorities & Backward Class Department, Odisha.** Under P.A. I.T.D.A., Jeypore for one year which is expendable further for another one year on the same rates, terms and conditions with mutual consent of both parties. The Quotation paper should reach to the undersigned on or before **21.11.2023** up to **4.00 PM** which shall be opened on the same date at **1.30 PM** onwards in the office chamber of P.A. I.T.D.A., Jeypore in presence of the suppliers or their authorized representative.

The Authority reserves the right to accept / reject / cancel all the quotation papers without assigning any reason thereof.

OIPR-26037/11/0009/2324 CAD-2863 **Project Administrator ITDA, Jeypore**

C-1825 Ph.: 06852-250629 Email: nackoraput@gmail.com

**KORAPUT MUNICIPALITY**

Letter No. 4230 Date: 07.11.2023

**Expression of Interest**

Bid consisting of Cost of Tender paper, Performance guarantee, the set terms and conditions for selection of vendor for supply & installation of LED based Street Light System of Koraput Municipality and other necessary document can be seen in Official website i.e. www.koraputmunicipality.in

1. Name of specification : Expression of Interest for selection of vendor for system & installation of LED based Street Light System.
2. Date & time of selling of Tender paper: From 10.11.2023 up to 5.00 PM 22.11.2023
3. Last date & time for receipt : 5.00 PM hours 22.11.2023
4. Bid received shall be Technical opened on: 5.00 PM hours 22.11.2023
5. Bid received shall be Financial opened on: 5.00 PM hours 22.11.2023
6. Name and address of the Officer inviting : Executive Officer, Koraput Municipality
7. Further details can be seen from the procurement portal: www.koraputmunicipality.in

OIPR-13074/11/0022/2324 **Sd/- Executive Officer, Koraput Municipality**

O-1531

***GOVERNMENT OF ODISHA***
***OFFICE OF THE SUPERINTENDING ENGINEER***
***RURAL WORKS DIVISION:KORAPUT***

PHONE:OFF: (06852) 251263 Email : serwkoraput@yahoo.com

e-Procurement for Building Works
Bid Identification No: SERWKPT–Online-07/2023-24

Letter No. 4633 Dtd. 14.11.2023

1. Name of the Work : Building Works in the district of Koraput for the year 2023-24
2. Total Numbers of Works : 13 Nos
3. Approximate Estimate Cost : Rs1.00 to Rs. 40.00 Lakhs (Approximately)
4. Class of Contractor : " B" & "C Class
5. Period of Completion : within 1-6 Months
6. Other Details :

| Procrument Officer | Bid Identification No | Availability of tender online bidding | |
|---|---|---|---|
| | | From | To |
| Superintending Engineer, R.W.Division, Koraput | Online Tender/07/RWD-KPT/2023-24 | 21.11.2023 at 11.00 A.M | 02.12.2023 upto 5.30 P.M |

Further details can be seen from the website www.tendersodisha.gov.in/nicgep/app

All amendments, time extension, clarifications etc. will be uploaded in the website only. Bidders should regularly visit the above website to keep themselves updated.

*N.B. Any Addendum or Corrigendum will be available in the Website only.

OIPR-25088/11/0011/2324 Superintending Engineer, Rural Works Division:Koraput

i-472

**OFFICE OF THE PANCHAYAT SAMITI, KALIMELA**

At/Po-Kalimela
Dist.: Malkangiri
PIN – 764047 (ODISHA)
Ph No. 06850-272217
E-mail- on-kalimela@nic.in

No. 3466/2023 Date: 14.11.2023

**TENDER CALL NOTICE No. 04/ 2023-24 dated 14.11.2023**

The **Block Development Officer, Kalimela** invites sealed tender in prescribed form from reputed firms/authorized dealers/companies/agencies/registered manufacturers for the following items to be supplied in conformity with the Detailed Tender Call Notice.

| Sl. No. | Name of the Block | Name of the Work | Cost of Tender Paper (in Rs) | E.M.D (in Rs) (1 %) | Delivery Period |
|---|---|---|---|---|---|
| 1 | 2 | 3 | 4 | 5 | 6 |
| 1 | Kalimela | Supply, installation and commissioning of Interactive flat panel digital board/ICT panel for 5T High Schools | 6000/- | @ 1% of quoted amount in prescribed shape | 15 (fifteen) days |
| 2 | | Supply and installation of Desktop Computers for 5T High Schools | 6000/- | @ 1% of quoted amount in prescribed shape | 15 (fifteen) days |

**Sale of tender paper:** The tender documents can be seen from the Govt. website www.malkangiri.nic.in only from **16.11.2023** to **28.11.2023 (upto 05:00 P.M)**. No Tender paper will be sold by the Block office, Kalimela or any other offices. Interested bidders will download the bid documents from the same web site only i.e www.malkangiri.nic.in.

**Place and date of receipt of tender Paper:** Panchayat Samiti, Kalimela, from **16.11.2023** to **28.11.2023** through Registered/Speed post only (office hour from 10:00 AM to 5:00 PM, Except Sunday and public holidays).

**Place and date of opening of tender paper:** Panchayat Samiti, Kalimela on dtd. **29.11.2023** at 11:00 AM.

**Mode of receipt of tender paper:** Registered/Speed post only.

**Name of the Scheme:** Mo school, 5T High School Transformation, Govt. of Odisha for the year 2023-24.

The authority reserves the right to reject any or all of the tenders without assigning any reasons thereof. The detailed information/corrigendum on Tender call notice can be available in the District website http//www.malkangiri.nic.in only.

***N.B: All Should go through the terms and conditions of Tender call Notice and Detail Tender call notice before submission of Tender papers.***

OIPR-19252/11/0004/2324 Block Development Officer Kalimela

L-150

**OFFICE OF THE CHIEF DISTRICT AGRICULTURE OFFICER: KHORDHA**

**Expression of Interest (EoI) for engagement of Block Level Community Based Organization (CBO) under the scheme "Agriculture Action Plan under Mahanadi Delta-I & II " in Balianta and Balipatna Block of Khordha District**

**EOI Notice No 3753 /Date 14.10.2023** : The Chief District Agriculture Officer cum Project Director, ATMA, Khordha , Department of Agriculture and Farmer's Empowerment, Odisha, Bhubaneswar invites EOI from the experienced and interested CBO/FPO/ Interested Farmers Groups/ WSHG Federation/ Common Interested Group (CIG)/ Co-operatives/Any other organisation are required to submit filled EoI with duly filled all desired details for selection of **Block Level Community Based Organization (CBO)** for Balianta and Balipatna Block under the "**Agriculture Action Plan under Mahanadi Delta-I & II**" in Balianta and Balipatna Block of Khordha District.

The Detailed EoI document and application Form can be downloaded from the District NIC portal: https://khordha.nic.in .

The EoI complete in all respect must reach by Speed Post/Registered post to the **Office of the Chief District Agriculture Officer cum Project Director, ATMA, Khordha, Odisha-752055** before **1.00 PM of 28/11/2023.**

The EoI received by other means than Registered/ Speed Post, beyond the last date and time will be rejected out rightly. The Chief District Agriculture Officer, Khordha reserves the right to reject any/all EOI proposals without assigning any reason thereof.

OIPR-01499/11/0004/2324 **Chief District Agriculture Officer Khordha**

# 'ମଧୁମେହ ରୋଗୀ ସର୍ବଦା ସତର୍କ ରହିବା ଜରୁରି'

କେନ୍ଦ୍ରାପଡ଼ା, ୧୫ ।୧୧ (ସମିସ): କେନ୍ଦ୍ରାପଡ଼ା ପୁରାତନ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ବିଶ୍ୱ ମଧୁମେହ ଦିବସ ପାଳିତ



ହୋଇଛି । ମଧୁମେହ ରୋଗୀ ସର୍ବଦା ସତର୍କ ରହିବା ଜରୁରି ବୋଲି ଏଥିରେ ପରାମର୍ଶ ଦିଆଯାଇଛି । ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଅନୀତା ପଟ୍ଟନାୟକ ଏଥିରେ ଅଧ୍ୟକ୍ଷତା କରିଥିଲେ । ଏହି ଅବସରରେ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ମୀର୍ଜାବାବର ବେଗ୍ ମଧୁମେହ ରୋଗର କାରଣ ଓ ନିରାକରଣ ଉପରେ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ । ଡା ପ୍ରଦୀପ ଦାସ (ଡିଏଲ୍ଓ) ମଧୁମେହ ରୋଗକୁ କିପରି ନିୟନ୍ତ୍ରଣ କରିହେବ ଓ ଆଗାମୀ ପିଢି ଏହାଠୁ ଦୂରେଇ ରହିବାର ସୂତ୍ର କହିଥିଲେ । ଡା ସଚ୍ଚିଦାନନ୍ଦ ମିଶ୍ର ଏହି ରୋଗର ଭୟାବହତା ଉପରେ ଆଲୋକପାତ କରି ଏଥିପ୍ରତି ଯତ୍ନବାନ ହେବାକୁ ପରାମର୍ଶ ଦେଇଥିଲେ । ଏପିଡେମିଓଲୋଜିଷ୍ଟ ଅଶୋକ ସାହୁ, ଆସିଷ୍ଟାଣ୍ଟ ମ୍ୟାନେଜର(ଏନ୍‌ସିଡି) ଶ୍ୟାମ ସୁନ୍ଦର ବିଶ୍ୱାଳ, ଡିପିସି ମନୋରଞ୍ଜନ ଦାସ, ପ୍ରିନ୍ସିପାଲ୍ ଟ୍ୟୁଟର୍ ଭାରତୀ ସ୍ୱାଇଁ, ଏଏନ୍ଏମ୍ ଟ୍ରେନିଂ ସେଣ୍ଟରର ଛାତ୍ରୀ ଓ ଷ୍ଟାଫ୍ ଏହି ଦିବସ ପାଳନରେ ଉପସ୍ଥିତ ଥିଲେ । ଏହି ଦିବସ ପାଳନ ଅବସରରେ ପୂର୍ବରୁ ଅନୁଷ୍ଠିତ ହୋଇଥିବା ପ୍ରବନ୍ଧ ଓ ବକ୍ତୃତା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । କାର୍ଯ୍ୟକ୍ରମ ପରିଚାଳନା କରି ଜିଲ୍ଲା ଜନସ୍ୱାସ୍ଥ୍ୟ ଯୋଗାଯୋଗ ଅଧିକାରୀ ଶାନ୍ତିଲତା ଚାନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ

**ଡେରାବିଶ:** ଡେରାବିଶ ବ୍ଲକ ଅଧୀନ ନହଙ୍ଗ ପଞ୍ଚାୟତ ବୀରନୀଳକଣ୍ଠପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ମଧୁମେହ ଉପରେ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଏହି କର୍ମଶାଳାରେ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା ଧର୍ମେନ୍ଦ୍ର ସିଂ ଯୋଗଦେଇ ସମାଜରେ ମଧୁମେହ ରୋଗ ବଢ଼ିବାରେ ଲାଗିଛି ବୋଲି କହିଥିଲେ । ବିଶେଷ କରି ଯୁବବର୍ଗ ଏହି ରୋଗରେ ଅଧିକ ସଂଖ୍ୟାରେ ଆକ୍ରାନ୍ତ ହେଉଥିବା ଦେଖିବାକୁ ମିଳିଛି । ଯୁବକଙ୍କ ଠାରୁ ଆରମ୍ଭ କରି ବୟସ୍କଙ୍କ ଯାଏ ମଧୁମେହରୁ ବର୍ତ୍ତିବା ପାଇଁ କେତେଗୁଡ଼ିଏ ସତର୍କତା ଅବଲମ୍ବନ କରିବା ଉପରେ ଡା ସିଂ କହିଥିଲେ । ବିଶେଷ କରି ଶାରିରୀକ ପରିଶ୍ରମ ସହ ଖାଦ୍ୟ ଉପରେ ନିୟନ୍ତ୍ରଣ, ଚର୍ବିଜାତୀୟ ଖାଦ୍ୟ ଖାଇବାରୁ ନିଜକୁ ଦୂରେଇ ରଖିବା ଏବଂ ବୟସ୍କ ବ୍ୟକ୍ତି ଯେଉଁମାନେ ମଧୁମେହ ରୋଗରେ ଆକ୍ରାନ୍ତ ହୋଇଛନ୍ତି ସେମାନେ ନିୟମିତ ଭାବେ ଡାକ୍ତରଙ୍କ ପରାମର୍ଶ ଅନୁସାରେ ଚିକିତ୍ସାରେ ରହିବା ନିତାନ୍ତ ଜରୁରୀ ବୋଲି କହିଥିଲେ । ଏହି କର୍ମଶାଳାରେ ଡା. ଅନ୍ନପୂର୍ଣ୍ଣ ଜେନା, ସ୍ୱାସ୍ଥ୍ୟ ନିରୀକ୍ଷକ ବନମାଳୀ ସାମଲ, ଅଧ୍ୟାପକ ଗୋଲଖ ଚନ୍ଦ୍ର ମହାଭୋଇ, ଅଧ୍ୟାପକ ପ୍ରଭାକର ସାମଲ, ଶ୍ରୀୟା ରାୟ, ଭବାନୀ ପ୍ରସାଦ ଓଝା, କୁଞ୍ଜବିହାରୀ ଦାସ, ଅକ୍ଷୟ ଜେନା, ଗୋବିନ୍ଦ ପଣ୍ଡା, ଅଲେଖ ଚନ୍ଦ୍ର ମହାଭୋଇ ପ୍ରମୁଖ ଉପସ୍ଥିତ ରହି ମଧୁମେହ ଉପରେ ଅଲୋଚନା କରିଥିଲେ ।



# ବଜାରରେ ମିଳୁଥିବା ବିଭିନ୍ନ ଅଖାଦ୍ୟରୁ ନିଜକୁ ଦୂରେଇ ରଖିବାକୁ ପରାମର୍ଶ




ଡେରାବିଶ, ୧୫।୧୧(ସମିସ): ଡେରାବିଶ ବ୍ଲକ ଗୁଆଳସିଂ ପଞ୍ଚାୟତ ଗୁଆଳସିଂ ସ୍ଥିତ କେନ୍ଦ୍ରାପଡ଼ା ପବ୍ଲିକ ସ୍କୁଲ ପରିସରରେ ଏକ ଖାଦ୍ୟ ମେଳା ଅନୁଷ୍ଠିତ ହୋଇଯାଇଛି । ପବ୍ଲିକ ସ୍କୁଲ ଅଧକ୍ଷ ସରୋଜକାନ୍ତ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବ୍ଲକ ଶିକ୍ଷା ଅଧିକାରୀ ଶ୍ରୀକାନ୍ତ ବେହେରା, ସମ୍ମାନିତ ଅତିଥି ଭାବେ ଡ. ଶ୍ରୀରାମ ରତନ ପ୍ରଧାନ ଓ ପ୍ରଧାପକ ଅଜୟ ରାଉତ ଯୋଗଦେଇ ଖାଦ୍ୟ ମେଳାର ଉଦ୍ଦେଶ୍ୟ ଏବଂ ପ୍ରତ୍ୟେକ ପିଲା ପୁଷ୍ଟିକର ଖାଦ୍ୟ ଖାଇବା ସହ ବଜାରରେ ମିଳୁଥିବା ବିଭିନ୍ନ ଅଖାଦ୍ୟଠାରୁ ନିଜକୁ ଦୂରେଇ ରଖିବା ଉପରେ ଗୁରୁତ୍ୱାରୋପ କରିଥିଲେ । ବିଶେଷ କରି ଫାଷ୍ଟଫୁଡ୍‌ଜାତୀୟ ଖାଦ୍ୟ ସ୍ୱାସ୍ଥ୍ୟ ପ୍ରତି ବିପଦ ସୃଷ୍ଟି କରୁଥିବାରୁ ସେଥିରୁ ପ୍ରତ୍ୟେକ ପିଲା ନିଵୃତ୍ତ ରହିବା ଉପରେ ଆଲୋକପାତ କରିଥିଲେ । ଶରୀର ପାଇଁ ଖାଦ୍ୟର ମହତ୍ତ୍ୱ ଓ ଏହାର ସଂରକ୍ଷଣ ଉପରେ ଅତିଥିମାନେ ଉଲ୍ଲେଖ କରିଥିଲେ । ଏହି ଅବସରରେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଡାକ୍ତର ପ୍ରତାପ ଚନ୍ଦ୍ର ଲେଙ୍କା ଉପସ୍ଥିତ ଥିଲେ । ଶିକ୍ଷକ ଶେଖ ଶିକନ୍ଦର, ରୁପାରାଣୀ ପାତ୍ର ପ୍ରମୁଖ ପରିଚାଳନା କରିଥିଲେ ।

● ନେତାଜୀ କପ୍ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

# ଚାନ୍ଦବାଲି ଏନ୍‌ଏସି ଚାମ୍ପିଅନ

ରାଜକନିକା, ୧୫ ।୧୧ (ସମିସ): ରାଜକନିକାର ଅଗ୍ରଣୀ ସାମାଜିକ ସଂଗଠନ ତରାସର ନେତାଜୀ କ୍ଲବ ଆନୁକୂଲ୍ୟରେ ୯ଟି ଦଳକୁ ନେଇ ଦୁଇ ଦିନ ଧରି ଚାଲିଥିବା ୩୨ତମ ଆନ୍ତଃ ଜିଲ୍ଲା ନେତାଜୀ କପ୍ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଛି । ସ୍ଥାନୀୟ ନେତାଜୀ ମିନି ଷ୍ଟାଡିୟମରେ ଅନୁଷ୍ଠିତ ଫାଇନାଲ ଖେଳରେ କିଷାନ କ୍ଲବ ଚାନ୍ଦବାଲି ଏନ୍‌ଏସି ଚାନ୍ଦବାଲି କୁ ୩-୦ ଗୋଲରେ ହରାଇ ଚାମ୍ପିଅନ ହୋଇଛି । ଅନୁଷ୍ଠାନର ସଭାପତି ବନଜ ବାରିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଓଡ଼ିଶା ଦନ୍ତ ପରିଷଦର ସଭାପତି ଡାକ୍ତର ଆଶିଷ ବାରିକ, ମୁଖ୍ୟବକ୍ତା ଭାବେ ଚାନ୍ଦବାଲି କଲେଜର ପ୍ରାକ୍ତନ ଅଧ୍ୟକ୍ଷ ତଥା ଇତିହାସ କାଉନସିଲର ସଦସ୍ୟ ଡ. ଅଜୟ କୁମାର ନାୟକ ଓ ସମ୍ମାନିତ ଅତିଥି ଏବଂ ଅନ୍ୟତମ ଆକର୍ଷଣ ସମ୍ମାନିତ ଅତିଥି ଭାବେ ସିନେ ତାରକା ସବ୍ୟସାଚୀ ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ । ଏହି ଅବସରରେ ବିଜେତା ଦଳକୁ ୧୦ହଜାର ଟଙ୍କା ସହିତ ଟ୍ରଫି ଓ ଉପବିଜେତା ଦଳକୁ ୭ହଜାର ଟଙ୍କା ସହିତ ଟ୍ରଫି ପ୍ରଦାନ କରାଯାଇଛି । ବିରଜା ପ୍ରସନ୍ନ ପତି ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଅନୁଷ୍ଠାନ ପକ୍ଷରୁ ଶିବ ପ୍ରସାଦ ମଲ୍ଲିକ ପୁରସ୍କାର ବିତରଣୀ ସମ୍ପାଦନ କରିଥିଲେ । ରାଜକନିକା ଥାନା ଅଧିକାରୀ ଦିଲ୍ଲୀପ ଧଳ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥଲେ । ସେମିଫାଇନାଲ ମ୍ୟାଚରେ ଜିଲ୍ଲା ବିଜେପି ଉପସଭାପତି କୃଷ୍ଣଚନ୍ଦ୍ର ପଣ୍ଡା ଅତିଥି ଭାବେ ଯୋଗ ଦେଇଥିଲେ । ରେଫେରି ଭାବେ ଶେକ ରିୟାଜ କାଦିର, ସୁଶାନ୍ତ ବିଶ୍ୱାଳ, ତାଜ ଉଦ୍ଦିନ ଖାଁ, ଆଶିଷ ପଟ୍ଟନାୟକ, ଭବାନୀ ଶଙ୍କର ରାୟ ପ୍ରମୁଖ ପରିଚାଳନା କରିଥଲେ । ଅନୁଷ୍ଠାନର ସମ୍ପାଦକ ସୁବର୍ଣ୍ଣ କେଶରୀ ଦଳାଇ, ପୂର୍ବତନ ସମ୍ପାଦକ ଦିଗମ୍ବର ନାୟକ, ସରୋଜ ଦାସ, ଭରତଚନ୍ଦ୍ର ବାରିକ, ଶିବ ପ୍ରସାଦ ମଲ୍ଲିକ ଓ ଦେବଜ୍ୟୋତି ଜେନା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।



ମୋ ସ୍କୁଲ ଅଭିଯାନ କମିଟି ବୈଠକରେ ଦାବି

# ଏମ୍‌ଏନ୍ ହାଇସ୍କୁଲ ଭିତ୍ତିଭୂମି ବିକାଶ ପାଇଁ ପଦକ୍ଷେପ ନିଆଯାଉ



ପଟ୍ଟାମୁଣ୍ଡାଇ, ୧୫ ।୧୧(ସମିସ): କେନ୍ଦ୍ରାପଡ଼ା ଜିଲ୍ଲା ତଥା ପଟ୍ଟାମୁଣ୍ଡାଇ ଅଞ୍ଚଳର ସର୍ବ ପୁରାତନ ଶିକ୍ଷାନୁଷ୍ଠାନ ମନ୍ମନାଥ ଉଚ୍ଚବିଦ୍ୟାଳୟ ଭିତ୍ତିଭୂମିର ବିକାଶ ପାଇଁ ପ୍ରଶାସନ ତଥା ଶିକ୍ଷା ବିଭାଗ ପଦକ୍ଷେପ ନେବାକୁ ଦାବି ହୋଇଛି । ମୋ ସ୍କୁଲ ଅଭିଯାନ କମିଟି ବୈଠକରେ ଏହି ଦାବି କରାଯାଇଛି । ମୋ ସ୍କୁଲ ଅଭିଯାନ କମିଟିର ସଭାପତି ପ୍ରଫେସର ଅନିରୁଦ୍ଧ ରାଉଳଙ୍କ ଅଧ୍ୟକ୍ଷତାରେ ବିଦ୍ୟାଳୟ ସଭାଗୃହରେ ଅନୁଷ୍ଠିତ ବୈଠକରେ ମୋ ସ୍କୁଲ ଅଭିଯାନ କମିଟିର ସଭ୍ୟମାନେ ଯୋଗ ଦେଇ ଖାଲି ପଡ଼ିଥିବା ୧୨ ଜଣ ଶିକ୍ଷକ ପଦବୀ ଓ ୪ଜଣ ଅଣଶିକ୍ଷକ କର୍ମଚାରୀଙ୍କ ପଦବୀ ତୁରନ୍ତ ପୂରଣ କରାଯିବା, ନୂତନ ଭାବେ ଅତିରିକ୍ତ ବିଭାଗ ଅନୁମୋଦନ କରାଯିବା, ବିଦ୍ୟାଳୟର ଭିତ୍ତିଭୂମି ବିକାଶ ଓ କୋଠାବାଡି ନିର୍ମାଣ ପାଇଁ ଆସିଥିବା ୧ କୋଟି ୮୦ ଲକ୍ଷ ଟଙ୍କା ଅନୁଦାନକୁ ଅନୁମୋଦନ ପ୍ରଦାନ କରିବା, ବିଦ୍ୟାଳୟ ଖେଳ ପଡ଼ିଆକୁ ଲାଗି ରହିଥିବା ପୋତାନଇ ମଧକୁ ଥିବା ବିଦ୍ୟାଳୟ ଜାଗାକୁ ମାଟି ପକାଇ ସମତୁଲ କରାଯିବା ଆଦି ଦାବି କରିଥିଲେ । ଏହି ଦାବିଗୁଡିକ ପୂରଣ ପାଇଁ ମୋ ସ୍କୁଲ ଅଭିଯାନ କମିଟି ପକ୍ଷରୁ ବିଦ୍ୟାଳୟ ଗଣଶିକ୍ଷା ବିଭାଗ, ରାଜନଗର ବିଧାୟକ ଧ୍ରୁବ ସାହୁ ଓ ପୌରାଧକ୍ଷ ହେମନ୍ତ ସାହୁଙ୍କୁ ଅନୁରୋଧ କରାଯାଇଛି । ଏହି ବୈଠକରେ ପୁରାତନ ଛାତ୍ରସଂସଦ ସଭାପତି ପ୍ରଫେସର ଦୂର୍ଯ୍ୟୋଧନ ପରିଡ଼ା, ଉପଦେଷ୍ଟା ଡ. କେଳୁଚରଣ ସ୍ୱାଇଁ, ସମ୍ପାଦକ କସ୍ତୁରୀ ଚରଣ ସ୍ୱାଇଁ, ଏମଏନ ହାଇସ୍କୁଲ ପ୍ରଧାନଶିକ୍ଷକ ଗଗନ ବିହାରୀ ସୂତାର, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ତପନ ଦାଶ, ଉପଦେଷ୍ଟା କାଉନସିଲର ଗୋପିବଲ୍ଲଭ ନାୟକ, ଅଭିଭାବକ ସଂଘ ସଭାପତି ଆଇନଜୀବୀ ଗୋପିନାଥ ତ୍ରିପାଠୀ, ସଞ୍ଜୟ ବର୍ମା ପ୍ରମୁଖ ଯୋଗ ଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

# ଯଦୁନାଥ ସାହୁଙ୍କ ସ୍ମୃତିଚାରଣ



ଜଗତସିଂହପୁର, ୧୫ ।୧୧ (ସମିସ): ବାଲିକୁଦା ବ୍ଲକ ତିତିରା ଗ୍ରାମର ଅବସରପ୍ରାପ୍ତ କିରାଣୀ ଯଦୁନାଥ ସାହୁଙ୍କ ବିୟୋଗରେ ତାଙ୍କ ବସଭବନରେ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭାରେ ତାଙ୍କୁ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି । ଅଧ୍ୟାପକ ଅଶୋକ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭାରେ ଜଗତସିଂହପୁର ବିଧାୟକ ପ୍ରଶାନ୍ତ ମୁଦୁଲି, ଆଇନଜୀବୀ ବୀରନାରାୟଣ ପାତ୍ର, ପୂର୍ବତନ ସରପଞ୍ଚ ଅଜୟ ମହାନ୍ତି, ଅବସରପ୍ରାପ୍ତ ବ୍ୟାଙ୍କ ଅଧିକାରୀ ଜଟାଧାରୀ ବେହେରା, କୈଳାସ ଚନ୍ଦ୍ର ସ୍ୱାଇଁ, ନାରାୟଣ ସାହୁ, ରବୀନ୍ଦ୍ର ରାଉତ, ଅଧ୍ୟାପକ ଶିବ ପ୍ରସାଦ ଦାସ, ପ୍ରଶାନ୍ତ ବେହେରା, ବସନ୍ତ ସ୍ୱାଇଁ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ସାହୁଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଜଣାଇ ସ୍ମୃତିଚାରଣ କରିଥିଲେ ।

# ଅଭିରାମ ସେବାଶ୍ରମରେ ଭାଗବତ ସପ୍ତାହ



ରାଜନଗର, ୧୫ ।୧୧(ସମିସ): ରାଜନଗରସ୍ଥିତ ଜଗତ୍‌ଗୁରୁ ଠାକୁର ଶ୍ରୀ ଶ୍ରୀ ଅଭିରାମ ପରମହଂସ ଦେବଙ୍କ ସେବାଶ୍ରମରେ ଗୀତା ଭାଗବତ ଟୁଙ୍ଗୀର ୪ର୍ଥ ବାର୍ଷିକ ଉତ୍ସବ ଆରମ୍ଭ ହୋଇଛି । ପଣ୍ଡିତ ଶଙ୍କର୍ଷଣ ମିଶ୍ରଙ୍କ ତତ୍ତ୍ୱାବଧାନରେ ୭ଦିନ ଧରି ଭାଗବତ ପାରାୟଣ ପଠନ କରାଯାଉଛି । ଏହି ଭାଗବତ ପାରାୟଣ ୧୭ ତାରିଖରେ ପୂର୍ଣ୍ଣାହୂତି ହେବ । ରାଜନଗର ଆଞ୍ଚଳିକ ଭକ୍ତଗୋଷ୍ଠୀର ପରିଚାଳକ ଦାସରଥି ଲେଙ୍କା, ସମ୍ପାଦକ ଅକ୍ଷୟ ପରିଡ଼ା, ବିଜୟ ଦାସ, ବଟକୃଷ୍ଣ ମହାରଣା, ଚନ୍ଦ୍ରମଣି ସାହୁ, କୁମର ମଳିକ, ଅଭିରାମ ଦାସ, ନୃସିଂହ ଲେଙ୍କା, ଅଭିରାମ ପତି, ଉମେଶ ଦାସ ପ୍ରମୁଖ ପରିଚାଳନା କରୁଛନ୍ତି ।

# ଭରତପୁର ଦକ୍ଷିଣକାଳୀ ଶକ୍ତିପୀଠରେ କାଳୀପୂଜା

କେନ୍ଦ୍ରାପଡ଼ା, ୧୫ ।୧୧ (ସମିସ): କେନ୍ଦ୍ରାପଡ଼ା ବ୍ଲକର ଶକ୍ତିପୀଠ ଭରତପୁର ମା' ଦକ୍ଷୀଣକାଳୀ ମନ୍ଦିରରେ କାଳୀ ପୂଜା ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି । ଏହି ଉପଲକ୍ଷେ ମା'ଦକ୍ଷୀଣକାଳୀଙ୍କ ଷୋଡଶ ଉପଚାରରେ ପୂଜା କରାଯିବା ସହ ଅଭିଷେକ, ଚଣ୍ଡିପାଠ, ହୋମଯଜ୍ଞ ଓ ଭଜନ ସମାରୋହ ପ୍ରଭୃତି ଅନୁଷ୍ଠିତ ହୋଇଥିଲା । ପୂଜକ ଗୋପବନ୍ଧୁ ପତିଙ୍କ ସମେତ ଗଦାଧର ମହାପାତ୍ର ଓ ତାଙ୍କ ୪ଜଣିଆ ଟିମ୍ ମା'ଙ୍କ ପୂଜା କରିଥିଲେ । ତେବେ ଏହି ଶକ୍ତିପୀଠରେ ମା'ଙ୍କ ପୂଜା ଦୀର୍ଘ ୨୮ ବର୍ଷ ଧରି କରାଯାଇ ଆସୁଛି । କମିଟି ସଭାପତି ଯୁଗଳକିଶୋର ଦାସ, ସମ୍ପାଦକ ଶିବ ପ୍ରସାଦ ଦାସ, ପ୍ରବୋଧ ଦାସ, ଅଲେଖ ପ୍ରସାଦ ଦାସ, ଶକ୍ତି ପ୍ରସାଦ ମହାନ୍ତି, ଗୋପାଳ ଚରଣ ଦାସ, ଶ୍ରୀଧର ମହାନ୍ତି, ସୌଭାଗ୍ୟ ଦାସ, ପ୍ରଶାନ୍ତ ରାଉତ, ବିମଳାକାନ୍ତ ଚୌଧୁରୀ, ସୋନୁ, ତପନ ମହାନ୍ତି, ଜିତନ, ସିଲୁଆ, ଅରବିନ୍ଦ ମହାନ୍ତି, ସୁଶାନ୍ତ ଦାସ(ଧନିଆ), ରଞ୍ଜନ ସେଠୀ, ନନ୍ଦକିଶୋର ବେହେରା, ଶ୍ରୀଚରଣ ବେହେରା, ବାଇଧର ବେହେରା, ସ୍ୱାଗତରଞ୍ଜନ ଦାଶ, ସୁବୋଧ ଦାସ ପ୍ରମୁଖ ମା'ଙ୍କ ପୂଜା ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ ।

# ଜେଏସଡବ୍ଲୁରେ ଦୀପାବଳୀ ଉତ୍ସବ

ପାରାଦୀପ, ୧୫ ।୧୧ (ସମିସ): ପାରାଦୀପ ମଧୁବନସ୍ଥିତ ଜେଏସଡବ୍ଲୁ କାର୍ଯ୍ୟାଳୟ ତଥା ଜଟାଧାର ଭବନ ପରିସରରେ ଆଲୋକର ପର୍ବ ଦୀପାବଳୀ ଉତ୍ସବ ପାଳିତ ହୋଇଛି । ଏହି ଅବସରରେ ଅନୁଷ୍ଠିତ ରଙ୍ଗୋଲି ପ୍ରତିଯୋଗିତାରେ ପୂଜାରାଣୀ ସାହୁ ଓ ପିଆଲି ଜେନା ପ୍ରଥମ, ବିଜୟଲକ୍ଷ୍ମୀ ମହାପାତ୍ର ଓ ସସ୍ମିତା ମୁଦୁଲି ଦିତୀୟ, ଶ୍ରାବଣୀ ପ୍ରଧାନ ଓ ମୋନାଲିସା ଦାସ ତୃତୀୟ ସ୍ଥାନ ଅଧିକାର କରିଥିଲେ । ସେହିଭଳି ଫ୍ୟାସନ୍ ଶୋ'ରେ ଝାନ୍‌ସୀ ମଲ୍ଲ ପ୍ରଥମ, ମୋନାଲିସା ରାଉତ ଦିତୀୟ ଓ ସସ୍ମିତା ମୁଦୁଲି ତୃତୀୟ ସ୍ଥାନ ଅଧିକାର କରିଥିଲେ । ଜେଏସ୍‌ଡବ୍ଲୁ ସ୍ଥାନୀୟ କାର୍ଯ୍ୟାଳୟର ବରିଷ୍ଠ ଅଧିକାରୀ ଏନ୍ ପୁରୋହିତ, ଧନଞ୍ଜୟ ସିହ୍ନା, ଏନ୍ ଏମ୍ ଚୋଗଲେକର, ଶିଭାଶିଷ ମିଶ୍ର ପ୍ରମୁଖ ବିଚାରକ ଭାବେ ଉପସ୍ଥିତ ଥିଲେ । ମାନସ ମିଶ୍ର, ସୁଲୋଚନା ଜେନା ପ୍ରମୁଖ ପରିଚାଳନା କରିଥିଲେ ।

# କ୍ରୀଡ଼ାବିତ୍‌ଙ୍କୁ ଜିଲ୍ଲା ପ୍ରଶାସନର ସମ୍ବର୍ଦ୍ଧନା

କେନ୍ଦ୍ରାପଡ, ୧୫ ।୧୧ (ସମିସ): ଭଲିବଲ୍ କ୍ରୀଡ଼ାରେ ଚମକିଛନ୍ତି କେନ୍ଦ୍ରାପଡ଼ା ଜିଲ୍ଲାର ଖେଳାଳି । କଳିଙ୍ଗ ଷ୍ଟାଡିୟମ୍‌ର କ୍ରୀଡ଼ା ଛାତ୍ରାବାସକୁ ମନୋନୀତ ହେବା



ସହ ଜିଲ୍ଲାରୁ ୪ଜଣ ଖେଳାଳି ରାଜ୍ୟ ଭଲିବଲ୍ ଦଳରେ ସ୍ଥାନ ପାଇଛନ୍ତି । ସେମାନଙ୍କୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସଦ୍‌ଭାବନା ସଭାଗୃହରେ ଜିଲ୍ଲା ପ୍ରଶାସନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି । ଅତିରିକ୍ତ ଜିଲ୍ଲାପାଳ(ସାଧାରଣ) ପୀତାମ୍ବର ସାମଲ ସେମାନଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି ।

ସେପ୍ଟେମ୍ବରରେ ବାଲେଶ୍ୱରରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ଭଲିବଲ୍ ପ୍ରତିଯୋଗିତାର ଟି-୧୭ ବାଳିକା ବର୍ଗରେ ଜିଲ୍ଲା ଚମ୍ପିଅନ୍ ହୋଇଥିବା ବେଳେ ଟି-୧୭ ବାଳକ ବର୍ଗରେ କେନ୍ଦ୍ରାପଡ଼ା ରନର୍ସ ଅପ୍ ହୋଇଥିଲା । ଏହି ପ୍ରଦର୍ଶନ ଆଧାରରେ ଟି-୧୭ ବାଳକ ବର୍ଗରେ ରାଜ୍ୟ ଦଳରେ ସ୍ଥାନ ପାଇଥିଲେ ଜିଲ୍ଲାର ଦୁଇ ଉଦୀୟମାନ ତାରକା ସିମନ୍ ବେହେରା ଓ ସାଗର ତ୍ରିପାଠୀ । ଜାମ୍ମୁ କାଶ୍ମୀରରେ ସଦ୍ୟ ସମାପ୍ତ ଜାତୀୟ ଚମ୍ପିଅନ୍‌ସିପ୍‌ରେ ସେମାନେ ଓଡ଼ିଶା ପକ୍ଷରୁ ପ୍ରତିନିଧିତ୍ୱ କରିଥିଲେ ।

ସେହିପରି ବାଳିକା ବର୍ଗରୁ କଳପଡ଼ା ହାଇସ୍କୁଲ୍‌ର ଛାତ୍ରୀ ଇତିଶ୍ରୀ ରାଉତ, ପ୍ରାଚୀ ନାୟକ, ମନିଷା ମଲ୍ଲିକ ଓ ଅର୍ଚ୍ଚିତା ଅପରାଜିତା ସାହୁ କେବଳ କଳିଙ୍ଗ ଷ୍ଟାଡିୟମ୍‌ର କ୍ରୀଡ଼ା ଛାତ୍ରାବାସ ପାଇଁ ମନୋନୀତ ହୋଇନାହାନ୍ତି; ବରଂ ରାଜ୍ୟ ଭଲିବଲ୍ ଦଳରେ ନିଜର ସ୍ଥାନ ପକ୍କା କରି ଜିଲ୍ଲା ପାଇଁ ସୁନାମ ଆଣିଛନ୍ତି ।

ଉଲ୍ଲେଖଯୋଗ୍ୟ ଯେ, ନଭେମ୍ବର ୨୮ ତାରିଖରୁ ଡିସେମ୍ବର ୮ ତାରିଖ ପର୍ଯ୍ୟନ୍ତ ତାମିଲନାଡୁରେ ଅନୁଷ୍ଠିତ ହେବାକୁ ଥିବା ଟି-୧୭ ଜାତୀୟ ଭଲିବଲ ଚାମ୍ପିଅନ୍‌ସିପ୍‌ରେ ଏମାନେ ଓଡ଼ିଶା ପକ୍ଷରୁ ଭଲିବଲ୍ କୋର୍ଟକୁ ଓହ୍ଲାଇବେ ।

ଏଡି କ୍ରୀଡ଼ାବିତ୍‌ଙ୍କୁ ସମ୍ବର୍ଦ୍ଧନା ସମୟରେ ଜିଲ୍ଲା କ୍ରୀଡ଼ାଧିକାରୀ ଲୋକନାଥ ପାଣିଗ୍ରାହୀ, ଜିଲ୍ଲା ଶାରୀରିକ ଶିକ୍ଷାଧିକାରୀ ସ୍ମିତା ପ୍ରତିଭା ସାହୁ, କଳପଡ଼ା ହାଇସ୍କୁଲ୍‌ର କ୍ରୀଡ଼ାଶିକ୍ଷକ ଉତ୍କଳ ମହାପାତ୍ର, ଟାଟା ଷ୍ଟିଲ୍‌ର ମୁଖ୍ୟ ପ୍ରଶିକ୍ଷକ ମନୋଜ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

# ୭୦ତମ ସେବା ସମବାୟ ସପ୍ତାହ ପାଳିତ

ରାଜନଗର, ୧୫ ।୧୧(ସମିସ): ସର୍ବଭାରତୀୟ ସମବାୟ ସପ୍ତାହ ଉପଲକ୍ଷେ ରାଜନଗର ପ୍ରାଥମିକ କୃଷି ସେବା ସମବାୟ ସମିତିରେ ୭୦ତମ ସମବାୟ ସପ୍ତାହ ପାଳନ



କରାଯାଇଛି । ସମବାୟ ସମିତିର ସଭାପତି ଦଧିବାମନ ଭୂୟାଁ ପତାକା ଉତୋଳନ କରିବା ସହ ଗ୍ରାମୀଣ ଅର୍ଥନୀତି ବିକାଶରେ ସମବାୟ ଅନୁଷ୍ଠାନର ସକ୍ରିୟ ଅଂଶଗ୍ରହଣ, ସମବାୟ ମାଧମରେ ଚାଷୀ, ବୁଣାକାର, ଦୁଗ୍ଧ ଉତ୍ପାଦନକାରୀ, ମତ୍ସ୍ୟଜୀବୀ, ମହିଳା ଏବଂ ଜନଜାତି ସମୂହଙ୍କ ନିରନ୍ତର ଆୟବୃଦ୍ଧିରେ ସହାୟକ, ଚାଷୀଙ୍କୁ ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବିନା ସୁଧରେ ଋଣ ପ୍ରଦାନ, ଧାନ ସଂଗ୍ରହ କାର୍ଯ୍ୟକ୍ରମରେ ସମବାୟ ସମିତି ଦ୍ୱାରା ୯୦ ପ୍ରତିଶତ ଧାନ କ୍ରୟ ହୋଇପାରୁଛି ବୋଲି କହିଥିଲେ । ଏହି କାର୍ଯ୍ୟକ୍ରମରେ ସେବା ସମବାୟ ସମିତିର ସମ୍ପାଦକ ଜ୍ଞାନ ରଞ୍ଜନ ନାୟକ, ଉପସଭାପତି ଶୁଭଦ୍ରା ବିଶ୍ୱାଳ, ନିର୍ଦ୍ଦେଶକ ରବି ନାରାୟଣ ଲେଙ୍କା, ଅକ୍ଷୟ କୁମାର ନାୟକ, ଚିତ୍ତରଞ୍ଜନ ଦାସ, ନାରାୟଣ ଦାସ, ରଞ୍ଜନ ପ୍ରଧାନ, ବିଜୟ ଗୁପ୍ତା, ମହେଶ୍ୱର ସେଠୀ, ବାବାଜୀ ମିଶ୍ର, ରାଜେନ୍ଦ୍ର ପଢ଼ିହାରୀ, ମାଳତୀ ସ୍ୱାଇଁ, ନୀଳମଣି ସାହୁ ପ୍ରମୁଖ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମକୁ ସେବା ସମବାୟ ସମିତିର ସହ ସମ୍ପାଦକ ପ୍ରେମାନନ୍ଦ ସାହୁ, ସମୀର ପଢ଼ିହାରୀ, ହରେକୃଷ୍ଣ ସ୍ୱାଇଁ, ଦିବାକର ସାହୁ ପ୍ରମୁଖ ପରିଚାଳନା କରିଥିଲେ ।

**ପଞ୍ଚୁପାଣ୍ଡବ:** ଡେରାବିଶ ବ୍ଲକ ଅଧୀନ ରଘୁଦେଇପୁର ପ୍ରାଥମିକ କୃଷି ସମବାୟ ସମିତି ପରିସରରେ ମଧ୍ୟ ୭୦ତମ ସମବାୟ ଦିବସ ପାଳିତ ହୋଇଛି । ସମବାୟ ସମିତିର ସଭାପତି ତଥା କଟକ କେନ୍ଦ୍ର ସମବାୟ ବ୍ୟାଙ୍କ ପରିଚାଳନା ନିର୍ଦ୍ଦେଶକ ସରୋଜକାନ୍ତ ସାହୁ ପତାକା ଉତୋଳନ କରିବା ସହ ସମବାୟ ଆନ୍ଦୋଳନ ସମ୍ପର୍କରେ ନିଜର ବକ୍ତବ୍ୟ ରଖିଥିଲେ । ସମିତିର ସମ୍ପାଦକ ଜୟପ୍ରକାଶ ସ୍ୱାଇଁ, ପରିଚାଳନା କମିଟି ନିର୍ଦ୍ଦେଶକ ଭରତଚନ୍ଦ୍ର ମଲିକ, ଭରତ ଚନ୍ଦ୍ର ସିଂ, ଭବାନୀ ପ୍ରସାଦ ଓଝା, ନିରଞ୍ଜନ ଦାସ, ଭଜହରୀ ମଲିକ, ଖଗେଶ୍ୱର ସିଂ, ଗଙ୍ଗାଧର ମଲିକ, କୈଳାସ ଚନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ରହି ସମବାୟ ଦିବସ ବିଷୟରେ ଆଲୋକପାତ କରିଥିଲେ ।



**ପାରାଦୀପ:** ପାରାଦୀପ ସେବା ସମବାୟ ସମିତି ପକ୍ଷରୁ ପାରାଦୀପ ଗଡ଼ରେ ୭୦ ତମ ସମବାୟ ଦିବସ



ପାଳନ କରାଯାଇଛି । ସମିତି ସଭାପତି ଶ୍ରୀମତି ସସ୍ମିତା ବେହେରା ସମବାୟ ପତାକା ଉତୋଳନ କରିଥିଲେ । ବରିଷ୍ଠ ଆଇନଜୀବୀ ସଞ୍ଜୟ ବେହେରା, ସୁଶାନ୍ତ ସାମଲ, ରଞ୍ଜିତା ସାହୁ, ହଳଧର ବେହେରା ପ୍ରମୁଖ ଯୋଗଦେଇ ସମବାୟ ସମିତିର କାର୍ଯ୍ୟଧାରା ଓ ସେବା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ । ସମିତି ସମ୍ପାଦକ କୁଳମଣି ମହାପାତ୍ର ପରିଚାଳନା କରିଥିବା ବେଳେ ସହ-ସମ୍ପାଦକ୍ ପ୍ରଦୀପ ନାୟକ ଓ ତନ୍ମୟ ମଲ୍ଲିକ ସହଯୋଗ କରିଥିଲେ ।

## ବିଭିନ୍ନ ସ୍ଥାନରେ ଶିଶୁ ଦିବସ ପାଳିତ

# ଦିନକ ପାଇଁ ସମସ୍ତେ ଶିଶୁ

## କେନ୍ଦ୍ରାପଡ଼ା ଜିଲ୍ଲା ପ୍ରଶାସନ



**କେନ୍ଦ୍ରାପଡ଼ା, ୧୫ ।୧୧(ସମିସ):** କେନ୍ଦ୍ରାପଡ଼ା ଜିଲ୍ଲା ଯୋଜନା ଓ ପର୍ଯ୍ୟାଲୋଚନା ସମ୍ମିଳନୀ କକ୍ଷରେ ଜିଲ୍ଲା ପ୍ରଶାସନ ଓ ଶିଶୁ ସୁରକ୍ଷା ବିଭାଗ ପକ୍ଷରୁ ଜିଲ୍ଲାସ୍ତରୀୟ ଶିଶୁ ଦିବସ ସମାରୋହ ଅନୁଷ୍ଠିତ ହୋଇଯାଇଛି । ଅତିରିକ୍ତ ଜିଲ୍ଲାପାଳ ପୀତାମ୍ବର ସାମଲ ଏଥିରେ ଅଧ୍ୟକ୍ଷତା କରିଥିଲେ । ଏହି ଅବସରରେ ଏକ ସଚେତନତା ରଥକୁ ଜିଲ୍ଲା କାର୍ଯ୍ୟାଳୟ ପରିସରରେ ଶ୍ରୀ ସାମଲ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ଏହି ସଚେତନତା ରଥ ୭ ଦିନ ଧରି ଜିଲ୍ଲାର ଗ୍ରାମାଞ୍ଚଳ ଭ୍ରମଣ କରି ଶିଶୁ ସୁରକ୍ଷାର ବାର୍ତ୍ତା ବଣ୍ଟନ କରିବ । ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ସତ୍ୟଭାମା ସେଠୀ ଯୋଗଦେଇ ପୁଅ ଝିଅଙ୍କ ମଧ୍ୟରେ ପ୍ରଭେଦ ନ ରଖି ଝିଅଙ୍କୁ ଆଗକୁ ବଢ଼ିବା ପାଇଁ ପ୍ରୋତ୍ସାହିତ କରିବା ସହ ସେମାନଙ୍କ ସୁରକ୍ଷା ଓ ଅଧିକାର ପାଇଁ ଆହ୍ୱାନ ଦେଇଥିଲେ । ଜିଲ୍ଲା ମଙ୍ଗଳ ଅଧିକାରୀ ଗୁରୁଚରଣ ମଳିକ, ଜିଲ୍ଲା ଶିଶୁ ମଙ୍ଗଳ କମିଟି ଅଧ୍ୟକ୍ଷା ସ୍ୱାଗତିକ ପାତ୍ର, ଉପଖଣ୍ଡ ସୂଚନା ଲୋକ ସମ୍ପର୍କ ଅଧିକାରୀ ଅଶୋକ ବଳିଆରସିଂହ, ଶିଶୁ ମଙ୍ଗଳ କମିଟିର ସଦସ୍ୟ/ସଦସ୍ୟା, ସ୍ୱେଚ୍ଛାସେବୀ ସଂଗଠନର କର୍ମକର୍ତ୍ତା, ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ଶିଶୁ, ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା ପ୍ରମୁଖ ଯୋଗ ଦେଇଥିଲେ । ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ପାଇଁ ୩୧ଜଣ ଶିଶୁଙ୍କୁ ପୁରସ୍କାର ଓ ପ୍ରମାଣ ପତ୍ର ପ୍ରଦାନ କରାଯାଇଥିଲା । ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ପ୍ରଭାସ ଚନ୍ଦ୍ର ଦାସଙ୍କ ସଂଯୋଜନାରେ ଆୟୋଜିତ ସମାରୋହରେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ବିଜୟ କେତନ ସାହୁ ଅତିଥି ପରିଚୟ ପ୍ରଦାନ କରି ଧନ୍ୟବାଦ ଅର୍ପଣ କରିଥିଲେ ।



## ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର

**ରାଜନଗର:** ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ଶିଶୁ ଦିବସ ପାଳିତ ହୋଇଛି । ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ମୁଖ୍ୟ ଚିକିତ୍ସାଧିକାରୀ ତଥା ଶିଶୁ ରୋଗ ବିଶେଷଜ୍ଞ ଡା. ରଶ୍ମି ରଞ୍ଜନ ମହାନ୍ତି ମା'ମାନଙ୍କ ସହିତ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆସିଥିବା ଶିଶୁମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ସେମାନଙ୍କ ଗହଣରେ କେକ୍ କାଟି ଏହି ଦିବସ ପାଳନ କରିଥିଲେ । ଦେଶର ଭବିଷ୍ୟତ ଶିଶୁମାନଙ୍କ ଉଦ୍ଦେଶ୍ୟରେ ଉପସ୍ଥିତ ମା'ମାନଙ୍କୁ ପ୍ରେରଣା ଦେଇ ବକ୍ତବ୍ୟ ରଖିଥିଲେ । ଏହି କାର୍ଯ୍ୟକ୍ରମରେ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର କର୍ମଚାରୀମାନେ ଉପସ୍ଥିତ ଥିଲେ ।

## ବରମୁଣ୍ଡଳୀ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର

**ବାଲିକୁଦା:** ବାଲିକୁଦା ବ୍ଲକ ବରମୁଣ୍ଡଳୀ ପଞ୍ଚାୟତ ବରମୁଣ୍ଡଳୀଠାରେ ଥିବା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସରରେ ଶିଶୁ ଦିବସ ପାଳିତ ହୋଇଛି । ଏହି ଅବସରରେ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଥିଲା । ବିଚାରକ ଭାବେ ବିଜ୍ଞାନ ଶିକ୍ଷକ ସୁଶାନ୍ତ ଶତପଥୀ, ଅଜୟ ଶତପଥୀ, ସିଆରସିସି ନୃସିଂହ ଚରଣ ନାୟକ ପ୍ରମୁଖ ଯୋଗ ଦେଇଥିଲେ । ପ୍ରଧାନ ଆଚାର୍ଯ୍ୟ ସର୍ବେଶ୍ୱର ସ୍ୱାଇଁ ଓ ଅନୁଷ୍ଠାନର ସମ୍ପାଦକ କୈଳାସ ଚନ୍ଦ୍ର ବାରିକ ଉପସ୍ଥିତ ଥିଲେ । ପ୍ରକୃତି ଜେନା, ରାଜନନ୍ଦିନୀ ମହାନ୍ତି, ସିପ୍ରା ଶାଳିନୀ ନାୟକ, ରାଜଲକ୍ଷ୍ମୀ ଲେଙ୍କା, ଶ୍ରୀୟା ରାଉତ, ସ୍ମୃତିପ୍ରଜ୍ଞା ସାହୁ, ହର୍ଷିତ ବିଶ୍ୱାଳ, ଦେବରାଣୀ ବିଶ୍ୱାଳ, ଶ୍ରୀତିଶ୍ରେୟା ଜେନା ପ୍ରମୁଖ ଛାତ୍ରୀ କୃତିତ୍ୱ ହାସଲ କରି ପୁରସ୍କୃତ ହୋଇଥଲେ । ଶଙ୍କରେଶ୍ୱର ଦାସ, ମଥୁରୀ ଚରଣ ଦଳାଇ, ପୁଷ୍ପଲତା ଜେନା, ରାନୁ ପରିଡ଼ା, ସୁଶାନ୍ତି ସ୍ୱାଇଁ, ଅନିମା ସୁନ୍ଦରୀ ଦାସ, ସୁଦେଷ୍ଣା ସାହୁ, କ୍ଷଣପ୍ରଭା ସ୍ୱାଇଁ, ବନ୍ଦନା ସ୍ୱାଇଁ, ପ୍ରିୟଙ୍କା ବେହେରା, କରିସ୍ମା ବାରିକ, ପୂଜାରାଣୀ ଓଝା, ସରସ୍ୱତୀ ମୁଦୁଲି, ଲକ୍ଷ୍ମୀପ୍ରିୟା ପରିଡ଼ା, ଅର୍ଚ୍ଚନା ପରିଡ଼ା ଓ ଲତିକା ମହାରଣା ପ୍ରମୁଖ ପରିଚାଳନା କରିଥିଲେ ।



## ପାରାଦୀପ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର



**ପାରାଦୀପ:** ପାରାଦ୍ୱୀପ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ପ୍ରଧାନ ଆଚାର୍ଯ୍ୟ ପ୍ରସନ୍ନ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଶିଶୁ ଦିବସ ପାଳିତ ହୋଇଛି । ଭୀମସେନ ନାଥଶର୍ମା ମଞ୍ଚାସୀନ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ । ବରିଷ୍ଠ ଗୁରୁଜୀ ବୈଷ୍ଣବ ପାଇଟାଳ ଧନ୍ୟବାଦ ଅର୍ପଣ କରିଥିଲେ । ବିଦ୍ୟାଳୟର ସାଂସ୍କୃତିକ ପ୍ରମୁଖ ପ୍ରଶାନ୍ତ ରାଉତ ମଞ୍ଚ ପରିଚାଳନା କରିଥିଲେ ।




## ନରସିଂହପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ

**ଡେରାବିଶ:** ଡେରାବିଶ ଶିକ୍ଷା ମଣ୍ଡଳ ଅଧୀନ ଦାନପୁର ପଞ୍ଚାୟତ ନରସିଂହପୁର ସରକାରୀ ପ୍ରକଳ୍ପ ଉନ୍ନୀତ ଉଚ୍ଚପ୍ରାଥମିକ ବିଦ୍ୟାଳୟ ପରିସରରେ ଶିଶୁ ଦିବସ ପାଳିତ ହୋଇଛି । ଏହି ଉପଲକ୍ଷେ ଆୟୋଜିତ ସଭାରେ ପୂର୍ବତନ ଛାତ୍ର ତଥା ବରିଷ୍ଠ ଶିଶୁଶଲ୍ୟ ବିଭାଗର ପ୍ରଫେସର ଡାକ୍ତର ନିରଞ୍ଜନ ପରିଡ଼ା ସଭାପତିତ୍ୱ କରିଥିଲେ । ମୁଖ୍ୟ ଅତିଥି ଭାବେ ଡେରାବିଶ ବିଡିଓ ଦାସରଥି ଜେନା, ମୁଖ୍ୟ ବକ୍ତା ଭାବେ ଉତ୍କଳ ବିଶ୍ୱବିଦ୍ୟାଳୟର ପ୍ରଫେସର ରଘୁନାଥ ପଣ୍ଡା. ସମ୍ମାନିତ ଅତିଥି ଭାବେ ବ୍ଲକ ଶିକ୍ଷାଧିକାରୀ ଶ୍ରୀକାନ୍ତ ବେହେରା, ବିଆରସିସି ଖଗେଶ୍ୱର ନାୟକ, ଅବସରପ୍ରାପ୍ତ ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ନରହରି ସୂତାର, ସରପଞ୍ଚ ମାନସୀ ତ୍ରିପାଠୀ ଯୋଗ ଦେଇଥିଲେ । ଜେନାମଣି ବଳ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଶେଷରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ କୁନା ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ । ସିଆରସିସି ପ୍ରଶାନ୍ତ ମଣ୍ଡଳ, ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ସଞ୍ଜୀବ ଦ୍ୱିବେଦୀ, ପୁରାତନ ଛାତ୍ର ମୃତ୍ୟୁଞ୍ଜୟ ପଣ୍ଡା, ନୟନ କିଶୋର ପଣ୍ଡା, ବୈଷ୍ଣବ ଚରଣ ସ୍ୱାଇଁ, ଉମେଶ ଚନ୍ଦ୍ର ତ୍ରିପାଠୀ ପ୍ରମୁଖ ଉତ୍ସବ ପରିଚାଳନା କରିଥିଲେ । ରାହାସ ବିହାରୀ ପଣ୍ଡା, ଯଶୋବନ୍ତ ନାରାୟଣ ପଣ୍ଡା, ପ୍ରତାପ ଶତପଥୀ, ଇଂ ଧିରେନ୍ଦ୍ର ନାଥ ଶତପଥୀ ପ୍ରମୁଖ ସହଯୋଗ କରିଥିଲେ ।

## ସିଙ୍ଗିଟାଳିଆ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ

**ବାଲିକୁଦା:** ବାଲିକୁଦା ବ୍ଲକ ମାଛଗାଁ ପଞ୍ଚାୟତ ସିଙ୍ଗିଟାଳିଆ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଶିଶୁ ଦିବସ ପାଳିତ ହୋଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ପଞ୍ଚାୟତ ସରପଞ୍ଚ ସଞ୍ଜୟ ସ୍ୱାଇଁ, ସମ୍ମାନିତ ଅତିଥି ଭାବେ ସମିତି ସଭ୍ୟ ନିରଞ୍ଜନ ଦାସ, ଅବସରପ୍ରାପ୍ତ ଶିକ୍ଷକ ଅରୁଣ ମହାନ୍ତି, ପୂର୍ଣ୍ଣଚନ୍ଦ୍ର ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ । ନିରୁପମା ମିଶ୍ର, ମିନତୀପ୍ରଭା ତ୍ରିପାଠୀ, ଅଙ୍ଗନବାଡି କର୍ମୀ ଚନ୍ଦ୍ରଭାଗା ନାୟକ ପ୍ରମୁଖ ପରିଚାଳନା କରିଥିଲେ । ପ୍ରଧାନ ଶିକ୍ଷକ ସରୋଜକାନ୍ତ ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ଏହା ଅନୁଷ୍ଠିତ ହୋଇଥିଲା ।



## ଜଗତସିଂହପୁରରେ ନେହରୁ ଜୟନ୍ତୀ



**ଜଗତସିଂହପୁର:** ଜଗତସିଂହପୁର ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟରେ ଜବାହାରଲାଲ ନେହେରୁଙ୍କ ଜୟନ୍ତୀ ପାଳିତ ହୋଇଛି । ଜିଲ୍ଲା କଂଗ୍ରେସ ସଭାପତି ନଟବର ବାରିକଙ୍କ ସଭାପତିତ୍ୱରେ ଏହା ପାଳିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ପୂର୍ବତନ ପୌରାଧ୍ୟକ୍ଷ ବିପ୍ଳବ ଚୌଧୁରୀ, ସର୍ବେଶ୍ୱର ପଣ୍ଡା, ଅଭୟ ମହାନ୍ତି, ଉମେଶ ସ୍ୱାଇଁ, ସୁକାନ୍ତ ମହାପାତ୍ର, ସୁଧୀର ରଞ୍ଜନ ବିଶ୍ୱାଳ, ରମେଶ ବିଶ୍ୱାଳ ପ୍ରମୁଖ ଯୋଗ ଦେଇ ପଣ୍ଡିତ ଜବାହରଲାଲ ନେହେରୁଙ୍କ ସ୍ମୃତି ଚାରଣ କରିବା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ।

## କଳିଙ୍ଗ ମହିଳା ଶକ୍ତି ତରଫରୁ ଶିଶୁ ଦିବସ



**ପାରାଦୀପ:** ପାରାଦୀପର ଅଗ୍ରଣୀ ସ୍ୱେଚ୍ଛାସେବୀ ସଙ୍ଗଠନ କଳିଙ୍ଗ ଶକ୍ତି ତରଫରୁ ଜବାହରଲାଲ ନେହରୁଙ୍କ ଜୟନ୍ତୀ ଉପଲକ୍ଷେ ଶିଶୁ ଦିବସ ମହା ଆଡମ୍ବର ସହ ପାଳନ କରାଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ପାରାଦୀପ ଇଣ୍ଡିଆନ ଅଏଲ ପକ୍ଷରୁ ଶ୍ରୁତି ବାଜାଜ ଯୋଗ ଦେଇଥିବା ବେଳେ କଳିଙ୍ଗ ମହିଳା ଶକ୍ତିର ସଭାନେତ୍ରୀ ମନୋରମା ଖଟୁଆଙ୍କ ସମେତ ଅନ୍ୟ ସଦସ୍ୟାମାନେ ଯୋଗ ଦେଇଥିଲେ । ଏହି ଅବସରରେ ବିଭିନ୍ନ ସ୍କୁଲର ପିଲାଙ୍କୁ ଖାତାକଲମ ସହ ସ୍କୁଲ ବ୍ୟାଗ ଓ ମିଠା ବଣ୍ଟନ କରାଯାଇଥିଲା ।

## ମାଲଣ୍ଡ ଭାରତୀ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ

**ତିର୍ତ୍ତୋଲ:** ତିର୍ତ୍ତୋଲ ବ୍ଲକ କୋଷ୍ଟିମଲ୍ଲିକାପୁର ପଞ୍ଚାୟତ ମାଲଣ୍ଡ ଗ୍ରାମସ୍ଥିତ ଭାରତୀ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶିଶୁ ଦିବସ ପାଳିତ ହୋଇଛି । ଉତ୍ସବ ପ୍ରାରମ୍ଭ ଛାତ୍ରଛାତ୍ରୀଙ୍କୁ ଫୁଲ, ଚନ୍ଦନ ଦେଇ ଶଙ୍ଖ, ହୁଳହୁଳିରେ ପୂଜା କରାଯାଇଥିଲା । ଏହି ଉପଲକ୍ଷେ ପ୍ରଧାନ ଶିକ୍ଷକ ବିଜୟ ସ୍ୱାଇଁଙ୍କ ପରିଚାଳନାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ମୋ ସ୍କୁଲ ଅଭିଯାନ କମିଟିର ସଭାପତି ନାରାୟଣ ପ୍ରସାଦ ପଣ୍ଡା, ମୁଖ୍ୟବକ୍ତା ଭାବେ ସିଆରସିସି ଦୀପକ ବିଶ୍ୱାଳ, ସମ୍ମାନିତ ଅତିଥି ଭାବେ ପରିଚାଳନା କମିଟି ଅଧ୍ୟକ୍ଷ ବିଜୟ ନନ୍ଦୀ ଯୋଗ ଦେଇଥିଲେ । ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାରେ ଭାଗନେଇ ଛାତ୍ରଛାତ୍ରୀ ପୁରସ୍କୃତ ହୋଇଥିଲେ । ଶିକ୍ଷୟିତ୍ରୀ କିରଣବାଳା ରାଉତ, ଶିକ୍ଷକ ସାରଦା ଚରଣ ବେହେରା, ବରିଷ୍ଠ ଶିକ୍ଷକ କୈଳାସ ଚନ୍ଦ୍ର ନନ୍ଦଙ୍କ ସମେତ ବିଦ୍ୟାଳୟ ପରିଚାଳନା କମିଟି ସଭ୍ୟ ସଭ୍ୟା, ୱାର୍ଡସଭ୍ୟ, ଅଭିଭାବକ, ଝରଣା ଖଟୁଆ, ପାର୍ବତୀ ନନ୍ଦୀ ପ୍ରମୁଖ ସହଯୋଗ କରିଥିଲେ । ସହକାରୀ ପ୍ରଧାନଶିକ୍ଷକ ଅଭୟ ସ୍ୱାଇଁ ଧନ୍ୟବାଦ ଦେଇଥିଲେ ।

## ଦେବ ମହାନ୍ତି ପବ୍ଲିକ ସ୍କୁଲ

**ଗରଦପୁର:** ଗରଦପୁର ବ୍ଲକ ଅଧୀନ ମାହାଳ ବନ୍ଧସାହିସ୍ଥିତ ଡ. ଦେବ ମହାନ୍ତି ପବ୍ଲିକ ସ୍କୁଲରେ ଶିଶୁ ଦିବସ ପାଳିତ ହୋଇଛି । ଏହି କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ବଟକୃଷ୍ଣ ସ୍ୱାଇଁ, ଅବସରପ୍ରାପ୍ତ ଶିକ୍ଷକ ବସନ୍ତ ଜେନା, ବଙ୍ଗାଳପୁର ପଞ୍ଚାୟତ ସମିତି ସଭ୍ୟ ମହାଶ?ବେତା ସାମଲ, ଇନଚାର୍ଜ ସ୍ୱାଗତିକା ଆଚାର୍ଯ୍ୟ, ବୀରବର ନାୟକ, ଶିକ୍ଷୟିତ୍ରୀ ସ୍ନେହଲତା ରାଉତରାୟ, ପ୍ରଭାତୀମଞ୍ଜରୀ ନାୟକ, ସୁବାସିନୀ ନାୟକ, ଶୁଭଶ୍ରୀ ସ୍ୱାଇଁ, ରୋଜାଲିନ ମହାନ୍ତି ପ୍ରମୁଖ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସମେତ ଅନ୍ୟ ସମସ୍ତ କର୍ମଚାରୀମାନେ ଉପସ୍ଥିତ ଥିଲେ ।

## ଶୈଳେନ୍ଦ୍ର ନାରାୟଣ ସଂସ୍କୃତ ବିଦ୍ୟାଳୟ

ରାଜନଗର: ରାଜନଗରସ୍ଥିତ ଶୈଳେନ୍ଦ୍ର ନାରାୟଣ ସଂସ୍କୃତ ବିଦ୍ୟାଳୟ ପରିସରରେ ମଧ ଶିଶୁ ଦିବସ ପାଳନ କରାଯାଇଛି । ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ବିକ୍ରମାଦିତ୍ୟ ଦାସ, ଡା. ଘନଶ୍ୟାମ ମିଶ୍ର, ପ୍ରଧାନ ଆଚାର୍ଯ୍ୟ ସଚ୍ଚିନନ୍ଦନ ପରିଡ଼ା, ବରିଷ୍ଠ ଅଧ୍ୟାପିକା ତନୁଶ୍ରୀ ମିଶ୍ର, ମୌସୁମୀ ମିଶ୍ର, ନିହାର ରଞ୍ଜନ ପରିଡ଼ା, ଦଧିବାମନ ସାହୁ, ରବି ନାରାୟଣ ଦାସ, ଜଗବନ୍ଧୁ ବେହେରା ପ୍ରମୁଖ ଯୋଗଦେଇ ପଣ୍ଡିତ ନେହେରୁଙ୍କ ଜୀବନ ଆଦର୍ଶ ଉପରେ ଉପସ୍ଥିତ ଛାତ୍ରଛାତ୍ରୀଙ୍କୁ ଉଦ୍‌ବୋଧନ ଦେଇଥିଲେ ।

## ଭେଙ୍କଟେଶ୍ୱର ଇଂଲିଶ ମିଡିୟମ ସ୍କୁଲ




**ପଟ୍ଟାମୁଣ୍ଡାଇ:** ପଟ୍ଟାମୁଣ୍ଡାଇ ଭେଙ୍କଟେଶ୍ୱର ଇଂଲିଶ ମିଡିୟମ ସ୍କୁଲରେ ଶିଶୁ ଦିବସ ପାଳିତ ହୋଇଯାଇଛି । ସ୍କୁଲ ଅଧ୍ୟକ୍ଷ ପ୍ରତାପ ଚନ୍ଦ୍ର ବିଶ୍ୱାଳଙ୍କ ପୌରୋହିତ୍ୟରେ ଆୟୋଜିତ ଉତ୍ସବରେ ପ୍ରାକ୍ତନ ବ୍ଲକ ଶିକ୍ଷା ଅଧିକାରୀ ପ୍ରଦୀପ ରଥ, ବରୋଦା ବ୍ୟାଙ୍କ ଶାଖା ପରିଚାଳକ ସୁଧାଂଶୁ ଶେଖର ଦାସ, ସ୍କୁଲ ନିର୍ଦ୍ଦେଶକ ଆଇନଜୀବୀ ସଞ୍ଜୟ ସାହୁ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ । ଲିପିକା ଖୁଣ୍ଟିଆ ସ୍ୱାଗତ ଭାଷଣ ଦେଇଥିବାବେଳେ ପ୍ରିୟଙ୍କା ସୂତାର ଅତିଥି ପରିଚୟ ପ୍ରଦାନ କରିଥିଲେ । ଏହି ଅବସରରେ ଶିଶୁଙ୍କ ମଧ୍ୟରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ ଗୌରବ ବେହେରା, ମହେନ୍ଦ୍ର ଭୂୟାଁ ଓ ବିଦ୍ୟୁରେଖା ନାୟକ ପ୍ରମୁଖ ବିଚାରକ ଭାବେ ଯୋଗ ଦେଇଥିଲେ । ନମିତା ସୂତାର, ମୋନାଲିସା ରାୟ ଓ ସୁମନପ୍ରିୟା ନାୟକ ସନନ୍ଦ ପ୍ରଦାନ କରିଥିଲେ । ଶେଷରେ ଅନିରୁଦ୍ଧ ଜେନା ଧନ୍ୟବାଦ ଦେଇଥିଲେ । ବୀରସେନ ଜେନା, ପ୍ରବୀର ବାରିକ, ପଦ୍ମିନୀ ଆଚାର୍ଯ୍ୟ, ରିଙ୍କେଶ୍ୱରୀ ଦାସ, ତପସ୍ୱିନୀ ପ୍ରଧାନ, ଜ୍ୟୋତ୍ସ୍ନାରାଣୀ ନାୟକ, ନିକି ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । କାମିନୀ ମହାନ୍ତି, ବନଜାବାସିନୀ ପରିଡ଼ା, ବିଷ୍ଣୁପ୍ରିୟା ମହାରଣା, ରାକେଶ ସୂତାର, ଅମିତ ପାତ୍ର, ସୌମ୍ୟ ରଞ୍ଜନ ପଣ୍ଡା, ହିମାଂଶୁ ଭୂଷଣ ନାୟକ, ଅରୁନ୍ଧତୀ ଦାସ, ପାର୍ବତୀ ବାରିକ, ଆଶାଲତା ମଲ୍ଲିକ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ ।

## ପଟ୍ଟାମୁଣ୍ଡାଇ ତାଲୁକ ଆଇନ ସେବା ସମିତି, ଓକିଲ ସଂଘ

ପଟ୍ଟାମୁଣ୍ଡାଇ: ପଟ୍ଟାମୁଣ୍ଡାଇ ତାଲୁକ ଆଇନ ସେବା ସମିତି ଓ ପଟ୍ଟାମୁଣ୍ଡାଇ ଓକିଲ ସଂଘ ମିଳିତ ଆନୁକୂଲ୍ୟରେ ଶିଶୁ ଦିବସ ପାଳିତ ହୋଇଛି । ବଡମୂଳବସନ୍ତ ନିତାଇ ଚୈତନ୍ୟ ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ଉତ୍ସବରେ ତାଲୁକ ଆଇନ ସେବା ସମିତିର ଅଧ୍ୟକ୍ଷା ତଥା ପଟ୍ଟାମୁଣ୍ଡାଇ କୋର୍ଟ ସିଭିଲ ଜଜ୍ ସିନିୟର ଡିଭିଜନ ସୁଶ୍ରୀ ସଙ୍ଗୀତା ମଲ୍ଲିକ ଅଧ୍ୟକ୍ଷତା କରିଥିଲେ । ଏଥିରେ ପଟ୍ଟାମୁଣ୍ଡାଇ କୋର୍ଟ ସିଭିଲ ଜଜ୍ ସମୀକ୍ଷା ମହାନ୍ତି ଓ ମୋନାଲିସା ପ୍ରଧାନ, ନିତାଇ ଚୈତନ୍ୟ ହାଇସ୍କୁଲର ପ୍ରଧାନ ଶିକ୍ଷକ ଦିଲ୍ଲୀପ ବିଶ୍ୱାଳ, ପଟ୍ଟାମୁଣ୍ଡାଇ ଓକିଲ ସଂଘର ବରିଷ୍ଠ ଆଇନଜୀବୀ ଭୀମସେନ ପ୍ରଧାନ, ପଟ୍ଟାମୁଣ୍ଡାଇ ଓକଲ ସଂଘ ସଭାପତି ତପନ ମିଶ୍ର, ସାଧାରଣ ସମ୍ପାଦକ ରବୀନ୍ଦ୍ର ଦାଶ, କୋଷାଧ୍ୟକ୍ଷ ଧିରେନ୍ଦ୍ର ନାଥ ସାହୁ, ପ୍ରାକ୍ତନ ପ୍ରଧାନ ଶିକ୍ଷକ ଧବଳେଶ୍ୱର ଖଣ୍ଡାୟୀ ପ୍ରମୁଖ ଯୋଗ ଦେଇଥିଲେ । ସେହିପରି ପଟ୍ଟାମୁଣ୍ଡାଇ କୋର୍ଟ ପରିସରରେ ଆୟୋଜିତ ଶିଶୁ ଦିବସରେ ତାଲୁକ ଆଇନ ସେବା ସମିତିର ଅଧ୍ୟକ୍ଷା ତଥା ପଟ୍ଟାମୁଣ୍ଡାଇ କୋର୍ଟ ସିଭିଲ ଜଜ୍ ସିନିୟର ଡିଭିଜନ ସୁଶ୍ରୀ ସଙ୍ଗୀତା ମଲ୍ଲିକ ଅଧ୍ୟକ୍ଷତା କରିଥିଲେ । ଏଥିରେ ପଟ୍ଟାମୁଣ୍ଡାଇ କୋର୍ଟ ସିଭିଲ ଜଜ୍ ସମୀକ୍ଷା ମହାନ୍ତି ଓ ମୋନାଲିସା ପ୍ରଧାନ, ପଟ୍ଟାମୁଣ୍ଡାଇ ଓକିଲ ସଂଘ ସଭାପତି ତପନ ମିଶ୍ର, ସାଧାରଣ ସମ୍ପାଦକ ରବୀନ୍ଦ୍ର ଦାଶ, ବରିଷ୍ଠ ଆଇନଜୀବୀ ଭୀମସେନ ପ୍ରଧାନ, ରାଜେନ୍ଦ୍ର ମିଶ୍ର, ସୁରେଶ ନରେନ୍ଦ୍ର, ବିଜ୍ଞାନ ମିହିର ଜେନା, ତପନ ନନ୍ଦୀ, ଅଶ୍ୱିନୀ ପଣ୍ଡା, ଗୀତାଞ୍ଜଳି ପୃଷ୍ଟି, ଚିତ୍ତରଞ୍ଜନ ଦାଶ, ପ୍ରଣତି ଦାସ, ଶୈଳବାଳା ମଲିକ, ପଫୁଲ୍ଲ ଦାଶ, ଗଣେଶ ବାରିକ, ସୁଶୀକାନ୍ତ ପରିଡ଼ା ପ୍ରମୁଖ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମକୁ ତାଲୁକ ଆଇନ ସେବା ସମିତିର ବିଦ୍ୟାଧର ଦାଶ, ଭବାନୀ ଶଙ୍କର ପଣ୍ଡା, ଧୀରେନ୍ଦ୍ର ନାଥ ସାହୁ, ଅପର୍ଣ୍ଣା ସାମଲ, ମୋହନ ଦାଶ ପ୍ରମୁଖ ପରିଚାଳନା କରିଥିଲେ ।

## ପାରାଦୀପ ଇଫ୍‌କୋ ଡିଏଭି

**ପାରାଦୀପ:** ପାରାଦୀପ ଉପକଣ୍ଠ ଇଫ୍‌କୋ ପରିସରସ୍ଥିତ ଡିଏଭି ପବ୍ଲିକ ସ୍କୁଲରେ ଶିଶୁ ଦିବସ ପାଳିତ ହୋଇଛି । ଏହି ଅବସରରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା କରାଯାଇଥିଲା । ସେହିଭଳି ଇଫ୍‌କୋ କମ୍ୟୁନିଟି ହଲ୍‌ରେ 'ସରଗମ' ଆୟୋଜନ କରାଯାଇଥିଲା । ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ସହ ଡିଏଭି ପିପିଏଲ, ପିପିଟି, ଚନ୍ଦ୍ରଶେଖରପୁର, ସିଡିଏ, କଳିଙ୍ଗ ନଗର ଏବଂ ଇଫ୍‌କୋର ଶିକ୍ଷକ ଶିକ୍ଷୟିତ୍ରୀ ସଙ୍ଗୀତ ପରିବେଷଣ କରିଥିଲେ । ଡିଏଭି ପିପିଏଲର ଅଧ୍ୟକ୍ଷ ସଞ୍ଜୀବ ସାହୁ ଏବଂ ଡିଏଭି ପିପିଟିର ଅଧ୍ୟକ୍ଷା ବିନ୍ଦୁଶ୍ରୀ ମହାନ୍ତି ଯୋଗ ଦେଇଥିଲେ । ବିଦ୍ୟାଳୟର ଅଧ୍ୟକ୍ଷ ବଲରାମ ମହାପାତ୍ରଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

## କୁଳକଇଜଙ୍ଗା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର

**ବିରିଡି:** ବିରିଡି ବ୍ଲକ କୁଳକଇଜଙ୍ଗା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଶିଶୁ ଦିବସ ପାଳିତ ହୋଇଛି । ଏହି ଅବସରରେ ଏକ କମ୍ପ୍ୟୁଟର ଲ୍ୟାବ୍ ଉଦ୍‌ଘାଟିତ ହୋଇଛି । ବିଦ୍ୟାଳୟ ପରିଚାଳନା କମିଟିର କୋଷାଧ୍ୟକ୍ଷ କେଦାରେଶ୍ୱର କର, ଅଞ୍ଜନ ବିଶ୍ୱାଳ, ଉପସଭାପତି ପ୍ରାଣକୃଷ୍ଣ ସେଠି, ମମତା ରାଉତ, ପ୍ରତିମା ସାହୁ ଓ ତୋଫାନ ଜେନା ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ । ପରିଚାଳନା କମିଟି ସଭାପତି ବାମଦେବସ୍ୱାଇଁ ସଭାପତିତ୍ୱ କରିଥିବାବେଳେ ପ୍ରଧାନ ଆଚାର୍ଯ୍ୟ ଶ୍ରୀନିବାସ କୁଣ୍ଡୁ ଅତିଥି ପରିଚୟ ପ୍ରଦାନ କରିଥିଲେ । ହରପ୍ରିୟା ପୃଷ୍ଟି ଧନ୍ୟବାଦ ଦେଇଥିଲେ ।

## ଅଙ୍ଗୁଳାଇ ମଧୁସାଗର ବିଦ୍ୟାପୀଠ

**ମାର୍ଶାଘାଇ:** ମାର୍ଶାଘାଇ ବ୍ଲକ ଅଙ୍ଗୁଳାଇ ମଧୁସାଗର ବିଦ୍ୟାପୀଠରେ ଶିଶୁ ଦିବସ ପାଳିତ ହୋଇଛି । ପ୍ରଧାନ ଶିକ୍ଷକ ସୁଧିରଞ୍ଜନ ବାରକିଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ମୋ' ସ୍କୁଲ କମିଟ୍ ସଭାପତି ଭ୍ରମର ରାଉତ ଯୋଗ ଦେଇଥିଲେ । କାର୍ଯ୍ୟକମରେ ଶିକ୍ଷୟିତ୍ରୀ ଗୀତାଞ୍ଜଳି ସାମଲ, ମାଧୁରୀ ଭଦ୍ର, ସୁନିତା ମହାନ୍ତି, ସ୍ୱର୍ଣ୍ଣଲତା ଦ୍ୱିବେଦୀ, ହରେକୃଷ୍ଣ ଜେନା, ଶିକ୍ଷକ ମରୁତ ସମାଲ, ସଂଗ୍ରାମ କେଶରୀ ପରିଡ଼ା, ବୈଷ୍ଣବ ଖଣ୍ଡୁଆଳ, ଯଦୁମଣି ପରିଡ଼ା ବୈଷ୍ଣବ ଖଣ୍ଡୁଆଳ ପ୍ରମୁଖ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ ।

## ନେତାଜୀ ମଡେଲ ସ୍କୁଲ

**କେନ୍ଦ୍ରାପଡ଼ା:** କେନ୍ଦ୍ରାପଡ଼ା ସହରର ମାଧପୁରସ୍ଥିତ ନେତାଜୀ ମଡେଲ ସ୍କୁଲରେ ଶିଶୁମେଳା ଓ ବିଜ୍ଞାନମେଳା ଅନୁଷ୍ଠିତ ହୋଇଯାଇଛି । ସ୍କୁଲର ଅଧ୍ୟକ୍ଷ ଅଜୟ ପୃଷ୍ଟିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ଅବସରପ୍ରାପ୍ତ ଜିଲ୍ଲା ବିଜ୍ଞାନ ପରିଦର୍ଶକ ପିତବାସ ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ । ଏହାପରେ କେନ୍ଦ୍ରାପଡ଼ା ମହାବିଦ୍ୟାଳୟର ପଦାର୍ଥ ବିଜ୍ଞାନ ବିଭାଗ ଅଧ୍ୟାପକ ରଞ୍ଜିତ ଦାସ ଓ ସାମ୍ବାଦିକ ପ୍ରଭାତ ପରିଡ଼ା ପ୍ରକଳ୍ପ ପରିଦର୍ଶନ କରିଥିଲେ ।

# ଲୋକାଲ ଭଡ଼ା ୫୦ଟଙ୍କା ବୃଦ୍ଧି ପରେ ଟ୍ରକ୍ ଧର୍ମଘଟ ପ୍ରତ୍ୟାହୃତ

**ତାଳଚେର ସଦର, ୧୫।୧୧(ସମିସ):**

ତାଳଚେରରେ ଚାଲିଥିବା ଟ୍ରକ ମାଲିକ ସଂଘର ଚକାବନ୍ଦ ଆନ୍ଦୋଳନ ଆଜି ୫ମ ଦିନରେ ରୋଚକ ମୋଡରେ ପହଞ୍ଚିଛି। ୫ଦିନ ବିତିଯାଇଥିଲେ ସୁଦ୍ଧା କୌଣସି ପ୍ରକାର ସମାଧାନ ନିମନ୍ତେ ପ୍ଲାଣ୍ଟ ପକ୍ଷରୁ କିଛି ପଦକ୍ଷେପ ଗ୍ରହଣ

- ● ୫ ଦିନ ବନ୍ଦ ରହିଲା କୋଇଲା ପରିବହନ
- ● ଆଜି ରେଳ ୱାଗନ ଯୋଗ ଚାଲଣ ବନ୍ଦ ହେଲା

ନ କରିବା କାରଣରୁ ଆଜି ଟ୍ରକ ମାଲିକ ସଙ୍ଘ ଧର୍ମଘଟକୁ ଅଧିକ ଦୃଢ଼ କରିଥିଲା। ଟ୍ରକ ମାଲିକମାନଙ୍କ ପରିବାରର ମହିଳାମାନେ ଗତକାଲି ଆନ୍ଦୋଳନ ପାଇଁ ରାସ୍ତାକୁ ଓଲହାଇ ଥିବା ବେଳେ ଆଜି ରେଳ ୱାଗନରେ କୋଇଲା ପରିବହନକୁ ମଧ ତାଳଚେର ଟ୍ରକ ମାଲିକ ସଙ୍ଘ ପକ୍ଷରୁ ବନ୍ଦ କରି ଦିଆଯାଇଥିଲା। ଫଳରେ ଖଣି ଓ ସମଗ୍ର ତାଳଚେରରୁ କୋଇଲା ବାହାରକୁ ଯାଇ ପାରିନଥିଲା।



ଫଳରେ ଆଗକୁ ଆନ୍ଦୋଳନ ଜାରି ରହିଲେ ରାଜ୍ୟ ଓ ରାଜ୍ୟ ବାହାରେ ଥିବା ଶିଳ୍ପ ସଂସ୍ଥାରେ ତାଲା ପଡ଼ିବା ଆଶଙ୍କା ସୃଷ୍ଟି ହେବାର ସମ୍ଭାବନା ରହିଥିଲା। ସେପଟେ ଟ୍ରକର ଚକା ବନ୍ଦ ଆନ୍ଦୋଳନ ଯୋଗୁଁ ଟ୍ରକ୍‌ଗୁଡିକ ଛିଡା ହୋଇଥିବା ଦେଖିବାକୁ ମିଳିବା ସହ ଗୁରୁତର ଟ୍ରାଫିକ୍ ସମସ୍ୟା ସୃଷ୍ଟି ହୋଇଥିଲା। ଟ୍ରକ ମାଲିକ ସଙ୍ଘ ପକ୍ଷରୁ ଏହି ଆନ୍ଦୋଳନ ଡାକରା ଦିଆଯାଇଥିଲା ବେଳେ ଏହାକୁ ଅନ୍ୟ ତିନୋଟି ସଙ୍ଘ ସମର୍ଥନ ମଧ କରିଥିଲେ। ଫଳରେ ତାଳଚେରର ସମସ୍ତ ଅଞ୍ଚଳରେ କୋଇଲା ପରିବହନ ଠପ୍ ହୋଇପଡ଼ିଥିଲା।

ସୂଚନାଯୋଗ୍ୟ ଯେ, ତାଳଚେର ଟ୍ରକ ମାଲିକମାନେ ଉଚିତ ଭଡା ଓ ପର୍ଯ୍ୟାପ୍ତ ପରିମାଣର କୋଇଲା, ରୋଡ୍‌ସେଲ ମାଧ୍ୟମରେ ଚାଲାଣ କରିବା ସହିତ ତାଳଚେର ଅଞ୍ଚଳର ଟ୍ରକ୍ ମାଲିକମାନଙ୍କୁ ଅଗ୍ରାଧିକାର ଭିତ୍ତିରେ କୋଇଲା ପରିବହନ ପାଇଁ ସୁଯୋଗ ମିଳିବା ଆଦି ଦାବି ନେଇ ଗତ ୧୦ ତାରିଖରୁ ଆନ୍ଦୋଳନ ଆରମ୍ଭ କରିଥିଲେ। ପରିବହନ କ୍ଷେତ୍ରରେ ଅସହଯୋଗର ଡାକରା ଦେଇ ଟ୍ରକ ଯୋଗେ ତାଳଚେରରୁ ଖଣ୍ଡିଏ ବି କୋଇଲା ପରିବହନ କରାଇ ନଦେବା ଜିଦିରେ ଅଟଳ ରହିବା ଦ୍ୱାରା ପରିବହନକାରୀ ସଂସ୍ଥା ଓ ପ୍ଲାଣ୍ଟ କର୍ତ୍ତୃପକ୍ଷଙ୍କ ମୁଣ୍ଡ ବିନ୍ଧାର କାରଣ ପାଲଟିଥିଲା। ଆଜିର ଏହି ଆନ୍ଦୋଳନ ଟ୍ରକ ମାଲିକ ସଙ୍ଘ ସଭାପତି ଅରବିନ୍ଦଙ୍କ ନେତୃତ୍ୱରେ ଜାରି ରହିଥିଲା ବେଳେ ସମସ୍ତ ଟ୍ରକ ମାଲିକମାନେ ଏହି ଆନ୍ଦୋଳନକୁ ସମର୍ଥନ କରିଥିଲେ। ପୁଲିସ ପ୍ରଶାସନ ଏହାକୁ ଗୁରୁତ୍ୱର ସହ ନେଇ ଆଜି ଏ ସଂକ୍ରାନ୍ତରେ ସ୍ଥାନୀୟ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ମନୋଜ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ପ୍ଲାଣ୍ଟ କର୍ତ୍ତୃପକ୍ଷ, ମାଲିକ ସଙ୍ଘ ଓ ପରିବହନକାରୀ ସଂସ୍ଥା ସହ ଆଲୋଚନା ହେବା ପରେ ସର୍ବସମ୍ମତି କ୍ରମେ କୋଇଲା ପରିବହନରେ ଟନ୍ ପିଛା ୫୦ଟଙ୍କା ବୃଦ୍ଧି ପାଇବା ପାଇଁ ନିଷ୍ପତ୍ତି ନିଆଯାଇଛି। ଫଳରେ ଦୀର୍ଘ ୫ ଦିନ ଧରି ଚାଲିଥିବା ଏହି ଆନ୍ଦୋଳନ ପ୍ରତ୍ୟାହୃତ ହୋଇଛି ବୋଲି ସଙ୍ଘ ପକ୍ଷରୁ କୁହାଯାଇଛି।

■ ମେଡିକାଲ୍ କଲେଜରେ ରୋଗୀ ସେବା ଆରମ୍ଭ

# ତାଳଚେର ବନ୍ଦ ସ୍ଥଗିତ



**ତାଳଚେର, ୧୫ ।୧୧(ସମିସ):** ପବିତ୍ର ମୋହନ ପ୍ରଧାନ ମେଡିକାଲ୍ କଲେଜ୍ ହସ୍ପିଟାଲ୍‌ରେ ଆଜିଠାରୁ ରୋଗୀ ସେବା ଆରମ୍ଭ ହୋଇଛି। ମେଡିକାଲ କଲେଜରେ ରୋଗୀ ସେବା ଆରମ୍ଭ କରିବା ଦାବି ନେଇ ଆସନ୍ତା ୧୬ ତାରିଖରେ ହେବାକୁ ଥିବା ୪୮ ଘଣ୍ଟିଆ ତାଳଚେର ବନ୍ଦ ଓ ଅନିର୍ଦ୍ଦିଷ୍ଟକାଳ ପର୍ଯ୍ୟନ୍ତ ଅର୍ଥନୈତିକ ଅବରୋଧ କରାଯିବା ପାଇଁ ତାଳଚେର ସରକାରୀ ମେଡିକାଲ୍ କଲେଜ୍ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଯେଉଁ ଡାକରା ଦିଆଯାଇଥିଲା ତାହାକୁ ସ୍ଥଗିତ ରଖାଯାଇଛି ବୋଲି କମିଟି ପକ୍ଷରୁ କୁହାଯାଇଛି। ମେଡିକାଲ୍ କଲେଜ କାର୍ଯ୍ୟକ୍ଷମ ଦାବିରେ ତାଳଚେରବାସୀ ପୂର୍ବରୁ ବହୁବାର ଆନ୍ଦୋଳନ କରିଥିଲେ ମଧ ଏହା କାର୍ଯ୍ୟକ୍ଷମ ହୋଇପାରି ନଥିଲା। ଆଜି ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ବିଧିବଦ୍ଧ ଭାବରେ ମେଡିକାଲ୍ କଲେଜରେ ରୋଗୀ ସେବା ଆରମ୍ଭ କରାଯାଇଅଛି। କ୍ରିୟାନୁଷ୍ଠାନ କମିଟିର କର୍ମକର୍ତାମାନେ ରୋଗୀ ସେବା କାର୍ଯ୍ୟ ଅନୁଧ୍ୟାନ କରିବା ପରେ ବୈଠକରେ ତାଳଚେର ବନ୍ଦ ସ୍ଥଗିତ ରଖାଗଲା ବୋଲି ନିଷ୍ପତି ଗ୍ରହଣ କରି ଏକ ପ୍ରେସ୍ ଇସ୍ତାହାରରେ ଜଣାଇଛନ୍ତି। ବୈଠକରେ ଆବାହକ ପଦ୍ମଚରଣ ସାମଲଙ୍କ ସଭାପତିତ୍ୱରେ ଚୈତନ୍ୟ ପ୍ରଧାନ, କେଶବ ଭୂତିଆ, ଅଭୟ ପାଣି, ରଞ୍ଜିତ୍ ମହାପାତ୍ର, ବିନୋଦ ଲାଲ୍, ଉଲ୍ଲାସ କୁମାର ମୁଦୁଲି, ପ୍ରଫୁଲ ନାଏକ, ବଳରାମ କୁଣ୍ଡ, ଶୋଭାଗିନି ଦାସ, ଜମ୍ବେଶ୍ୱର ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ଡୁବୁରୀ-ବ୍ରାହ୍ମଣୀପାଳ ରାସ୍ତା ଶୋଚନୀୟ

**ଟମକା, ୧୫ ।୧୧(ସମିସ):** ପାରାଦୀପ-ଦୈତାରୀ ଜାତୀୟ ରାଜପଥର ଡୁବୁରୀଠାରୁ ଟମକା ପର୍ଯ୍ୟନ୍ତ ରାସ୍ତା ଶୋଚନୀୟ ହୋଇପଡ଼ିଛି। ଫଳରେ ଏହି ରାସ୍ତାରେ ବାରମ୍ବାର ଛୋଟବଡ଼ ଦୁର୍ଘଟଣା ଘଟି ଜୀବନ ହାନୀ ଘଟୁଛି। ଏ ସମ୍ପର୍କରେ ପ୍ରଶାସନକୁ ଅବଗତ କରାଯାଉଥିଲେ ମଧ ଏହାର କୌଣସି ସୁଫଳ ମିଳୁନାହିଁ। ପୋଲ ଛାତ କଡ଼ରେ ବର ଓ ଓସ୍ତ ଗଛ ବଡ ହୋଇଗଲାଣି। ସେଥିପାଇଁ ମୁଖ୍ୟ ରାସ୍ତାରେ ପୋଲ ଦୁର୍ବଳ ହୋଇଯାଇଛି। ନିକଟ ଭବିଷ୍ୟତରେ କୌଣସି ଅଘଟଣ ଘଟିବା ଆଶଙ୍କା କରାଯାଉଛି। ଯଦି କୌଣସି ଦୁର୍ଘଟଣା ଘଟେ ସେଥିପାଇଁ ଦାୟୀ କିଏ ରହିବ ବୋଲି ସାଧାରଣରେ ଆଲୋଚନା ହେଉଛି। ଏଣେ ପ୍ରଶାସନ ପକ୍ଷରୁ ଗାଡ଼ି ଚେକିଂ କରାଯାଉ ନ ଥିବାରୁ ଚାଳକ ନିର୍ଭୟରେ ନିଶା ସେବନ କରି ଗାଡ଼ି ଚଳାଇବା ଦ୍ୱାରା ଦୁର୍ଘଟଣା ଘଟୁଛି। ଏ ଦିଗରେ ପ୍ରଶାସନ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

## ଟ୍ରାଇ ସାଇକଲ ପାଇଁ ପ୍ରଶାସନକୁ ଗୁହାରି କଲେ ଦିବ୍ୟାଙ୍ଗ ଗଜେନ୍ଦ୍ର

**କବାଟବନ୍ଧ, ୧୫।୧୧ (ସମିସ):** ଧର୍ମଶାଳା ବ୍ଲକ ଅନ୍ତର୍ଗତ ମର୍ଜିତାପୁର ପଞ୍ଚାୟତ ମର୍ଜିତାପୁର (ତରେଇସାହି) ଗ୍ରାମର ସଞ୍ଜୟ ତରାଇଙ୍କ ପୁଅ ଗଜେନ୍ଦ୍ର ତରାଇ ଟ୍ରାଇ ସାଇକଲ ପାଇଁ ପ୍ରଶାସନକୁ ଅନୁରୋଧ କରିଛନ୍ତି। ଗଜେନ୍ଦ୍ର ଜନ୍ମରୁ ଦୃଷ୍ଟିବାଧିତ ଓ ଶାରୀରିକ ଭିନ୍ନକ୍ଷମ ଅଟନ୍ତି।



ସେ ଶତ ପ୍ରତିଶତ ସ୍ଥାୟୀ ଭିନ୍ନକ୍ଷମ ପ୍ରମାଣ ପତ୍ର ପାଇ ସରକାରୀ ସହାୟତା ଭିନ୍ନକ୍ଷମ ଭତ୍ତା ମଧ ପାଉଛନ୍ତି। ପରିବାରର ଅଭାବ ଓ ନିଜ ଖାଇବା ପାଇଁ ଗଜେନ୍ଦ୍ର ଆଖପାଖ ଅଞ୍ଚଳର ଗାଁ, ଛକ ବଜାର ଓ ସାପ୍ତାହିକ ହାଟ ଆଦି ସ୍ଥାନରେ ବୁଲି ଖଞ୍ଜଣି ବଜାଇ ଗୀତ ଗାଇ ଲୋକZଙ୍କଠାରୁ କିଛି ପଇସା ଆଦାୟ କରି ଦୁଃଖକଷ୍ଟରେ ଚଳୁଛନ୍ତି। ଗଜେନ୍ଦ୍ର ଭିନ୍ନକ୍ଷମ ହୋଇଥିବାରୁ ଠିକ୍‌ରେ ଚାଲି ପାରୁନାହାଁନ୍ତି। ତାଙ୍କ ପାଇଁ ଏକ ତିନିଚକିଆ ସାଇକଲ ହେଲେ ତାଙ୍କୁ ସହାୟକ ହେବ ବୋଲି ସେ ଗଣମାଧ୍ୟମକୁ କହିଛନ୍ତି। ଜିଲ୍ଲା ପ୍ରଶାସନ ପକ୍ଷରୁ ତାଙ୍କୁ ଏକ ତିନିଚକିଆ ସାଇକଲ ଯୋଗାଇ ଦେବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

## ସହାୟତା ଅପେକ୍ଷାରେ ଭାଗୀରଥି

**କର୍ଯାଁଗୋଲା, ୧୫।୧୧(ସମିସ):** ଦଶରଥପୁର ବ୍ଲକ ଅନ୍ତର୍ଗତ ଚଷାଖଣ୍ଡ ଗ୍ରାମର ଭାଗୀରଥି ବେହେରା (୩୬) । ପରିବାର କହିଲେ ଛୋଟ ପୁଅ, ଝିଅ ଓ ସ୍ତ୍ରୀ ବର୍ଷା। ଭାଗୀରଥି ଦିନମଜୁରିଆ ଶ୍ରମିକ ଭାବେ ଯୋଡ଼ା ବଡ଼ବିଲର ଏକ ହୋଟେଲ କାମ କରନ୍ତି। କାମ କରୁଥିବା ସମୟରେ ତାଙ୍କୁ ହଠାତ୍ ମସ୍ତିଷ୍କାଘାତ ହୋଇଥିଲା। ଫଳରେ ଭାଗୀରଥି ସେହି ଦିନଠାରୁ ଅକର୍ମଣ୍ୟ ହୋଇଗଲେ। ହସଖୁସିର ପରିବାରରେ ଦୁଃଖର କଳା ବାଦଲ ଘୋଟି ଆସିଲା। ସେ ପରିବାରର ଏକମାତ୍ର ରୋଜଗାରିଆ ବ୍ୟକ୍ତି ଅଟନ୍ତି। ତାଙ୍କର ଏଭଳି ଅବସ୍ଥା ଯୋଗୁଁ ସଂସାର ଚଳାଇବା ସହ ଚିକିତ୍ସା କରାଇବା ତାଙ୍କ ପକ୍ଷେ ସମ୍ଭବପର ହୋଇପାରୁନାହିଁ। ଅଭାବୀ ଜୀବନରେ ରୋଗ ଯନ୍ତ୍ରଣାର



ବୋଝ ଫଳରେ ଭାଗୀରଥିଙ୍କ ରୋଗ ଚିକିତ୍ସା ପାଇଁ ଅର୍ଥ ସାଜିଛି ବାଧକ। ମିଳୁଥିବା ରାସନ ଚାଉଳ ବ୍ୟତୀତ ଆଉ କିଛି ସମ୍ବଳ ନାହିଁ। ଔଷଧ ସେବନ ପାଇଁ ଦୈନିକ ହଜାର ହଜାର ଟଙ୍କା ଆବଶ୍ୟକ ହେଉଥିବାବେଳେ ଏଥିପାଇଁ ସମ୍ପୂର୍ଣ୍ଣ ରୂପେ ତାଙ୍କ ସ୍ତ୍ରୀ ବର୍ଷା ଭାଙ୍ଗିପଡ଼ିଛନ୍ତି। ଭାଗୀରଥିଙ୍କୁ ସହାୟତା ପାଇଁ ଜିଲ୍ଲା ପ୍ରଶାସନକୁ ସ୍ତ୍ରୀ ବର୍ଷା ନିବେଦନ କରିଛନ୍ତି।

## କଳ୍ପତରୁ ଦାସ ଶିଶୁ ଉଦ୍ୟାନରେ ଶିଶୁ ମହୋତ୍ସବ



**ଧର୍ମଶାଳା, ୧୫।୧୧(ସମିସ):** ଧର୍ମଶାଳା ବ୍ଲକ ଜାରକାସ୍ଥ ଶିଶୁ ଉଦ୍ୟାନ ପରିସରରେ କଳ୍ପତରୁ ଦାସ ନେସନାଲ ଫାଉଣ୍ଡେସନ ପକ୍ଷରୁ ଶିଶୁ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ଅତିଥିମାନେ ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହରୁଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ପରେ ଚନ୍ଦ୍ରଶେଖର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟ ଯୋଗଦେଇ ଶିଶୁ ଦିବସ ଉପରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ ଧର୍ମଶାଳା ବ୍ଲକ ଅଧ୍ୟକ୍ଷ ପ୍ରଭାତ କୁମାର ବଳବନ୍ତରାୟ, ରସୁଲପୁର ବ୍ଲକ ଅଧ୍ୟକ୍ଷ ଅରୁଣ କୁମାର ରାଉତ, ଜିଲ୍ଲା ପରିଷଦ ସଭ୍ୟ ଜଳଧର ମହାନ୍ତି ଯୋଗଦେଇଥିଲେ। ଫାଉଣ୍ଡେସନ ପକ୍ଷରୁ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଅମୀୟ କୁମାର ପରିଡ଼ା, ସବ୍ୟସାଚୀ ସୁନ୍ଦରରାୟ, ହୃଷିକେଶ ସାମଲ ଓ ମନୋଜ ରଣା ପ୍ରମୁଖ ମଞ୍ଚ ପରିଚାଳନା କରିଥିଲେ। ଅମୂଲ୍ୟ କୁମାର ଦାସ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଶିକ୍ଷକ ବିଭୂତି ଭୂଷଣ ପାଳ ଧନ୍ୟବାଦ ଅର୍ପଣ କରିଥିଲେ। ପରେ ପରେ ସିନେ କଳାକାର ଜୋତିର୍ମୟୀଙ୍କ ଦ୍ୱାରା ସଙ୍ଗୀତ ପରିବେଷଣ କରାଯାଇଥିଲେ।

## କଳମଛୁଇଁ ଶିଶୁ ମନ୍ଦିରରେ ପନିପରିବା ପ୍ରଦର୍ଶନୀ



**ତାଳଚେର, ୧୫ ।୧୧(ସମିସ):** ତାଳଚେର ବ୍ଲକ କଳମଛୁଇଁ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଶିଶୁ ବାଟିକା ବିଭାଗର ଏକ ପନିପରିବା ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି। ପ୍ରାତଃ ପର୍ଯ୍ୟାୟ ପ୍ରମୁଖ ବସନ୍ତ ମହାନ୍ତିଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ୨୭୬ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଏଥିରେ ବିଭିନ୍ନ ପ୍ରକାର ପନିପରିବା ପ୍ରଦର୍ଶନ କରାଯାଇଥିଲା। ଆମ ଖାଦ୍ୟରେ ପନିପରିବାର ଆବଶ୍ୟକତା ତଥା ଏହାର ଉପଯୋଗିତା ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ ଶିକ୍ଷାଦାନ କରାଯାଇଥିଲା। ଶିଶୁବାଟିକା ପ୍ରମୁଖ ଆଚାର୍ଯ୍ୟା ସରସ୍ୱତୀ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଗୁରୁମା ଅର୍ଚ୍ଚନା ସାହୁ, ରୀତା ଭୂତିଆ, କଳ୍ପନା ସାହୁ, ରଞ୍ଜୁଲତା ସାହୁ, ହିଂମାଶୁ ଦାସ, ଶରତ ଦାସ, ପୁଷ୍ପାରାଣୀ ବେହେରା, ସବିତା ସାହୁ, ଶାନ୍ତିପ୍ରିୟା ପ୍ରଧାନ, ବୈଜୟନ୍ତୀ ସାହୁ, ସଞ୍ଜୟ ବାରିକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସକ୍ରିୟ ସହଯୋଗ କରିଥିଲେ।

### ଖରିଫ ଧାନ ସଂଗ୍ରହ ପାଇଁ ପ୍ରଶାସନିକ ବୈଠକ

## ବିନା ବାଧାରେ ଧାନଦେବେ ଚାଷୀ: ଜିଲ୍ଲାପାଳ

**ଯାଜପୁର, ୧୫।୧୧(ସମିସ):** ଚାଷୀ ରାଷ୍ଟ୍ରର ମେରୁଦଣ୍ଡ। ଅର୍ଥନୈତିକ ଅଭିବୃଦ୍ଧିରେ ଚାଷୀ ଓ କୃଷକଙ୍କର ଭାରତ ଭଳି ଏକ ବିକାଶଶୀଳ ରାଷ୍ଟ୍ରରେ ଗୁରୁତ୍ୱପୂର୍ଣ୍ଣ ଓ ବୃହତ୍ତ ଅବଦାନ ରହିଛି। ଏଣୁ ଚାଷୀ ଧାନ ବିକ୍ରି କରିବା ସମୟରେ ଧାନମଣ୍ଡି, ପଞ୍ଚାୟତ କୃଷି ସମବାୟ ସମିତି, ନିୟନ୍ତ୍ରିତ ବଜାର କମିଟି ଓ ମିଲରଙ୍କଠାରେ ଯେଭଳି କୌଣସି ପ୍ରକାର ସମସ୍ୟାର ସମ୍ମୁଖୀନ ନ ହୁଅନ୍ତି, ସେଥିନିମନ୍ତେ ସମ୍ପୃକ୍ତ ଅଧିକାରୀ, ସଂଗଠନ ଓ ବ୍ୟକ୍ତିବିଶେଷ ଯତ୍ନବାନ ହେବାକୁ ଆଜି ପୂର୍ବାହ୍ନରେ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଜିଲ୍ଲାସ୍ତରୀୟ ଖରିଫ ଧାନ ସଂଗ୍ରହ ପାଇଁ ପ୍ରଶାସନିକ ବୈଠକରେ ଜିଲ୍ଲାପାଳ ଚକ୍ରବର୍ତ୍ତୀ ସିଂହ ରାଠୋର ଅଧ୍ୟକ୍ଷତା କରି ପରାମର୍ଶ ଦେଇଛନ୍ତି।

ଜିଲ୍ଲା ବେସାମରିକ ଯୋଗାଣ ବିଭାଗ ପକ୍ଷରୁ ଆହୂତ ବୈଠକରେ କୋରେଇ ବିଧାୟକ ଅଶୋକ କୁମାର ବଳ, ଜିଲ୍ଲା ପରିଷଦ ସଭାପତି ଶ୍ରୀମତୀ ନଳିନୀପ୍ରଭା ଜେନା, ଯାଜପୁର ବିଧାୟକଙ୍କ ପ୍ରତିନିଧି କର୍ଣ୍ଣାଟ କେଶରୀ ଦାସ, ଅତିରିକ୍ତ ଜିଲ୍ଲାପାଳ (ପ୍ରଶାସନ) ନବକ୍ରିଷ୍ଣ ଜେନା, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶୁଭେନ୍ଦ୍ର କୁମାର ସାମଲ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଅଶୋକ କୁମାର ବେହୁରିଆ, ଉପଜିଲ୍ଲାପାଳ ଗୋପୀନାଥ କୁଅଁର, ମଣ୍ଡଳ ଉନ୍ନୟନ ଅଧିକାରୀ, ଯାଜପୁର ସୌରଭ ଚକ୍ରବର୍ତ୍ତୀ ଓ ଜିଲ୍ଲା ବେସାମରିକ ଯୋଗାଣ ଅଧିକାରୀ ସଲ୍ଲାଉଦ୍ଦିନ ଖାଁ ଯୋଗଦେଇ ଖରିଫ ଧାନ ସଂଗ୍ରହ ୨୦୨୩-୨୪ ବର୍ଷ ପାଇଁ ସୁଚାରୁରୂପେ ସମ୍ପାଦନ



ନିମନ୍ତେ ବିଭିନ୍ନ ଦିଗ ସମ୍ବନ୍ଧରେ ଆଲୋଚନା କରିଥିଲେ। ଗ୍ରେଡ୍ 'ଏ' ସ ସାଧାରଣ ଧାନର କ୍ୱିଣ୍ଟାଲ ପ୍ରତି ସର୍ବନିମ୍ନ ଧାର୍ଯ୍ୟ ମୂଲ୍ୟ, ପଞ୍ଚାୟତ କୃଷି ସମବାୟ ସମିତିର କାର୍ଯ୍ୟ ଓ ଦାୟିତ୍ୱ, ଏକକ ଦିନରେ ଧାନ ମଣ୍ଡିରେ ପହଞ୍ଚିବା, କ୍ରୟ କରିବା ଓ ଉଠାଣ କରିବା, ନିୟନ୍ତ୍ରିତ ବଜାର କମିଟିର ଦାୟିତ୍ୱ, ମିଲରଙ୍କ ଧାନ ଉଠାଣ ଓ ଯାନ ପହଞ୍ଚିବା ତଥା ଅଖା ବ୍ୟବସ୍ଥା କରିବା, ଧାନ ସଂଗ୍ରହ କେନ୍ଦ୍ରରେ ଟେଷ୍ଟ ମାରିବା, ଆଲୋକ ବ୍ୟବସ୍ଥା କରିବା, ଶ୍ରମିକଙ୍କ ଦ୍ୱାରା ଧାନ ବସ୍ତା ଗାଡ଼ିରେ ବୋଝେଇ କରିବା ଓ ଖଲାସ କରିବା ଇତ୍ୟାଦି ଗୁରୁତ୍ୱପୂର୍ଣ୍ଣ ବିଷୟ ଉପରେ ଆଲୋଚନା କରାଯାଇଥିଲା।

ବିଗତ ବର୍ଷ ଧାନ ସଂଗ୍ରହ ଆରମ୍ଭ ତାରିଖ ଡିସେମ୍ବର ୨୦ରୁ ମାର୍ଚ୍ଚ ୩୧ ପର୍ଯ୍ୟନ୍ତ କରାଯାଇଥିବାବେଳେ କେତେକ ସମସ୍ୟା ଉପୁଜିବାରୁ ବୈଠକରେ ଅଧ୍ୟକ୍ଷ ଉପସ୍ଥାପନ କରି ୨୦୨୩-୨୪ ଖରିଫ ବର୍ଷ ପାଇଁ ଧାନ ସଂଗ୍ରହ ତାରିଖ ଜାନୁଆରୀ ୫ ତାରିଖରୁ ଆରମ୍ଭ କରାଯାଇ ମାର୍ଚ୍ଚ ୩୧ ତାରିଖ ୨୦୨୪ ପର୍ଯ୍ୟନ୍ତ ଚାଲିବ ବୋଲି ଜିଲ୍ଲାପାଳ ଶ୍ରୀ ରାଠୋର ବୈଠକରେ ସ୍ପଷ୍ଟ କରିଥିଲେ। ସେହିପରି କୋରେଇ ବିଧାୟକ ଶ୍ରୀ ବଳ ଓ ଯାଜପୁର ବିଧାୟକଙ୍କ ପ୍ରତିନିଧି ଙ୍କ ପ୍ରସ୍ତାବରେ ଧାନ ଫସଲ ଅମଳ ପାଇଁ ଜମିରେ ଆଉ ଏକ ସୋପାନ ପାଣି ମଡାଇବାର ଆବଶ୍ୟକତା ଥିବା ଓ ମଣ୍ଡିରୁ ସୁଚାରୁରୂପେ ଧାନ ସଂଗ୍ରହ ପାଇଁ ଉତ୍ଥାପନ କରିଥିଲେ। ଏହି କ୍ରମେ ଜିଲ୍ଲାପାଳ ଶ୍ରୀ ରାଠୋର ଜମିରେ ଆଉ ଗୋଟିଏ ସୋପାନ ପାଣି ମଡାଇବାର ସୁବ୍ୟବସ୍ଥା କରାଇବା ପାଇଁ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀଙ୍କୁ ନିର୍ଦ୍ଦେଶ ଦେବା ସହ ଧାନ ସଂଗ୍ରହର ଏକ ସପ୍ତାହ ପୂର୍ବରୁ ସହକାରୀ ନିବନ୍ଧକ, ସମବାୟ ସମିତି ସମସ୍ତ ପ୍ୟାକ୍ସକୁ ସୂଚନା ଦେବା, ମିଲର ୪୮ ଘଣ୍ଟା ପୂର୍ବରୁ ଧାନ ଉଠାଣ ପାଇଁ ଯାନ ମାଲିକଙ୍କୁ ସୂଚନା ଦେବା ଓ ପଞ୍ଚାୟତ କୃଷି ସମବାୟ ସମିତି ୩ ଦିନ ପୂର୍ବରୁ ମିଲରଙ୍କୁ ଧାନ ଉଠାଣ ପାଇଁ ସୂଚନା ଦେବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ।

ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ବଡଚଣା ବିଧାୟକଙ୍କ ପ୍ରତିନିଧି ଅଭୟ ସାମଲ, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଉଦିପ୍ତ କୁମାର ତ୍ରିପାଠୀ, ସମବାୟ ସମିତି ସହକାରୀ ନିବନ୍ଧକ ଶରତ ଚନ୍ଦ୍ର ମଲ୍ଲିକ, ପଞ୍ଚାୟତ କୃଷି ସମବାୟ ସମିତି ସଭାପତି, ସମସ୍ତ ପ୍ୟାକ୍ସର ସମ୍ପାଦକ ଓ ମିଲର ଉପସ୍ଥିତ ଥିଲେ।

## ବିଶ୍ୱ ମଧୁମେହ ଦିବସ ଉପଲକ୍ଷେ ମାଗଣା ପରୀକ୍ଷା ଶିବିର

**ତାଳଚେର, ୧୫ ।୧୧(ସମିସ):** ବିଶ୍ୱ ମଧୁମେହ ଦିବସ ଉପଲକ୍ଷେ ଦେଉଳବେଢ଼ା କୋଲିୟରୀ ସ୍ଥିତ ଷ୍ଟାଡ଼ିୟମଠାରେ ମଧୁମେହ ରୋଗର ଲକ୍ଷଣ ଓ ନିରାକରଣ ସମ୍ପର୍କରେ ଏକ ଶିବିର ଅନୁଷ୍ଠିତ ହୋଇଛି। ଏହି ଶିବିରରେ ମଧୁମେହ ରୋଗର ଚିହ୍ନଟ ପରୀକ୍ଷା




କରାଯାଇଥିଲା। ରୋଗର କାରଣ, ନିରାକରଣ ଏବଂ ଦୈନନ୍ଦିନ ଜୀବନ ପରିଚାଳନା ସମ୍ପର୍କରେ କେୟାର କ୍ଲିନିକର ମଧୁମେହ ବିଶେଷଜ୍ଞ ଡାକ୍ତର ସଞ୍ଜୟ ଦାଶ ବିଷଦ ଭାବରେ ଆଲୋଚନା କରି ବିଭିନ୍ନ ପରାମର୍ଶ ଦେଇଥିଲେ। ଏହି ଶିବିରରେ ପ୍ରାୟ ଦୁଇ ଶହରୁ ଊର୍ଦ୍ଧ୍ୱ ରୋଗୀଙ୍କ ପରୀକ୍ଷା କରାଯାଇଥିଲା।

## ସୁରେଶ୍ୱରୀ ଜଳସେଚନ ପ୍ରକଳ୍ପ ଆରମ୍ଭ ଦାବିରେ ଧାରଣା



**କିଶୋରନଗର, ୧୫।୧୧(ସମିସ):** ସୁରେଶ୍ୱରୀ ଜଳସେଚନ ପ୍ରକଳ୍ପ ଅବିଳମ୍ବେ କାର୍ଯ୍ୟକାରୀ କରିବା ଦାବିରେ ଜୀବନଜୀବିକା କୃଷି ଜମି ସୁରକ୍ଷା କମିଟିର ବ୍ଲକ ଅଫିସ ସମ୍ମୁଖରେ ଦିଆଯାଇଥିବା ଧାରଣା ଦ୍ୱିତୀୟ ଦିନରେ ପହଞ୍ଚିଛି। ତେବେ ଆଲୋଚନା ଲାଗି ଧାରଣାସ୍ଥଳକୁ କୌଣସି ବିଭାଗୀୟ ଉଚ୍ଚପଦାଧିକାରୀ ପହଞ୍ଚି ନଥିବା ଜଣାପଡ଼ିଛି। ଏହି ଧରଣାରେ କମିଟିର ସଭାପତି ଦୀନବନ୍ଧୁ ପ୍ରଧାନ, ସରପଞ୍ଚ ବିଜୟ ରଥ, ପୂର୍ବତନ ସରପଞ୍ଚ ରମଣୀ ରଞ୍ଜନ, ତୀର୍ଥବାସୀ ଭୋଇ, କମିଟି ସଭାପତି ଅନନ୍ତ ଚରଣ ପ୍ରଧାନ ପ୍ରମୁଖ ଉପସ୍ଥିତ ଅଛନ୍ତି।

## ଦେଶୀମଦ ଜବତ; ୪ ଗିରଫ

**ତାଳଚେର, ୧୫ ।୧୧(ସମିସ):** ତାଳଚେର ଅବକାରୀ ବିଭାଗ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢ଼ଉ କରାଯାଇ ୯୦ ଲିଟର ଦେଶୀମଦ ଜବତ କରିବା ସହ ୪ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଅବକାରୀ ଅଧ୍ୟକ୍ଷକ ମଧୁସ୍ମିତା ନାୟକଙ୍କ ନିର୍ଦ୍ଦେଶକ୍ରମେ ମୋବାଇଲ ସ୍କ୍ୱାର୍ଡ ନୀରିକ୍ଷକ ରମ୍ଭାବାଗ୍ ତାଳଚେରର ଭାରପ୍ରାପ୍ତ ନୀରିକ୍ଷକ କୁଳମଣି ମହାରଣାଙ୍କ ନେତୃତ୍ୱରେ ଚଢ଼ଉ କରାଯାଇ ଜଗନ୍ନାଥପୁର, ମୁଣ୍ଡାହଟିଙ୍ଗ, ଅରଖପାଳ ଗ୍ରାମରେ ଚଢ଼ଉ କରାଯାଇ ମେନକା ବେହେରା, ସୁକାନ୍ତ ବେହେରା, ସୌମ୍ୟ ହେମରମ ଓ ଯୁଗଳ ଭୂତିଆଙ୍କଠାରୁ ୯୦ ଲିଟର ଦେଶୀମଦ ଜବତ କରିଛି।

# ସଙ୍କୁଳସ୍ତରୀୟ ବିଦ୍ୱତ ପରିଷଦ ଆଲୋଚନାଚକ୍ର

**ତାଳଚେର, ୧୫ ।୧୧(ସମିସ)**

ତାଳଚେର ବ୍ଲକ ଦେଉଳବେଡା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ତାଳଚେର ସଙ୍କୁଳର ଏକ ବିଦ୍ୱତ ପରିଷଦ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ସଙ୍କୁଳ ସଂଯୋଜକ ତଥା ତାଳଚେର ଶିଶୁ ବିଦ୍ୟାମନ୍ଦିରର ପ୍ରଧାନାଚାର୍ଯ୍ୟ ହେମନ୍ତ କୁମାର ପ୍ରଧାନଙ୍କ ଆବାହକତ୍ୱରେ ଅନୁଷ୍ଠିତ ଏହି ଆଲୋଚନାଚକ୍ରରେ ଦେଉଳବେଡା ଶିଶୁମନ୍ଦିରର ସଭାପତି ହେମନ୍ତ ଶତପଥି ଅଧ୍ୟକ୍ଷତା କରିଥିଲେ। ଶିକ୍ଷା ବିକାଶ ସମିତି, ଓଡ଼ିଶାଙ୍କ ଯୋଜନା ଅନୁଯାୟୀ ଆୟୋଜିତ ଏହି କାର୍ଯ୍ୟକ୍ରମରେ ତାଳଚେର ସଙ୍କୁଳ ଅନ୍ତର୍ଗତ ସମସ୍ତ ୭ଟି ଶିଶୁମନ୍ଦିରର ବିଦ୍ୱତ ପରିଷଦ ସଭାପତି, ସମ୍ପାଦକଙ୍କ ସମେତ ସମାଜର ବିଭିନ୍ନ ଅଞ୍ଚଳର ବିଶିଷ୍ଟ ବ୍ୟକ୍ତିବିଶେଷ ଯୋଗ ଦେଇଥିଲେ। ଅତିଥି ଭାବରେ ସଙ୍କୁଳ ବିଦ୍ୱତ ପରିଷଦର ସମ୍ପାଦକ ମନ୍ଦରଧର ପ୍ରଧାନ ଓ ମୁଖ୍ୟବକ୍ତା ଭାବରେ ବରିଷ୍ଠ ଶିକ୍ଷାବିତ ଗିରିଶ ଚନ୍ଦ୍ର ମିଶ୍ର ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ପ୍ରାରମ୍ଭରେ ସଙ୍କୁଳ ସଂଯୋଜକ ହେମନ୍ତ ପ୍ରଧାନ ଅତିଥି ପରିଚୟ



ପ୍ରଦାନ କରିଥିବା ବେଳେ କଳମଛୁଇଁ ଶିଶୁମନ୍ଦିରର ପ୍ରଧାନାଚାର୍ଯ୍ୟ ଅନୀଲ କୁମାର ଦେହୁରୀ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ଏହି ଅବସରରେ ଆମ ପରମ୍ପରାରେ ବୈଜ୍ଞାନିକତା ଶୀର୍ଷକ ଆଲୋଚନାଚକ୍ରରେ ଭାଗ ନେଇ ମୁଖ୍ୟବକ୍ତା ଶ୍ରୀ ଶତପଥୀ ନିଜ ଅଭିଭାଷଣରେ ବିଶ୍ୱକୁ ଏକତାର ଡୋରରେ ବାନ୍ଧି ରଖିବାରେ ଆମ ସଂସ୍କୃତି, ଆମ ପରମ୍ପରା ସକ୍ଷମ। ପ୍ରାଚୀନ ଭାରତୀୟ ମୁନିଋଷିମାନଙ୍କ ଆଧାତ୍ମିକ ଜ୍ଞାନରେ ପରିପୁଷ୍ଟ ଆମର ଏହି ମହାନ ପରମ୍ପରାର ପ୍ରତ୍ୟେକ ଅଂଶରେ ବୈଜ୍ଞାନିକ ଦୃଷ୍ଟିକୋଣ ନିହିତ ଅଛି ବୋଲି କହିଥିଲେ। କାର୍ଯ୍ୟକ୍ରମକୁ ଦେଉଳବେଡା ଶିଶୁ ମନ୍ଦିରର ପ୍ରଧାନାଚାର୍ଯ୍ୟ ବାବୁଲି ସାମଲ ପରିଚାଳନା କରିଥିବା ବେଳେ ଆମ୍ବମୁଣ୍ଡା ଶିଶୁ ମନ୍ଦିରର ପ୍ରଧାନାଚାର୍ଯ୍ୟ ଅଭିମନ୍ୟୁ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ କଳମଛୁଇଁ ଶିଶୁମନ୍ଦିର ବିଦ୍ୱତ ପରିଷଦର ସଭାପତି ଶିକ୍ଷାବିତ୍ ଦିବାକର ବାରିକ, ସମ୍ପାଦକ ହାଡିବନ୍ଧୁ ପ୍ରଧାନ, ତାଳଚେର ଶିଶୁମନ୍ଦିରର ସମ୍ପାଦକ ବିଜୟ କୁମାର ପଣ୍ଡା, କଳମଛୁଇଁ ଶିଶୁମନ୍ଦିରର ସମ୍ପାଦକ ବିଭୂତି ଭୂଷଣ ସ୍ୱାଇଁ, ଆମ୍ବମୁଣ୍ଡା ଶିଶୁମନ୍ଦିରର ଉପସଭାପତି ଗିରିଶ ଚନ୍ଦ୍ର ପ୍ରଧାନ ଓ ଯୁଗ୍ମ ସମ୍ପାଦକ ଦିବେଶ ଚନ୍ଦ୍ର ସାହୁ, ସୁଶୀଲ କୁମାର ମିଶ୍ର, ପ୍ରଦ୍ୟୁମ୍ନ ସାମଲ, ରବିନ ବରାଳ, ନିରୂପମା ମହାନ୍ତି, ଦମୟନ୍ତୀ ନନ୍ଦ, କାଳନ୍ଦୀ ସାହୁ, ପ୍ରଦୀପ କୁମାର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ଘରୋଇ କାର୍ଯ୍ୟ ଚାପରେ ମହିଳା





ଭୋର ୪ଟାରୁ ଉଠି ରସୁଲଗଡ଼ ନିବାସୀ ମମତାଙ୍କୁ ପ୍ରଥମେ ନିଜ ଘରକାମ ଆରମ୍ଭ କରିବାକୁ ପଡ଼ିଥାଏ। ଠିକ୍‌ସମୟରେ ରୋଷେଇ ସାରନ୍ତି ଓ ପିଲାଙ୍କୁ ସ୍କୁଲ ପଠାନ୍ତି। ତା'ପରେ ସେ ନିଜ କାମକୁ ବାହାରି ଥାନ୍ତି। ମମତା ପରଘରେ ରୋଷେୟା ଅଛନ୍ତି। ଅବଶ୍ୟ ତାଙ୍କ ସ୍ୱାମୀ ଯେତିକି ଟଙ୍କା ରୋଜଗାର କରନ୍ତି, ସମାନ ଆୟ ମମତା କରୁଥିଲେ ମଧ୍ୟ ଘର କାମ ସବୁ ତାଙ୍କୁ କରିବାକୁ ପଡ଼ିଥାଏ। ଏଥିରେ ତାଙ୍କ ସ୍ୱାମୀଙ୍କର ସହଯୋଗ ମିଳି ନ ଥାଏ। ତେବେ ଏ କାହାଣୀ କେବଳ ମମତାଙ୍କର ନୁହେଁ, ତାଙ୍କ ଭଳି ଅନେକ ମହିଳାଙ୍କର। ଯେଉଁମାନେ ଘରର ଯାବତୀୟ କାମ ଏକାକୀ କରି ଘର କାମରେ ନିଜକୁ ଅଧିକ ବେଶି ବ୍ୟସ୍ତ ଓ ଚାପରେ ରଖନ୍ତି।

**ଘରକାମରେ ପୁରୁଷଙ୍କ ଭାଗୀଦାରିତା କମ୍:** ଅଧିକାଂଶ ଘରେ ପୁରୁଷଙ୍କ ତୁଳନାରେ ମହିଳାମାନେ ଅଧିକ ଘରକାମ କରିଥାନ୍ତି। ନିତିଦିନ ଜୀବନରେ କିଛି କାମ ଏଭଳି ଥାଏ, ଯାହାକୁ ଦିନ ତମାମ ବାରମ୍ବାର କରିବାକୁ ପଡ଼ିଥାଏ। ୨୦୧୯ ର ଏକ ସର୍ଭେ ଅନୁସାରେ, ଭାରତୀୟ ମହିଳାମାନେ ପ୍ରତିଦିନ ପୁରୁଷଙ୍କ ତୁଳନାରେ ତିନି ଗୁଣ ଅଧିକ ଘର କାମ କରିଥାନ୍ତି। କେବଳ ସେତିକି ନୁହେଁ, ପରିବାର ସଦସ୍ୟଙ୍କ ସହ ସେମାନେ ଭାବନାତ୍ମକ ଭାବେ ଅଧିକ ଜଡ଼ିତ ଥାନ୍ତି। ଏପରିକି ପୁରୁଷଙ୍କ ତୁଳନାରେ ଘର ଲୋକଙ୍କ ଦେଖାଶୁଣା କରିବାରେ ମହିଳାମାନେ ଦୁଇ ଗୁଣ ଅଧିକ ସମୟ ଦିଅନ୍ତି। ଏ ଦୃଷ୍ଟିରୁ ଘର କାମରେ ପୁରୁଷଙ୍କ ଭାଗୀଦାରିତା କମ୍ ରହିଥାଏ।

**ବିଭିନ୍ନ ପ୍ରକାର ଅଦୃଶ୍ୟ ଘର କାମ:** ଘରେ ଅନେକ କାମ ଲୁଚି ରହିଥାଏ। ଯାହାକୁ ମାପିବା ବା ତଉଲିବା ସହଜ ନୁହେଁ। କାରଣ ଏହା ଥାଏ ଘରର ଏକପ୍ରକାର ଅଦୃଶ୍ୟ କାମ । ଏଇ ଯେମିତି ପିଲାଙ୍କ ଦେଖାଶୁଣା ଆଦି ଅନ୍ୟାନ୍ୟ କାମ କରିବା। ପିଲାଙ୍କ କାମକୁ ଅନେକ କାମ ବୋଲି ଭାବି ନ ଥାନ୍ତି। ଯାହାକୁ ଅନ୍ୟ କାମ ସହିତ କରିବାର ଯଥେଷ୍ଟ ଆବଶ୍ୟକତା ଥାଏ। ଏହି କାମ ଏମିତି କିଛି, ଯାହା କେତେବେଳେ ଆରମ୍ଭ ହୋଇ କେତେବେଳେ ଶେଷ ହୁଏ, ଜଣାପଡ଼ି ନ ଥାଏ। ତେବେ ପ୍ରତିଦିନ ଜଣେ ମହିଳା ଘରକାମ କେତେ କରୁଛନ୍ତି, ଯଦି ତାହାର ଚିଠା ପ୍ରସ୍ତୁତ କରାଯାଏ, ଏହା ଖୁବ୍ ଲମ୍ବା ହେବ। ସେହିପରି ବାହାର କାମ ସହିତ ଘରକାମ ଏକକାଳୀନ କରିବା ଦ୍ୱାରା ଅନେକ ମହିଳା ମାନସିକ ଚାପରେ ରହିଥାନ୍ତି। ବେଳେ ବେଳେ ବାହାରେ ଥାଇ ମଧ୍ୟ ସେମାନେ ଘରକାମ ହେଲା କି ନାହିଁ, ସଉଦା ଆଦି ଜିନିଷ ପହଞ୍ଚିଲା କି ନାହିଁ, ପିଲା ସ୍କୁଲରୁ ଆସିଲେ କି ନାହିଁ, ଖାଇଲା କି ନାହିଁ, ଶ୍ୱଶୁର ଔଷଧ ଖାଇଲେ କି ନାହିଁ ଆଦି କଥାକୁ ନେଇ ସେମାନେ ଚିନ୍ତାରେ ରହନ୍ତି। ଛୋଟ ମନେ ହେଉଥିବା ଏହି କାମ କିନ୍ତୁ ମହିଳାଙ୍କ ପାଇଁ ଖୁବ୍ ବଡ଼ ଦାୟିତ୍ୱ।

**କେମିତି କମିବ କାମ ବୋଝ:** ପୁରୁଷଟିଏ ଚାହିଁଲେ ମହିଳାଙ୍କ ଏହି ବୋଝକୁ କିଛି ପରିମାଣରେ କମ୍ କରିପାରିବେ। ପ୍ରଥମତଃ ସ୍ୱାମୀ-ସ୍ତ୍ରୀ ପରସ୍ପର ମଧ୍ୟରେ କିଏ କେଉଁ କାମ କରିବା ଦରକାର, ତାହା ନିଜ ନିଜ ମଧ୍ୟରେ ଭାଗ ବାଣ୍ଟିବା ଦରକାର। ଘର ଝାଡ଼ୁ କରିବା, ପରିବାର ସଦସ୍ୟଙ୍କ ଭଲମନ୍ଦ ବୁଝିବା ଭଳି ଅନେକ କାମକୁ ସମସ୍ତେ ଅଣଦେଖା କରନ୍ତି। ଏସବୁ ସମ୍ପର୍କରେ ପରସ୍ପର ମଧ୍ୟରେ ଖୋଲାଖୋଲି ଆଲୋଚନା କଲେ ହିଁ ମହିଳାଙ୍କ କାମ ଚାପ କମ୍ ହୋଇପାରିବ। ଅନ୍ୟପଟେ କମ୍ କାମ କରିବା ଦ୍ୱାରା ହିଁ ମହିଳାଙ୍କ ମାନସିକ ଚାପ କମ୍ ହେବ। ତେବେ ମହିଳାମାନେ କମ୍ ଘରକାମ କରିବା ଦ୍ୱାରା ପୁରୁଷଙ୍କ କାମ ପ୍ରତି ସହଭାଗିତା ବଢ଼ିବ।

# ଶାଢ଼ି ବ୍ରୁଚ୍ ଷ୍ଟାଇଲିସ୍ ଲୁକ୍



**ଶାଢ଼ି ବେଲ୍ଟ ଭଳି ଶାଢ଼ି ବ୍ରୁଚ୍ ମଧ୍ୟ ଟ୍ରେଣ୍ଡରେ ରହିଛି। ଏହା ଦେଖିବାକୁ ମଧ୍ୟ ଖୁବ୍ ସୁନ୍ଦର। ବଜାରରେ ଉଭୟ ସୁନା ଓ ରୂପାର ବିଭିନ୍ନ ଡିଜାଇନ ଓ ଆକାରର ଶାଢ଼ି ବ୍ରୁଚ୍ ମିଳୁଛି। ଯାହାକି ଶାଢ଼ିକୁ ଆକର୍ଷଣୀୟ ଲୁକ୍ ଦେଇଥାଏ।**





ଶାଢ଼ି ବ୍ରୁଚ୍‌ରେ ବିଭିନ୍ନ ରଙ୍ଗର ପଥର ତଥା ମୋତି ଖଞ୍ଜାଯାଇଥାଏ। ବ୍ରୁଚ୍ ଯେକୌଣସି ଶାଢ଼ିକୁ ଗ୍ଲାମରିୟସ୍ ଲୁକ୍ ଦେଇଥାଏ। ଏହା ଶାଢ଼ି କୁଞ୍ଚ ଓ ପଣତକୁ ସୁରକ୍ଷିତ ରଖିଥାଏ। ଏହାକୁ ବ୍ୟବହାର କରିବା ଦ୍ୱାରା ଜଣେ ଆରାମରେ ଦୀର୍ଘ ସମୟ ପର୍ଯ୍ୟନ୍ତ ବିନା କୌଣସି ସମସ୍ୟାରେ ଶାଢ଼ି ପିନ୍ଧି ରହନ୍ତି। ସେହିପରି ଏହାକୁ ବିଭିନ୍ନ ପ୍ରକାର ଶାଢ଼ି ସହିତ ପିନ୍ଧାଯାଏ ଓ ଭଲମାନେ। କ୍ଲାସିକ୍ ସିଲ୍କ ଶାଢ଼ିଠୁ ଆରମ୍ଭ କରି ସିଫନ୍ ଶାଢ଼ିରେ ପିନ୍ଧିଲେ ଭଲ ଲାଗେ। ଏହାକୁ କେବଳ ଶାଢ଼ି ନୁହେଁ, ସଲୱାର୍ ସୁଟ୍ ତଥା ଲେହେଙ୍ଗା ପାଇଁ ବ୍ୟବହାର କରାଯାଏ। ଶାଢ଼ି ବ୍ରୁଚ୍‌କୁ ବ୍ଲାଉଜ୍ ପଛରେ ବି ଲାଗାଇପାରିବେ। ସେହିପରି ଏହାକୁ ବ୍ୟବହାର କରି ଭିନ୍ନ ଲୁକ୍ ଚାହୁଁଥିଲେ, ଶାଢ଼ି ବ୍ରୁଚ୍‌କୁ ଅଣ୍ଟାରେ ମଧ୍ୟ ଲଗାଇପାରିବେ।

## ପରିଶ୍ରମ ପଡ଼ିଲେ ମଧ୍ୟ କାମ କରିବାକୁ ପଡ଼େ

ମୋତେ ଏବେ ୬୫ ବର୍ଷ ବୟସ। ଏହା ସତ୍ତ୍ୱେ ମଧ୍ୟ ମୁଁ କାହା ଉପରେ ନିର୍ଭର କରି ନାହିଁ। ଆଜକୁ ପ୍ରାୟ ସାତ ,ଆଠ ବର୍ଷ ଧରି ପର ଘରେ କାମ କରିବା ସହ ହଷ୍ଟେଲରେ ସଫାସଫି କାମ କରିଆସୁଛି । ପରିବାରର ଆର୍ଥିକସ୍ଥିତି ଭଲ ନଥିବାରୁ ମୋତେ ଏହି କାମ କରିବାକୁ ପଡୁଛି । ସ୍ୱାମୀ ଚାଲିଗଲା ପରେ ଧାରକରଜ ଅଧିକ ହୋଇଗଲା। ସେଥିପାଇଁ କ'ଣ କରିବି ବୋଲି କିଛି ଜାଣିପାରିଲି ନାହିଁ। ସେଇଠୁ କିଛି କାମ କରିବି ବୋଲି ଭାବିଲି । ପରେ ଭୁବନେଶ୍ୱରରେ ଆସି ଆମେ ମାଆ ପୁଅ ଦୁଇଜଣ ରହି ପର ଘରେ କାମ କରି ପରିବାର ଚଳାଉଛୁ । ଅନ୍ୟମାନଙ୍କ ଘରକାମ ସହିତ ନିଜ ଘରର ଘର କାମ ସବୁକିଛି କରିଥାଏ। ଏନେଇ ମୋତେ କେହି ସାହାଯ୍ୟ ମଧ୍ୟ କରି ନ ଥାନ୍ତି। ଯଦିଓ କାମ ଚାପରେ ରହେ ତଥାପି କାମରୁ ନିଜକୁ ଦୂରେଇ ରଖି ନାହିଁ। ରାତି ୩ଟାରୁ ଉଠି ପୁଅ ପାଇଁ ରୋଷେଇ କଲେ ସେ ଖାଇ କାମକୁ ଯାଏ । ଦିନକୁ ପ୍ରାୟ ୮ଟି ଘରେ କାମ କରେ । ପରିଶ୍ରମ ପଡ଼େ କିନ୍ତୁ କାମ କରିବାକୁ ମୋତେ ପଡ଼େ। ନିଜ କାମକୁ ନେଇ ସମସ୍ତଙ୍କର ଚିନ୍ତା ରହିଥାଏ । ମୋ ମୁଣ୍ଡ ଭିତରେ ଚାଲିଥାଏ କି କେମିତି ଠିକ୍ ସମୟରେ ପହଞ୍ଚି ଜଲଦି ସମସ୍ତଙ୍କ ଘରକାମ ଶେଷ କରିବି ।

- ଯମୁନା ତାଡ଼ତିଆ, ଗଞ୍ଜାମ

## ହୋଟେଲ କାମ ସହିତ ଘର କାମ କରେ

ପରିବାରରେ ମୋଟ ୫ଜଣ ରୁହନ୍ତି । ଆଜିର ମହରଗ ଦୁନିଆରେ ଖାଲିରେ ଘରେ ବସିଲେ ଚଳିବନି। ସେଥିପାଇଁ ଗୋଟିଏ ହୋଟେଲରେ କାର୍ଯ୍ୟ କରୁଛି । ଦିନକୁ ୯ ଘଣ୍ଟା ହୋଟେଲରେ କାମ କରିବାକୁ ପଡ଼ିଥାଏ । କାମସାରି ଘରକୁ ଆସିଲା ପରେ ଘରର ଯାବତୀୟ କାମ କରିବାକୁ ପଡ଼ିଥାଏ । ଶାରୀରିକ ସ୍ତରରେ ଅଧିକ ପରିଶ୍ରମ କରିବାକୁ ହୁଏ। ମୁଣ୍ଡ ଭିତରେ ସବୁବେଳେ ଚିନ୍ତାଥାଏ କାମ କେମିତି ଭଲରେ ହେବ। ନିହାତି ଭାବେ ଜଣେ ଗୃହିଣୀ କେବଳ ଘର ସମ୍ଭାଳନ୍ତି ଏବଂ ନିଜ ପରିବାର ଲୋକଙ୍କ ଦେଖାଶୁଣା କରନ୍ତି । କିନ୍ତୁ ଯେଉଁମାନେ ଘର ଏବଂ ବାହାରେ କାର୍ଯ୍ୟ କରନ୍ତି, ସେମାନେ ମାନସିକ ସ୍ତରରେ ସର୍ବଦା ବ୍ୟସ୍ତତା ମଧ୍ୟରେ ଗତି କରନ୍ତି ।

- ରୁକ୍ମଣୀ ଦାସ, ପୁରୀ

# ଲମ୍ବା କେଶ ପାଇଁ ପିଆଜ ରସ



**କେଶକୁ ଘନ ଓ ଲମ୍ବା କରିବା ପାଇଁ ଅନେକ ମହିଳା ମହଙ୍ଗା ଉତ୍ପାଦ ବ୍ୟବହାର କରନ୍ତି। ତେବେ ଏସବୁର ବ୍ୟବହାର ସବୁବେଳେ କେଶ ପାଇଁ ହିତକର ନୁହେଁ। ଏହାକୁ ବାଦ୍ ଦେଇ କେଶକୁ ଘନ ଓ ଲମ୍ବା କରିବା ପାଇଁ ପିଆଜ ରସ ବ୍ୟବହାର କରିପାରିବେ।**

- କେଶ ଅଧିକ ଝଡ଼ୁଥିଲେ ପିଆଜ ରସ ବ୍ୟବହାର କରିପାରିବେ।
- ପିଆଜ ରସ ଲଗାଇବା ଦ୍ୱାରା ରୁପି ସମସ୍ୟା ଦୂର ହୁଏ।
- କେଶ ରୁକ୍ଷ ଓ କେଶ ମୂଳ କୁଣ୍ଡେଇ ହେବା ସମସ୍ୟାରୁ ମୁକ୍ତି ଦିଏ ।
- ଏହା କେଶକୁ ମୂଳରୁ ମଜଭୁତ୍ କରିଥାଏ।
- ପିଆଜ ରସକୁ ସପ୍ତାହକୁ ଦୁଇଥର କେଶରେ ଲଗାନ୍ତୁ।
- ମାସେ ଲଗାଇବା ପରେ ଫରକ୍ ଅନୁଭବ କରିପାରିବେ।



# ଆଲମଣ୍ଡ ମଟନ

ମୋ ହାଣ୍ଡିଶାଳରୁ...



**ଆବଶ୍ୟକୀୟ ସାମଗ୍ରୀ:** ମଟନ୍: ୫୦୦ ଗ୍ରାମ୍, ପିଆଜ: ଅଧାକପ୍, ଅଦା ରସୁଣ ପେଷ୍ଟ: ଅଧା ଚାମଚ, ଆଲମଣ୍ଡ: ଅଧା କପ୍, କଞ୍ଚା ଲଙ୍କା ପେଷ୍ଟ: ଅଧା ଚାମଚ, ଦହି: ଅଧା କପ୍, ଗୋଲମରିଚ: ଅଧା ଚାମଚ, ପାନମହୁରି: ଅଧା ଚାମଚ, ଗୋଟା ଧନିଆ: ଅଧା ଚାମଚ, ଲବଙ୍ଗ, ଗୁଜୁରାତି, ଡାଲଚିନି: ଅଳ୍ପ କିଛି, ଲଙ୍କା ଗୁଣ୍ଡ: ଅଧା ଚାମଚ, ହଳଦି ଗୁଣ୍ଡ: ଅଧା ଚାମଚ, ଲୁଣ, ସ୍ୱାଦ ଅନୁସାରେ, ଗୁଆଘିଅ: ଏକ ଚାମଚ, ରିଫାଇନ୍ ତେଲ: ଆବଶ୍ୟକତା ଅନୁସାରେ।

**ପ୍ରସ୍ତୁତି ପ୍ରଣାଳି:** ପ୍ରଥମେ ମଟନ୍‌କୁ ଭଲଭାବେ ଧୋଇ ରଖନ୍ତୁ। ସେଥିରେ ଗୋଲମରିଚ ଗୁଣ୍ଡ, କଞ୍ଚା ଲଙ୍କା ପେଷ୍ଟ, ଦହି, ଅଦା ରସୁଣ ପେଷ୍ଟ, ଲୁଣ ପକାଇ ଗୋଳାଇ ଅଧ ଘଣ୍ଟା ରଖନ୍ତୁ। ଏହାପରେ ଚୁଲି ଲଗାଇ କଡ଼େଇ ବସାନ୍ତୁ। ସେଥିରେ ପାନମଧୁରି, ଗୋଟା ଜିରା, ଧନିଆ, ଗୋଲମରିଚ, ଗୁଜୁରାତି, ଡାଲଚିନି, ଲବଙ୍ଗ ପକାଇ ହାଲକା ଭାଜନ୍ତୁ। ଏସବୁ ଥଣ୍ଡା ହେବା ପରେ ଗୁଣ୍ଡ କରି ରଖନ୍ତୁ। ପୁଣି ଥରେ ଚୁଲାରେ କଡ଼େଇ ବସାଇ କିଛି ପାଣି ଦିଅନ୍ତୁ। ସେଥିରେ ପିଆଜ ଓ ଆଲମଣ୍ଡ ପକାନ୍ତୁ। କିଛି ସମୟ ପରେ ଆଲମଣ୍ଡରୁ ଚୋପା ଛଡ଼ାଇ ଦିଅନ୍ତୁ। ପୁଣି ସେହି ପାଣିରେ କିଛି ସମୟ ଫୁଟାନ୍ତୁ। ଏହାକୁ ଥଣ୍ଡା କରି ବାଟି ରଖନ୍ତୁ। ଏବେ ପ୍ରେସ୍‌ର କୁକର୍‌ରେ ରିଫାଇନ୍ ତେଲ ଦେଇ ସେଥିରେ ମଟନ୍ ଦିଅନ୍ତୁ। ମଟନ୍‌ରେ ଆଦୌ ପାଣି ନ ଦେଇ ୫-୬ଟି ହ୍ୱିସଲ୍ ଆସିବା ପର୍ଯ୍ୟନ୍ତ ସିଝାନ୍ତୁ। ଏହାପରେ ପୁଣି ଥରେ କଡ଼େଇ ବସାନ୍ତୁ। ସେଥିରେ ଦୁଇ ଚାମଚ ଘିଅ ଦେଇ ସେଥିରେ ବଟା ମସଲା ପକାନ୍ତୁ। ସେଥିରେ ହଳଦି ଗୁଣ୍ଡ, ଲଙ୍କା ଗୁଣ୍ଡ ପକାଇ କଷନ୍ତୁ। ମସଲା ଟିକେ କଷି ହୋଇ ଆସିଲେ ସେଥିରେ ମଟନ୍ ପକାଇ କଷନ୍ତୁ। କିଛି ସମୟ କଷିବା ପରେ ଅଳ୍ପ ଉଷୁମ ପାଣି ଦେଇ ୫ ମିନିଟ୍ ଫୁଟାନ୍ତୁ। ଏହାପରେ ଭଜା ମସଲା ଗୁଣ୍ଡ, କଟା ଅଦା ଓ କଟା କଞ୍ଚା ଲଙ୍କା ପକାଇ ଗୋଳାଇ ଚୁଲା ବନ୍ଦ କରି ଦିଅନ୍ତୁ। ଏବେ ପ୍ରସ୍ତୁତ ହୋଇଗଲା 'ଆଲମଣ୍ଡ ମଟନ।'



# କୋମଳ ହାତ ପାଇଁ...



**ସାଧାରଣତଃ ବାସନ ଧୋଇବା ଯୋଗୁଁ ମହିଳାଙ୍କ ହାତ ରୁକ୍ଷ ହୋଇଥାଏ। ଲଗାତାର ପାଣିରେ କାମ କରିବା ଓ ସାବୁନ୍ ଓ ସର୍ଫ ବ୍ୟବହାର କରିବା ଯୋଗୁଁ ଏହି ସମସ୍ୟା ସୃଷ୍ଟି ହୁଏ। ମୁହଁ ଭଳି ହାତର ତ୍ୱଚା ମଧ୍ୟ ସମ୍ବେଦନଶୀଳ ହୋଇଥାଏ। ଶୀତଦିନେ ଏହି ସମସ୍ୟା ଅଧିକ ହୋଇଥାଏ। ତେବେ ନିମ୍ନ ପ୍ରଦତ୍ତ କେତେକ ଟିପ୍ସକୁ ଆପଣାଇ ହାତକୁ ସୁନ୍ଦର ଓ ମୁଲାୟମ୍ ରଖିପାରିବେ।**

- ଦିନକୁ ଦୁଇଥର ବାସନ ଧୁଅନ୍ତୁ। ବାସନକୁ ଧୋଇବା ପରେ ହାତକୁ ଭଲଭାବେ ସଫା କରି ତଉଲିଆରେ ପୋଛନ୍ତୁ। ହାତକୁ ଓଦା ରଖନ୍ତୁ ନାହିଁ।
- ଉଷୁମ ପାଣିରେ ବାସନ ଧୁଅନ୍ତୁ।
- ଘିକୁଆଁରୀ ଯୁକ୍ତ ହ୍ୟାଣ୍ଡ କ୍ରିମ୍ ଲଗାନ୍ତୁ।
- ନଡ଼ିଆ ତେଲରେ ହାତକୁ ମାଲିସ୍ କରନ୍ତୁ।
- ସପ୍ତାହକୁ ହାତକୁ ଥରେ ସ୍କ୍ରବ୍ କରନ୍ତୁ। ତା'ସହ ମାନିକିୟୋର୍ କରନ୍ତୁ।
- ହାତକୁ ମୁଲାୟମ ରଖିବା ପାଇଁ ପ୍ରତିଦିନ ରାତିରେ ମଏଶ୍ଚରାଇଜର, ହ୍ୟାଣ୍ଡ କ୍ରିମ୍ ଓ ତେଲ ଲଗାନ୍ତୁ।

# ଫଟା ପାଦ ପାଇଁ ସ୍କ୍ରବ୍



**ପାଦ ଫାଟିବା ଏକ ସାଧାରଣ ସମସ୍ୟା। ତେବେ ଶୀତଦିନେ ଏହି ସମସ୍ୟା ବଢ଼ିଥାଏ। ଅନେକ ଏହି ସମସ୍ୟାକୁ ଅଣଦେଖା କରନ୍ତି ଓ ଏହାର ଉପଯୁକ୍ତ ଯତ୍ନ ନିଅନ୍ତି ନାହିଁ। ତେବେ ଘରୋଇ ସ୍କ୍ରବ୍ ଦ୍ୱାରା ପାଦ ଫାଟିବା ବନ୍ଦ ହେବ। ତା' ସହ ପାଦ ବି ସୁନ୍ଦର ଦିଶିବ।**

- ଦୁଇ ଚାମଚ ଓଟ୍ସକୁ ଭଲଭାବେ ଗ୍ରାଇଣ୍ଡିଂ କରନ୍ତୁ। ସେଥିରେ ଦୁଇ ଚାମଚ ଚିନି, ଘିଁକୁଆରୀ ରସ, ମହୁ, ଲେମ୍ବୁ ରସ, ଅଲିଭ ତେଲ ମିଶାଇ ଏକ ପ୍ୟାକ୍ ପ୍ରସ୍ତୁତ କରନ୍ତୁ।
- ଏହାକୁ ପାଦରେ ଲଗାଇ ମାଲିସ୍ କରନ୍ତୁ।
- ଦଶ ମିନିଟ୍ ପରେ ପାଦକୁ ଥଣ୍ଡା ପାଣିରେ ଧୋଇ ଦିଅନ୍ତୁ।

# ପ୍ରଦୂଷଣରୁ ତ୍ୱଚା ରହିବ ସୁରକ୍ଷିତ



**ପ୍ରଦୂଷଣ କେବଳ ସ୍ୱାସ୍ଥ୍ୟ ଉପରେ ପ୍ରଭାବ ପକାଇ ନ ଥାଏ। ଏହାର ପ୍ରଭାବ ତ୍ୱଚା ଉପରେ ମଧ୍ୟ ପଡ଼େ। କିଛି ଘରୋଇ ଉପାୟକୁ ଆପଣାଇ ତ୍ୱଚାକୁ ମଧ୍ୟ ପ୍ରଦୂଷଣରୁ ସୁରକ୍ଷିତ ଓ ସୁନ୍ଦର ରଖିପାରିବେ।**

- ମହୁ, ଚିନି ଓ ଲେମ୍ବୁ ରସ ମିଶାଇ ଏକ ପ୍ୟାକ୍ ପ୍ରସ୍ତୁତ କରନ୍ତୁ। ଏହାକୁ ସପ୍ତାହକୁ ଦୁଇ ଥର ବ୍ୟବହାର କରନ୍ତୁ।
- ପ୍ରଦୂଷଣରୁ ତ୍ୱଚାକୁ ମୁକ୍ତ ରଖିବା ପାଇଁ ପ୍ରତିଦିନ ରାତିରେ ମୁହଁରେ ଘିକୁଆଁରୀ ଜେଲ୍ ଲଗାନ୍ତୁ।
- ପାଚିଲା ଅତୃତଭଣ୍ଡାକୁ ମୁହଁରେ ୨୦ ମିନିଟ୍ ପର୍ଯ୍ୟନ୍ତ ମାଲିସ୍ କରନ୍ତୁ।
- ଗୋଲାପ ଜଳ ମୁହଁକୁ ସଫା ରଖିବାରେ ସାହାଯ୍ୟ କରେ। ଏହାକୁ ମଧ୍ୟ ମୁହଁରେ ଲଗାଇ ପାରିବେ।
- ଘରୁ ବାହାରିବା ସମୟରେ ମୁହଁକୁ ଭଲଭାବେ ଘୋଡ଼ାନ୍ତୁ। ଏଥିପାଇଁ ମୋଟା ତଥା ମୁଲାୟମ ସ୍କାର୍ଫ ବ୍ୟବହାର କରିପାରିବେ।
- ପ୍ରଦୂଷଣରୁ ରକ୍ଷା ପାଇବା ପାଇଁ ଦିନରେ ମୁହଁକୁ ତିନି ଥର ଧୁଅନ୍ତୁ।

## କୋହଲିଙ୍କ ଶତକ

| କ୍ର.ସଂ. | ରନ | ପ୍ରତିପକ୍ଷ | ବର୍ଷ | ଭେନ୍ୟୁ |
|---|---|---|---|---|
| ୧ | ୧୦୭ | ଶ୍ରୀଲଙ୍କା | ୨୦୦୯ | କୋଲକାତା |
| ୨ | ୧୦୨* | ବାଂଲାଦେଶ | ୨୦୧୦ | ମୀରପୁର |
| ୩ | ୧୧୮ | ଅଷ୍ଟ୍ରେଲିଆ | ୨୦୧୦ | ଭାଇଜାଗ |
| ୪ | ୧୦୫ | ନ୍ୟୁଜିଲାଣ୍ଡ | ୨୦୧୦ | ଗୌହାଟୀ |
| ୫ | ୧୦୦* | ବାଂଲାଦେଶ | ୨୦୧୧ | ମୀରପୁର |
| ୬ | ୧୦୭ | ଇଂଲଣ୍ଡ | ୨୦୧୧ | ସୋଫିଆ ଗାର୍ଡେନ୍ସ |
| ୭ | ୧୧୨* | ଇଂଲଣ୍ଡ | ୨୦୧୧ | ଦିଲ୍ଲୀ |
| ୮ | ୧୧୭ | ୱେଷ୍ଟଇଣ୍ଡିଜ | ୨୦୧୧ | ଭାଇଜାଗ |
| ୯ | ୧୩୩* | ଶ୍ରୀଲଙ୍କା | ୨୦୧୨ | ହୋବାର୍ଟ |
| ୧୦ | ୧୦୮ | ଶ୍ରୀଲଙ୍କା | ୨୦୧୨ | ମୀରପୁର |
| ୧୧ | ୧୮୩ | ପାକିସ୍ତାନ | ୨୦୧୨ | ମୀରପୁର |
| ୧୨ | ୧୦୬ | ଶ୍ରୀଲଙ୍କା | ୨୦୧୨ | ହାମ୍ବାଣ୍ଟୋଟା |
| ୧୩ | ୧୨୮* | ଶ୍ରୀଲଙ୍କା | ୨୦୧୨ | କଲମ୍ବୋ |
| ୧୪ | ୧୦୨ | ୱେଷ୍ଟଇଣ୍ଡିଜ | ୨୦୧୩ | ପୋର୍ଟ ଅଫ୍ ସ୍ପେନ |
| ୧୫ | ୧୧୫ | ଜିମ୍ବାୱେ | ୨୦୧୩ | ହରାରେ |
| ୧୬ | ୧୦୦* | ଅଷ୍ଟ୍ରେଲିଆ | ୨୦୧୩ | ଜୟପୁର |
| ୧୭ | ୧୧୫* | ଅଷ୍ଟ୍ରେଲିଆ | ୨୦୧୩ | ନାଗପୁର |
| ୧୮ | ୧୨୩ | ନ୍ୟୁଜିଲାଣ୍ଡ | ୨୦୧୪ | ନାପିଏର୍ |
| ୧୯ | ୧୩୬ | ବାଂଲାଦେଶ | ୨୦୧୪ | ଫତୁଲ୍ଲା |
| ୨୦ | ୧୨୭ | ୱେଷ୍ଟଇଣ୍ଡିଜ | ୨୦୧୪ | ଧର୍ମଶାଳା |
| ୨୧ | ୧୩୯* | ଶ୍ରୀଲଙ୍କା | ୨୦୧୪ | ରାଞ୍ଚି |
| ୨୨ | ୧୦୭ | ପାକିସ୍ତାନ | ୨୦୧୫ | ଆଡିଲେଡ୍ |
| ୨୩ | ୧୩୮ | ଦ.ଆଫ୍ରିକା | ୨୦୧୫ | ଚେନ୍ନଇ |
| ୨୪ | ୧୧୭ | ଅଷ୍ଟ୍ରେଲିଆ | ୨୦୧୬ | ମେଲବୋର୍ଣ୍ଣ |
| ୨୫ | ୧୦୬ | ଅଷ୍ଟ୍ରେଲିଆ | ୨୦୧୬ | କାନବେରା |
| ୨୬ | ୧୫୪* | ନ୍ୟୁଜିଲାଣ୍ଡ | ୨୦୧୬ | ମୋହାଲି |
| ୨୭ | ୧୨୨ | ଇଂଲଣ୍ଡ | ୨୦୧୭ | ପୁଣେ |
| ୨୮ | ୧୧୧* | ୱେଷ୍ଟଇଣ୍ଡିଜ | ୨୦୧୭ | କିଙ୍ଗ୍‌ସଟନ |
| ୨୯ | ୧୩୧ | ଶ୍ରୀଲଙ୍କା | ୨୦୧୭ | କଲମ୍ବୋ |
| ୩୦ | ୧୧୦* | ଶ୍ରୀଲଙ୍କା | ୨୦୧୭ | କଲମ୍ବୋ |
| ୩୧ | ୧୨୧ | ନ୍ୟୁଜିଲାଣ୍ଡ | ୨୦୧୭ | ୱାଙ୍ଖେଡେ |
| ୩୨ | ୧୧୩ | ନ୍ୟୁଜିଲାଣ୍ଡ | ୨୦୧୭ | କାନପୁର |
| ୩୩ | ୧୧୨ | ଦ.ଆଫ୍ରିକା | ୨୦୧୮ | ଡର୍ବାନ |
| ୩୪ | ୧୬୦* | ଦ.ଆଫ୍ରିକା | ୨୦୧୮ | କେପ୍ ଟାଉନ |
| ୩୫ | ୧୨୯* | ଦ.ଆଫ୍ରିକା | ୨୦୧୮ | ସେଞ୍ଚୁରିଅନ |
| ୩୬ | ୧୪୦ | ୱେଷ୍ଟଇଣ୍ଡିଜ | ୨୦୧୮ | ଗୌହାଟୀ |
| ୩୭ | ୧୫୭* | ୱେଷ୍ଟଇଣ୍ଡିଜ | ୨୦୧୮ | ଭାଇଜାଗ |
| ୩୮ | ୧୦୭ | ୱେଷ୍ଟଇଣ୍ଡିଜ | ୨୦୧୮ | ପୁଣେ |
| ୩୯ | ୧୦୪ | ଅଷ୍ଟ୍ରେଲିଆ | ୨୦୧୯ | ଆଡିଲେଡ୍ |
| ୪୦ | ୧୧୬ | ଅଷ୍ଟ୍ରେଲିଆ | ୨୦୧୯ | ନାଗପୁର |
| ୪୧ | ୧୨୩ | ଅଷ୍ଟ୍ରେଲିଆ | ୨୦୧୯ | ରାଞ୍ଚି |
| ୪୨ | ୧୨୦ | ୱେଷ୍ଟଇଣ୍ଡିଜ | ୨୦୧୯ | ପୋର୍ଟ ଅଫ୍ ସ୍ପେନ |
| ୪୩ | ୧୧୪* | ୱେଷ୍ଟଇଣ୍ଡିଜ | ୨୦୧୯ | ପୋର୍ଟ ଅଫ୍ ସ୍ପେନ |
| ୪୪ | ୧୧୩ | ବାଂଲାଦେଶ | ୨୦୨୨ | ଚାଟ୍ଟୋଗ୍ରାମ |
| ୪୫ | ୧୧୩ | ଶ୍ରୀଲଙ୍କା | ୨୦୨୩ | ଗୌହାଟୀ |
| ୪୬ | ୧୬୬* | ଶ୍ରୀଲଙ୍କା | ୨୦୨୩ | ଥିରୁଅନନ୍ତପୁରମ |
| ୪୭ | ୧୨୨* | ପାକିସ୍ତାନ | ୨୦୨୩ | କଲମ୍ବୋ |
| ୪୮ | ୧୦୩* | ବାଂଲାଦେଶ | ୨୦୨୩ | ପୁଣେ |
| ୪୯ | ୧୦୧* | ଦ.ଆଫ୍ରିକା | ୨୦୨୩ | କୋଲକାତା |
| ୫୦ | ୧୧୭ | ନ୍ୟୁଜିଲାଣ୍ଡ | ୨୦୨୩ | ୱାଙ୍ଖେଡେ |

### 'ମାଷ୍ଟର ବ୍ଲାଷ୍ଟର' ତେନ୍ଦୁଲକରଙ୍କ ବିଶ୍ୱରେକର୍ଡ ଭାଙ୍ଗିଲେ 'କିଙ୍ଗ' କୋହଲି

# ବିରାଟ @୫୦, ସଚିନ @୪୯

ମୁମ୍ବାଇ, ୧୫।୧୧(ଏଜେନ୍ସି): ବିରାଟ 'କିଙ୍ଗ' କୋହଲି ଅନ୍ତର୍ଜାତୀୟ କ୍ରିକେଟରେ ସଚିନ ତେନ୍ଦୁଲକରଙ୍କ ନାମରେ ଥିବା ଦିନିକିଆ କ୍ରିକେଟରେ ସର୍ବାଧିକ ୪୯ଟି ଶତକର ରେକର୍ଡ ଭାଙ୍ଗିଦେଇଛନ୍ତି। ସ୍ଥାନୀୟ ୱାଙ୍ଖେଡେ ଷ୍ଟାଡିୟମ୍‌ରେ ବୁଧବାର ଖେଳାଯାଇଥିବା ନ୍ୟୁଜିଲାଣ୍ଡ ବିପକ୍ଷ ଦିନିକିଆ ବିଶ୍ୱକପ୍ ସେମିଫାଇନାଲରେ ବିରାଟ ୫୦ଟି ଶତକ ହାସଲ କରି ନିଜ ଅନ୍ତର୍ଜାତୀୟ କ୍ରିକେଟରେ ସବୁଠାରୁ ମହତ୍ତ୍ୱପୂର୍ଣ୍ଣ ରେକର୍ଡ ହାସଲ କରିଛନ୍ତି। ନିଜର ଆଦର୍ଶ ଖେଳାଳି ସଚିନ ତେନ୍ଦୁଲକରଙ୍କ ଉପସ୍ଥିତିରେ ବିରାଟଙ୍କ ଏହି ବିଶ୍ୱରେକର୍ଡ ନିଶ୍ଚିତଭାବେ ଏକ ଉଲ୍ଲେଖନୀୟ ଘଟଣା। ନିଜ ପତ୍ନୀ ଓ ଡେଭିଡ୍ ବେକ୍‌ହାମଙ୍କ ପରି ବିଶ୍ୱର କିମ୍ବଦନ୍ତୀ ଫୁଟବଲର ଓ ନାମୀ ଦାମୀ ବ୍ୟକ୍ତିବିଶେଷଙ୍କ ଉପସ୍ଥିତିରେ ବିରାଟ ଏହି ବିଶ୍ୱରେକର୍ଡ କରିଛନ୍ତି। ଏହି ରେକର୍ଡ ହାସଲ କରିବା ପରେ ନତମସ୍ତକ ହୋଇ ସଚିନଙ୍କୁ ସମ୍ମାନ ଜଣାଇବା ଓ ପରେ ପତ୍ନୀ ଅନୁସ୍କାଙ୍କୁ ଫ୍ଲାଇଂ କିସ୍ ଦେବା କୋହଲିଙ୍କ ଉଚ୍ଚକୋଟୀର ବ୍ୟବହାରକୁ ସୂଚାଇଥାଏ। ବିଶ୍ୱକପ୍ ଭଳି ସମ୍ମାନଜନକ ମୁକାବିଲାରେ ଦିନିକିଆ କ୍ରିକେଟରେ ସର୍ବାଧିକ ୫୦ଟି ଶତକ ହାସଲ କରିବା, ଗୋଟିଏ ବିଶ୍ୱକପ୍‌ରେ ଆଉ ଗୋଟିଏ ମ୍ୟାଚ୍ ବାକିଥାଇ ସର୍ବାଧିକ ୭୧୧ ରନ୍ କରିବା ଫଳରେ କିଙ୍ଗ କୋହଲି ନିଜ ଜାଜ୍ୱଲ୍ୟମାନ କ୍ରିକେଟ ଜୀବନକୁ ସ୍ମରଣୀୟ କରିପାରିଛନ୍ତି। ଉଭୟ ରେକର୍ଡ ମାଷ୍ଟର ବ୍ଲାଷ୍ଟର ସଚିନ ତେନ୍ଦୁଲକରଙ୍କ ନାମରେ ରହିଥିଲାବେଳେ ଦିନିକିଆ କ୍ରିକେଟରେ ମଧ୍ୟ ରିକି ପଣ୍ଟିଂଙ୍କୁ ଅତିକ୍ରମ କରି ତୃତୀୟ ସର୍ବାଧିକ ସ୍କୋରର ହୋଇଛନ୍ତି। ପଣ୍ଟିଂ ୧୩, ୭୦୪ ରନ୍ କରିଥିଲାବେଳେ ଏହି ମ୍ୟାଚ୍‌ରେ ୧୧୩ ବଲ୍‌ରୁ ୧୧୭ ରନ୍ କରିବା ପରେ କୋହଲି ୧୩, ୭୯୪ ରନ୍ କରିଛନ୍ତି।

ୱାଙ୍ଖେଡେ ଷ୍ଟାଡିୟମ୍‌ରେ କୋହଲି ପୁଣିଥରେ ଧୈର୍ଯ୍ୟପୂର୍ଣ୍ଣ ବ୍ୟାଟିଂ ପ୍ରଦର୍ଶନ କରି ୧୦୬ ବଲ୍‌ରୁ ୮ ଚୌକା ଓ ଗୋଟିଏ ଛକା ସହ ୫୦ତମ ଶତକ ପୂରଣ କରିଥିଲେ। ଚଳିତ ବିଶ୍ୱକପ୍‌ରେ ଏହା ତାଙ୍କର ତୃତୀୟ ଏବଂ ସମସ୍ତ ବିଶ୍ୱକପ୍‌ରେ ୫ମ ଶତକ। ପୂର୍ବରୁ ସେ ଦକ୍ଷିଣ ଆଫ୍ରିକା ବିପକ୍ଷରେ ୧୦୧ ଓ ବାଂଲାଦେଶ ବିପକ୍ଷରେ ଅପରାଜିତ ୧୦୩ ରନ୍ କରିଥିଲେ। ଏହି ଟୁର୍ଣ୍ଣାମେଣ୍ଟରେ ମଧ୍ୟ ସେ ଆଉ ଦୁଇଥର ଅଳ୍ପକେ ଶତକ ହାସଲରୁ ବଞ୍ଚିତ ହୋଇଥିଲେ। ଭାରତୀୟ ପାଳିର ୪୪ତମ ଓଭରରେ ସେ ୧୧୩ ବଲରେ ୧୧୭ ରନ୍ କରିବା ପରେ ଆଉଟ ହୋଇଥିଲେ। ଆଉଟ ହେବାର କିଛି ସମୟ ପୂର୍ବରୁ ମାଂସପେଶୀ ଟାଣି ହୋଇଯିବାରୁ ଖେଳିବାରେ କଷ୍ଟ ଅନୁଭବ କରିଥିଲେ। ଏହା ସତ୍ତ୍ୱେ କ୍ରିଜ୍‌ରେ ରହି ସେ ରେକର୍ଡ ଶତକ ହାସଲ କରିବା ସହ ଭାରତକୁ ଏକ ଦୃଢ଼ ସ୍ଥିତିରେ ପହଞ୍ଚାଇଥିଲେ।

## ସଚିନଙ୍କୁ ସମ୍ମାନ, ଅନୁଷ୍କାଙ୍କୁ ଫ୍ଲାଇଂ କିସ୍

କିଙ୍ଗ କୋହଲି ଏଠାରେ ୫୦ତମ ଦିନିକିଆ ଅନ୍ତର୍ଜାତୀୟ ଶତକ ହାସଲ କରିବା ପରେ ମାଂସପେଶୀରେ ଆଘାତ ଲାଗିବାରୁ ଭଲ ଭାବେ ସିଲେବ୍ରେସନ କରିପାରି ନଥିଲେ। ଏହା ପରେ ସେ ତାଙ୍କ ଆଦର୍ଶ ଖେଳାଳି ସଚିନଙ୍କ ରେକର୍ଡ ଭାଙ୍ଗିଥିବାରୁ ତାଙ୍କୁ ନତମସ୍ତକ କରି ସମ୍ମାନ ଜଣାଇଥିଲେ। ଷ୍ଟାଡିୟମ୍‌ରେ ସଚିନ ଉପସ୍ଥିତ ଥିଲେ ଓ ପରେ ସେ ପଡ଼ିଆକୁ ଆସି ବିରାଟଙ୍କୁ ଅଭିନନ୍ଦନ ଜଣାଇଥିଲେ। ଏହି ସେମିଫାଇନାଲ ମୁକାବିଲାକୁ ମଧ୍ୟ ପତ୍ନୀ ଅନୁସ୍କା ଶର୍ମା ଷ୍ଟାଡିୟମ୍‌ରେ ବସି ଉପଭୋଗ କରୁଥିଲେ। କୋହଲି ଶତକ ହାସଲ କରିବା ପରେ ଅନୁସ୍କା ଫ୍ଲାଇଂ କିସ୍ କରି ଅଭିନନ୍ଦନ ଜଣାଇଥିଲେ। ସଚିନଙ୍କୁ ସମ୍ମାନ ଜଣାଇବା ପରେ ବିରାଟ ପତ୍ନୀଙ୍କୁ ଓଲଟା ଫ୍ଲାଇଂ କିସ୍ କରି ଅଭିବାଦନ ଜଣାଇଥିଲେ।








## ଛୋଟ ପିଲାଟି 'ବିରାଟ ଖେଳାଳି' ହୋଇପାରିଛି: ସଚିନ

ମୁମ୍ବାଇ, ୧୫।୧୧ (ଏଜେନ୍ସି): ବିରାଟ କୋହଲିଙ୍କ ୫୦ତମ ଏକଦିବସୀୟ ଶତକ ପରେ କିମ୍ବଦନ୍ତୀ ବ୍ୟାଟର୍ ସଚିନ ତେନ୍ଦୁଲକର ତାଙ୍କୁ ସାମାଜିକ ଗଣମାଧ୍ୟମ 'ଏକ୍ସ' ଜରିଆରେ ଶୁଭେଚ୍ଛା ଜଣାଇଛନ୍ତି। 'ମୁଁ ଯେତେବେଳେ ତୁମକୁ ପ୍ରଥମଥର ଭାରତୀୟ ଡ୍ରେସିଂ ରୁମ୍‌ରେ ଦେଖିଥିଲି, ସେତେବେଳେ ତୁମେ ମୋ ପାଦ ଛୁଇଁଥିବାରୁ ସାଥୀ ଖେଳାଳି ତୁମର ମଜା ଉଡ଼ାଇଥିଲେ। ମୁଁ ମଧ୍ୟ ସେଦିନ ହସକୁ ରୋକିପାରି ନ ଥିଲି। କିନ୍ତୁ ଖୁବ୍ ଶୀଘ୍ର ତୁମେ ତୁମର ଆଗ୍ରହ ଓ କୌଶଳ ସହିତ ମୋ ହୃଦୟକୁ ଛୁଇଁପାରିଥିଲ। ମୁଁ ବହୁତ ଖୁସି ଯେ ଛୋଟ ପିଲାଟି 'ବିରାଟ ଖେଳାଳି' ହୋଇପାରିଛି'। ଜଣେ ଭାରତୀୟ ମୋ ରେକର୍ଡକୁ ଭାଙ୍ଗିପାରିଛି, ଏହାଠାରୁ ବଳି ଖୁସି ମୋ ଲାଗି ଆଉ କିଛି ନାହିଁ। ବିଶ୍ୱକପ୍ ସେମିଫାଇନାଲ ଭଳି ବଡ଼ ଷ୍ଟେଜରେ ଏବଂ ମୋ ଘରୋଇ ଗ୍ରାଉଣ୍ଡରେ ଏହା ଅତ୍ୟନ୍ତ ସ୍ୱତନ୍ତ୍ର' ବୋଲି ସଚିନ ତାଙ୍କ ଶୁଭେଚ୍ଛା ବାର୍ତ୍ତାରେ ଉଲ୍ଲେଖ କରିଛନ୍ତି।




- ମୁଁ ଠିକ୍ ସମୟରେ ଭାରତରେ ଅଛି। ମୁଁ ଦୀପାବଳି ଦେଖିଲି, ଆଜି ବିରାଟ କୋହଲିଙ୍କ ବ୍ୟାଟିଂ ଓ ୫୦ତମ ଶତକ ଦେଖିବାର ସୌଭାଗ୍ୟ ଲାଭ କଲି।

**ଡେଭିଡ୍ ବେକ୍‌ହାମ, କିମ୍ବଦନ୍ତୀ ଇଂଲଣ୍ଡ ଫୁଟ୍‌ବଲର୍।**

- ଚମତ୍କାର ପାଳି। ୫୦ତମ ଶତକ ଅଦ୍ଭୁତପୂର୍ଣ୍ଣ। ତାଙ୍କର ଯାତ୍ରା ବର୍ତ୍ତମାନ ଶେଷ ହୋଇନାହିଁ। ବାସ୍ତବରେ ଭାରତ ବହୁତ ଭଲ ଖେଳୁଛି। ସମସ୍ତ ଖେଳାଳି ମଧ୍ୟ ଭଲ ଖେଳୁଛନ୍ତି। ଆମେ ସେମିଫାଇନାଲରେ ବିଜୟୀ ହୋଇ ଫାଇନାଲରେ ପ୍ରବେଶ କରିବୁ।

**ସୌରଭ ଗାଙ୍ଗୁଲି, ପ୍ରାକ୍ତନ ଭାରତୀୟ ଅଧିନାୟକ।**

- ଆମେ ବିରାଟ କୋହଲି ଯୁଗରେ ବାସ କରୁଛୁ। ଅଭିନନ୍ଦନ ସମ୍ରାଟ।

**ୱାସିମ ଆକ୍ରମ, ପ୍ରାକ୍ତନ ପାକିସ୍ତାନ କ୍ରିକେଟର୍।**

- ସ୍ମରଣୀୟ ମୁହୂର୍ତ୍ତ। ବିଶ୍ୱକପ୍ ସେମିଫାଇନାଲ, ବ୍ୟାଟିଂ ହିରୋ ସଚିନ ଷ୍ଟାଣ୍ଡରେ ଖେଳ ଉପଭୋଗ କରୁଛନ୍ତି। ଏଭଳି ଏକ କ୍ଷଣରେ ବିରାଟ ୫୦ତମ ଏକଦିବସୀୟ ଶତକ ହାସଲ କରିଛନ୍ତି। ସମ୍ପୂର୍ଣ୍ଣ ଚାମ୍ପିଅନ।

**ଭିଭିଏସ୍ ଲକ୍ଷ୍ମଣ, ଭାରତୀୟ ମହାନ ବ୍ୟାଟର୍।**

- କୋହଲିଙ୍କ ଶତକ। ଏକ ସ୍କ୍ରିପ୍ଟ ସହିତ ଏକ କ୍ରିକେଟ୍ ଧମାକା। ଯାହା ସମସ୍ତଙ୍କ କରତାଳିର ଯୋଗ୍ୟ।

**ଶିଖର ଧାୱନ, ଭାରତୀୟ କ୍ରିକେଟର୍।**

- ବିରାଟ କିମ୍ବା ତାଙ୍କ ପରିବାର ପାଇଁ ନୁହେଁ ବରଂ ଭାରତୀୟ କ୍ରିକେଟ୍‌କୁ ଯେଉଁମାନେ ଭଲ ପାଉଛନ୍ତି ତାଙ୍କ ଲାଗି ଏହି ମୁହୂର୍ତ୍ତକୁ ଶବ୍ଦରେ ବର୍ଣ୍ଣନା କରିବା ବହୁତ କଷ୍ଟକର। କୋହଲି ପ୍ରକୃତରେ ଜଣେ ସୁପର୍ ହ୍ୟୁମାନ। ବ୍ୟାଟିଂରେ ସେ ପ୍ରାଧାନ୍ୟ ବିସ୍ତାର କରିସାରିଛନ୍ତି। ୨ଟି ଶତକ ସହ ସେ ବିଶ୍ୱକପ୍‌ରେ ୭୦୦ରୁ ଊର୍ଦ୍ଧ୍ୱ ରନ ସଂଗ୍ରହ କରିସାରିଲେଣି।

**ସୁନିଲ ଗାଭାସ୍କର, ଭାରତୀୟ ବ୍ୟାଟିଂ ମହାରଥୀ।**

### କିଙ୍ଗ କୋହଲିଙ୍କ 'ବିରାଟ' ରେକର୍ଡ

## ଦିନିକିଆରେ ସର୍ବାଧିକ ଶତକ

ମୁମ୍ବାଇ, ୧୫।୧୧(ଏଜେନ୍ସି): ଭାରତର ଅନ୍ୟତମ ଶ୍ରେଷ୍ଠ ବ୍ୟାଟର ବିରାଟ 'କିଙ୍ଗ' କୋହଲି ୱାଙ୍ଖେଡେ ଷ୍ଟାଡିୟମ୍‌ରେ ଖେଳାଯାଇଥିବା ନ୍ୟୁଜିଲାଣ୍ଡ ବିପକ୍ଷ ପ୍ରଥମ ସେମିଫାଇନାଲରେ ଶତକ ସହ ୧୧୭ ରନ୍ କରିଛନ୍ତି। ଏହା ଫଳରେ ସେ ଦିନିକିଆ କ୍ରିକେଟରେ ସର୍ବାଧିକ ୫୦ଟି ଶତକ ହାସଲ କରିବାରେ ବିଶ୍ୱର ପ୍ରଥମ ଖେଳାଳି ହୋଇଛନ୍ତି। ଏହା ଫଳରେ ନିଜ ଦେଶର ସଚିନ ତେନ୍ଦୁଲକରଙ୍କ ନାମରେ ଥିବା ୪୯ଟି ଶତକର ବିଶ୍ୱରେକର୍ଡକୁ ଭାଙ୍ଗିଦେଇଛନ୍ତି। ସଚିନ ଏହି ଶତକ ଲାଗି ୪୫୧ଟି ମ୍ୟାଚ୍‌ର ସହାୟତା ନେଇଥିଲାବେଳେ ବିରାଟ ୨୯୧ଟି ମ୍ୟାଚ୍‌ରେ ବିଶ୍ୱରେକର୍ଡ କରିଛନ୍ତି। ଏମାନଙ୍କ ପଛକୁ ରୋହିତ ଶର୍ମା ୩୧ଟି, ରିକି ପଣ୍ଟିଂ ୩୦ଟି ଓ ସନତ ଜୟସୁରିଆ ୨୮ଟି ଶତକ ହାସଲ କରିଛନ୍ତି।

### ଗୋଟିଏ ବିଶ୍ୱକପ୍‌ରେ ସର୍ବାଧିକ ରନ୍

ଏଠାରେ ରେକର୍ଡ ଶତକ ସହ ବିରାଟ କୋହଲି ମଧ୍ୟ ଗୋଟିଏ ବିଶ୍ୱକପ୍‌ରେ ସର୍ବାଧିକ ୭୧୧ ରନ୍ କରି ସଚିନଙ୍କ ନାମରେ ଥିବା ଏହି ରେକର୍ଡକୁ ଭାଙ୍ଗିଦେଇଛନ୍ତି। ୨୦୦୩ ଦକ୍ଷିଣ ଆଫ୍ରିକାରେ ଅନୁଷ୍ଠିତ ବିଶ୍ୱକପ୍‌ରେ ସଚିନ ୬୭୩ ରନ୍ କରିଥିଲେ। ଗୋଟିଏ ବିଶ୍ୱକପ୍‌ରେ ମାଥ୍ୟୁ ହେଡେନ ୨୦୦୩ରେ ୬୫୯, ରୋହିତ ଶର୍ମା ୨୦୧୯ରେ ୬୪୮ ରନ୍ କରିଥିଲେ।

### ତୃତୀୟ ସର୍ବାଧିକ ରନ୍

ଏହି ଶତକ ହାସଲ କରିବା ଫଳରେ ମଧ୍ୟ କୋହଲି ଦିନିକିଆ କ୍ରିକେଟରେ ତୃତୀୟ ସର୍ବାଧିକ ରନ୍ କରିଛନ୍ତି। ସେ ୨୯୧ଟି ମ୍ୟାଚ୍ ଖେଳି ୫୮.୬୯ ହାରରେ ୧୩, ୭୯୪ ରନ୍ କରିଛନ୍ତି। ଏହା ମଧ୍ୟରେ ୫୦ଟି ଶତକ ଓ ୭୧ଟି ଅର୍ଦ୍ଧଶତକ ରହିଛି। ଏହି କ୍ରମରେ ସେ ରିକି ପଣ୍ଟିଂଙ୍କ ୧୩, ୭୦୪ ରନ୍‌ର ରେକର୍ଡକୁ ଅତିକ୍ରମ କରିଛନ୍ତି। ସଚିନ ତେନ୍ଦୁଲକର ୪୬୩ ମ୍ୟାଚ୍‌ରୁ ୧୮, ୪୨୬ ରନ୍ ଓ ଶ୍ରୀଲଙ୍କାର କୁମାର ସାଙ୍ଗାକାରା ୪୦୪ଟି ମ୍ୟାଚ୍‌ରେ ୧୪, ୨୩୪ ରନ୍ କରି ପ୍ରଥମ ଦୁଇଟି ସ୍ଥାନରେ ରହିଛନ୍ତି।




# ଇଡେନ ଗାର୍ଡେନ୍ସରେ ବିରାଟଙ୍କ ପ୍ରଥମ ଶତକ

ନୂଆଦିଲ୍ଲୀ, ୧୫।୧୧(ଏଜେନ୍ସି): ବିରାଟ କୋହଲି ଶତକରେ ଅର୍ଦ୍ଧଶତକ ହାସଲ କରି ନିଜ ଆଦର୍ଶ ତଥା ଗୁରୁ ସଚିନ ତେନ୍ଦୁଲକରଙ୍କୁ ପଛରେ ପକାଇଛନ୍ତି। ଆଜିକୁ ୧୪ ବର୍ଷ ତଳେ ୨୧ ବର୍ଷୀୟ କୋହଲି ୨୦୦୯ ଡିସେମ୍ବର ୨୪ରେ କୋଲକାତାର ଇଡେନ ଗାର୍ଡେନ୍ସରେ ୧୦୭ ରନ ସଂଗ୍ରହ କରି ଶ୍ରୀଲଙ୍କା ବିପକ୍ଷରେ ହାସଲ କରିଥିଲେ କ୍ୟାରିୟରର ପ୍ରଥମ ଶତକ ଓ ଭାରତ ବିଜୟୀ ହୋଇଥିଲା। କ୍ୟାରିୟରର ୧୪ତମ ଇନିଂସରେ ସେ ଶତକରେ ଖାତା ଖୋଲିଥିଲେ।


୨୦୦୯ ଇଡେନ ଗାର୍ଡେନ୍ସରେ ପ୍ରଥମ ଶତକ

### ଶ୍ରୀଲଙ୍କା ବିପକ୍ଷରେ ଥିଲା ୧୦ମ ଶତକ

ଶ୍ରୀଲଙ୍କା ବିପକ୍ଷରେ କୋହଲି କ୍ୟାରିୟରର ୧୦ମ ଶତକ ଅର୍ଜନ କରିଥିଲେ। ୨୦୧୨ ମାର୍ଚ୍ଚ ୧୩ରେ ଢାକାର ଶେରଇ ବାଂଲା ନ୍ୟାସନାଲ ଷ୍ଟାଡିୟମରେ ସେ ୧୦୮ ରନ ସଂଗ୍ରହ କରି ଭାରତକୁ ଜିତାଇଥିଲେ।

### ଧର୍ମଶାଳାରେ ଥିଲା ବିଂଶତମ ଶତକ

ଧର୍ମଶାଳାର ଏଚ୍‌ପିସିଏ ଷ୍ଟାଡିୟମରେ କୋହଲି କ୍ୟାରିୟରର ବିଂଶତମ ଶତକ ଅର୍ଜନ କରିଥିଲେ। ୨୦୧୪ ଅକ୍ଟୋବର ୧୭ରେ ୱେଷ୍ଟଇଣ୍ଡିଜ ବିପକ୍ଷରେ ୧୨୭ ରନର ଶତକୀୟ ପାଳି ଖେଳି ସେ ଭାରତ ବିଜୟରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ।

### ୧୧୦* ରନକରି ହାସଲ କରିଥିଲେ ୩୦ତମ ଶତକ

କୋହଲିଙ୍କ ୩୦ତମ ଶତକ ଶ୍ରୀଲଙ୍କା ବିପକ୍ଷରେ ରହିଥିଲା। ୨୦୧୭ ସେପ୍ଟେମ୍ବର ୩ରେ କଲମ୍ବୋର ଆର ପ୍ରେମଦାସା ଷ୍ଟାଡିୟମରେ କୋହଲି ୧୧୦ ରନକରି ଅପରାଜିତ ରହିବା ସହ ଭାରତକୁ ଜିତାଇଥିଲେ।

### ଅଷ୍ଟ୍ରେଲିଆ ବିପକ୍ଷରେ ଥିଲା ୪୦ତମ ଶତକ

କୋହଲିଙ୍କ କ୍ୟାରିୟରର ୪୦ତମ ଶତକ ଶକ୍ତିଶାଳୀ ଅଷ୍ଟ୍ରେଲିଆ ବିପକ୍ଷରେ ହାସଲ କରିଥିଲେ। ୨୦୧୯ ମାର୍ଚ୍ଚ ୫ରେ ନାଗପୁରର ବିଦର୍ଭ କ୍ରିକେଟ ଆସୋସିଏସନ ଗ୍ରାଉଣ୍ଡରେ ସେ ୧୧୬ ରନର ଶତକୀୟ ପାଳି ଖେଳିଥିଲେ ଓ ଭାରତ ଏହି ମ୍ୟାଚ୍‌ରେ ବିଜୟୀ ହୋଇଥିଲା।

### ୱାଙ୍ଖେଡେରେ ଶତକରେ ଅର୍ଦ୍ଧଶତକ

ବୁଧବାର ଚଳିତ ବିଶ୍ୱକପ୍‌ର ନ୍ୟୁଜିଲାଣ୍ଡ ବିପକ୍ଷ ସେମିଫାଇନାଲ ମ୍ୟାଚ୍‌ରେ କୋହଲି ୧୧୭ ରନର ଶତକୀୟ ପାଳି ଖେଳି ୫୦ତମ ଶତକ ହାସଲ କରି ଇତିହାସ ସୃଷ୍ଟି କରିଛନ୍ତି।



୨୦୨୩ ଇଡେନ ଗାର୍ଡେନ୍ସରେ ୪୯ତମ ଶତକ






## ୭ଟି ୱିକେଟ ନେଇ ମହମ୍ମଦ୍ ସାମି ଶ୍ରେଷ୍ଠ ଖେଳାଳି

# ନ୍ୟୁଜିଲାଣ୍ଡକୁ ହରାଇ ଫାଇନାଲରେ ଭାରତ

ମୁମ୍ବଇ, ୧୫।୧୧(ଏଜେନ୍ସି): ଗତଥରର ରନର୍ସ ଅପ୍ ନ୍ୟୁଜିଲାଣ୍ଡକୁ ୭୦ ରନ୍‌ରେ ହରାଇ ଭାରତ ଏଠାରେ ଚାଲିଥିବା ଦିନିକିଆ ବିଶ୍ୱକପ୍‌ର ଫାଇନାଲରେ ପ୍ରବେଶ କରିଛି । ଏହା ସହ ଭାରତ ୨୦୧୯ ବିଶ୍ୱକପ୍ ସେମିଫାଇନାଲରେ ନ୍ୟୁଜିଲାଣ୍ଡ ନିକଟରୁ ବରଣ କରିଥିବା ପରାଜୟର ପ୍ରତିଶୋଧ ନେଇପାରିଛି । ଏହି ବିଜୟ ଫଳରେ ଭାରତ ଚତୁର୍ଥଥର ଲାଗି ଦିନିକିଆ ବିଶ୍ୱକପ୍‌ର ଫାଇନାଲରେ ପ୍ରବେଶ କରିବାରେ ସମର୍ଥ ହୋଇଛି । ଭାରତ ପକ୍ଷରୁ ଘାତକ ବୋଲିଂ କରି ୫୭ ରନ୍‌ରେ ୭ଟି ୱିକେଟ ନେଇ ଦିନିକିଆ କ୍ରିକେଟ ଇତିହାସରେ ଶ୍ରେଷ୍ଠ ବୋଲିଂ କରିଥିବା ମହମ୍ମଦ୍ ସାମିଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି । ଏହି ମ୍ୟାଚ୍‌ରେ ବିରାଟ କୋହଲି ୫୦ତମ ଶତକ ହାସଲ କରି ଦିନିକିଆରେ ସର୍ବାଧିକ ଶତକ ହାସଲ କରିବାର ମଧ୍ୟ ବିଶ୍ୱରେକର୍ଡ କରିଛନ୍ତି ।

କୋହଲିଙ୍କ ୧୧୭, ଶ୍ରେୟସ ଆୟରଙ୍କ ୧୦୫ ଓ ଶୁବମାନ ଗିଲ୍‌ଙ୍କ ଅପରାଜିତ ୮୦ ରନ୍ ବଳରେ ପ୍ରଥମେ ବ୍ୟାଟିଂ କରି ଭାରତ ୪ ୱିକେଟରେ ୩୯୭ ରନ୍ କରିଥିଲା । ଜବାବରେ ନ୍ୟୁଜିଲାଣ୍ଡ ୩୯ ରନ୍‌ରେ ଦୁଇ ଓପନରଙ୍କ ୱିକେଟ ହରାଇଥିଲେ ମଧ୍ୟ କେନ୍ ୱିଲିୟମସନ ଓ ଡାରିଲ ମିଚେଲ ତୃତୀୟ ୱିକେଟରୁ ୧୪୯ ବଲ୍‌ରେ ୧୮୧ ରନ୍ ଉଠାଇ ଦଳର ବିଜୟଆଶା ସଞ୍ଚାର କରିବା ସହ ଭାରତୀୟ ବୋଲରଙ୍କୁ ନିରାଶ କରିଥିଲେ । ଏହି ସମୟରେ ମହମ୍ମଦ୍ ସାମି ବୋଲିଂ କରିବାକୁ ଆସି ଏହି ଯୋଡିକୁ ଭାଙ୍ଗିଦେବା ପରେ ଭାରତ ଆଶ୍ୱସ୍ତି ଅନୁଭବ କରିଥିଲା । ଏହା ପରେ ସାମି ଜଣଙ୍କ ପରେ ଜଣେ ଖେଳାଳିଙ୍କୁ ଆଉଟ କରି ଭାରତକୁ ଏହି ଉତ୍କଣ୍ଠାପୂର୍ଣ୍ଣ ବିଜୟ ଦେଇଥିଲେ । ଡାରିଲ ମିଚେଲ ସର୍ବାଧିକ ୧୩୪, ୱିଲିୟମସନ ୬୯ ଓ ଗ୍ଲେନ ଫିଲିପ୍ସ ୪୧ ରନ୍ କରିଥିଲେ । ଭାରତୀୟ ବୋଲରମାନେ ୧୯ଟି ୱାଇଡ୍ ଓ ଗୋଟିଏ ନୋ ବଲ ସହ ୨୯ଟି ଅତିରିକ୍ତ ରନ୍ ଦେଇଥିଲେ ।

### ଟସ୍ ଜିତିବା ଲାଭଦାୟକ ହେଲା

ଭାରତୀୟ ଅଧିନାୟକ ରୋହିତ ଶର୍ମା ଟସ୍ ଜିତିବା ପରେ ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲେ । ଘରୋଇ ମାଟିରେ ଖେଳୁଥିବାରୁ ରୋହିତ ନିଜ ଅଭିଜ୍ଞତାକୁ କାମରେ ଲଗାଇ ପ୍ରଥମ ଓଭରରୁ ଦ୍ରୁତ ରନ୍ ସଂଗ୍ରହ କରିଥିଲେ । ସେ ମାତ୍ର ୨୯ଟି ବଲ ଖେଳିବାକୁ ସମର୍ଥ ହୋଇ ୪ଟି ଲେଖାଏଁ ଚୌକା ଓ ଛକା ମାରି ୪୧ ରନ୍ କରିଥିଲେ । ତାଙ୍କ ଆଉଟ ପରେ ବିରାଟ କୋହଲି ପାଳି ସମ୍ଭାଳିଥିଲେ ଓ ଶୁବମାନ ଗିଲ ଦ୍ରୁତ ବ୍ୟାଟିଂ ଆରମ୍ଭ କରିଥିଲେ । କୋହଲିଙ୍କ ଦ୍ୱିତୀୟ ୱିକେଟରୁ ଗିଲ ୮୬ ରନ୍ ଉଠାଇବା ପରେ ମାଂସପେଶୀରେ ଯନ୍ତ୍ରଣା ଅନୁଭବ କରିବାରୁ ରିଟାୟର୍ଡ ହର୍ଟ ହୋଇଥିଲେ । ତାଙ୍କ ଅନୁପସ୍ଥିତି କିନ୍ତୁ ଭାରତର ଦ୍ରୁତ ରନ୍ ହାରକୁ ଅଟକାଇ ପାରି ନଥିଲା । କୋହଲି ଓ ଶ୍ରେୟସ ଆୟର ୧୨୮ ବଲ୍‌ରୁ ୧୬୩ ରନ୍ ଉଠାଇ ଭାରତ ଲାଗି ଏକ ବଡ଼ ସ୍କୋରର ମୂଳଦୁଆ ପକାଇଥିଲେ । କୋହଲି ଚଳିତ ବିଶ୍ୱକପ୍‌ରେ ତୃତୀୟ ଓ ଦିନିକିଆ କ୍ରିକେଟରେ ୫୦ତମ ଶତକ ହାସଲ କରି ସଚିନ ତେନ୍ଦୁଲକରଙ୍କ ୪୯ଟି ଶତକର ବିଶ୍ୱରେକର୍ଡ ଭାଙ୍ଗିବା ପରେ ଆଉଟ ହୋଇଥିଲେ । ସେ ମୋଟ ୧୧୩ଟି ବଲ ଖେଳି ୯ ଚୌକା ଓ ୨ଛକା ସହ ୧୧୭ ରନ୍ କରିଥିଲେ । ସେହିପରି ଚଳିତ ବିଶ୍ୱକପ୍‌ରେ ଲାଗ ଲାଗ ଦୁଇଟି ଶତକ ହାସଲ କରିବା ପରେ ଆୟର ୭୦ ବଲରୁ ୪ ଚୌକା ଓ ୮ ଛକା ସହ ୧୦୫ ରନ୍ କରିଥିଲେ । ଶେଷଭାଗରେ ବ୍ୟାଟିଂ କରିବାକୁ ଆସି ଶୁବମାନ ଗିଲ୍ ୬୬ ବଲ୍‌ର ୮ ଚୌକା ଓ ୩ଛକା ସହ ୮୦ ରନ୍‌ରେ ଅପରାଜିତ ରହିଥିଲେ । ଏମାନଙ୍କ ଦ୍ରୁତ ରନ୍ ବଳରେ ଭାରତ ମାତ୍ର ୪ ୱିକେଟରେ ୩୯୭ ରନ୍‌ର ବିଶାଳ ସ୍କୋର କରିଥିଲା । ନ୍ୟୁଜିଲାଣ୍ଡ ପକ୍ଷରୁ ଟିମ୍ ସୌଦୀ ୩ଟି ଓ ଟ୍ରେଣ୍ଟ ବୋଲ୍ଟ ଗୋଟିଏ ୱିକେଟ ନେଇଥିଲେ ।






### ୫୦ତମ ୱିକେଟ ହାସଲରେ ସାମି ଦ୍ରୁତତମ

ଚଳିତ ବିଶ୍ୱକପ୍‌ରେ ଭାରତୀୟ ଦ୍ରୁତ ବୋଲର ମହମ୍ମଦ ସାମି ଚମତ୍କାର ପ୍ରଦର୍ଶନ କରି ଏକାଧିକ ରେକର୍ଡ ସୃଷ୍ଟି କରିଛନ୍ତି । ବୁଧବାର ନ୍ୟୁଜିଲାଣ୍ଡ ବିପକ୍ଷ ସେମି ଫାଇନାଲରେ ସେ ୯.୫ ଓଭର ବୋଲିଂ କରି ୫୭ ରନ ବ୍ୟୟ କରି ୭ ୱିକେଟ ଅକ୍ତିଆର କରି ଭାରତକୁ ଜିତାଇବା ସହ ଫାଇନାଲରେ ପହଞ୍ଚାଇବାରେ ମୁଖ୍ୟ ଭୂମିକା ଗ୍ରହଣ କରିଛନ୍ତି । ବିଶ୍ୱକପ୍‌ରେ ଯେକୌଣସି ଭାରତୀୟ ବୋଲରଙ୍କ ପାଇଁ ଏହା ଶ୍ରେଷ୍ଠ ପ୍ରଦର୍ଶନ ସାବ୍ୟସ୍ତ ହୋଇଛି । ସେ ୬ଟି ମ୍ୟାଚ୍ ଖେଳି ବିଶ୍ୱକପ୍‌ରେ ଏପର୍ଯ୍ୟନ୍ତ ୨୩ଟି ୱିକେଟ ଅକ୍ତିଆର କରିଛନ୍ତି । ବିଶ୍ୱକପ୍‌ରେ ଅଷ୍ଟମଥର ପାଇଁ ସେ ୪ କିମ୍ବା ତା'ଠାରୁ ଅଧିକ ୱିକେଟ ନେଇ ବିଶ୍ୱ ରେକର୍ଡ ସୃଷ୍ଟି କରିଛନ୍ତି । ଅଷ୍ଟ୍ରେଲିଆର ମିଚେଲ ଷ୍ଟାର୍କ ୬ଥର ୪ କିମ୍ବା ତା'ଠାରୁ ଅଧିକ ୱିକେଟ ନେଇଛନ୍ତି । ଏଥିସହ ଚଳିତ ବିଶ୍ୱକପ୍‌ରେ ସେ ତୃତୀୟଥର ପାଇଁ ୫ ୱିକେଟ ସଫଳତା ପାଇଛନ୍ତି । କେବଳ ସେତିକି ନୁହଁ ସେ ଦ୍ରୁତତମ ବୋଲର ଭାବେ ବିଶ୍ୱକପ୍ ଇତିହାସରେ ୫୦ତମ ୱିକେଟ ହାସଲ କରିଛନ୍ତି । ବିଶ୍ୱକପ୍‌ରେ ୧୭ଟି ମ୍ୟାଚ୍ ଖେଳି ସେ ଏହି ସଫଳତା ପାଇଛନ୍ତି । ଏହି କ୍ରମରେ ସେ ଅଷ୍ଟ୍ରେଲିଆର ମିଚେଲ ଷ୍ଟାର୍କଙ୍କୁ ପଛରେ ପକାଇଛନ୍ତି । ଷ୍ଟାର୍କ ୧୯ ଇନିଂସରେ ୫୦ ୱିକେଟ ହାସଲ କରିଥିଲେ । ଶ୍ରୀଲଙ୍କାର ଲାସିଥ ମାଲିଙ୍ଗା ୨୫ ପାଳିରୁ ଏହି ସଫଳତା ପାଇଥିଲେ ।

### ସ୍କୋର ବୋର୍ଡ

**ଭାରତ ପାଳି: ୩୯୭/୪, ୫୦ ଓଭର**
ରୋହିତ: କ୍ୟା. ୱିଲିୟମସନ ବୋ. ସୌଦୀ- ୪୭, ଗିଲ୍: ଅପରାଜିତ- ୮୦, କୋହଲି: କ୍ୟା. କନ୍‌ୱେ ବୋ. ସୌଦୀ- ୧୧୭, ଶ୍ରେୟାସ: କ୍ୟା. ମିଚେଲ ବୋ. ବୋଲ୍ଟ- ୧୦୫, ଲୋକେଶ: ଅପରାଜିତ- ୩୯, ସୂର୍ଯ୍ୟକୁମାର: କ୍ୟା. ଫିଲିପ୍ସ ବୋ. ସୌଦୀ- ୧, ଅତିରିକ୍ତ- ୮ ।
ୱିକେଟ୍ ପତନ: ୭୧/୧, ୩୨୭/୨, ୩୮୧/୩, ୩୮୨/୪ ।

**ବୋଲିଂ (ନ୍ୟୁଜିଲାଣ୍ଡ)**
ବୋଲ୍ଟ: ୧୦-୦-୮୬-୧, ସୌଦୀ: ୧୦-୦-୧୦୦-୩, ସାଣ୍ଟନର: ୧୦-୧-୫୧-୦, ଫର୍ଗୁସନ: ୮-୦-୬୫-୦, ରାଚିନ: ୭-୦-୬୦-୦, ଫିଲିପ୍ସ: ୫-୦-୩୩-୦ ।

**ନ୍ୟୁଜିଲାଣ୍ଡପାଳି: ୩୨୭/୧୦, ୪୮.୫ଓଭର**
କନ୍‌ୱେ: କ୍ୟା. ରାହୁଲ ବୋ. ସାମି- ୧୩, ରାଚିନ: କ୍ୟା. ରାହୁଲ ବୋ. ସାମି- ୧୩, ୱିଲିୟମସନ: କ୍ୟା. ସୂର୍ଯ୍ୟକୁମାର ବୋ. ସାମି- ୬୯, ମିଚେଲ: କ୍ୟା. ଜାଡେଜା ବୋ. ସାମି- ୧୩୪, ଲାଥମ: ଏଲ୍‌ବିଡବ୍ଲ୍ୟୁ ବୋ. ସାମି- ୦, ଫିଲିପ୍ସ: କ୍ୟା. ଜାଡେଜା ବୋ. ବୁମ୍‌ରା- ୪୧, ଚାପମ୍ୟାନ: କ୍ୟା. ଜାଡେଜା ବୋ. କୁଲଦୀପ- ୨, ସାଣ୍ଟନର: କ୍ୟା. ରୋହିତ ବୋ. ସିରାଜ- ୯, ସୌଦୀ: କ୍ୟା. ରାହୁଲ ବୋ. ସାମି- ୯, ବୋଲ୍ଟ: ଅପରାଜିତ- ୨, ଫର୍ଗୁସନ: କ୍ୟା. ରାହୁଲ ବୋ. ଶାମି-୬, ଅତିରିକ୍ତ- ୨୯ ।
ୱିକେଟ୍ ପତନ: ୩୦/୧, ୩୯/୨, ୨୨୦/୩, ୨୨୦/୪, ୨୯୫/୫, ୨୯୮/୬, ୩୦୬/୭, ୩୧୯/୮, ୩୨୧/୯, ୩୨୭/୧୦ ।

**ବୋଲିଂ (ଭାରତ):**
ବୁମ୍‌ରା: ୧୦-୧-୬୪-୧, ସିରାଜ: ୯-୦-୭୮-୧, ସାମି: ୯.୫-୦-୫୭-୭, ଜାଡେଜା: ୧୦-୦-୬୩-୦, କୁଲଦୀପ: ୧୦-୦-୫୬-୧ ।

## ବିଜୟ ହଜାରେ ଟ୍ରଫି

# ବିପ୍ଳବଙ୍କୁ ରାଜ୍ୟ ଦଳର ନେତୃତ୍ୱ

କଟକ, ୧୫।୧୧(ସମିସ): ବିଜୟ ହଜାରେ ଟ୍ରଫି ନିମନ୍ତେ ବୁଧବାର ରାଜ୍ୟ ଦଳ ଘୋଷଣା କରାଯାଇଛି । ଓଡ଼ିଶା କ୍ରିକେଟ ଆସୋସିଏସନ(ଓସିଏ) ସମ୍ମିଳନୀ କକ୍ଷରେ ଏ ନେଇ ସାମ୍ବାଦିକ ସମ୍ମିଳନୀ ଆୟୋଜନ କରାଯାଇଥିଲା । ବରିଷ୍ଠ ପୁରୁଷ ଦଳ ଚୟନ କମିଟି ଅଧ୍ୟକ୍ଷ ଅମୀୟ ରାୟ ଓ କୋଚ୍ ଦିନେଶ ମୋଙ୍ଗିଆ ଉପସ୍ଥିତ ରହି ଦଳ ଘୋଷଣା କରିଥିଲେ । ଘୋଷିତ ୧୮ ଜଣିଆ ଦଳର ନେତୃତ୍ୱ ନେବେ ବିପ୍ଳବ ସାମନ୍ତରାୟ । ନବାଗତ ଭାବେ ଦେବେନ୍ଦ୍ର କୁଅଁର ଦଳରେ ସାମିଲ ହୋଇଛନ୍ତି । ଟି-୨୦ ଫର୍ମାଟରେ ପୂର୍ବରୁ ରାଜ୍ୟ ପକ୍ଷରୁ ପ୍ରତିନିଧିତ୍ୱ କରି ସାରିଥିବା ଦେବେନ୍ଦ୍ର ଲିଷ୍ଟ-ଏ ଫର୍ମାଟରେ ପଦାର୍ପଣ କରିବେ । ସେହିପରି ଯୁବ ତାରକା ପେସ୍ ବୋଲର ରାଜେଶ ମହାନ୍ତି ଦଳକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି ।

ଆସନ୍ତା ୨୩ରୁ ଆରମ୍ଭ ହେବ ଏକ ଦିବସୀୟ ଫର୍ମାଟର କ୍ରିକେଟ ଟୁର୍ଣ୍ଣାମେଣ୍ଟ ବିଜୟ ହଜାରେ ଟ୍ରଫି । ଓଡ଼ିଶା ଦଳ ଲିଗ ପର୍ଯ୍ୟାୟର ସମସ୍ତ ମ୍ୟାଚ ବେଙ୍ଗାଲୁରୁରେ ଖେଳିବ । ପ୍ରଥମ ମୁକାବିଲାରେ ଦଳ ତ୍ରିପୁରାକୁ ଭେଟିବ । ସୟଦ ମୁସ୍ତାକ ଅଲ୍ଲୀ ଟି-୨୦ ଟୁର୍ଣ୍ଣାମେଣ୍ଟରେ ଦଳରୁ ବାଦ୍ ପଡ଼ିଥିବା ବିପ୍ଳବ ଦଳକୁ ପ୍ରତ୍ୟାବର୍ତ୍ତନ କରିବା ସହ ତାଙ୍କୁ ଅଧିନାୟକ ଦାୟିତ୍ୱ ଦିଆଯାଇଛି । ବାମହାତୀ ଓପନର ବ୍ୟାଟର ଅନୁରାଗ ଷଡଙ୍ଗୀ ମଧ୍ୟ ଦଳକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି । ଶୁଭ୍ରାଂଶୁ ଶେଖର ସେନାପତି, ଗୋବିନ୍ଦ ପୋଦ୍ଦାର, ଶାନ୍ତନୁ ମିଶ୍ର, କାର୍ତ୍ତିକ ବିଶ୍ୱାଳ, ରାକେଶ ପଟ୍ଟନାୟକ, ଦେବେନ୍ଦ୍ର କୁଅଁର ପ୍ରମୁଖ ବ୍ୟାଟର ଭାବେ ଦଳରେ ସ୍ଥାନ ପାଇଛନ୍ତି । ୱିକେଟ କିପର ରାଜେଶ ଧୂପର ଏବଂ ପ୍ରବୀଣ ଲୁହାଙ୍କୁ ସାମିଲ କରାଯାଇଛି । ସ୍ପିନର ଭାବେ ହର୍ଷିତ ରାଥୋଡ ଏବଂ ଅଭିଷେକ ଯାଦବଙ୍କୁ ଦଳରେ ନିଆଯାଇଥିବା ବେଳେ ସ୍ପିନ ଅଲରାଉଣ୍ଡର ଅଭିଷେକ ରାଉତ ମଧ୍ୟ ଚୂଡାନ୍ତ ଦଳରେ ସ୍ଥାନ ପାଇଛନ୍ତି । ପ୍ରୟାସ ସିଂହ, ତରଣୀ ସ, ରାଜେଶ ମହାନ୍ତି, ଦେବବ୍ରତ ପ୍ରଧାନ ପେସ୍ ବୋଲିଂ ଭାର ସମ୍ଭାଳିବେ ।

**ରାଜ୍ୟ ଦଳ:** ବିପ୍ଳବ ସାମନ୍ତରାୟ (ଅଧିନାୟକ), ସନ୍ଦୀପ ପଟ୍ଟନାୟକ, ଅନୁରାଗ ଷଡ଼ଙ୍ଗୀ, ଶୁଭ୍ରାଂଶୁ ଶେଖର ସେନାପତି, ଅଭିଷେକ ରାଉତ, ଶାନ୍ତନୁ ମିଶ୍ର, ଗୋବିନ୍ଦ ପୋଦ୍ଦାର, କାର୍ତ୍ତିକ ବିଶ୍ୱାଳ, ରାକେଶ ପଟ୍ଟନାୟକ, ରାଜେଶ ଧୂପର(ୱିକେଟ କିପର), ପ୍ରବୀଣ ଲୁହା(ୱିକେଟ କିପର), ପ୍ରୟାସ ସିଂହ, ତରଣୀ ସ, ହର୍ଷିତ ରାଥୋଡ, ରାଜେଶ ମହାନ୍ତି, ଦେବବ୍ରତ ପ୍ରଧାନ, ଅଭିଷେକ ଯାଦବ, ଦେବେନ୍ଦ୍ର କୁଅଁର ।


ବିପ୍ଳବ ସାମନ୍ତରାୟ





ICC MEN'S CRICKET WORLD CUP INDIA 2023

ସକାଳ THE SAKALA Presents

କ୍ରିକେଟ ବିଶ୍ୱକପ୍ କୁଇଜ୍

World Cup Cricket Quiz

Sponsored by

RUCHI FOODLINE Since 1976 Karlo Dosti Sehat Se. | FROZIT "Time Ki Bachat, Eat Fresh Fatafat" | RUCHI Tea Dum Hardam

ଭାଗ ନିଅନ୍ତୁ ଏବଂ ଜିତନ୍ତୁ ଆକର୍ଷଣୀୟ ପୁରସ୍କାର

ତା. ୧୬.୧୧.୨୦୨୩ ର ପ୍ରଶ୍ନଗୁଡିକ ହେଲା:

୧) କେଉଁ ବିଶ୍ୱକପ୍‌ରେ ଭାରତ ପ୍ରଥମଥର ସେମିଫାଇନାଲ ଖେଳିଥିଲା ?
କ) ୧୯୭୫, ଖ) ୨୦୦୩, ଗ) ୧୯୮୩, ଘ) ୨୦୧୧

୨) କଟକର ବାରବାଟୀ ଷ୍ଟାଡିୟମ୍‌ରେ କେଉଁ ଦଳ ମଧ୍ୟରେ ପ୍ରଥମ ବିଶ୍ୱକପ୍ ମ୍ୟାଚ୍ ଖେଳାଯାଇଥିଲା ?
କ) ଭାରତ-ପାକିସ୍ତାନ, ଖ) ଅଷ୍ଟ୍ରେଲିଆ-ଜିମ୍ବାୱେ, ଗ) ଭାରତ-କେନିଆ, ଘ) ଇଂଲଣ୍ଡ-ପାକିସ୍ତାନ

୩- ବିଶ୍ୱକପ୍‌ରେ କେଉଁ ଦଳ ସର୍ବାଧିକ ମ୍ୟାଚ୍‌ରେ ପରାଜିତ ହୋଇଛି ?
କ) ଜିମ୍ବାୱେ, ଖ) ଇଂଲଣ୍ଡ, ଗ) ଶ୍ରୀଲଙ୍କା, ଘ) ବାଂଲାଦେଶ ।

୪) ବିଶ୍ୱକପ୍‌ରେ କେଉଁ ଦଳ ସର୍ବାଧିକଥର ୪୦୦ କିମ୍ବା ତା'ଠାରୁ ଅଧିକ ରନ୍ ସଂଗ୍ରହ କରିଛ ?
କ) ଭାରତ, ଖ) ଅଷ୍ଟ୍ରେଲିଆ ଗ) ଇଂଲଣ୍ଡ, ଘ) ଦକ୍ଷିଣ ଆଫ୍ରିକା ।

ତା.୧୫.୧୧.୨୦୨୩ରେ ପ୍ରକାଶିତ ପ୍ରଶ୍ନର ଉତ୍ତର:
୧) ଗ-୪୧୩/୫, ୨) ଘ- ଆଦୌ ଜିତିନାହିଁ, ୩) ଗ- ଯୁବରାଜ ସିଂ, ୪) ଘ- ସନ୍ଦୀପ ପାଟିଲ

ଭାଗ୍ୟଶାଳୀ ବିଜେତା



ଜ୍ଞାନ ରଞ୍ଜନ ବିଶ୍ୱାଳ (ପୁରୀ) | ଜିତନ ସେଠୀ (ଯାଜପୁର) | ବୀରେନ୍ଦ୍ର କୁମାର ପ୍ରଧାନ (ବରଗଡ଼)

**ନିୟମାବଳୀ:** ● ପ୍ରତ୍ୟେକ ଦିନ ଏହି ସ୍ତମ୍ଭରେ କ୍ରିକେଟ୍ ବିଶ୍ୱକପ୍ ସମ୍ପର୍କିତ କିଛି ପ୍ରଶ୍ନ ପ୍ରକାଶିତ ହେବ ● ଆପଣ ପ୍ରତ୍ୟେକ ପ୍ରଶ୍ନର ସଠିକ୍ ଉତ୍ତର ଚୟନ କରି ଆମ ପାଖକୁ **Whatsapp** ମାଧ୍ୟମରେ ପଠାଇବେ ● ଉତ୍ତର ତଳେ ଆପଣଙ୍କ ନାମ ଓ ଠିକଣା ରହିବା ଆବଶ୍ୟକ ● ସଠିକ୍ ଉତ୍ତରଦାତାଙ୍କ ମଧ୍ୟରୁ ପ୍ରତ୍ୟେକ ଦିନ ସେହିଦିନର ଭାଗ୍ୟଶାଳୀ ୩ ଜଣ ବିଜେତାଙ୍କୁ ଲଟେରୀ ମାଧ୍ୟମରେ ଚୟନ କରାଯିବ ଏବଂ ତାଙ୍କ ନାମ ପରଦିନ 'ସକାଳ'ର ଏହି ସ୍ତମ୍ଭରେ ପ୍ରକାଶ ପାଇବ ● କୁଇଜ୍ ଶେଷରେ ସମସ୍ତ ସଠିକ୍ ଉତ୍ତରଦାତାଙ୍କ ମଧ୍ୟରୁ ପୁନର୍ବାର ଲଟେରୀ ମାଧ୍ୟମରେ ୫ ଜଣ 'ମେଗା ବିଜେତା' ଙ୍କର ଚୟନ କରାଯିବ ● ଏକ ସତନ୍ତ୍ର ଉତ୍ସବରେ ସମସ୍ତ ଭାଗ୍ୟଶାଳୀ ବିଜେତାଙ୍କୁ ନିମନ୍ତ୍ରିତ କରି ତାଙ୍କୁ ସମ୍ମାନିତ କରାଯିବ ● ସକାଳ ଓ ନନ୍ଦିଘୋଷ ଟିଭିର କର୍ମକର୍ତ୍ତା ଏଥିରେ ଭାଗ ନେଇପାରିବେ ନାହିଁ ।

* ସର୍ତ୍ତାବଳୀ ଲାଗୁ






PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA

EDITOR: UMAKANT MISHRA
ସମ୍ପାଦକ: ଉମାକାନ୍ତ ମିଶ୍ର


DSPL-373
ODISHA
INDIA'S BEST KEPT SECRET.
ଆମ ଓଡ଼ିଶା
ନବୀନ ଓଡ଼ିଶା
INDIA
ALL INDIA FOOTBALL FEDERATION
AFC
26
FIFA
QUALIFIERS
ଫିଫା ବିଶ୍ୱକପ୍
କ୍ୱାଲିଫାୟର୍ ମ୍ୟାଚ୍
ଭାରତ
ବନାମ୍
କତାର୍
ସନ୍ଧ୍ୟା ୭.୦୦ ଘଟିକା, ୨୧ ନଭେମ୍ବର ୨୦୨୩
କଳିଙ୍ଗ ଷ୍ଟାଡ଼ିୟମ, ଭୁବନେଶ୍ୱର
ସିଧା ପ୍ରସାରଣ ଦେଖନ୍ତୁ
sports 18
ଭାରତୀୟ ଦଳକୁ
ଉତ୍ସାହିତ କରନ୍ତୁ
ଟିକେଟ୍ ବୁକ୍ କରନ୍ତୁ
ticketgenie.in
OIPR-29001/13/0087/2324